# ପ୍ରାର୍ଥନା

ହେ ପ୍ରଭୁ ! ତୁମ ଆଲୋକର ପ୍ରାଚୁର୍ଯ୍ୟ ନିମନ୍ତେ ଆମେ ତୁମକୁ କରୁଛୁ ଆବାହନ । ଆମ ଭିତରେ ଜାଗରିତ କର ତୁମକୁ ପ୍ରକାଶ କରିବାର ଶକ୍ତି ।

ଏକ ମରୁଗର୍ଭର ଅଭ୍ୟନ୍ତର ଭଳି ଏ ସତ୍ତାର ସବୁକିଛି ନିର୍ବାକ୍; କିନ୍ତୁ ସେହି ଛାୟାନ୍ଧକାର ହୃଦୟରେ, ନୀରବତାର ବକ୍ଷରେ ଜ୍ୱଳମାନ ଏକ ପ୍ରଦୀପ ଯାହାକୁ କଦାପି ନିର୍ବାପିତ କରାଯାଇ ପାରେନା, ତୁମକୁ ଜାଣିବା ଏବଂ ତୁମକୁ ହିଁ ଜୀବନ କରି ଜିଇ ପାରିବାର ତୀବ୍ର ଆସ୍ପୃହାର ଏକ ଅଗ୍ନି ।

ଦିନ ପରେ ରାତି ଆସେ, ଅତୀତର ଉଷାସବୁର ସ୍ଥାନ ନିଅନ୍ତି ଅବିଶ୍ରାନ୍ତ ରୀତିରେ ନୂତନ ଉଷାସବୁ, କିନ୍ତୁ ସର୍ବଦା ଉର୍ଦ୍ଧ୍ୱାୟିତ ହେଉଥାଏ ସେହି ସୁବାସିତ ଅଗ୍ନିଶିଖା ଯାହାକୁ କୌଣସି ଝଡ଼-ବତାସ ଦୋହଲାଇ ଦେଇ ପାରେନା । ତାହା ଉର୍ଦ୍ଧ୍ୱରୁ ଯାଉଥାଏ ଉର୍ଦ୍ଧ୍ୱକୁ ଏବଂ ଦିନେ ଉପନୀତ ହୁଏ ଅଦ୍ୟାବଧି ରୁଦ୍ଧ ହୋଇ ରହିଥିବା ଶିଖର ଦେଶରେ – ଯାହା ଆମ ମିଳନର ବିରୋଧ କରୁଥିବା ଶେଷ ପ୍ରତିବନ୍ଧକ । ଏବଂ ସେ ଶିଖା ଏତେ ବିଶୁଦ୍ଧ, ଏତେ ଋଜୁ, ଏତେ ଦମ୍ଭପୂର୍ଣ୍ଣ ଯେ ସେହି ପ୍ରତିବନ୍ଧକ ହଠାତ୍ ମିଳେଇଯାଏ ।

ତା'ପରେ ତୁମେ ହୁଅ ପ୍ରତିଭାତ ତୁମର ସମସ୍ତ ବୈଭବ-ଦୀପ୍ତିରେ, ତୁମ ଅନନ୍ତ ଗରିମାର ପ୍ରୋଜ୍ଜ୍ୱଳ ଶକ୍ତିବେଗରେ; ତୁମ ସଂସ୍ପର୍ଶରେ ସେ ଅଗ୍ନିଶିଖା ଏକ ଆଲୋକ ସ୍ତମ୍ଭରେ ହୁଏ ପରିଣତ – ଯାହା ଚିରଦିନ ପାଇଁ ଛାୟାନ୍ଧକାରସବୁକୁ ଦୂର କରି ଦିଏ ।

ଏବଂ ତଡ଼ିତ୍ ସ୍ଫୁରିତ ହୁଏ ବାକ୍ – ପରମ ଉଦ୍ଭାସନ !

ନଭେମ୍ବର ୮, ୧୯୧୪ — ଶ୍ରୀମା




# ଶ୍ରୀଅରବିନ୍ଦଙ୍କ ବାଣୀ

Evolution is not finished; reason is not the last word nor the reasoning animal the supreme figure of Nature. As man emerged out of the animal, so out of man the superman emerges.

(CWSA, Vol. 12, p. 443) – Sri Aurobindo

କ୍ରମବିକାଶ ସମାପ୍ତ ହୋଇ ନାହିଁ; ଯୁକ୍ତିବାଦହିଁ ଶେଷ କଥା ନୁହେଁ କିଂବା ଯୌକ୍ତିକତାପ୍ରବଣ ପ୍ରାଣୀହିଁ ପ୍ରକୃତିର ଚୂଡ଼ାନ୍ତ ରୂପକାର ନୁହେଁ । ମାନବ ଯେପରି ଉଦ୍ଭୂତ ହେଲା ପଶୁ ଭିତରୁ, ସେହିପରି ମାନବ ଭିତରୁ ଉଦ୍ଭବମୁଖୀ ଅତିମାନବ ।

– ଶ୍ରୀଅରବିନ୍ଦ



# ମନ୍ତ୍ରମୟୀ ସାବିତ୍ରୀ

## ଦ୍ୱିତୀୟ ପର୍ବ : ଏକାଦଶ ସର୍ଗ, ବୃହତ୍ତର ମାନସର ରାଜ୍ୟସକଳ ଓ ଦେବବୃନ୍ଦ

**(The Kingdoms and Godheads of the Greater Mind)**

**(୨୩)**

**ଶ୍ରୀଅରବିନ୍ଦ**

Attracting into time the timeless Light,
Imprisoning eternity in the hours,
This they have planned, to snare the feet of Truth
In an aureate net of concept and of phrase
And keep her captive for the thinker's joy
In his little world built of immortal dreams:
There must she dwell mured in the human mind,
An empress prisoner in her subject's house,
Adored and pure and still on his heart's throne,
His splendid property cherished and apart
In the wall of silence of his secret muse,
Immaculate in white virginity,
The same for ever and for ever one,
His worshipped changeless Goddess through all time.

କାଳାତୀତ ଜ୍ୟୋତିକୁ କାଳ ମଧ୍ୟକୁ ଆକର୍ଷିତ କରି, ନିମେଷାବଳୀ ଭିତରେ ଶାଶ୍ୱତତାକୁ କାରାରୁଦ୍ଧ କରି, ସେମାନେ ପ୍ରସ୍ତୁତ କରିଛନ୍ତି ଏହି ଯୋଜନା, ସତ୍ୟର ପଦଯୁଗଳକୁ ଧାରଣା ଓ ବାକ୍ୟାଂଶର ସ୍ୱର୍ଣ୍ଣୋଜ୍ଜ୍ୱଳ ଜାଲ ଭିତରେ ପାଶବଦ୍ଧ କରିବାକୁ, ଭାବୁକର ଆନନ୍ଦ ପାଇଁ ଅମର ସ୍ୱପ୍ନାବଳିଗଠିତ ତା'ର କ୍ଷୁଦ୍ର ପୃଥିବୀରେ ତାହାଙ୍କୁ (ସତ୍ୟର ଦେବୀଙ୍କୁ) ବନ୍ଦୀ କରି ରଖିବାକୁ : ମାନୁଷୀ ମନରେ ଅବରୁଦ୍ଧ ହୋଇ ସେହିଠାରେହିଁ ସିଏ ନିବାସ କରିବେ, ଆପଣା ପ୍ରଜାର ଗୃହରେ ବନ୍ଦିନୀ ଏକ ସାମ୍ରାଜ୍ଞୀ, ପୂଜିତା ଏବଂ ତା' ହୃଦୟର ସିଂହାସନରେ ଶୁଚିସ୍ନିଗ୍ଧା ଓ ଅଚଳ ଅଟଳ ହୋଇ ସମାସୀନା, ତା'ର ମହାନ୍ ସମ୍ପତ୍ତି ସାଦରପୋଷିତ ଏବଂ ସ୍ୱତନ୍ତ୍ର ରୂପେ ସୁଦୂରରେ ତା'ର ଗୋପନ ପ୍ରେରଣାର ନୀରବତାର ବେଢ଼ା ଭିତରେ ଅବସ୍ଥାପିତ, ଶୁଭ୍ର କୁମାରୀତ୍ୱରେ ଅପାପବିଦ୍ଧା ସେ, ଚିରକାଳ ଅଦ୍ୱିତୀୟା ଓ ଚିରକାଳ ଏକ, ଇଏ ହେଉଛନ୍ତି ତା'ର ନିତ୍ୟ ପୂଜିତା ଅପରିବର୍ତ୍ତନୀୟା ମହାଦେବୀ ।

Or else, a faithful consort of his mind
Assenting to his nature and his will,
She sanctions and inspires his words and acts
Prolonging their resonance through the listening years,
Companion and recorder of his march
Crossing a brilliant tract of thought and life
Carved out of the eternity of Time.

ଅଥବା, ତା' ମନର ବିଶ୍ୱସ୍ତ ସଙ୍ଗିନୀ, ସିଏ ତା'ର ସ୍ୱଭାବ ଓ ସଂକଳ୍ପକୁ ସମ୍ମତି ଦେଇଚାଲନ୍ତି, ତା'ର ବାକ୍ୟ ଓ କର୍ମରାଜିକୁ ଅନୁମୋଦନ ତଥା ଅନୁପ୍ରେରିତ କରନ୍ତି, ଶ୍ରବଣରତ ବର୍ଷାବଳି ବ୍ୟାପୀ ସେସବୁର ଅନୁରଣନକୁ ପ୍ରଲମ୍ବିତ କରନ୍ତି, ତା' ଯାତ୍ରାପଥର ସହଚାରିଣୀ ଓ ଲିପିକାର, ସିଏ ଅତିକ୍ରମ କରିଯାଆନ୍ତି କାଳର ଚିରନ୍ତନତା ମଧ୍ୟରୁ ଖୋଦିତ ଭାବନା ଓ ଜୀବନର ଏକ ସମୁଜ୍ଜ୍ୱଳ ଇଲାକା ।

(*କ୍ରମଶଃ...*)

ଗଦ୍ୟାନୁବାଦ : ରବୀନ୍ଦ୍ର ନାଥ ପାଢ଼ୀ

❑❑❑

# ସଫଳତା ଓ ବିଫଳତା

## ଶ୍ରୀମା

### (୧)

ବାହାରୁ କୌଣସି ସଫଳତା ବା ବିଫଳତା ଦେଖି ତୁମେ ବିଚାର କରି କୌଣସି ସିଦ୍ଧାନ୍ତ ନେଇପାରିବ ନାହିଁ। ଆମେ କହିପାରୁ – ଏବଂ ଏହା ମଧ୍ୟ ସାଧାରଣତଃ ସବୁବେଳେ ଘଟିଥାଏ ଯେ – ଆମେ ଏହା କହିପାରୁ ଯେ ଜଣେ ଯାହା କାମନା କରେ ଈଶ୍ୱର ତାକୁ ତାହା ଦିଅନ୍ତି, ଏବଂ ସବୁ ପ୍ରକାର ଶିକ୍ଷା ଅପେକ୍ଷା ଏଇଟି ସର୍ବୋତ୍ତମ ଶିକ୍ଷା ! କାରଣ, ତୁମର କାମନା ଯଦି ହେଲା ଅଚେତନା, ଅଜ୍ଞାନାଚ୍ଛନ୍ନ ଓ ଅହଂକୈନ୍ଦ୍ରିକ, ତା'ହେଲେ ତୁମେ ସେହି ଅଚେତନାକୁ ବଢ଼ାଇ ଚାଲିଥାଅ, ତୁମ ଭିତରର ଅନ୍ଧକାର ଓ ଅହଂକାରକୁ ବଢ଼ାଇ ଚାଲିଥାଅ; ତା'ର ଅର୍ଥ ହେଲା, ତାହାହିଁ ତୁମକୁ ସତ୍ୟଠାରୁ ଦୂରରୁ ଦୂରକୁ ନେଇ ଚାଲେ, ଚେତନା ଓ ପ୍ରକୃତ ସୁଖଠାରୁ ମଧ୍ୟ ଦୂରେଇ ନେଇ ଯାଉଥାଏ । ଏହିପରି ଭାବେ ଈଶ୍ୱରଙ୍କଠାରୁ ଏହା ତୁମକୁ ବହୁତ ଦୂରକୁ ନେଇ ଯାଉଥାଏ । ଏବଂ ସ୍ୱାଭାବିକ ରୂପେ ଈଶ୍ୱରଙ୍କ ପକ୍ଷରେ ଗୋଟିଏ କଥାହିଁ ସତ୍ୟ – ଐଶ୍ୱରିକ ଚେତନା ଓ ଈଶ୍ୱରଙ୍କ ସହ ମିଳନ । ଏବଂ ଯେତେଥର ତୁମେ ପାର୍ଥିବ କାମନାଗୁଡ଼ିକ ତୁମ ଆଗରେ ରଖିବ, ତୁମେ ଅଧିକରୁ ଅଧିକ ଜଡ଼ବାଦୀ ହୋଇ ଚାଲିଥିବ ଏବଂ ପୂର୍ଣ୍ଣ ସଫଳତାଠାରୁ ଦୂରକୁ ଦୂରକୁ ଘୁଞ୍ଚି ଯାଉଥିବ ।

କିନ୍ତୁ ସତ୍ୟ ପାଇଁ ସେହି ବାହ୍ୟ ସଫଳତା ହେଲା ଏକ ଭୟଙ୍କର ପରାଜୟ । ... ତୁମେ ସତ୍ୟ ବିନିମୟରେ ମିଥ୍ୟାକୁହିଁ ସ୍ୱାଗତ କରିଥାଅ !

ବାହାରୁ କାହାର ସଫଳତା ଦେଖି ଓ ସଫଳତାର ବାହ୍ୟ ରୂପ ଦେଖି କୌଣସି କଥାକୁ ବିଚାର କରିବା ପ୍ରକୃତରେ ଏକ ସଂପୂର୍ଣ୍ଣ ଅଜ୍ଞାନତାର କାର୍ଯ୍ୟ ।

### (୨)

ଜୀବନରେ କୌଣସି ସଫଳତା ପାଇ ସେହି ସଫଳତା ଦ୍ୱାରା ଆକ୍ରାନ୍ତ ନ ହେବାକୁ ହେଲେ, ଜଣକୁ ତା'ର ଚେତନା ବା ମନୋବୃତ୍ତିରେ **ଖୁବ୍** ମହାନ୍, **ଖୁବ୍** ଶୁଦ୍ଧ, **ଖୁବ୍** ଉଚ୍ଚ ଓ **ଖୁବ୍** ଅନାସକ୍ତ ଆଧ୍ୟାତ୍ମିକ ଭାବାପନ୍ନ ହେବାକୁ ହେବ । **ସଫଳ ହେବା ଠାରୁ ବଳି ଅଧିକ କଷ୍ଟକର କଥା ଆଉ କିଛି ନାହିଁ । ଏହାହିଁ ପ୍ରକୃତରେ ଜୀବନର ଯଥାର୍ଥ ପରୀକ୍ଷା !**

ଯେତେବେଳେ ତୁମେ ସଫଳ ହୁଅ ନାହିଁ, ସେତେବେଳେ ତୁମେ ଖୁବ୍ ସ୍ୱାଭାବିକ ଭାବେ ନିଜକୁ ପଛ କରିଦିଅ ଓ ନିଜ ଭିତରକୁ ପ୍ରବେଶ କର, ଏବଂ ସେଠାରେ ତୁମେ ତୁମର ବାହ୍ୟ ବିଫଳତା ପାଇଁ ସାନ୍ତ୍ୱନା ଖୋଜିଥାଅ । କିନ୍ତୁ ଯେଉଁମାନଙ୍କର ଅନ୍ତରରେ ଏକ ଅଗ୍ନିଶିଖା ଜଳୁଛି – ଯଦି ଭଗବାନ୍ ପ୍ରକୃତରେ ତାକୁ ସାହାଯ୍ୟ କରିବାକୁ ଚାହୁଁଥା'ନ୍ତି, ଏବଂ ଯଦି ସେମାନେ ଈଶ୍ୱରଙ୍କ ସାହାଯ୍ୟ ପାଇବା ଲାଗି ଯଥେଷ୍ଟ ଯୋଗ୍ୟ ହୋଇଥା'ନ୍ତି, ଯଦି ସେମାନେ ଦିବ୍ୟ ପଥରେ ଯିବା ଲାଗି ପ୍ରସ୍ତୁତ ଥା'ନ୍ତି,– ତେବେ ଆଘାତ ଉପରେ ଆଘାତ ଆସିବ ତୁମ ଉପରେ । କାରଣ, ଏହା ବ୍ୟକ୍ତିକୁ ସାହାଯ୍ୟ କରେ ! ଏହାହିଁ ଖୁବ୍ ଶକ୍ତିଶାଳୀ, ଖୁବ୍ ପ୍ରତ୍ୟକ୍ଷ ଏବଂ ଖୁବ୍ ଫଳପ୍ରଦ ସାହାଯ୍ୟ । ଯଦି ତୁମେ ସଫଳ ହୁଅ, ତେବେ ନିଜକୁ ଜଗିରଖି ଚାଲ, ନିଜକୁ ପଚାର : ''କେଉଁ ମୂଲ୍ୟ ଦେଇ, କାହା ବିନିମୟରେ ମୁଁ ଏହି ସଫଳତା କ୍ରୟ କରିଛି ?''...

ଏବଂ ମୋଟ କଥା ହେଲା, ସମ୍ଭବତଃ ଭଗବାନଙ୍କର ଏହା ହେଉଛି ତୁମ ପ୍ରତି ଶେଷ ପରୀକ୍ଷା : ''ବର୍ତ୍ତମାନ ଯେହେତୁ ତୁମେ ମହତ୍, ତୁମେ ଅନାସକ୍ତ, ତୁମର କୌଣସି ଅହଂକାର ନାହିଁ, ତୁମେ ବର୍ତ୍ତମାନ କେବଳ ମୋର, ମୁଁ ବର୍ତ୍ତମାନ ତୁମକୁ ବିଜୟ ଦେବାକୁ ଚାହୁଁଛି । ଆମେ ଦେଖିବାକୁ ଚାହୁଁ, ତୁମେ କିପରି ଏହି ବିଜୟକୁ ଧରି ରଖିପାରୁଛ ।''

(The Great Adventure
*A Diary for All Times* ପୁସ୍ତିକାରୁ)

ଅନୁବାଦ : ମହାପାତ୍ର ନୀଳମଣି ସାହୁ

❑❑❑

# ନୂତନ ଯୁଗ ପାଇଁ ପ୍ରସ୍ତୁତି
## (୧)
## ଶେଖ ଅବଦୁଲ କାଶମ

୧୯୫୦ ମସିହା ଡିସେମ୍ବର ୭ ତାରିଖରେ ଶ୍ରୀମା ଏକ ବାଣୀ ଦେଇଥିଲେ – ''ହେ ପ୍ରଭୁ, ଆଜି ପ୍ରାତଃକାଳରେ ତୁମେ ମୋତେ ଏହି ଆଶ୍ୱାସନାବାଣୀ ଦେଇଛ ଯେ, ଯେପର୍ଯ୍ୟନ୍ତ ତୁମର କାର୍ଯ୍ୟ ସିଦ୍ଧ ନ ହୋଇଛି ସେପର୍ଯ୍ୟନ୍ତ ତୁମେ ଆମ୍ଭମାନଙ୍କ ପାଖରେ ରହିବ, କେବଳ ପରିଚାଳନା ଓ ଆଲୋକ ପ୍ରଦାନ କରୁଥିବା ଏକ ଚେତନା ରୂପେ ନୁହେଁ, କିନ୍ତୁ କର୍ମ ମଧ୍ୟରେ ବି ଏକ ସଚଳ ଓ ଜାଗ୍ରତ୍ ଉପସ୍ଥିତି ରୂପେ । ଅଭ୍ରାନ୍ତ ଭାଷାରେ ତୁମେ ପ୍ରତିଶ୍ରୁତି ଦେଇଛ ଯେ ଏଠାରେ ତୁମର ସମଗ୍ର ସତ୍ତା ରହିବ, ପୃଥିବୀ-ବାତାବରଣ ତ୍ୟାଗ କରିବ ନାହିଁ ଯେପର୍ଯ୍ୟନ୍ତ ପୃଥିବୀ ରୂପାନ୍ତରିତ ନ ହୋଇଛି ।''

ଆମ ପାଇଁ ଏହା ଏକ ବିରାଟ ଆଶ୍ୱାସନା । ଶ୍ରୀମା ଶ୍ରୀଅରବିନ୍ଦଙ୍କ ଆବିର୍ଭାବ ଫଳରେ ପୃଥିବୀରେ ଏକ ନୂତନ ଯୁଗର ଶୁଭାରମ୍ଭ ଘଟିଛି । ପୃଥିବୀ ଏକ ବିପୁଳ ଯୁଗାନ୍ତକାରୀ ଓ ବୈପ୍ଳବିକ ପରିବର୍ତ୍ତନର ସମ୍ମୁଖୀନ ହୋଇଛି । ସମ୍ମତି ଓ ସହଯୋଗ ପାଇଁ ମାଆ ଆମକୁ ଆହ୍ୱାନ ଦେଇଛନ୍ତି । ଦେହତ୍ୟାଗ ପରେ ମଧ୍ୟ ଶ୍ରୀମା ଓ ଶ୍ରୀଅରବିନ୍ଦ ଅତିମାନସ ଶକ୍ତି ମାଧ୍ୟମରେ ପୃଥିବୀରେ ନିରବଚ୍ଛିନ୍ନ ଭାବରେ ରୂପାନ୍ତରକାରୀ କାର୍ଯ୍ୟ କରି ଚାଲିଛନ୍ତି । ଫଳରେ ଦିନ ପରେ ଦିନ ଅନେକ ଅଭାବନୀୟ, ଅପ୍ରତ୍ୟାଶିତ ଓ ଅଦ୍ଭୁତ ଘଟଣା ଘଟି ଚାଲିଛି । ଅନେକ ଗ୍ରହଣଶୀଳ ଉନ୍ମୀଳିତ ହୃଦୟବାନ୍ ବ୍ୟକ୍ତି ଏଇ ଯୁଗ୍ମ ଅବତାରଙ୍କ ଅତ୍ୟନ୍ତ ପ୍ରଭାବଶାଳୀ କ୍ରିୟାକୁ ଅନୁଭବ କରୁଛନ୍ତି ।

୧୯୨୫ ମସିହାରେ ନିଜ ଜନ୍ମ ଦିବସରେ ଶ୍ରୀଅରବିନ୍ଦ ଏକ ପ୍ରଶ୍ନର ଉତ୍ତର ଦେବାକୁ ଯାଇ ନୂତନ ଯୁଗର ଆବିର୍ଭାବର ପାଞ୍ଚୋଟି ଲକ୍ଷଣ ପ୍ରକାଶ କରିଥିଲେ । ସେ କହିଥିଲେ, ''ପ୍ରଥମତଃ, ଭୌତିକ ଜଗତର ଜ୍ଞାନ ଏପରି ବ୍ୟାପକ ସମୃଦ୍ଧି ଲାଭ କରିଛି ଯେ ଏହା ନିଜର ସକଳ ସୀମାକୁ ଟପି ଯିବାକୁ ବସିଛି । ଦ୍ୱିତୀୟତଃ, ସାରା ପୃଥିବୀରେ ବାହ୍ୟ ସତ୍ତା ଓ ଆନ୍ତର ସତ୍ତା ମଧ୍ୟରେ ଥିବା ପରଦାକୁ ହଟାଇବା ପାଇଁ ପ୍ରୟାସ କରାଯାଉଛି । ଲୋକମାନେ ଅଧିକ ଆନ୍ତରମୁଖୀ ହେବାରେ ଲାଗିଛନ୍ତି । ତୃତୀୟତଃ, ପ୍ରାଣଶକ୍ତି ଜଡ଼ଭୂମି ଉପରେ ଆଧିପତ୍ୟ ବିସ୍ତାର କରିବାକୁ ପୂର୍ବାପେକ୍ଷା ଅଧିକ ଚେଷ୍ଟା କରୁଛି । ଯେତେବେଳେ କି ଏକ ଉଚ୍ଚତର ସତ୍ୟ ଅବତରଣ କରି ଆସୁଛି, ବିରୋଧୀ ପ୍ରାଣିକ ଶକ୍ତିସବୁ ଜାଗିଉଠି ଉପରିଭାଗକୁ ଚାଲି ଆସୁଛନ୍ତି ଏବଂ ପ୍ରଭାବଶାଳୀ ହୋଇ ଉଠୁଛନ୍ତି । ଚତୁର୍ଥତଃ, ଆଧୁନିକ ବିଜ୍ଞାନର ଅବଦାନ ଯଥା : ରେଳ ଚଳାଚଳ, ଷ୍ଟିମର, ଉଡ଼ାଜାହାଜ, ବେତାର ପ୍ରଭୃତି ଜରିଆରେ ପୃଥିବୀ ଏକତ୍ୱ ଆଡ଼କୁ ଅଗ୍ରସର ହେଉଛି । ଏହି ଏକତ୍ୱ ଏକସଙ୍ଗେ ନୂତନ ଯୁଗର ଅନୁକୂଳ ପରିବେଶ ଓ ପ୍ରତିବନ୍ଧକ ହୋଇ ଦେଖା ଦେଇଛି । ପଞ୍ଚମତଃ, ପୃଥିବୀରେ ଏପରି କେତେକ ବ୍ୟକ୍ତିଙ୍କର ଆବିର୍ଭାବ ଘଟୁଛି ଯେଉଁମାନେ ବହୁସଂଖ୍ୟକ ଲୋକଙ୍କ ଉପରେ ବିପୁଳ ପ୍ରାଣିକ ପ୍ରଭାବ ବିସ୍ତାର କରୁଛନ୍ତି ।''

ଏହି ପାଞ୍ଚୋଟି ଲକ୍ଷଣ ବିଷୟରେ ସଚେତନ ହୋଇ ଆମକୁ ଆମର ମନୋବୃତ୍ତି ଓ କ୍ରିୟାକଳାପକୁ ଯଥାର୍ଥ ଦିଗରେ ପରିଚାଳିତ କରିବାକୁ ହେବ । ବର୍ତ୍ତମାନ ଯୁଗରେ ଜ୍ଞାନବିଜ୍ଞାନର ସହସ୍ର ଶାଖାପ୍ରଶାଖା ଖୋଲି ଯାଉଛି । ଜ୍ଞାନର ବିରାଟ ବିସ୍ଫୋରଣ ଘଟିଛି କହିଲେ ଅତ୍ୟୁକ୍ତି ହେବ ନାହିଁ । ଅତିମାନସର ଆବିର୍ଭାବ (୧୯୫୬) ପରେ ବିଜ୍ଞାନ ଓ କାରିଗରୀ ବିଦ୍ୟା କ୍ଷେତ୍ରରେ ଅକଳ୍ପନୀୟ ଭାବେ ଓ ଅତ୍ୟନ୍ତ କ୍ଷିପ୍ରଗତିରେ ବିକାଶ ଘଟି ଚାଲିଛି । ଇଣ୍ଟରନେଟ୍, ମୋବାଇଲ, ଆର୍ଟିଫିସିଏଲ ଇଣ୍ଟେଲିଜେନ୍ସ (AI), ମହାକାଶ ଅନୁସନ୍ଧାନ ଓ ଅଭିଯାନ, ପଦାର୍ଥ ବିଜ୍ଞାନ କ୍ଷେତ୍ରରେ ନିତ୍ୟ ନୂତନ ଆବିଷ୍କାର ମନୁଷ୍ୟକୁ ସ୍ତମ୍ଭୀଭୂତ କରୁଛି । ମାତ୍ର ଏସବୁର କୁପରିଣତି ମଧ୍ୟ ଦୃଷ୍ଟିଗୋଚର ହେଉଛି । ସୁଖସୁବିଧା, ଆରାମ, ବିଳାସବ୍ୟସନ ଆଦିର ବ୍ୟାପକ ବୃଦ୍ଧି ଘଟିଛି, ମାତ୍ର ଚରିତ୍ର ଓ ଚେତନା କ୍ଷେତ୍ରରେ ଉଲ୍ଲେଖଯୋଗ୍ୟ ଉନ୍ନତି ପରିଲକ୍ଷିତ ହେଉ ନାହିଁ । ମନୁଷ୍ୟ ଅଧିକ ମାତ୍ରାରେ ଯନ୍ତ୍ରସର୍ବସ୍ୱ ଓ ଅହଂକୈନ୍ଦ୍ରିକ ହୋଇ ନିଜର ସୃଜନଶୀଳତା, ସମ୍ବେଦନଶୀଳତା, ସମାନୁଭୂତି ଓ ମାନବିକତାକୁ ମଧ୍ୟ ହରାଇ ବସୁଛି । ସେ ନିଷ୍କ୍ରିୟ, ଅନୁଦ୍ୟୋଗୀ, କର୍ମକୁଣ୍ଠ ଓ ତାମସିକତାଗ୍ରସ୍ତ ହୋଇ ପଡୁଛି । ତଥାପି ଏକ ଦିଗରେ ବାହ୍ୟ

ମନ, ବାହ୍ୟ ପ୍ରାଣ ଓ ସ୍ଥୂଳ ଶରୀର ଏବଂ ଅନ୍ୟ ଦିଗରେ ଆନ୍ତର ମନ, ଆନ୍ତର ପ୍ରାଣ ଓ ଆନ୍ତର ଶରୀର-ଚେତନା ମଧ୍ୟରେ ଯେଉଁ ପରଦା ବା ବିଚ୍ଛିନ୍ନତା ରହିଛି, ତାହା ଦୂର କରିବା ପାଇଁ ମନୁଷ୍ୟସକଳ ଚେଷ୍ଟିତ ହେଉଛନ୍ତି – ଏହା ଏକ ଶୁଭ ସୂଚନା । ମନୋବିଜ୍ଞାନୀମାନେ ମନୁଷ୍ୟର ମନସ୍ତତ୍ତ୍ୱ ବିଷୟରେ ଅଧିକରୁ ଅଧିକ ଗବେଷଣା କରି ଆସୁଛନ୍ତି । କେତେକ କ୍ଷେତ୍ରରେ ଆତ୍ମସଚେତନତା ମଧ୍ୟ ଦେଖା ଦେଉଛି । ତଥାପି ଅଧିକାଂଶ ମନୁଷ୍ୟ ବହିର୍ମୁଖୀ ଚେତନାରେ ବାସ କରିବା ପାଇଁ ଅଧିକ ଶ୍ରେୟ ମଣୁଛନ୍ତି । କେତେକ ବ୍ୟକ୍ତିଙ୍କ କ୍ଷେତ୍ରରେ ପ୍ରାଣର ଅସ୍ୱାଭାବିକ ପରିପ୍ରକାଶ ଘଟୁଛି । ସେମାନେ ପାଗଳଙ୍କ ଭଳି ବ୍ୟବହାର କରୁଛନ୍ତି । କେତେକ ବିଭ୍ରାନ୍ତ ମନୁଷ୍ୟ ସ୍ୱାର୍ଥସିଦ୍ଧି ନିମିତ୍ତ ବା ଅକାରଣରେ ଅଥବା ସଉକରେ ଅମାନୁଷିକ ଭାବେ ନିର୍ଦୋଷ ବ୍ୟକ୍ତିମାନଙ୍କୁ ହତ୍ୟା କରିବା ଭଳି ନାରକୀୟ କାଣ୍ଡ ଭିଆଉଛନ୍ତି । ହିଂସ୍ର ଉନ୍ମତ୍ତତା ବଢ଼ିବାରେ ଲାଗିଛି । ମିଥ୍ୟାର ଅସୁର ତଥା ବିରୋଧୀ ପ୍ରାଣିକ ଶକ୍ତିମାନଙ୍କ ଦ୍ୱାରା ବଶୀଭୂତ ହୋଇ ରାଷ୍ଟ୍ରନାୟକମାନେ ଭୀଷଣ ଯୁଦ୍ଧରେ ପ୍ରବୃତ୍ତ ହେଉଛନ୍ତି । ହଜାର ହଜାର ଆବାଳବୃଦ୍ଧବନିତା ସେମାନଙ୍କ ନରସଂହାରରେ ବଳି ପଡୁଛନ୍ତି । ମନୁଷ୍ୟମାନଙ୍କ ଭିତରେ ପ୍ରବେଶ କରିଥିବା ଅତୃପ୍ତ ଓ ବିବର୍ତ୍ତନ-ବିରୋଧୀ ପ୍ରାଣସତ୍ତାମାନେ ସାମୟିକ ବିଜୟରେ ଅଟ୍ଟହାସ୍ୟ କରୁଛନ୍ତି, ମିଥ୍ୟା ବିଜୟର ଉତ୍ସବରେ ମାତିଛନ୍ତି । ମିଥ୍ୟାର ଅସୁର ଶ୍ରୀମାଙ୍କୁ ଥରେ କହିଥିଲା – ''ମୁଁ ଜାଣିଲିଣି ଯେ ମୋର ପରାଜୟ ଓ ବିନାଶ ସୁନିଶ୍ଚିତ । କିନ୍ତୁ ମୁଁ ମୋର ଶେଷଯୁଦ୍ଧ ଅବଶ୍ୟ ଲଢ଼ିବି । ବିନଷ୍ଟ ହେବା ପୂର୍ବରୁ ତୁମର ଏହି ସୃଷ୍ଟିର ଯେତେ ବେଶୀ ସମ୍ଭବ ବିଭ୍ରାଟ, ବିପର୍ଯ୍ୟୟ ଓ ବିନାଶ ଘଟାଇ ଚାଲିବି ।'' ହିଟ୍‌ଲର, ମୁସୋଲିନୀ, ଫ୍ରାନ୍‌ସିସ୍କୋ ଫ୍ରାନ୍‌କୋ, ଷ୍ଟାଲିନ୍, ଇଦି ଅମିନ, ଓସାମା ବିନ୍ ଲାଦେନ, ଅଲ୍ ବାଗଦାଦୀ ଆଦି ନୃଶଂସ ବ୍ୟକ୍ତିମାନେ ନିଜର ପରାକ୍ରମ ଦେଖାଇ ପରାଜୟ ବା ବିନାଶ ଲାଭ କରି ସାରିଛନ୍ତି । ଆଉ ଯେଉଁମାନେ ସତ୍ୟର ବିରୋଧରେ ଯୁଦ୍ଧ କରିବାକୁ ଆଗେଇ ଆସିବେ, ସେମାନେ ସମସ୍ତେ ଦିବ୍ୟଜନନୀଙ୍କ ହସ୍ତରେ ଦିନେ ବିନାଶପ୍ରାପ୍ତ ହେବେ, ଏହା ନିଶ୍ଚିତ ।

୧୯୧୪ ମସିହା ମାର୍ଚ୍ଚ ୨୯ ତାରିଖରେ ଶ୍ରୀମା ଯୋଗେଶ୍ୱର ଶ୍ରୀଅରବିନ୍ଦଙ୍କୁ ପଣ୍ଡିଚେରୀରେ ସ୍ଥୂଳ ରୂପେ ସାକ୍ଷାତ୍ କରିଥିଲେ । ଏହା ଫଳରେ ଏକ ବିରାଟ ବିଶ୍ୱ-ପରିବର୍ତ୍ତନର ଭିତ୍ତି ସ୍ଥାପିତ ହୋଇଥିଲା । ଆସୁରିକ ଶକ୍ତିମାନେ ନିଜ କ୍ଷମତା ଓ ଆଧିପତ୍ୟ ପ୍ରତି ଆଶଙ୍କା ପ୍ରକାଶ କରି ଉତ୍‌କ୍ଷିପ୍ତ ଓ ଉନ୍ମାଦ ହୋଇ ଉଠିଲେ । ମାତ୍ର ବିଶ୍ୱବାସୀ ଆଶ୍ୱସ୍ତ ହୋଇଛନ୍ତି ଯେ ଏଣିକି ଶାନ୍ତି ଓ ଆଲୋକର ଅଭ୍ୟୁଦୟ ଘଟିବ । ପରଦିନ (୩୦.୩.୧୯୧୪) ଶ୍ରୀମା ତାଙ୍କ ଡାଏରୀରେ ଲେଖିଥିଲେ – ''... ଶତ ଶତ ଜୀବ ଯଦି ଗଭୀର ଅଜ୍ଞାନତାର ନିଗୂଢ଼ ଅନ୍ଧକାର ମଧ୍ୟରେ ନିମଜ୍ଜିତ ହୋଇଥା'ନ୍ତି, ସେଥିରେ ମଧ୍ୟ କିଛି ଯାଏ ଆସେ ନାହିଁ । କାଲି ଯାହାଙ୍କୁ ଆମେ ଦର୍ଶନ କଲୁ ସେ ତ ପୃଥିବୀରେ ସାକାର ରୂପରେ ଅବସ୍ଥାନ କରୁଛନ୍ତି । କେବଳ ତାଙ୍କ ଉପସ୍ଥିତିହିଁ ଏ କଥାର ପ୍ରତ୍ୟକ୍ଷ ପ୍ରମାଣ ଯେ ସେହି ସୁଦିନ ଆସିବ ଯେବେ ଅନ୍ଧକାର ଆଲୋକରେ ରୂପାନ୍ତରିତ ହେବ, ଯେତେବେଳେ ପ୍ରକୃତରେ ତୁମ (ଭଗବାନଙ୍କ)ରାଜ୍ୟ ପୃଥିବୀ ଉପରେ ପ୍ରତିଷ୍ଠିତ ହେବ ।''

ଏହା ପୂର୍ବରୁ ପୃଥିବୀର ଦିବ୍ୟ ଭବିଷ୍ୟତ୍ ସମ୍ପର୍କରେ ଏପରି ନିଶ୍ଚୟତାର ସହିତ ଆଉ କୌଣସି ମହାପୁରୁଷ କହି ନଥିଲେ । ଶ୍ରୀମାଙ୍କ ''ଧ୍ୟାନ ଓ ପ୍ରାର୍ଥନା'' ପୁସ୍ତକର ପ୍ରତି ପୃଷ୍ଠାରେ ଆମେ ଦେଖୁ ସମଗ୍ର ଜଗତ୍ ସମ୍ପର୍କରେ କେତେ ଭାବନା, କେତେ ଆକୁଳ ପ୍ରାର୍ଥନା, କେତେ ଆଶା, ଆଶ୍ୱାସନା । ତାହା ପଠନ କଲେ ଶକ୍ତିଶାଳୀ ମନ୍ତ୍ରର ପ୍ରଭାବ ଅନୁଭୂତ ହେବା ସଙ୍ଗେ ସଙ୍ଗେ ପୃଥିବୀର ଉଜ୍ଜ୍ୱଳ ଭବିଷ୍ୟତ୍ ବିଷୟରେ ଆଶା ସମୁଜ୍ଜ୍ୱଳ ହୋଇଉଠେ । ନୂତନ ଯୁଗର ଯୋଗ୍ୟ ହେବା ପାଇଁ ଅଫୁରନ୍ତ ଶକ୍ତି, ପ୍ରେରଣା ଓ ମାର୍ଗଦର୍ଶନ ପ୍ରାପ୍ତ ହୁଏ ।

ଆମେ ବର୍ତ୍ତମାନ ଯେଉଁ ସଦ୍ୟ ନୂତନ ଜଗତରେ ଉପସ୍ଥିତ ଅଛୁ, ତା'ର ଦୁଇଟି ଦିଗ ଆମେ ଦେଖିବାକୁ ପାଉ । ଏକ ଦିଗରେ ଦେଖାଯାଉଛି ଅଜ୍ଞାନର ଘନ ଅନ୍ଧକାର, ନିରାଶା, ହତାଶା, ଚରମ ବିଶୃଙ୍ଖଳା, ହିଂସା, ଅତ୍ୟାଚାର, ବ୍ୟଭିଚାର, ଯାବତୀୟ ବିଭ୍ରାଟ ଓ ବିପର୍ଯ୍ୟୟ, ବିଷାଦ ଓ ଅବସାଦ । କଳୁଷ କର୍ଦ୍ଦମର ବିରାଟ ସ୍ତୂପ । ମନେ ହେଉଛି ସବୁକିଛି ଯେପରି ଆମ ନିୟନ୍ତ୍ରଣର ବାହାରେ । ସଭ୍ୟତାର ଯେଉଁ ବିରାଟ ହର୍ମ୍ୟ ଆମେ ତୋଳି ରଖିଛୁ, ତାକୁ ଆମେ ସମ୍ଭାଳି ରଖିପାରୁ ନାହୁଁ, ତାହା ସତେ ଯେମିତି ଧ୍ୱସ୍ତ ବିଧ୍ୱସ୍ତ ହେବାକୁ ଯାଉଛି । ମାତ୍ର ଅନ୍ୟ ଦିଗରେ ଦେଖାଯାଉଛି କୌଣସି ଦିବ୍ୟ ଅପରାଜେୟ ମହାଶକ୍ତି ପ୍ରଚଣ୍ଡ ଭାବରେ ସକ୍ରିୟ ହୋଇ ମିଥ୍ୟାର ପାହାଡ଼ସବୁକୁ ଚୂର୍ଣ୍ଣବିଚୂର୍ଣ୍ଣ କରି ପକାଉଛି । ଦୁର୍ନୀତିଗୁଡ଼ିକର ମୁଖା ଖୋଲିଯାଉଛି । ଧର୍ମର ଠିକାଦାର ସାଜିଥିବା ଏବଂ ସାଧୁସନ୍ଥ ରୂପେ ନିଜକୁ ପ୍ରତିଷ୍ଠିତ କରିଥିବା ଭଣ୍ଡ ଓ ପ୍ରତାରକମାନଙ୍କର

ଅସଲ ରୂପ ପ୍ରକାଶିତ ହୋଇ ଯାଉଛି; ସେମାନେ ଅପଦସ୍ଥ ହେଉଛନ୍ତି, ଜେଲ ଯାଉଛନ୍ତି । ରାଜନୈତିକ କ୍ଷେତ୍ରରେ ମଧ ସ୍ୱାର୍ଥାନ୍ୱେଷୀ, ଧନ ଓ କ୍ଷମତାର ଲୋଲୁପ ବ୍ୟକ୍ତିମାନେ କ୍ରମଶଃ ଜନମାନସରେ ଘୃଣିତ ଓ ତିରସ୍କୃତ ବ୍ୟକ୍ତି ରୂପେ ଅପକୀର୍ତ୍ତି ଲାଭ କରୁଛନ୍ତି । ଛଳନା ଓ କପଟତାସବୁ ଲଜ୍ଜିତ ଓ ଉପହସିତ ହେଉଛନ୍ତି । ଅନେକ ଅହଙ୍କାରୀ ଉଚ୍ଚପଦସ୍ଥ ଅଫିସରଙ୍କ ବାସଭବନ ଖାନତଲାସି ହୋଇ କୁଡ଼ କୁଡ଼ ଅନ୍ୟାୟ ଅର୍ଜିତ ବିତ୍ତର ସନ୍ଧାନ ମିଳୁଛି । ପୁରୁଣା ସଂସ୍କାର ଓ ପୁରୁଣା ଜୀବନଧାରା ଭୁଶୁଡ଼ି ପଡୁଛି । ମନ ନିର୍ମିତ ପ୍ରାଚୀରସବୁ ଭାଙ୍ଗି ଯାଉଛି । ସୀମିତ ଓ ସଂକୀର୍ଣ୍ଣ ହୋଇ ରହିବାର ହୀନ ଇଚ୍ଛାଗୁଡ଼ିକ ଉପରେ ପ୍ରଚଣ୍ଡ ମାଡ଼ ପଡୁଛି । ଯେଉଁମାନେ ଅତୀତ ପ୍ରତି ଆସକ୍ତ, ତୁଚ୍ଛ ଜୀବନକୁ ନେଇ ଯେଉଁମାନେ ଆତ୍ମସନ୍ତୁଷ୍ଟ, ସେମାନେ ନାନା ବିପର୍ଯ୍ୟୟ ଓ ଆଘାତର ସମ୍ମୁଖୀନ ହେଉଛନ୍ତି । ପରିବର୍ତ୍ତନ ବିମୁଖ ବ୍ୟକ୍ତିମାନେ ନାନାପ୍ରକାରେ ହନ୍ତସନ୍ତ ହେଉଛନ୍ତି । ବହୁ ବ୍ୟକ୍ତି ନିଜ ଭିତରର ଅନ୍ତର୍ଦ୍ୱନ୍ଦ୍ୱ, କପଟତା, ଦୋମୁହାଁପଣ ଓ ନିଷ୍ଠାହୀନତା ଯୋଗୁଁ କଠିନ ଦୁର୍ବିଷହ ପରିସ୍ଥିତିର ସମ୍ମୁଖୀନ ହୋଇ ଆର୍ତ୍ତନାଦ କରୁଛନ୍ତି । ଅସହାୟତା, ନିଃସଙ୍ଗତା, ବିଚ୍ଛିନ୍ନତାବୋଧ, ପାପବୋଧ ଓ ମୃତ୍ୟୁବୋଧ ଅନେକଙ୍କୁ ମାଡ଼ି ବସିଛି । ପରିବାର ଓ ସମାଜରେ ସମ୍ପର୍କ ଓ ନୈତିକ ମୂଲ୍ୟବୋଧଗୁଡ଼ିକ କ୍ଷତବିକ୍ଷତ ହୋଇଯାଉଛି । ଅନେକଙ୍କ ମୋହମୁକ୍ତି ଘଟିବାରେ ଲାଗିଛି । ତ୍ରାହି ତ୍ରାହିର ଡାକ ଶୁଭିଲାଣି । ଜୈତ୍ର ପତାକା ଉଡ଼ାଇବାର ଶୁଭମୁହୂର୍ତ୍ତ ଉପଗତ । ମିଥ୍ୟାର ଉଚ୍ଚ ଅଟ୍ଟାଳିକାମାନଙ୍କରେ ସତ୍ୟର ଦୀପାଳି ଜଳିବାକୁ ଲାଗିଲାଣି । ମିଥ୍ୟାର ଅସୁର ବର୍ତ୍ତମାନ ଭୀତତ୍ରସ୍ତ । ଆଧୁନିକ ଯୁଗର ବିଭିନ୍ନ କ୍ଷେତ୍ରକୁ ମାଡ଼ିବସିଥିବା ଅଘାସୁର, ଶକଟାସୁର, ବକାସୁର ଓ କଂସାସୁରମାନେ ନିଜ ନିଜ ବିନାଶର ଦୁଃସ୍ୱପ୍ନ ଦେଖି ପ୍ରମାଦ ଗଣିଲେଣି । ଅନ୍ୟପକ୍ଷରେ ସରଳ ଅଧ୍ୟାତ୍ମପ୍ରେମୀ ମନୁଷ୍ୟମାନଙ୍କ ହୃଦୟରେ ଆଶା, ଆଶ୍ୱସ୍ତି ଓ ଆସ୍ପୃହାର ତୁଙ୍ଗ ଅଗ୍ନିଶିଖା ଦେଦୀପ୍ୟମାନ ।

ଉଷା ଆଗମନ ପୂର୍ବରୁ ରାତ୍ରିର ଅନ୍ଧକାର ଗାଢ଼ତମ ହୋଇଥାଏ । ଦିବ୍ୟ ଉଷାର ଅରୁଣିମା ବର୍ତ୍ତମାନ ଦୃଷ୍ଟିଗୋଚର ହେଲାଣି । ନୂତନ ଯୁଗର ଅନନ୍ତ ଉଜ୍ଜ୍ୱଳ ସମ୍ଭାବନାସବୁ ଗୋଟିଏ ପରେ ଗୋଟିଏ ବାସ୍ତବାୟିତ ହେବାରେ ଲାଗିଲେଣି । ୧୯୫୬ ମସିହା ଫେବ୍ରୁଆରୀ ୨୯ ତାରିଖରେ ଅତିମାନସ ଆଲୋକ, ଚେତନା ଓ ଶକ୍ତି ପୃଥିବୀରେ ଅଭିବ୍ୟକ୍ତ ହେବା ପରେ ଏକ ଅଭୂତପୂର୍ବ ପରିବର୍ତ୍ତନ ଆରମ୍ଭ ହୋଇଯାଇଛି । ୧୯୫୭ ମସିହାରେ ମାଆ ଘୋଷଣା କଲେ – ''… a new world is born, born, born. It is not the old one transforming itself, it is a new world which is born. And we are right in the midst of this period of transition where the two are entangled …''

(MCW, Vol. 9, p. 950)

ଅର୍ଥାତ୍, ''ନୂତନ ଜଗତ୍ ଯେ ଜନ୍ମ ନେଇ ସାରିଛି, ଏହା ତ୍ରିବାର ସତ୍ୟ । ପୁରୁଣା ଜଗତ୍ ଯେ ରୂପାନ୍ତରିତ ହେଉଛି ଏପରି ନୁହେଁ, ନୂତନ ଜଗତହିଁ ଜନ୍ମ ନେଇଛି । ଆମେ ବର୍ତ୍ତମାନ ଏକ ମଧ୍ୟବର୍ତ୍ତୀକାଳୀନ କାଳଖଣ୍ଡରେ ବାସ କରୁଛୁ ଯେତେବେଳେ ପୁରୁଣା ଓ ନୂଆ ପରସ୍ପର ମିଶାମିଶି ହୋଇ ରହିଛନ୍ତି … ।''

ଅତୀତ ଓ ପୁରାତନ ତିଷ୍ଠି ରହିବା ଲାଗି ପ୍ରାଣମୂର୍ଚ୍ଛା ଚେଷ୍ଟା କରିବାରେ ଲାଗିଛି । ସାଧାରଣ ଚେତନାରେ ଥିବା ବ୍ୟକ୍ତିମାନେ ତା'ର ପ୍ରରୋଚନାରେ ପଡ଼ି ନିଜ ସମ୍ଭାବନାକୁ ନଷ୍ଟ କରୁଛନ୍ତି । ଅନ୍ୟ ପକ୍ଷରେ ନୂତନ ଚେତନା ଆମର ଅଲକ୍ଷ୍ୟରେ ତା'ର ରୂପାନ୍ତର କାର୍ଯ୍ୟ କରି ଚାଲିଛି । ତାହା ଧୀରେ ଧୀରେ ଅଥଚ ନିର୍ଣ୍ଣୟାତ୍ମକ ଭାବରେ ବିକଶିତ ହେବାରେ ଲାଗିଛି ।

ମା' ଯେଉଁ ନୂତନ ଜଗତର ଜନ୍ମ ବିଷୟରେ କହିଛନ୍ତି ତାକୁ ଆମେ ଆମର ଅଜ୍ଞାନତା ଓ ସୀମିତ ଦୃଷ୍ଟିଯୋଗୁଁ ଦେଖିପାରୁ ନାହୁଁ । ମା' କହୁଛନ୍ତି, ଅତିମାନସ-ଆଧାରିତ ଯେଉଁ ନୂତନ ଜଗତ୍ ପ୍ରକାଶିତ ହେବାରେ ଲାଗିଛି ସେଥିରେ ଆନୁଷ୍ଠାନିକ ଧର୍ମଗୁଡ଼ିକର ଆଉ ସ୍ଥାନ ନାହିଁ । ସେଗୁଡ଼ିକ ପୁରାତନ, ଅକାମୀ ଓ ଅପ୍ରାସଙ୍ଗିକ ହୋଇ ପଡ଼ିଛନ୍ତି । ମା'ଙ୍କର ସ୍ପଷ୍ଟ ବାଣୀ – ''In the supramental world there will be no religions anymore.'' ଅନ୍ୟତ୍ର ସେ କହିଛନ୍ତି – ''The age of religion is over.'' ଧର୍ମର ଯୁଗ ଚାଲିଯାଇଛି । ବର୍ତ୍ତମାନ ଆଧାତ୍ମିକ ଯୁଗର ଆବିର୍ଭାବ ଘଟିଛି । ପ୍ରାଚୀନ ମତବାଦ, ସିଦ୍ଧାନ୍ତ ଓ ଅନୁଷ୍ଠାନଗୁଡ଼ିକ ଆଉ ଆମକୁ ସାହାଯ୍ୟ କରି ପାରିବ ନାହିଁ । ସେଗୁଡ଼ିକ ଆମ ଲାଗି ଶୃଙ୍ଖଳ ସଦୃଶ । ରାଜନୈତିକ କାର୍ଯ୍ୟଯୋଜନା, ଅର୍ଥନୈତିକ ପ୍ରଗତି ଓ ସାମାଜିକ ସଂସ୍କାର ଦ୍ୱାରା ଆମର ଯଥାର୍ଥ ସୁଖ ଓ ପରିବର୍ତ୍ତନ ସମ୍ଭବ ନୁହେଁ । ଦେବତାମାନେ ମଧ୍ୟ ଆମ ଆତ୍ମାର

ଅସୀମ ଆସ୍ପୃହାକୁ ପୂରଣ କରି ପାରିବେ ନାହିଁ । ଆମକୁ ଅଧିମାନସର ଊର୍ଦ୍ଧ୍ୱକୁ ଉଠିବାକୁ ହେବ । ନୂତନ ଅତିମାନସ ଚେତନା ପ୍ରତି ଉନ୍ମୁକ୍ତ ଓ ଗ୍ରହଣଶୀଳ ହେବା ବର୍ତ୍ତମାନ ଏକାନ୍ତ ଜରୁରୀ । ଚେତନାର ଆମୂଳଚୂଳ ପରିବର୍ତ୍ତନ ସର୍ବାଗ୍ରେ କାମ୍ୟ । ଧର୍ମର ବହିରଙ୍ଗ ଓ ବାହ୍ୟରୂପଗୁଡ଼ିକର ଆଉ କୌଣସି ବିଶେଷ ମୂଲ୍ୟ ନାହିଁ । ଧର୍ମର ଅସଲ ମର୍ମ, ଅସଲ ଅନ୍ତରଙ୍ଗ ସତ୍ୟକୁ ଆତ୍ମସ୍ଥ କରିବାକୁ ହେବ । ଅର୍ଥାତ୍ ଏକ ଅସଲ, ସାର୍ଥକ ଓ ସକାରାତ୍ମକ ଆଧାତ୍ମିକ ଜୀବନ ବଞ୍ଚିବାକୁ ହେବ । ନିର୍ବାଣ ଓ କୈବଲ୍ୟ ଆମର ଲକ୍ଷ୍ୟ ନୁହେଁ । ଜୀବନ ଓ ଜଗତର ରୂପାନ୍ତର ସାଧନ ଆମର ବ୍ରତ । ଧର୍ମଗୁଡ଼ିକ ପ୍ରତି ଆମର ମନୋଭାବ ହେବ – "A benevolent goodwill towards all worshippers. An enlightened indifference towards all religions."

(MCW, Vol. 12, p. 308)

ଅର୍ଥାତ୍ ''ସମସ୍ତ ଉପାସକମାନଙ୍କ ପ୍ରତି ଏକ ଉଦାର ସଦିଚ୍ଛା; ସମସ୍ତ ଧର୍ମଗୁଡ଼ିକ ପ୍ରତି ଏକ ଜ୍ଞାନଦୀପ୍ତ ଉଦାସୀନତା ।'' ଆମେ ଜାଣିରଖିବା ଉଚିତ ଯେ ଧାର୍ମିକ ଶିକ୍ଷା ହେଉଛି ଅତୀତର ଅନ୍ତର୍ଭୁକ୍ତ, ଏହା ପ୍ରଗତିକୁ ଅବରୁଦ୍ଧ କରେ ("Religious teaching belongs to the past and halts progress.") ।

(MCW, Vol. 12, p. 120)

ଅନ୍ୟପକ୍ଷରେ ଆଧାତ୍ମିକ ଶିକ୍ଷା ଧର୍ମର ଊର୍ଦ୍ଧ୍ୱରେ ନିଜକୁ ପ୍ରତିଷ୍ଠିତ କରି ବୈଶ୍ୱିକ ସତ୍ୟର ଉପଲବ୍ଧି ଆଡ଼କୁ ପ୍ରବୃତ୍ତ ହୋଇଥାଏ । ଏହା ଆମକୁ ଭଗବାନଙ୍କ ସହିତ ପ୍ରତ୍ୟକ୍ଷ ସମ୍ପର୍କ ସ୍ଥାପନ କରିବା ଲାଗି ଶିକ୍ଷା ଦେଇଥାଏ । ("Spiritual teaching is above religions and strives towards a global Truth. It teaches us to enter into direct relations with the Divine.")

(MCW, Vol. 12, p. 120) – The Mother

ଆଜିକାଲି ବିଭିନ୍ନ ଧାର୍ମିକ ସଭାମାନଙ୍କରେ ଯେଉଁ ପ୍ରବଚନ ଦିଆଯାଉଛି ସେଥିରେ କେତେ ଶାସ୍ତ୍ର-ଉଦ୍ଧୃତି, କାହାଣୀ ଓ ରସଯୁକ୍ତ କଥା କହି ଶ୍ରୋତାମାନଙ୍କର ମନୋରଞ୍ଜନ କରାଯାଉଛି । ସେଇ ଆଳରେ କେତେକେ ପ୍ରଚୁର ଧନ ଠୁଳ କରି, ବିଭିନ୍ନ ପ୍ରକାରେ ଲୋକଙ୍କୁ ପ୍ରଭାବିତ ଓ ସମ୍ମୋହିତ କରି ନିଜର ଏକ ଏକ ବିଶାଳ ସାମ୍ରାଜ୍ୟ ପ୍ରତିଷ୍ଠା କରୁଛନ୍ତି । ଜୀବନର ପରିବର୍ତ୍ତନ, ଚେତନାର ପରିବର୍ତ୍ତନ ଲାଗି କୌଣସି ଉଦ୍ୟମ ନାହିଁ, କେବଳ ଧର୍ମଗତ ଆଡ଼ମ୍ବର ଓ ଅହମିକାର ପ୍ରଦର୍ଶନ କରାଯାଉଛି । ଶ୍ରୀମା କହନ୍ତି – "All the theories and explanations and stories that lie at the base of each religion, all that seems to me... an amusement. And then one wonders, one wonders ... I will tell you one thing: might it not be a comedy that the Lord has played to Himself ?"

(MCW, Vol. 11, p. 134)

ଅର୍ଥାତ୍, ''ପ୍ରତ୍ୟେକ ଧର୍ମର ମୂଳରେ ଯେଉଁସବୁ ତତ୍ତ୍ୱ, ସିଦ୍ଧାନ୍ତ, ବ୍ୟାଖ୍ୟା ଓ କାହାଣୀ ରହିଛି ତାହା ମୋତେ ଏକ ଆମୋଦର ବ୍ୟାପାର ଭଳି ମନେ ହେଉଛି । ଏବଂ ତପୂରେ ଜଣେ ବିସ୍ମୟବିମୁଗ୍ଧ, ବିସ୍ମୟାବିଷ୍ଟ ହୋଇ ଯାଉଛି ।... ମୁଁ ତୁମକୁ ଗୋଟିଏ କଥା କହିବି : ସତେ ଯେପରି ଭଗବାନ୍ ନିଜେହିଁ ନିଜ ପାଇଁ ଏକ ମଉଜିଆ ସୁଖାନ୍ତକ ନାଟକ ପରିବେଷଣ କରିଛନ୍ତି ।''

ନୂତନ ଯୁଗରେ କୌଣସି ମିଥ୍ୟାଚାର ଚଳିବ ନାହିଁ । ମା' କହନ୍ତି ଯେ ଅତିମାନସ ଚେତନାର କ୍ରିୟା ଫଳରେ ଯେଉଁ ପ୍ରଥମ କ୍ରିୟା ଘଟିବ ତାହା ହେଉଛି ଆମର ଯେତେସବୁ ଛଳନା, କପଟତା ଓ ନିଷ୍ଠାହୀନତା ରହିଛି, ତାହା ଆଉ ତିଷ୍ଠି ରହିପାରିବ ନାହିଁ । ଆମେ ଯଦି ଅମାନିଆ ହୋଇ ଛଳନା ଓ କପଟତାର ଆଶ୍ରୟ ନେଉ, ଦର୍ପିତ ରାବଣ ଭଳି ଆତ୍ମବଡ଼ିମା ପ୍ରକାଶ କରୁ, ତାହାହେଲେ ଆମକୁ ପ୍ରଚଣ୍ଡ ପ୍ରହାର ସହ୍ୟ କରିବାକୁ ହେବ । ଆମେ ଅନ୍ତରରେ ନିଷ୍ଠାହୀନ ଓ ମିଥ୍ୟାଗ୍ରହୀ ହୋଇ ବାହାରକୁ ଜଣେ ସାଧୁପୁରୁଷ ବା ସାଧକ ଭଳି ନିଜକୁ ଦେଖାଇବାକୁ ଚେଷ୍ଟା କଲେ ତା'ର ଦାରୁଣ ପରିଣାମ ଭୋଗିବାକୁ ହେବ । ଶ୍ରୀଅରବିନ୍ଦ ତାଙ୍କ "The Hour of God" ଶୀର୍ଷକ ଲେଖାରେ ପ୍ରକାଶ କରିଛନ୍ତି – "In the hour of God cleanse thy soul of all self-deceit and hypocrisy and vain self-flattering ..." (CWSA, Vol. 12, p. 146)

ଅର୍ଥାତ୍, ''ଦେବ ମୁହୂର୍ତ୍ତରେ ଅନ୍ତରାତ୍ମାକୁ ନିର୍ମଳ କର, ସକଳ ଆତ୍ମପ୍ରବଞ୍ଚନା, କପଟତା, ମିଥ୍ୟା ଆତ୍ମଶ୍ଲାଘା ଦୂର କର ... ।''

ଏହି ଦେବ ମୁହୂର୍ତ୍ତ ଅତି ଭୀଷଣ, ସତେ ଯେପରି

ଅଗ୍ନି, ଘୂର୍ଣ୍ଣିବାୟୁ, ଝଞ୍ଜା ଓ ରୁଦ୍ରଙ୍କର ତାଣ୍ଡବ ପଦାଘାତର ସମୟ । ଆମେ ଯଦି ସତ୍ୟରେ ସ୍ଥିର ପ୍ରତିଷ୍ଠ ହୋଇ ନ ରହିବା ଆମେ ଦୁର୍ଗତି ଓ ଦୁର୍ଭାଗ୍ୟର ସମ୍ମୁଖୀନ ହେବା । ଯେଉଁ ନୂତନ ସତ୍ୟ ଆବିର୍ଭୂତ ହୋଇଛି, ଆମେ ଯଦି ତାହା ପ୍ରତି ଗ୍ରହଣଶୀଳ ଓ ସହଯୋଗୀ ନ ହେଉ, ଯଦି ଏହି ଅପୂର୍ବ ଅନନ୍ୟ ସୁଯୋଗର ସଦୁପଯୋଗ ନକରି ଶୋଇ ରହୁ, ନିଷ୍କ୍ରିୟ ଓ ନିଶ୍ଚେଷ୍ଟ ହୋଇ ରହୁ, ଯଦି ତା'ର ଅପବ୍ୟବହାର କରୁ, ତାହାହେଲେ ଆମକୁ ଅପୂରଣୀୟ କ୍ଷତି ବା ମହତୀ ବିନଷ୍ଟି ଭୋଗିବାକୁ ହେବ ।

ମନୁଷ୍ୟ ବର୍ତ୍ତମାନ ସଚରାଚର ନାନା ଦୃଷ୍ଟିରୁ ମାନସିକ ଭାବେ ଚାପଗ୍ରସ୍ତ । ଶିଶୁମାନେ ସୁଦ୍ଧା ପାଠପଢ଼ାର ବାଧ୍ୟବାଧକତା ଓ ମାତାପିତାଙ୍କ ଅତିରିକ୍ତ ପ୍ରତ୍ୟାଶାକୁ ନେଇ ଅନେକ ଭାବେ ଚାପଗ୍ରସ୍ତ; ମୁକ୍ତଭାବେ ଖେଳିବାକୁ ମଧ୍ୟ ସମୟ ଓ ସୁଯୋଗ ପାଉ ନାହାନ୍ତି ସେମାନେ । ଆଧୁନିକ ଯୁବଗୋଷ୍ଠୀ ବର୍ତ୍ତମାନ ନୈରାଶ୍ୟ ଜର୍ଜରିତ । ଜୀବନର ପ୍ରକୃତ ତାତ୍ପର୍ଯ୍ୟ ଓ ଉଦ୍ଦେଶ୍ୟ ବିଷୟରେ ସେମାନେ ସନ୍ଦିହାନ ଓ ଦ୍ୱନ୍ଦ୍ୱଗ୍ରସ୍ତ, ଅନିଶ୍ଚୟତା-ବୋଧକୁ ନେଇ ସେମାନେ ପ୍ରପୀଡ଼ିତ । ଅରବିନ୍ଦ କୌଶିକ ନାମକ ଜଣେ କବି ଏକ ପକ୍ଷୀର ରୂପକଳ୍ପ ବ୍ୟବହାର କରି ଆଧୁନିକ ଯୁବକର ମର୍ମବେଦନା ଓ ଦୁର୍ଦ୍ଦଶାକୁ ବର୍ଣ୍ଣନା କରି କହନ୍ତି –

"Spoke the bird, the tired bird,
The frustrated bird, the poor bird,
The angry bird, the crying bird,
The restless bird."

ଏଇ ମାନସିକ ଚାପ ବିଷୟରେ ଶ୍ରୀମା କହନ୍ତି – "One thing seems obvious, humanity has reached a certain state of general tension – tension in effort, in action, even in daily life – with such an excessive hyperactivity, so widespread a trepidation, that mankind as a whole seems to have come to a point where it must either break through the resistance and emerge into a new consciousness or else fall back into an abyss of darkness and inertia."

(MCW, Vol. 9, p. 296)

ଅର୍ଥାତ୍, ''ଗୋଟିଏ କଥା ସ୍ପଷ୍ଟ ଯେ ମାନବସମାଜ ସର୍ବସାଧାରଣଭାବେ ମାନସିକ ଚାପର ଏକ ନିର୍ଦ୍ଦିଷ୍ଟ ଅବସ୍ଥାରେ ଆସି ଉପନୀତ – ପ୍ରଚେଷ୍ଟାରେ ଚାପ, କର୍ମରେ ଚାପ, ଏପରିକି ଦୈନନ୍ଦିନ ଜୀବନରେ ବି ଚାପ – ଅତ୍ୟଧିକ ଅପରିମିତ କାର୍ଯ୍ୟକଳାପକୁ ନେଇ ସମସ୍ତେ ବ୍ୟସ୍ତ, ସମଗ୍ର ମାନବସମାଜର ଏମିତି ଏକ ବହୁବ୍ୟାପକ ଆଶଙ୍କା ଓ ଉଦ୍‌ବେଗ ଦେଖି ମନେ ହୁଏ ଯେ ଏହା ଏପରି ଏକ ସ୍ଥିତିରେ ଆସି ପହଞ୍ଚିଛି ଯେତେବେଳେ କି ଏହା ଆଗରେ ଦୁଇଟି ବିକଳ୍ପ ରହିଛି, ଗୋଟିଏ ହେଲା ପ୍ରତିରୋଧକୁ ଚୂର୍ଣ୍ଣୀଭୂତ କରି ଏକ ନୂତନ ଚେତନା ମଧ୍ୟକୁ ବାହାରି ଆସିବାକୁ ହେବ ଅଥବା ଅନ୍ଧକାର ଓ ତାମସିକତାର ଅତଳ ଗହ୍ୱର ମଧ୍ୟରେ ନିପତିତ ହେବାକୁ ପଡ଼ିବ ।''

ଅଧିକାଂଶ ମନୁଷ୍ୟ ଅଧୁନା କେବଳ ଖାଦ୍ୟବସ୍ତ୍ର, ଅର୍ଥ, ଆରାମ, ଆମୋଦପ୍ରମୋଦ ଓ ଭୌତିକ ସଫଳତାକୁ ନେଇ ଚିନ୍ତିତ ବା ବ୍ୟସ୍ତ । ସମସ୍ତେ ତୁଚ୍ଛ ବିଷୟଗୁଡ଼ିକୁ ନେଇ ତରବର । ("His little hour is spent in little things." – Savitri, p. 164) ଉଚ୍ଚତର ଜୀବନର ଚିନ୍ତା ପାଇଁ ସେମାନଙ୍କର ଅବକାଶ ନାହିଁ । ସମସ୍ତଙ୍କର ଗୋଟିଏ ଆପତ୍ତି – ''ଆଧ୍ୟାତ୍ମିକ ଜୀବନଧାରା ଓ ଉଚ୍ଚ ଆଦର୍ଶ ପାଇଁ ସମୟ ନାହିଁ ।'' ଏ ପରିସ୍ଥିତିରେ ୧୯୬୭ ମସିହାରେ ଶ୍ରୀମାଙ୍କ ପ୍ରଦତ୍ତ ନବବର୍ଷ ବାଣୀ ସ୍ମରଣୀୟ –

"Men, countries, continents!
The choice is imperative:
Truth or the abyss."

(MCW, Vol. 15, p. 180)

ଅର୍ଥାତ୍,

''ହେ ମନୁଷ୍ୟ, ଦେଶସକଳ ଓ ମହାଦେଶ ସକଳ !
ବାଛିନିଅ ଏକମାତ୍ର ପଥ :
ସତ୍ୟ ଅବା ରସାତଳ ।''

ଯେଉଁମାନେ ଚେତନା ଦୃଷ୍ଟିରୁ ନିଦ୍ରାଳୁ, ଆପଣାର ସୁଖପ୍ରଦ ନିଦ୍ରା ଓ ନିଶ୍ଚେଷ୍ଟତାକୁ ନେଇ ଆତ୍ମସନ୍ତୁଷ୍ଟ, ସେମାନଙ୍କ ପାଇଁ ଉପରୋକ୍ତ ବାଣୀଟି ସତର୍କ ଘଣ୍ଟି ସଦୃଶ । ଭୟ, ଅବିଶ୍ୱାସ ଓ ସ୍ୱାର୍ଥ ହେଉଛି ସେଇ ରସାତଳ ଯେଉଁଠି ମନୁଷ୍ୟ ନିକ୍ଷିପ୍ତ ହେଲେ ସେଇଠୁ ସୁରକ୍ଷିତ ହୋଇ ବାହାରି ଆସିବା ପ୍ରାୟତଃ ଅସମ୍ଭବ । ମାଆ କହନ୍ତି ଯେ ଏକ ସଂକୀର୍ଣ୍ଣ ବ୍ୟକ୍ତିଗତ ଜୀବନର ଯାବତୀୟତା ଭିତରେ ବ୍ୟସ୍ତ ହୋଇ ରହିବା ଠାରୁ ବଳି

ବିରକ୍ତିଜନକ ଓ ନିନ୍ଦନୀୟ ଜିନିଷ ଆଉ କିଛି ନାହିଁ । କେବଳ ପରିବାର ପରିଚାଳନାକୁ ନେଇ ସର୍ବଦା ଚିନ୍ତିତ ହୋଇ ରହିବା ହେଉଛି ଗାତ ଭିତରର ଜିଆର ଜୀବନ ସହ ସମାନ । 'ଅଧ୍ୟାତ୍ମ' ଶବ୍ଦର ଆକ୍ଷରିକ ଅର୍ଥ ହେଲା ଆପଣାକୁ ଅତିକ୍ରମ କରିଯିବା । ସୁତରାଂ ନୂତନ ଯୁଗର ଦୁଇଟି ପ୍ରଧାନ ଦାବି ହେଲା :

୧) ବ୍ୟକ୍ତିଗତ ଧାରଣା, ଆସ୍ଥା, ଅଭିରୁଚି ଓ ଅଭ୍ୟାସ ପ୍ରତି ଆସକ୍ତ ନହେବା, ପରିବାର ବା ଗୋଷ୍ଠୀ ପ୍ରତି ତଥା ଅତୀତର କୃତି, ସଂସ୍କାର ଓ ଆହରଣ ପ୍ରତି ମୋହାବିଷ୍ଟ ନହେବା ।

୨) କୌଣସି ସିଦ୍ଧି ବା ସଫଳତାରେ ସନ୍ତୁଷ୍ଟ ହୋଇ ନଯାଇ ଚେତନା କ୍ଷେତ୍ରରେ ନିରନ୍ତର ଅଗ୍ରଗତି କରି ଚାଲିବା ।

କିନ୍ତୁ ଆସକ୍ତି ପୂର୍ଣ୍ଣରୂପେ ତ୍ୟାଗ କରିବା ଏକ ସହଜ କଥା ନୁହେଁ । ମାର୍କଣ୍ଡେୟ ପୁରାଣ ଅନ୍ତର୍ଭୁକ୍ତ 'ଦେବୀ ମହାତ୍ମ୍ୟମ୍'ରେ ବର୍ଣ୍ଣିତ ଅଛି ଯେ ସୁରଥ ନାମରେ ଜଣେ ରାଜା ଯିଏକି ସିଂହାସନ ତଥା ରାଜ୍ୟରୁ ବିତାଡ଼ିତ ହୋଇଥିଲେ, ଏବଂ ସମାଧି ନାମକ ଜଣେ ବଣିକ ଯିଏକି ନିଜ ପରିବାର ଲୋକଙ୍କଠାରୁ ପରିତ୍ୟକ୍ତ ହୋଇଥିଲେ, ସେ ଦୁହେଁ ଋଷି ମେଧାଙ୍କ ପାଖକୁ ପରାମର୍ଶ ଲାଗି ଆସିଲେ । ସେମାନଙ୍କ ପ୍ରଶ୍ନ ଥିଲା – ରାଜ୍ୟ ଅଥବା ପରିବାରରୁ ପରିତ୍ୟକ୍ତ ଓ ପ୍ରତ୍ୟାଖ୍ୟାତ ହୋଇ ସୁଦ୍ଧା କିପରି ସେହି ରାଜ୍ୟ ବା ପରିବାର ପ୍ରତି ସେମାନଙ୍କ ତୀବ୍ର ଆସକ୍ତି ଅବଶିଷ୍ଟ ରହିଯାଇଛି । ସେମାନଙ୍କର ମୋହଭଙ୍ଗ କିପରି ହେଲା ନାହିଁ ? ଏହାର ଉତ୍ତରରେ ଋଷି ମେଧା କହିଥିଲେ ଯେ ଏହା ହେଉଛି ମହାମାୟାଙ୍କ ପ୍ରଭାବ । ବିଶ୍ୱଗତ ମାୟା ମନୁଷ୍ୟର ଜ୍ଞାନ, କର୍ମ ତଥା କର୍ମଫଳକୁ ଆଚ୍ଛାଦିତ ତଥା ବଶୀଭୂତ କରି ରଖିଥାଏ । ମନୁଷ୍ୟର ସଂକଳ୍ପ ଶକ୍ତି ଦୃଢ଼ ନଥିଲେ ସେ ସେହି ମାୟା ଦ୍ୱାରା ବିଭ୍ରାନ୍ତ ଓ ମୋହାବିଷ୍ଟ ହୋଇପଡ଼େ । ଜିଜ୍ଞାସୁଦ୍ୱୟଙ୍କ ଜିଜ୍ଞାସାକ୍ରମେ ମେଧା ଋଷି ପରାମର୍ଶ ଦେଲେ ଯେ ସେହି ମାୟାକୁ ଅତିକ୍ରମ କରିବାକୁ ତଥା ଆସକ୍ତିରୁ ମୁକ୍ତ ହେବାକୁ ହେଲେ ଦିବ୍ୟ ପରମାଜନନୀଙ୍କର ଶରଣାଗତ ହେବାକୁ ପଡ଼ିବ । କାରଣ ସିଏହିଁ ସକଳ ଜ୍ଞାନ ଓ ମୁକ୍ତିର ଆଦିମୂଳ । ଋଷିଙ୍କ ପରାମର୍ଶକ୍ରମେ ରାଜା ଓ ବଣିକ ଭକ୍ତି ଓ ତପସ୍ୟା ଦ୍ୱାରା ଦିବ୍ୟଜନନୀଙ୍କଠାରେ ଆତ୍ମସମର୍ପିତ ହେବାରୁ ତାଙ୍କର ଆଶୀର୍ବାଦ କ୍ରମେ ଜ୍ଞାନ ଓ ମୁକ୍ତି ଲାଭ କଲେ । ସେମାନଙ୍କ ମୋହଭଞ୍ଜନ ହେଲା ଏବଂ ସେମାନେ ଦିବ୍ୟଜନନୀଙ୍କ ଦର୍ଶନ ଲାଭ କରି ସତ୍ୟକୁ ଉପଲବ୍ଧି କଲେ । ସୁତରାଂ ନୂତନ ଯୁଗରେ ସକଳ ପ୍ରକାର ମୋହ, ଆସକ୍ତି ଓ ଭୌତିକ ଆକର୍ଷଣରୁ ମୁକ୍ତ ହେବାକୁ ହେଲେ କୃପାମୟୀ ଶ୍ରୀମାଙ୍କ ଚରଣରେ ଶରଣାପନ୍ନ ହେବାକୁ ପଡ଼ିବ ।

ଦ୍ୱିତୀୟତଃ, ନୂତନ ଚେତନା ପ୍ରତି କେବଳ ଏକ କୌତୂହଳ ପ୍ରକାଶ କଲେ ତାହା ଯଥେଷ୍ଟ ହେବ ନାହିଁ । ଆମେ ନିଜକୁ ସେହି ଚେତନା ପ୍ରତି ଉନ୍ମୀଳିତ କରି ନିରନ୍ତର ଅଗ୍ରଗତି କରିବା ଲାଗି ଦୃଢ଼ ପ୍ରୟାସ କରିବା ଆବଶ୍ୟକ । ଶ୍ରୀମା କହନ୍ତି – "What is indispensable in every case is the ardent will for progress, the willing and joyful renunciation of all that hampers the advance..." (MCW, Vol. 9, p. 159)

ଅର୍ଥାତ୍, ''ପ୍ରତ୍ୟେକ କ୍ଷେତ୍ରରେ ଅଗ୍ରଗତି ଲାଗି ଏକ ତୀବ୍ର ଇଚ୍ଛା ପୋଷଣ କରିବା ଏକାନ୍ତ ଅନିବାର୍ଯ୍ୟ । ଯାହା କିଛି ଅଗ୍ରଗତିକୁ ବ୍ୟାହତ କରୁଛି ସେସବୁକୁ ସ୍ୱଇଚ୍ଛାରେ ଓ ଆନନ୍ଦ ସହକାରେ ବର୍ଜନ କରିବାକୁ ହେବ ।''

ଯେଉଁମାନେ ନୂତନ ଜଗତ୍ ପାଇଁ ନିଜକୁ ପ୍ରସ୍ତୁତ କରିବାକୁ ଚାହିଁବେ, ସେମାନେ ଭଗବାନଙ୍କୁ ଛାଡ଼ି ଅନ୍ୟ କାହା ଉପରେ କଦାପି ଆଶ୍ରୟ କରିବେ ନାହିଁ, ଭଗବାନଙ୍କ ବ୍ୟତୀତ ଅନ୍ୟ କାହା ଦ୍ୱାରା ସେମାନଙ୍କ ପବିତ୍ର ଅଭୀଷ୍ଟ ପୂରଣ ହେବ ବୋଲି ସେମାନେ ଆଦୌ ଆଶା ରଖିବେ ନାହିଁ । ସେମାନେ ଗୋଟିଏ ପାଦ ସତ୍ୟ ଉପରେ ଏବଂ ଅନ୍ୟ ପାଦଟି ମିଥ୍ୟା ଉପରେ ସ୍ଥାପନ କରିବାକୁ ମୋଟେ ଚେଷ୍ଟା କରିବେ ନାହିଁ, ଅନ୍ୟଥା ସେମାନଙ୍କ ଜୀବନ ଦୁଃଖମୟ ଓ ଅସହ୍ୟ ହୋଇ ଉଠିବ ।

(କ୍ରମଶଃ)

❑❑❑

ସକଳ ଆନ୍ତରିକ ପ୍ରାର୍ଥନା ପୂର୍ଣ୍ଣ ହୁଏ, ସକଳ ଆହ୍ୱାନର ଉତ୍ତର ଦିଆଯାଇଥାଏ ।
– ଶ୍ରୀମା

# ଅଲୌକିକତା : ଶୁଭ ନା ଅଶୁଭ ?

ମନୋଜ ଦାସ

### ଜ୍ଞାନ ପର୍ଯ୍ୟାୟ

### କାରିକା - ୮୪

"The supernatural is that the nature of which we have not attained or do not yet know, or the means of which we have not yet conquered. The common taste for miracles is the sign that man's ascent is not yet finished."

(*Thoughts and Aphorisms,* Sri Aurobindo)

''ଅତି ପ୍ରାକୃତିକ (ବା ଅଲୌକିକ) ହେଲା ସେହି ଭଳି ବ୍ୟାପାର ଯାହାର ପ୍ରକୃତି ଆମେ ଆୟତ୍ତ କରି ନାହୁଁ କିଂବା ଯାହା ଆମେ ଅଦ୍ୟାବଧି ଜାଣି ନାହୁଁ କିଂବା ଯାହାର ଉପାୟ (ଯାହା ଘଟାଇବାର ଉପାୟ) ଆମେ ଜୟ କରି ନାହୁଁ । ଚମତ୍କାର (ଅଲୌକିକ ଘଟଣା) ପ୍ରତି ମଣିଷର ଯେଉଁ ଆକର୍ଷଣ ତାହା ଏହାହିଁ ଦର୍ଶାଉଛି ଯେ ମଣିଷର ଉତ୍ତରଣ ଅଦ୍ୟାବଧି ଶେଷ ହୋଇ ନାହିଁ ।''

### କାରିକା - ୮୫

"It is rationality and prudence to distrust the supernatural; but to believe in it is also a sort of wisdom."

(*Thoughts and Aphorisms,* Sri Aurobindo)

''ଅଲୌକିକତାକୁ ଅବିଶ୍ୱାସ କରିବା ହେତୁ-ସମ୍ମତ ତଥା ବିଜ୍ଞତା; କିନ୍ତୁ ସେଥିରେ ବିଶ୍ୱାସ କରିବା ମଧ୍ୟ ଏକ ପ୍ରକାର ବିଜ୍ଞତା ।''

### କାରିକା - ୮୬

"Great saints have performed miracles; greater saints have railed at them; the greatest have both railed at them and performed them."

(*Thoughts and Aphorisms,* Sri Aurobindo)

''ମହାନ୍ ସାଧୁସନ୍ଥମାନେ ଅଲୌକିକ ଘଟଣାମାନ ଘଟାଇଛନ୍ତି; ମହତ୍ତର ସାଧୁସନ୍ଥମାନେ ସେସବୁକୁ ଉପହାସ କରିଛନ୍ତି; ମହତ୍ତମ ସାଧୁସନ୍ଥମାନେ ସେସବୁ ପ୍ରତି ଉପହାସ ବି କରିଛନ୍ତି, ପୁଣି ସେସବୁ ସାଧନ ବି କରିଛନ୍ତି ।

*

ଆମ ଆଖି ଆଗରେ ନିୟତ ଅଦ୍ଭୁତ ଘଟଣାମାନ ଘଟି ଚାଲିଛି । କଳ ନାହିଁ, କବ୍‌ଜା ନାହିଁ – ପୃଥିବୀ ସୂର୍ଯ୍ୟ ଚାରିପଟେ ବୁଲି ଲାଗିଛି । ମହାଶୂନ୍ୟରେ ଏ ପୃଥିବୀଠୁଁ ଲକ୍ଷ ଲକ୍ଷ ଗୁଣ ବଡ଼ ସୂର୍ଯ୍ୟ ଝୁଲି ରହିଛି; ଝୁଲନ୍ତ ରହିଛନ୍ତି ଅସଂଖ୍ୟ ନକ୍ଷତ୍ର; ମାଟିରୁ ପ୍ରକଟ ହେଉଛନ୍ତି କେତେ କିସମର ଫୁଲ; କୌଣସି ଶିଳ୍ପୀ ତୂଳି ଧରି ସେମାନଙ୍କୁ ରଙ୍ଗିନ କରୁ ନାହିଁ; କେହି ସେମାନଙ୍କ ଉପରେ ଅତର ସିଞ୍ଚନ କରି ସେମାନଙ୍କୁ ସୁବାସିତ କରୁ ନାହିଁ । ମାଟି, ପବନ, ପାଣି ଏବଂ ସୂର୍ଯ୍ୟକିରଣ ଏସବୁ ଚମତ୍କାର ବିଭୂତି ଦେଖାଇ ଚାଲିଛନ୍ତି । ଆମେ କିନ୍ତୁ ଏସବୁରେ ଅଭିଭୂତ ଅନୁଭବ କରୁନା । କେହି ହାତମୁଠା ଭିତରୁ ମୁଦିଟିଏ ବା ସେମିତି କିଛି ବାହାର କରି ଦେଲା, ତାହା ଆମ ପାଇଁ ଚମତ୍କାର !

ଆମ ମନ ଓ ଚିନ୍ତାଶକ୍ତି ଅପରିଣତ ହୋଇ ନଥିଲେ ଆମେ ଏଡ଼େ ସହଜରେ ହବୁ ବିଦ୍ୟା ଦ୍ୱାରା ମୁଗ୍ଧ ହୁଅନ୍ତୁ କି ?

ଯେଉଁ ସାଧୁ ବା ଯୋଗୀ ହବୁ ବିଦ୍ୟା (ବିଭୂତି, ଚମତ୍କାର – ଏମିତି କେତେ ନାମ ରହିଛି) ଦେଖାନ୍ତି, ସିଏ ଯେ ଯାଦୁକର ଭଳି ହାତ ସଫେଇ ବା ଯାନ୍ତ୍ରିକ କୌଶଳ ମାଧ୍ୟମରେ ସେ କାମଟି କରନ୍ତି – ତାହା ନୁହେଁ । ସେମାନେ କିଛି ଅତିଭୌତିକ ଶକ୍ତି ଆୟତ୍ତ କରିଥା'ନ୍ତି । ଯେମିତି ପ୍ରକୃତି ଭିତରେ ଲୁଚି ରହିଥିବା ସ୍ଥୂଳ ଶକ୍ତି ଆୟତ୍ତ କରି ଆମେ କେତେ ଅପୂର୍ବ ବୈଜ୍ଞାନିକ କୃତିତ୍ୱ ପ୍ରଦର୍ଶନ କରି ପାରୁଛୁ, ସେମିତି ପ୍ରକୃତି-ନିହିତ ସୂକ୍ଷ୍ମ ଶକ୍ତି ଆୟତ୍ତ କରି ବହୁ ପ୍ରକାର ଅତିଭୌତିକ କୃତିତ୍ୱ ପ୍ରଦର୍ଶନ କରିବା ସମ୍ଭବ । କିନ୍ତୁ ସେସବୁ ଆଧ୍ୟାତ୍ମିକତା ନୁହେଁ । କାହାରି ଚେତନାରେ ସେସବୁ କୌଣସି ଉନ୍ନତି ବିଧାନ କରନ୍ତି ନାହିଁ ।

ଉପରୋକ୍ତ ତିନୋଟି କାରିକାରୁ ଶେଷ ଗୋଟିକରେ ଶ୍ରୀଅରବିନ୍ଦ ଚମକାଇ ଦେବା ଭଳି କଥା କହୁଛନ୍ତି ।

ପ୍ରଥମ ଦୁଇ ଧରଣର ସାଧୁସନ୍ଥଙ୍କର – ଅର୍ଥାତ୍ 'ଚମତ୍କାର' ସାଧନ କରୁଥିବା ଏବଂ ତାକୁ ଉପହାସ କରୁଥିବା

ସାଧୁସନ୍ଥଙ୍କ ଆଭିମୁଖ୍ୟ ଆମ ଆଲୋଚନା ଭିତରେ ମୋଟାମୋଟି ସ୍ପଷ୍ଟ ହୋଇଯାଇଛି । ତୃତୀୟ ପର୍ଯ୍ୟାୟର ମହାପୁରୁଷମାନେ ମୋକ୍ଷ-ପ୍ରାପ୍ତ ଆତ୍ମା; ସଂପୂର୍ଣ୍ଣ ସ୍ୱାଧୀନ । ସେମାନେ କୌଣସି ନୀତି-ନିୟମ ଦ୍ୱାରା ସୀମିତ ନୁହନ୍ତି । ଏହାର ଅର୍ଥ ନୁହେଁ ଯେ ସେମାନେ ଖାମ୍‌ଖିଆଲି ବା ନୈରାଜ୍ୟବାଦୀ । ସେମାନଙ୍କ ଆଚରଣ ସଂପୂର୍ଣ୍ଣ ଭାବରେ ଦିବ୍ୟ ପ୍ରେରଣା ଦ୍ୱାରା ପରିଚାଳିତ । ଅର୍ଥାତ୍, ସେମାନଙ୍କ କର୍ମ ଦିବ୍ୟ କରୁଣାର ପରିପ୍ରକାଶ । ଦିବ୍ୟ କରୁଣାକୁ କେଉଁ ନୀତିନିୟମ ବାନ୍ଧି ରଖିବ ?

ଯିଶୁଖ୍ରୀଷ୍ଟ ସ୍ୱୟଂ କେତେ 'ଚମତ୍କାର' ପ୍ରଦର୍ଶନ କରିଛନ୍ତି । ସେ ଅନ୍ଧକୁ ଦୃଷ୍ଟିଦାନ, ମୃତକୁ ପ୍ରାଣଦାନ ଦେଇଛନ୍ତି । ସଙ୍ଗେ ସଙ୍ଗେ Sermon on the Mountରେ ସେ ତାଙ୍କ ଭାବୀ ଅନୁଗତମାନଙ୍କୁ ଚେତାବନୀ ଶୁଣାଇ ଦେଇଛନ୍ତି – ତାଙ୍କ ଦୁହାଇ ଦେଇ କେହି ଯଦି ହବୁବିଦ୍ୟା ଦେଖାଏ – ତାଙ୍କ ଗୌରବ ବୃଦ୍ଧି ହେବ ଏହି ଯୁକ୍ତିରେ, ସେ କଦାପି ସେଭଳି ଯୁକ୍ତି ପ୍ରତି କର୍ଣ୍ଣପାତ କରିବେ ନାହିଁ ।

ଶ୍ରୀଅରବିନ୍ଦଙ୍କ କାରିକାଟିର ପ୍ରକୃଷ୍ଟ ଜୀବନ୍ତ ତାତ୍ପର୍ଯ୍ୟ ଆମେ ପାଇଥାଉ ବୌଦ୍ଧ କିଂବଦନ୍ତିରେ । ବୁଦ୍ଧଦେବ ତାଙ୍କ ମହାପ୍ରୟାଣ ପୂର୍ବରୁ ତାଙ୍କ ପ୍ରମୁଖ ଶିଷ୍ୟମାନଙ୍କୁ ତାଙ୍କ ବାଣୀ ପ୍ରଚାର ନିମନ୍ତେ ପ୍ରେରଣା ଦେଇଥିଲେ ଠିକ୍; କିନ୍ତୁ ସେ କାର୍ଯ୍ୟଟି ସୁବିଧାରେ କରିବା ନିମନ୍ତେ 'ଚମତ୍କାର' ପ୍ରଦର୍ଶନ କରିବାକୁ ସେ କଡ଼ାକଡ଼ି ଭାବରେ ନିଷେଧ କରି ଦେଇଥିଲେ ।

ଗୁରୁଙ୍କ ମହାପ୍ରୟାଣ ଅନ୍ତେ ତାଙ୍କର ଅନ୍ୟତମ ବିଶ୍ୱସ୍ତ ଶିଷ୍ୟ ଆନନ୍ଦ ତାଙ୍କ ବାଣୀ ପ୍ରଚାର ନିମନ୍ତେ ଦୂରଦୂରାନ୍ତର ଚାଲିଲେ । ଯାଇ ପହଞ୍ଚିଲେ ତାଙ୍କ ପାଇଁ ଅଜଣା ଏକ ରାଜ୍ୟରେ । ରାତିରେ ସେ ଜଣେ ସୌଦାଗରଙ୍କର ଅତିଥି ହେଲେ । ସୌଦାଗରଙ୍କ ପରିବାରର ସଭିଏଁ ବଡ଼ ଦୁଃଖାଭିଭୂତ, ମ୍ରିୟମାଣ । କାରଣ ସୌଦାଗରଙ୍କ ଏକମାତ୍ର ପୁତ୍ର କେତେଦିନ ଧରି ଅସୁସ୍ଥ ଅଥବା ଭୂତାବିଷ୍ଟ ହୋଇ ରହିଛି । ରାଜ୍ୟର ସମସ୍ତ ଜଣାଶୁଣା ବୈଦ୍ୟ, ଓଝା ଏବଂ ଗୁଣୀ ତାକୁ ସେ ବ୍ୟାଧି ବା ଦୁଷ୍ଟଶକ୍ତି କବଳରୁ ମୁକ୍ତ କରିବା ଦିଗରେ ଯଥାସାଧ୍ୟ ପ୍ରୟାସ କରି ସାରିଲେଣି । କିନ୍ତୁ ସମସ୍ତେ ଅସଫଳ । ସେ ପରିସ୍ଥିତିରେ ଆନନ୍ଦଙ୍କ ତତ୍ତ୍ୱ କଥା ଶୁଣିବ କିଏ ?

ମଧ୍ୟ ରାତ୍ରରେ କାହାରି ହସରେ ଚମକି ପଡ଼ି ଶଯ୍ୟାରେ ଉଠି ବସିଲେ ଆନନ୍ଦ । ସମ୍ମୁଖରେ ଦଣ୍ଡାୟମାନ ଏକ ଅସ୍ୱାଭାବିକ ଛାୟାମୂର୍ତ୍ତି । ପ୍ରଦୀପର ଆଲୋକରେ କେତେବେଳେ ଭୟଙ୍କର ଦିଶୁଛି ତ କେତେବେଳେ ଦିଶୁଛି ଏକାନ୍ତ ସୁବୋଧ, ନିରୀହ ସତ୍ତାଟିଏ ।

''ଶୁଣ ଆନନ୍ଦ, ତୁମ ପ୍ରବଚନରେ ଏ ରାଜ୍ୟର ଲୋକେ ପ୍ରଭାବିତ ହେବେ, ସେ ଆଶା ସୁଦୂରପରାହତ । ପ୍ରଥମ କଥା, ତୁମେ ତାଙ୍କ ପାଇଁ କିଏ ? ତୁମ ପ୍ରବଚନକୁ ସେମାନେ ଶୁଣିବାକୁ ଆସିବେ ବା କାହିଁକି ?'' – ପ୍ରଶ୍ନ କଲା ପ୍ରେତାତ୍ମା ।

''ତୁମେ କ'ଣ କହିବାକୁ ଚାହଁ ?'' ପ୍ରଶ୍ନ କଲେ ବିସ୍ମିତ ଆନନ୍ଦ ।

''ତୁମ ସହାୟତା ପାଇଁ ଯାହାକିଛି କହିବାକୁ ଚାହେଁ । ଶୁଣ, ସୌଦାଗର-ନନ୍ଦନକୁ କାବୁ କରି ରଖିଛି ମୁଁ । ତୁମେ ତାକୁ ପ୍ରେତମୁକ୍ତ କରିଦେବ ବୋଲି ଜଣାଇ ଦିଅ । ତାକୁ ଆଗରେ ବସାଇ ବୁଦ୍ଧଙ୍କ ନାମ ଉଚ୍ଚାରଣ କରିବ । ମୁଁ ସେ ଟୋକାକୁ ଛାଡ଼ି ଦେବି । ସେ ନିରାମୟ ହେବା ସଙ୍ଗେ ସଙ୍ଗେ ଏ ମୁଲକ ବ୍ୟାପୀ ତୁମେ ହେବ ଏକ ବିରାଟ ଆକର୍ଷଣ । ଯେଉଁ ନାମ ଉଚ୍ଚାରଣ କରି ତୁମେ ଟୋକାକୁ ପ୍ରେତମୁକ୍ତ କଲ, ସେ ନାମ ସଂପର୍କରେ ଲୋକଙ୍କର ହେବ ଅଦମ୍ୟ କୌତୂହଳ । ବାସ୍, ତୁମର ଅଭିଯାନ ହେବ ସଫଳ । ଦ୍ୱିଧା କର ନାହିଁ । ମୋ ପ୍ରସ୍ତାବ ଅଗ୍ରାହ୍ୟ କରିବା ହେବ ମୂଢ଼ତା ।''

ଆନନ୍ଦ ଶିହରି ଉଠିଲେ । ଅବଶ୍ୟ ଗୁରୁଙ୍କ ଚେତାବନୀ ତତ୍‌କ୍ଷଣାତ୍ ସ୍ମରଣକୁ ଆସିଗଲା । କିନ୍ତୁ ସେ ନିଜକୁ ଯୁକ୍ତି ଯୋଗାଇ ଦେଲେ – ସେ ନିଜେ ତ କିଛି କରୁ ନାହାନ୍ତି – ଯାହା କରିବାର ପ୍ରେତାତ୍ମା କରିବ । ସେଥିରେ ଯଦି ତାଙ୍କ ଆଭିମୁଖ୍ୟ ସାଫଲ୍ୟମଣ୍ଡିତ ହେବ ତେବେ କ୍ଷତି କ'ଣ ?

ପ୍ରଲୋଭନ ଚରିତାର୍ଥ କରିବା ସକାଶେ ଯୁକ୍ତିର ଅଭାବ କଦାଚ ହୁଏ ନାହିଁ ।

ପରଦିନ ପ୍ରେତାତ୍ମାର ପରାମର୍ଶ ଅନୁସାରେ ଆନନ୍ଦ ସୌଦାଗର-ପୁତ୍ରକୁ ନିରାମୟ କରିପାରିବାର ଘୋଷଣା କରିଦେଲେ ।

ଟୋକାକୁ ସ୍ନାନ କରାଇ ଶତେକ କୌତୂହଳୀ ନରନାରୀଙ୍କ ବେଷ୍ଟନୀ ମଧ୍ୟରେ ଆନନ୍ଦ 'ବୁଦ୍ଧଂ ଶରଣଂ ଗଚ୍ଛାମି' ବୋଲି କହି ତାହା ଉପରେ ଝାଡ଼ଫୁଙ୍କର ଅଭିନୟ କଲେ । ଚାହୁଁ ଚାହୁଁ ଟୋକା ହେଲା ପ୍ରକୃତିସ୍ଥ । ଅବିଳମ୍ବେ ସଭିଏଁ ବୁଝିଲେ, ନବାଗତ ସନ୍ନ୍ୟାସୀ 'ଚମତ୍କାର' ସାଧନ କରିଛନ୍ତି ।

ପ୍ରତିପତ୍ତିଶାଳୀ ସାଧବ ପରିବାରର ସଭିଏଁ ତାଙ୍କ ପାଦସ୍ପର୍ଶ କଲେ । ପାଖ ପଡ଼ୋଶୀମାନେ ବା ପଛରେ ପଡ଼ିବେ

କାହିଁକି ! ଆନନ୍ଦ ବର୍ତ୍ତମାନ ପ୍ରଭାବଶାଳୀ ବ୍ୟକ୍ତିତ୍ୱ । ତାଙ୍କ ବାର୍ତ୍ତା ଶ୍ରବଣ ନିମନ୍ତେ ବେଳେ ବେଳେ ହେଲା ଜନସମାବେଶ ।

କେଇ ମାସ ପରେ ଦିନେ ରାତିରେ ହଠାତ୍ ମହାମନ୍ତ୍ରୀଙ୍କ କନ୍ୟାରତ୍ନଟି ଦାସଦାସୀ ଓ ଏପରିକି ମାତାପିତାଙ୍କୁ କାମୁଡ଼ାକାମୁଡ଼ି କରିବାକୁ ଆରମ୍ଭ କରିଦେଲା ଓ ବିକଟ ଅଟ୍ଟହାସ୍ୟ କରି ନିଜ ଭବିଷ୍ୟତ୍ ବିପନ୍ନ କଲା । ପରଦିନ ରାତିରେ ସେହି ଶୁଭେଚ୍ଛୁ ପ୍ରେତାତ୍ମା ଆନନ୍ଦଙ୍କୁ ନିଦରୁ ଉଠାଇ କହିଲା, ''ଆସିଗଲା ବିପୁଳ ସୌଭାଗ୍ୟ । ମନ୍ତ୍ରୀ ମହାଶୟ ରଥ ପ୍ରେରଣ କରିବେ । ପ୍ରସ୍ତୁତ ରୁହ । କନ୍ୟାକୁ ମୁଁ ଆୟତ୍ତ କରିଛି । ତମେ ଯାଇ ଝାଡ଼ଫୁଙ୍କ କଲେ ଛାଡ଼ିଦେବି । ତେଣିକି ତମ ପଥ ପ୍ରଶସ୍ତ !''

ତାହାହିଁ ହେଲା । ରଥ ସମେତ ଦୁଇ ଦୁଇ ଜଣ ଉପମନ୍ତ୍ରୀ ଆସି ଆନନ୍ଦଙ୍କୁ ଅଭିବାଦନ କରି ରାଜନବର ସମୀପବର୍ତ୍ତୀ ମହାମନ୍ତ୍ରୀଙ୍କ ପ୍ରାସାଦକୁ ନେଇଗଲେ । ମନ୍ତ୍ରୀ କଲେ ଯଥାରୀତି ଅଭ୍ୟର୍ଥନା । ଆନନ୍ଦ ଯାଇ 'ବୁଦ୍ଧଂ ଶରଣଂ ଗଚ୍ଛାମି' ଆବୃତ୍ତି କଲେ ଏବଂ ଝାଡ଼ଫୁଙ୍କର ଅଭିନୟ କଲେ । ପ୍ରେତାତ୍ମା କନ୍ୟାକୁ ଛାଡ଼ି ବାହାରି ଗଲା । ସଲଜ୍ଜ କନ୍ୟା ଓଢ଼ଣା ଟାଣି ଜୁଳୁଜୁଳୁ ଅନାଇ ଜନନୀଙ୍କୁ ଠାବ କରି ତାଙ୍କ କୋଳକୁ ଆଉଜି ଗଲା ।

ଅମାତ୍ୟବର୍ଗ ଦେଲେ ଆନନ୍ଦଙ୍କ ଜୟ ଧ୍ୱନି । ତାଙ୍କୁ ଦିଆଗଲା ଗୁରୁତୁଲ୍ୟ ମାନ୍ୟତା । ଆନନ୍ଦ ସୁରୁଖୁରୁରେ ବୁଦ୍ଧବାଣୀ ପ୍ରଚାର କଲେ । ରାଜାଙ୍କ ଆଦେଶ — ଆଜି ଏ ସାହିର ଲୋକେ, କାଲି ସେ ସାହିର ଲୋକେ ପାଳି କରି ଆସି ଆନନ୍ଦଙ୍କ ପ୍ରବଚନ ଶୁଣିବା ଚାହି — ତାହା ନକଲେ ସାମୂହିକ ଜୋରିମାନା ଦେବେ । ମଧ୍ୟେ ମଧ୍ୟେ ଆନନ୍ଦ ଭାବୁଥା'ନ୍ତି : ସେ କ'ଣ ବାସ୍ତବରେ ନିଜ କର୍ତ୍ତବ୍ୟ ତୁଲାଉଛନ୍ତି ? ଏକ ଦିଗରେ ଜଣେ କରିତ୍କର୍ମା ରୂପେ ତାଙ୍କ ଖ୍ୟାତି ଏବଂ ଅନ୍ୟ ଦିଗରେ ରାଜାଙ୍କ ଆଦେଶ — ଏହି ଦୁଇ ପ୍ରଭାବ ମାଧ୍ୟମରେ ସେ ଲୋକଙ୍କ ହୃଦୟରେ ଶାନ୍ତି ଓ ଆଲୋକ ପ୍ରବର୍ତ୍ତନ କରୁଛନ୍ତି ତ ? ଲୋକେ ଅବଶ୍ୟ ସବିସ୍ମୟ ତାଙ୍କ ବାର୍ତ୍ତା ଶୁଣୁଛନ୍ତି; ତାଙ୍କୁ ହତଚକିତ ଭାବରେ ଅନାଇ ରହୁଛନ୍ତି । କିନ୍ତୁ ସେମାନଙ୍କ ଚେତନାରେ ତାଙ୍କ ଅଭିଭାଷଣ ରେଖାପାତ କରୁଛି କେତେଦୂର ?

ଏସବୁ ପ୍ରଶ୍ନର ଉତ୍ତର ନିଜ ଅନ୍ତରରୁ ଆବିଷ୍କାର କରିବା ପାଇଁ ତାଙ୍କୁ ସୁଯୋଗ ମିଳୁ ନଥିଲା । ପ୍ରଶଂସା, ପ୍ରଶସ୍ତି, କୋଳାହଳ ଇତ୍ୟାଦି ଭିତରେ ସେ ହୋଇଥିଲେ ବନ୍ଦୀ ।

ଅକସ୍ମାତ୍ ଦିନେ ରାଜା ହେଲେ ଶଯ୍ୟାଶାୟୀ । ଅବସ୍ଥା ସଂକଟାପନ୍ନ । ମନ୍ତ୍ରୀ ସମଭିବ୍ୟାହାରେ ସ୍ୱୟଂ ରାଣୀ ଆସି ଆନନ୍ଦଙ୍କୁ ଅଭିବାଦନ ଜଣାଇ କହିଲେ, ''ଆପଣ ଥାଉଁ ଥାଉଁ ରାଜବୈଦ୍ୟମାନଙ୍କ ଚିକିତ୍ସାରେ ସମୟ ଅପଚୟର କି ବା ପ୍ରୟୋଜନ ? ଆପଣ ତ ନିମେଷକେ ତାଙ୍କୁ ବ୍ୟାଧିମୁକ୍ତ କରିଦେବେ । ଚାଲନ୍ତୁ ।''

ଆନନ୍ଦଙ୍କୁ ଚତୁର୍ଦ୍ଦିଗ ଅନ୍ଧକାର ଦିଶିଲା । ରାଜାଙ୍କ ବ୍ୟାଧି ହୃଦ୍‌ଘାତ ହୋଇ ଥାଇପାରେ, ହୋଇ ଥାଇପାରେ ଅନ୍ୟ କୌଣସି ମାରାତ୍ମକ ହେତୁର ଆକ୍ରମଣ । ତାହା ପ୍ରେତାତ୍ମାଜନିତ ନୁହେଁ ନିଶ୍ଚୟ । ସେପରି ହୋଇଥିଲେ ପ୍ରେତାତ୍ମା ତାଙ୍କୁ କହିଥା'ନ୍ତା ! ସେ କରିବେ କ'ଣ ?

''ସଙ୍ଗେ ସଙ୍ଗେ ଯିବା ଠିକ୍ ହେବ ନାହିଁ । ମତେ ଉପଯୁକ୍ତ ମୁହୂର୍ତ୍ତକୁ ଅପେକ୍ଷା କରିବାକୁ ପଡ଼ିବ । ଆଗାମୀ କାଲି ସକାଳେ ଦେଖାଯିବ ।'' — ଆନନ୍ଦ କହିଲେ ।

ରାଣୀ ଏବଂ ମନ୍ତ୍ରୀ ବିଶେଷ ପ୍ରୀତ ହେଲେ ବୋଲି କହି ହେବ ନାହିଁ । ଅଗତ୍ୟା 'ତାହାହିଁ ହେଉ' କହି ବାହୁଡ଼ି ଗଲେ । ଅବସନ୍ନ ଅନୁଭବ କଲେ ଆନନ୍ଦ । ଉପଯୁକ୍ତ ମୁହୂର୍ତ୍ତକୁ ଅପେକ୍ଷା ? — ସେ ମିଥ୍ୟାଚାର କରିଛନ୍ତି ।

ରାତିର ପ୍ରଥମ ପ୍ରହରରେ କେହି ଅପରିଚିତ ଯୁବକ ଆସି ତାଙ୍କ ଆଗରେ ଠିଆହେଲେ । ପରେ ପରେ ଆଗନ୍ତୁକ ନିଜ ମୁଖମଣ୍ଡଳରୁ ସୂକ୍ଷ୍ମ ମୁଖା ଖୋଲିଦେଲେ । ଚମକି ପଡ଼ିଲେ ଆନନ୍ଦ । ତାଙ୍କ ଆଗରେ ଉଭା ଯୁବରାଜ । ନିର୍ମମ ଓ ବିଭୀଷଣ ଭାବରେ କୁଖ୍ୟାତ ।

''କ'ଣ କରିବାକୁ ଯାଉଛ ସନ୍ନ୍ୟାସି ! ପିତୃଦେବଙ୍କୁ ବ୍ୟାଧିମୁକ୍ତ କରିବ ଆଗାମୀ କାଲି ?'' — ଯୁବରାଜ ପ୍ରଶ୍ନ କଲେ ।

ଇତସ୍ତତଃ କରି ଆନନ୍ଦ କହିବାକୁ ଯାଉଥିଲେ କି ସେ ଅବଶ୍ୟ ପ୍ରାଣପଣ ପ୍ରୟାସ କରିବେ । କିନ୍ତୁ ତାଙ୍କୁ କିଛି କହିବାକୁ ଦେଲେ ନାହିଁ ଯୁବରାଜ ।

''ଶୁଣ ସନ୍ନ୍ୟାସି ! ଖବରଦାର ! ରାଜାଙ୍କୁ ଆରପାରିକୁ ଯିବାକୁ ବାଟ ଛାଡ଼ିଦିଅ । ବରଂ ଯଦି ପାରିବ, ତେବେ ଯଥାଶୀଘ୍ର ସେ ବାଟ ସୁଗମ କରିଦିଅ । ବୁଝୁଛଟି ? ସେ କ'ଣ ଯଥେଷ୍ଟ କାଳ ରାଜୁତି କରି ନାହାନ୍ତି ? ମୁଁ କ'ଣ ଖାଲି ରାଜମୁକୁଟ ଆଡ଼େ ଅନାଇ ଅନାଇ ଦିନ କାଟୁଥିବି ? ଏଥର ମୁଁ କରେ ସିଂହାସନାରୋହଣ; ପୂଜ୍ୟ ପିତୃଦେବ କରନ୍ତୁ ଚିତାରୋହଣ — ଉତ୍କୃଷ୍ଟ ଚନ୍ଦନ କାଠ ସମ୍ବଳିତ ଚିତା !''

ଅଟ୍ଟହାସ୍ୟ କଲେ ଯୁବରାଜ । ଚାଲିଗଲେ ପୁଣି ମୁଖା ପିନ୍ଧି ।

ଆନନ୍ଦଙ୍କ ବିନିଦ୍ର ରଜନୀ ପ୍ରଭାତ ହେଲା — ଆସିଗଲେ ମନ୍ତ୍ରୀ ।

''କେତେବେଳେ ଆରୋଗ୍ୟାନୁଷ୍ଠାନ ହେବ ?'' — ସେ ପ୍ରଶ୍ନ କଲେ ।

''ମନ୍ତ୍ରୀବର ! ମୋତେ କ୍ଷମା କରନ୍ତୁ । ରାଜାଙ୍କୁ ନିରାମୟ କରିବା ମୋ ସାଧ୍ୟର ଅତୀତ । ରାଜବୈଦ୍ୟମାନଙ୍କୁ ତାଙ୍କ କର୍ତ୍ତବ୍ୟ କରିବାକୁ ଦିଅନ୍ତୁ ।''

ମନ୍ତ୍ରୀ ଦୀର୍ଘଶ୍ୱାସ ଛାଡ଼ି ପ୍ରସ୍ଥାନ କଲେ । କିଛି ସମୟ ପରେ ଆସି ପହଞ୍ଚିଲେ କଟୁଆଳ । ତାଙ୍କ ସାଥିରେ କେତେଜଣ ପ୍ରହରୀ ।

''ସନ୍ନ୍ୟାସୀପ୍ରବର ! ଆପଣଙ୍କୁ କାରାରୁଦ୍ଧ କରିବାର ଅପ୍ରିୟ କର୍ତ୍ତବ୍ୟ ମୋତେ କରିବାକୁ ପଡୁଛି । ମହାରାଣୀଙ୍କ ଆଦେଶ । ଯେଉଁ 'ଚମତ୍କାର' ଦ୍ୱାରା ଆପଣ ସୌଦାଗର-ପୁତ୍ର ଏବଂ ଖୋଦ୍ ମହାମନ୍ତ୍ରୀଙ୍କ ଦୁହିତାଙ୍କୁ ଆରୋଗ୍ୟ କଲେ, ମହାରାଜାଙ୍କ ଉପରେ ସେ ଚମତ୍କାର ପ୍ରୟୋଗ ନ କରିବେ କାହିଁକି ? ଆପଣ ଆମ ଆଶାନୁଯାୟୀ କାର୍ଯ୍ୟ କରିବା ନିମନ୍ତେ ସମ୍ମତ ହେବା ମାତ୍ରେ ଆପଣଙ୍କୁ ମୁକ୍ତି ମିଳିବ । ସେଯାଏଁ ଆପଣଙ୍କୁ କାରାକକ୍ଷରେ ଅନାହାରରେ ରହିବାକୁ ପଡ଼ିବ ।''

ଏଥୁ ଅନ୍ତେ କଟୁଆଳ ତାଙ୍କ କର୍ତ୍ତବ୍ୟ କଲେ । ଆନନ୍ଦ ହେଲେ କାରାରୁଦ୍ଧ ।

କାହାର ପ୍ରଚଣ୍ଡ ନିର୍ଘୋଷ ଶୁଭିଲା — ''ସନ୍ନ୍ୟାସୀ ପିତାଙ୍କୁ ଆରୋଗ୍ୟ କରିବାକୁ ଅସମ୍ମତ ? ଦେଖିବା ସେ କେଡ଼େ ଉଦ୍ଧତ !''

ଯୁବରାଜ ପ୍ରକାଶ୍ୟରେ ଏମନ୍ତ ନିନାଦ କରି କାରାକକ୍ଷ ଭିତରକୁ ଆସି ଆନନ୍ଦଙ୍କୁ ସ୍ୱର ମନ୍ଦୀଭୂତ କରି କହିଲେ, ''ମନେ ରଖ, ରାଜାଙ୍କ ଚିରବିଦାୟର ପଥ ଯେତେ ଶୀଘ୍ର ଉନ୍ମୁକ୍ତ ହୋଇପାରିବ, ସେହି ଚମତ୍କାର ସାଧନ କର । ତୁମକୁ ପିନ୍ଧାଇବି ରତ୍ନହାର । ସିପାହିମାନେ ଯାଇ ଚାବୁକ୍ ମାରି ଲୋକଙ୍କୁ ଆଣି ତୁମ ଆଗରେ ଠୁଳ କରିବେ — ତୁମେ ଶୁଣାଇବ ତୁମ ପ୍ରବଚନ । ଶୁଣାଇ ଚାଲିଥିବ ଯେତେ କାଳ ଇଚ୍ଛା । ହେଲା ?''

କିଂକର୍ତ୍ତବ୍ୟବିମୂଢ଼ ଆନନ୍ଦଙ୍କ ଆଗରେ ରାତ୍ରିର ପ୍ରଥମ ପ୍ରହରରେ ପ୍ରତିଭାତ ହେଲା ତାଙ୍କ ସୁପରିଚିତ ପ୍ରେତାତ୍ମା । ହସିଲା ଓ କହିଲା, ''ରାଜାଙ୍କ ଅସୁସ୍ଥତା ମୁଁ ଭିଆଇ ନାହିଁ । ତେବେ କିଞ୍ଚିତ୍ ଆଗତ ଭବିଷ୍ୟତ୍ ମୋତେ ଦିଶିଯାଏ । ତାଙ୍କ ମୃତ୍ୟୁ ଅନିବାର୍ଯ୍ୟ । ତୁମେ ତେଣୁ ଯୁବରାଜଙ୍କୁ ଜଣାଇଦିଅ — ତୁମେ ତାଙ୍କ କଥା ମାନି ରାଜାଙ୍କ ପ୍ରତି ଯାହା କରିବାର କରୁଛ, ଅର୍ଥାତ୍ ରାଜା ମରିବେ । ଯୁବରାଜ ପ୍ରୀତ ହେବେ । ତୁମ ପ୍ରତି ତାଙ୍କ ସୌହାର୍ଦ୍ଦ୍ୟ ପ୍ରଗାଢ଼ ହେବ । ତୁମ ପ୍ରଚାର କର୍ମ ତ୍ୱରାନ୍ୱିତ ହେବ ।''

ପ୍ରେତାତ୍ମା ଅଦୃଶ୍ୟ ହୁଅନ୍ତେ ବହୁଦିନ ପରେ ଏଥର ଆନନ୍ଦ ପ୍ରଗାଢ଼ ଏକାଗ୍ରତା ଓ ବ୍ୟାକୁଳତା ସହକାରେ ବୁଦ୍ଧଙ୍କୁ ପ୍ରାର୍ଥନା କଲେ । କେତେବେଳେ ଛାଇନିଦ ଆସି ଯାଇଥାଏ । ସେ ସ୍ୱପ୍ନରେ ଦେଖୁଥା'ନ୍ତି, ଏକ ପ୍ରଶସ୍ତ ରାଜପଥ ଦେଇ ସୁସଜ୍ଜିତ ହାତୀ ଉପରେ ବସାଇ ତାଙ୍କୁ ନିଆଯାଉଛି କୌଣସି ଅଜ୍ଞାତ ଗନ୍ତବ୍ୟସ୍ଥଳକୁ । ପଥର ଉଭୟ ପାର୍ଶ୍ୱରେ ଝିଲିମିଲି ତୋରଣ । ତାଙ୍କ ଜୟଧ୍ୱନିରେ ଚତୁର୍ଦ୍ଦିଗ ମୁଖର । ଅସଂଖ୍ୟ ନରନାରୀ ତାଙ୍କ ଉପରକୁ ପୁଷ୍ପ-ଚନ୍ଦନାଦି ଛାଟୁଛନ୍ତି ।

ହଠାତ୍ ସବୁ ଅନ୍ତର୍ହିତ ହୋଇଗଲା । ଇଏ କ'ଣ ? ତାଙ୍କ ସାମନାରେ ଭୟଙ୍କର ତମିସ୍ରାବୃତ ଗର୍ତ୍ତ । ଏହାର ବର୍ଣ୍ଣନା ସେ ପଢ଼ିଛନ୍ତି । ଏହାହିଁ ନର୍କ ।

''ହେ ବୁଦ୍ଧ ! ରକ୍ଷାକର ଏ ଶରଣାଗତକୁ !'' ଚିତ୍କାର କଲେ ଆନନ୍ଦ । ନିଦ ଭାଙ୍ଗିଗଲା । କିନ୍ତୁ ସେ କେଉଁଠି ? ସେ ସୁଦୂର ରାଜ୍ୟର କାରାକକ୍ଷରେ ନୁହେଁ — ଜ୍ୟୋତ୍ସ୍ନା ପୁଲକିତ ଏକ ଉଦ୍ୟାନ ଭିତରେ ସ୍ନିଗ୍ଧାଲୋକିତ କରୁଣାପୂର୍ଣ୍ଣ ବୁଦ୍ଧଙ୍କ ସମ୍ମୁଖରେ ।

''ଆନନ୍ଦ ! ତୁମକୁ ରକ୍ଷା କରିବା ପାଇଁ ଆଜି ମୋତେ ଏତକ ଚମତ୍କାର କରିବାକୁ ପଡ଼ିଲା । ବର୍ତ୍ତମାନ ସେ ଦୁର୍ଗତ ରାଜ୍ୟଠୁଁ ବହୁଦୂରରେ ତୁମେ ନିରାପଦ ରାଜଗୃହର ବୌଦ୍ଧ ବିହାରରେ । ଭବିଷ୍ୟତରେ ଆଉ 'ଚମତ୍କାର' ଘଟାଇବା ନିମନ୍ତେ ପ୍ରଲୁବ୍ଧ ହେବ ନାହିଁ ।''

ଅନ୍ତର୍ହିତ ହେଲେ ବୁଦ୍ଧ ।

ଆଶାକରେ ଶ୍ରୀଅରବିନ୍ଦଙ୍କ କାରିକାର ମର୍ମ ସ୍ପଷ୍ଟ ହୋଇଛି । ମହତ୍ତମ ସନ୍ଥ ବୁଦ୍ଧଦେବ ଚମତ୍କାର ଯେମିତି ନିଷେଧ କରିପାରନ୍ତି, ସେମିତି ତାହା ନିଜେ କରି ବି ପାରନ୍ତି ।

ବାସ୍ତବରେ ଆମ ବୋଧଶକ୍ତି ସଜାଗ ଥିଲେ ନିୟତ ଆମେ ଅସଂଖ୍ୟ 'ଚମତ୍କାର'ର ଅନୁଭବ ପାଇପାରିବୁ । ସେସବୁ ସ୍ୱାଭାବିକ ଚମତ୍କାର, ସ୍ୱାଭାବିକ ବିସ୍ମୟ । ପରିଚ୍ଛନ୍ନ ତଥା ନିର୍ମଳତା ଆମ ଚେତନାର ପ୍ରଗତି ପାଇଁ ସହାୟକ । ଜଣେ ଅନ୍ଧ ହଠାତ୍ ଦେଖି ପାରିବା ଯଦି 'ଚମତ୍କାର' ହୁଏ, ଆମେ ସର୍ବଦା ଦେଖିପାରିବା ସହସ୍ରଗୁଣ ଅଧିକ 'ଚମତ୍କାର' ନୁହେଁ କି ?

['ପ୍ରଜ୍ଞା-ପ୍ରଦୀପିକା' ପୁସ୍ତକରୁ ସଂଗୃହୀତ,
ପୃଷ୍ଠା : ୧୬୧ - ୧୬୭] ❑

ପୃଥିବୀ-ଚେତନା ପାଇଁ ସାଧନା :

# ପଣ୍ଡିଚେରୀରେ ଶ୍ରୀଅରବିନ୍ଦ

## (୧୪୮)

### ‘ଭାରତ ଉଦ୍ଧାର’ ନିମିତ୍ତ ହସ୍ତକ୍ଷେପ (ଖ) :

ନୀରଦ ବରଣଙ୍କର ଉକ୍ତିରେ : ‘‘ମୋର ସେଦିନର କଥା ବେଶ୍ ସ୍ମରଣରେ ଅଛି । ଖୁବ୍ ସକାଳୁ ଶ୍ରୀମା ହାତରେ କାଗଜ ଖଣ୍ଡିଏ ଧରି କ୍ଷିପ୍ର ପଦକ୍ଷେପରେ ଶ୍ରୀଅରବିନ୍ଦଙ୍କ କକ୍ଷକୁ ପ୍ରବେଶ କଲେ । ମୁଁ ତତ୍‌କ୍ଷଣାତ୍ ଅନୁମାନ କରିନେଲି ଯେ ଦୁହେଁ କିଛି ଗୋପନୀୟ ବିଷୟରେ ଆଲୋଚନା କରିବେ । ତେଣୁ ମୁଁ ଅଲକ୍ଷିତ ଭାବରେ କକ୍ଷରୁ ବାହାରି ଆସିଲି । ଠିକ୍ ପରେ ପରେ ପୁରାଣୀ ମଧ୍ୟ ଅତ୍ୟନ୍ତ ଅପ୍ରତ୍ୟାଶିତ ଭାବରେ କକ୍ଷକୁ ପ୍ରବେଶ କଲେ । – ‘ନିଶ୍ଚିତ ରୂପେ ଗୋପନରେ କିଛି ଗୁରୁତ୍ୱପୂର୍ଣ୍ଣ ପରିକଳ୍ପନା ଚାଲିଛି !’ ଦୁଇ ତିନି ଦିନ ପରେ ସମସ୍ତ ଖବର କାଗଜରେ ଗୁପ୍ତ ରହସ୍ୟଟି ସମ୍ବନ୍ଧେ ପ୍ରକାଶ ପାଇଲା : ଶ୍ରୀଅରବିନ୍ଦ ‘ଯୁଦ୍ଧ-ପାଣ୍ଠି’କୁ ଅର୍ଥ ଦାନ କରିଛନ୍ତି ଏବଂ କ’ଣ ପାଇଁ ସେ ଏହି ପଦକ୍ଷେପ ନେଇଛନ୍ତି, ସେ ସମ୍ବନ୍ଧେ ମଧ୍ୟ ବୁଝାଇ ଦେଇଛନ୍ତି ।’’...

(‘Twelve Years with Sri Aurobindo’ : p. 121)

ଏ ସମ୍ବନ୍ଧରେ ଅବଗତ ହୋଇ ଭାରତବର୍ଷର ପ୍ରତିକ୍ରିୟା କଥା ଏଠାରେ ଆମେ ବିଚାରକୁ ଆଣୁ ନାହିଁ – ଏହା ସମ୍ପୂର୍ଣ୍ଣ ସ୍ୱତନ୍ତ୍ର ବିଷୟ । କିନ୍ତୁ ଏହା ଆଶ୍ରମବାସୀଙ୍କୁ ଏକେବାରେ ହତବୁଦ୍ଧି କରି ପକାଇଥିଲା, ଏପରିକି ଜନୈକ ଆଶ୍ରମବାସୀ ତୀବ୍ର ଭାବରେ ପ୍ରତିକ୍ରିୟାଶୀଳ ହୋଇ ଏହି ମର୍ମରେ ମନ୍ତବ୍ୟ ଦେଇଥିଲେ ଯେ ଶ୍ରୀମା ଜଣେ ଫରାସୀ ହୋଇଥିବାରୁ ସେ ଶ୍ରୀଅରବିନ୍ଦଙ୍କୁ ସମ୍ପୂର୍ଣ୍ଣ ରୂପେ ପ୍ରଭାବିତ କରି ତାଙ୍କର ଜାତୀୟତାବୋଧର ସକ୍ରିୟ ଧାରାରେ ଦିକ୍-ପରିବର୍ତ୍ତନ ଘଟାଇଛନ୍ତି ଏବଂ ‘ମିତ୍ର ଶକ୍ତି’ଙ୍କ ପକ୍ଷକୁ ଘୂରାଇ ଦେଇଛନ୍ତି । – ଏପରି ବିଚକ୍ଷଣ ବିଚାରବୁଦ୍ଧି ସାଧକଟିର ମସ୍ତିଷ୍କକୁ ଆସିବା ତଦାନୀନ୍ତନ ପରିବେଶରେ ଅସ୍ୱାଭାବିକ ନଥିଲା । କାରଣ ଆଶ୍ରମରେ ସେତେବେଳେ ପ୍ରାୟ ସମସ୍ତ ଅନ୍ତେବାସୀ ଇତିପୂର୍ବରୁ ଜାତୀୟତାବାଦୀ ସ୍ୱାଧୀନତା ଆନ୍ଦୋଳନରେ ସକ୍ରିୟ ଅଂଶ ଗ୍ରହଣ କରିଥିଲେ ଏବଂ ତଦାନୀନ୍ତନ ଭାରତବର୍ଷର ବିଚାରଧାରାରେ ବ୍ରିଟିଶ-ବିରୋଧିଭାବ ତୀବ୍ର ଥିବା ଯୋଗୁଁ ସ୍ୱାଭାବିକ ଭାବରେ ହିଟ୍‌ଲର-ସମର୍ଥକ ଦଳ ଥିଲେ ଏବଂ କେତେକେ ପ୍ରଭୂତ ଭାବରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କର ଆଦର୍ଶବାଦରେ ବେଶ୍ ଅନୁପ୍ରାଣିତ ଆଶ୍ରମବାସୀ ମଧ୍ୟ ରହିଥିଲେ । ନେତାଜୀଙ୍କର ବିଖ୍ୟାତ ପ୍ରବଚନ : ‘‘ଆମର ଶତ୍ରୁର ଶତ୍ରୁ ହେଉଛନ୍ତି ଆମର ବନ୍ଧୁ ।’’ (“Our enemy’s enmy is our friend.”) ତେଣୁ ସେତେବେଳେ କହିବାକୁ ଗଲେ ଆଶ୍ରମର ପ୍ରାୟ ଅଧିକାଂଶ ଅନ୍ତେବାସୀ ହିଟ୍‌ଲରର ସପକ୍ଷରେ ଥିଲେ ।

୧୧ମେ, ୧୯୪୦ର ‘କଥୋପକଥନ’ରେ ନୀରଦବରଣ ତାଙ୍କର ‘Talks with Sri Aurobindo’ ଗ୍ରନ୍ଥରେ ଏହି ମର୍ମରେ ଲିପିବଦ୍ଧ କରିଛନ୍ତି : ‘‘ଆଶ୍ରମରେ ଯୁଦ୍ଧ ସଂକ୍ରାନ୍ତ ମନୋଭାବ ଦୁଇ ଭାଗରେ ବିଭକ୍ତ ହୋଇ ଉଠିଥିଲା । କେତେକେ ଥିଲେ ବ୍ରିଟିଶ ସପକ୍ଷରେ ଏବଂ ଅନ୍ୟ କେତେକ ହିଟ୍‌ଲର ସପକ୍ଷରେ । – ଶ୍ରୀଅରବିନ୍ଦ ପଚାରିଲେ : ‘ହିଟ୍‌ଲର ସପକ୍ଷରେ ?’ – ସାଧକ ସତ୍ୟେନ୍ଦ୍ର ଉତ୍ତର ଦେଲେ : ‘ନିର୍ଭୁଲ ଭାବରେ କହିହେବ ନାହିଁ, କିନ୍ତୁ ସେମାନେ ବ୍ରିଟିଶ-ବିରୋଧୀ ।’ – ଶ୍ରୀଅରବିନ୍ଦ : ‘ଏକ ଅସମୀଚୀନ ମନୋଭାବ । ସ୍ୱାଧୀନତା ଚାହୁଁଥିବା ଭାରତ କିପରି ଜଣଙ୍କର ସପକ୍ଷରେ ଯିବ ଯିଏ ଅନ୍ୟାନ୍ୟ ଦେଶର ସ୍ୱାଧୀନତାକୁ ଅପହରଣ କରିନିଏ ?’

ପୁନଶ୍ଚ ୧୭ ମେ, ୧୯୪୦ର ‘କଥୋପକଥନ’ରେ ସ୍ୱୟଂ ଶ୍ରୀଅରବିନ୍ଦ ପ୍ରଥମେ କଥା ଆରମ୍ଭ କଲେ : ‘ମୋର ଧାରଣା ଆମ ଅନ୍ତେବାସୀଙ୍କ ମଧ୍ୟରେ ପାଞ୍ଚ ଜଣ କି ଛ’ଜଣ ନୁହେଁ, କିନ୍ତୁ ଅର୍ଦ୍ଧେକରୁ ଅଧିକ ଅଛନ୍ତି ଯେଉଁମାନେ ହିଟ୍‌ଲରର ବିଜୟ ଚାହାଁନ୍ତି ।’ – ପୁରାଣୀ (ସହାସ୍ୟରେ) କହି ଉଠିଲେ : ‘ଅଧା ?’ – ଶ୍ରୀଅରବିନ୍ଦ : ‘ନା, ଏହା ଏକ ହାସ୍ୟାସ୍ପଦ କଥା ନୁହେଁ । ଏହା ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ସମସ୍ୟା । ଫରାସୀ ଗଭର୍ଣ୍ଣମେଣ୍ଟ ଯେକୌଣସି ମୁହୂର୍ତ୍ତରେ ଆଶ୍ରମକୁ ଭାଙ୍ଗି ଦେଇ ପାରନ୍ତି । ଇଣ୍ଡୋ-ଚାଇନାରେ ସମସ୍ତ ଧର୍ମସଂସ୍ଥାକୁ ସମୂଳେ ନଷ୍ଟ କରି ଦିଆଯାଇଛି । ଏବଂ ଏଠାରେ ସମଗ୍ର ପଣ୍ଡିଚେରୀ ଆମ ବିରୋଧରେ ରହିଛନ୍ତି । କେବଳ ଗଭର୍ଣ୍ଣର ବୌଁଭ୍ୟାଁ (Bonvin) ଆମ ସହିତ ଅନୁକୂଳ ମନୋଭାବ ସହ ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ

ରଖିଥିବାରୁ ପଣ୍ଡିଚେରୀବାସୀ ଆମ ବିରୋଧରେ କିଛି ବି କରିପାରୁ ନାହାନ୍ତି । କିନ୍ତୁ ତଥାପି ସେ ଯଦି ଶୁଣନ୍ତି ଯେ ଆଶ୍ରମର ଅନ୍ତେବାସୀଗଣ ହିଟ୍‌ଲର ସପକ୍ଷରେ, ତା'ହେଲେ ସେ ବାଧ୍ୟ ହୋଇ ଯଥାର୍ଥ ପଦକ୍ଷେପମାନ ନେବେ । ଏବଂ ଅନ୍ତତଃପକ୍ଷେ ଆଶ୍ରମରେ ଯେଉଁମାନେ ହିଟ୍‌ଲର ସପକ୍ଷରେ ଅଛନ୍ତି, ସେମାନଙ୍କୁ ପଣ୍ଡିଚେରୀରୁ ତଡ଼ିଦେବେ । ଯଦି ଉପରୋକ୍ତ ଅନ୍ତେବାସୀମାନେ ଚାହାଁନ୍ତି ଯେ ଆଶ୍ରମଟି ଭାଙ୍ଗିଯିବା ଉଚିତ, ତା'ହେଲେ ସେମାନେ ମୋ ସହିତ ସାକ୍ଷାତ୍ କରି ଏକଥା ଜଣାନ୍ତୁ । ପୁଲିସ ଆଶ୍ରମକୁ ପ୍ରବେଶ କରି ଏ କାର୍ଯ୍ୟ କରିବା ବଦଳରେ ମୁଁ ନିଜେହିଁ ଆଶ୍ରମକୁ ଭାଙ୍ଗି ଦେବି । ଏହିସବୁ ବ୍ୟକ୍ତିଙ୍କର ପୃଥିବୀର ସମସ୍ୟାସବୁ ସମ୍ପର୍କରେ କୌଣସି ଧାରଣା ନାହିଁ ଏବଂ ଛୋଟ ପିଲାଙ୍କ ସଦୃଶ ଏ ବିଷୟରେ ଆଲୋଚନା କରିଥା'ନ୍ତି ମାତ୍ର । ଅଦ୍ୟାବଧି ପୃଥିବୀ ତା'ର ପ୍ରତିଦ୍ୱନ୍ଦୀ ହିସାବରେ ସମ୍ମୁଖୀନ ହୋଇଥିବା ଅସାଧାରଣ ସାମର୍ଥ୍ୟଯୁକ୍ତ ଭୟଙ୍କର ତଥା ବିପଜ୍ଜନକ ଆସୁରିକ ବ୍ୟକ୍ତି ହେଉଛି ହିଟ୍‌ଲର । ଯଦି ହିଟ୍‌ଲର ବିଜୟୀ ହୁଏ, ଏମାନେ କ'ଣ ଏକଥା ଭାବନ୍ତି ଯେ ଭାରତ ସ୍ୱାଧୀନ ହେବାର କୌଣସି ସମ୍ଭାବନା ଅଛି କି ? ଏହା ସର୍ବଜନବିଦିତ ସତ୍ୟୋକ୍ତି ଯେ ହିଟ୍‌ଲର ଭାରତକୁ କାବୁ କରିବା ସକାଶେ ସତତ ସତର୍କ-ଦୃଷ୍ଟି ରଖିଛି । ବିଶ୍ୱର ଅଧୀଶ୍ୱର ହେବା ସକାଶେ ସେ ପ୍ରକାଶ୍ୟ ଭାବରେ ଘୋଷଣା କରୁଛି । ସେ ତା'ର ଗତିପଥରେ ଇଟାଲୀକୁ ଧୂଳିସାତ୍ କରି ବଲ୍‌କାନ୍‌ସକୁ ମୁହାଁଇବ, ଯାହାକି ତା' ପକ୍ଷରେ କେତୋଟି ସପ୍ତାହ ଲାଗିବ ମାତ୍ର; ତା'ପରେ ତୁର୍କୀ ଓ ପରେ ପରେ ଏସିଆ-ମାଇନର । ଏସିଆ-ମାଇନର ଅର୍ଥ ପରିଶେଷରେ ଭାରତ । ଯଦି ଏସିଆ-ମାଇନରରେ ସେ ତା'ର ପ୍ରତିଦ୍ୱନ୍ଦୀ ହିସାବରେ ଷ୍ଟାଲିନ୍‌ର ସମ୍ମୁଖୀନ ହୁଏ, ତେବେ ପ୍ରଶ୍ନ ଉଠିବ, କିଏ ଜିତିବ ଏବଂ ଭାରତକୁ ପ୍ରଥମେ ପ୍ରବେଶ କରିବ ।

ସେହି ଦିନ ସକାଳେ ନଳିନୀକାନ୍ତଙ୍କୁ ଶ୍ରୀମା ଏହି ମର୍ମରେ କହିଥିଲେ : ''ହିଟ୍‌ଲରର ବିଜୟ ଆଶା କରିବା ହେଉଛି ଶ୍ରୀଅରବିନ୍ଦଙ୍କ ପ୍ରତି ବିଶ୍ୱାସଘାତକତା । ଶ୍ରୀଅରବିନ୍ଦ 'ମିତ୍ରଶକ୍ତି'ଙ୍କ ସହିତ ଘନିଷ୍ଠ ଭାବରେ ସମ୍ପୃକ୍ତ ରହିଛନ୍ତି । ଏବଂ ସେ ଏଥିନିମିତ୍ତ ଅହୋରାତ୍ର କର୍ମରତ ରହିଛନ୍ତି । ମୁଁ ଫରାସୀ ଅଧିବାସୀ ହୋଇଥିବାରୁ ଆଶ୍ରମଟି ତିଷ୍ଠି ରହିବାରେ ବିବେଚିତ ହୋଇଛି । ନଚେତ୍ ଏହା ଯଥେଷ୍ଟ ପୂର୍ବରୁ ଭାଙ୍ଗି ସାରନ୍ତାଣି । ...''

(ତତ୍ରୈବ : ପୃ. ୬୪୧-୪୨)

୨୩ ମେ, ୧୯୪୦ରେ ଶ୍ରୀଅରବିନ୍ଦ ପୁରାଣୀଙ୍କୁ ଏହି ମର୍ମରେ କହିଥିଲେ : ''ତୁମର ବନ୍ଧୁ ଫରାସୀ ରାଷ୍ଟ୍ରଦୂତଙ୍କ ଦ୍ୱାରା ପ୍ରକାଶ୍ୟ ଭାବରେ ଘୋଷିତ ହୋଇ ସାରିଛି ଯେ ଆଶ୍ରମ ହେଉଛି ପ୍ରୋ-ନାଜିଜ୍ ଓ ପ୍ରୋ-କମ୍ୟୁନିଷ୍ଟଙ୍କର ଆଶ୍ରୟସ୍ଥଳ । ସେ ଏ ସମ୍ବନ୍ଧରେ ଲିଖିତ ଦଲିଲସବୁ ଉପସ୍ଥାପିତ କରି ପାରିବେ । ... ଆଶ୍ରମ ବିରୋଧରେ କୌଶଳପୂର୍ଣ୍ଣ ଗତିବିଧିସବୁ ବୃଦ୍ଧି ପାଇବାରେ ଲାଗିଛି । ... କେବଳ 'ମିତ୍ରଶକ୍ତି'ଙ୍କ ସକାଶେ ଏହା ବିପଜ୍ଜନକ ନୁହେଁ, ଆମମାନଙ୍କ ସକାଶେ ମଧ୍ୟ । ...''

(ତତ୍ରୈବ : ପୃ. ୬୫୭)

ଏହି ପରିପ୍ରେକ୍ଷୀରେ 'ଆଶ୍ରମ ଉଦ୍ଧାର' ସକାଶେ ଶ୍ରୀମାଶ୍ରୀଅରବିନ୍ଦଙ୍କର ସର୍ବପ୍ରଥମ ଅବଶ୍ୟକରଣୀୟ କର୍ମ ହୋଇ ଉଠିଥିଲା ୧୯ ସେପ୍‌ଟେମ୍ବର, ୧୯୪୦ରେ 'ଯୁଦ୍ଧ ପାଣ୍ଠି'କୁ ଅର୍ଥ ସାହାଯ୍ୟ କରିବା ଏବଂ ଆଶ୍ରମର ସ୍ଥିତି ଓ ଦୃଷ୍ଟିକୋଣ ସମ୍ବନ୍ଧେ ସର୍ବସାଧାରଣରେ ଲିଖିତ ଘୋଷଣା ପ୍ରକାଶ କରିବା । ...

ଏଠାରେ ଜଣେ ଆଶ୍ରମ ଅନ୍ତେବାସୀଙ୍କର ଏକ ବିବରଣୀ ଉଲ୍ଲେଖ କରୁଛୁ ଯଦ୍ଦ୍ୱାରା ଆମେ ପ୍ରୋ-ମିତ୍ରଶକ୍ତିଙ୍କ ସମ୍ବନ୍ଧେ ଶ୍ରୀମା'ଙ୍କର ଯଥାର୍ଥ ମନୋଭାବ ବେଶ୍ ହୃଦୟଙ୍ଗମ କରିପାରିବୁ :

''(ଉପରୋକ୍ତ ଅନ୍ତେବାସୀଙ୍କର ବନ୍ଧୁ 'ପି' ତାଙ୍କ ଅଜାଣତରେ ଶ୍ରୀମା'ଙ୍କୁ ଶ୍ରୀଅରବିନ୍ଦଙ୍କର 'ଯୁଦ୍ଧ ପାଣ୍ଠି'କୁ ଅର୍ଥଦାନ ସମ୍ବନ୍ଧରେ ମୋର ପ୍ରତିକ୍ରିୟା କଥା ଜଣାଇ ଦେଇଥିଲେ ।) ହଠାତ୍ ଲକ୍ଷ୍ୟ କଲି ମା ମୋ ପ୍ରତି ଅମନଯୋଗୀ ହୋଇ ଉଠିଛନ୍ତି । ... ବେଶ୍ କିଛିଦିନ ଯିବା ପରେ ମା'ଙ୍କର ମୋ' ପ୍ରତି ଏପରି ବ୍ୟବହାରରେ କିଂକର୍ତ୍ତବ୍ୟବିମୂଢ଼ ହୋଇଉଠି ମା'ଙ୍କୁ ଦିନେ ଅଚାନକ ପଚାରିଲି, 'ମା, ଆପଣ ମୋ ପ୍ରତି ଏପରି ଅମନଯୋଗୀ ହୋଇ ଉଠିବାର କାରଣ କ'ଣ ଏହା ହୋଇପାରେ କି – ମୁଁ 'ପି'ଙ୍କୁ ଯୁଦ୍ଧ ସମ୍ବନ୍ଧରେ ଯେଉଁସବୁ କଥା କହିଛି ?' – ଶ୍ରୀମା : 'ହଁ ।' – 'ମା, ମୁଁ 'ପି'ଙ୍କୁ ଏମିତି ଖାମଖିଆଲି ଭାବରେ କହି ପକାଇଥିଲି; ଏହା କେବେ ବି ଗୁରୁତର ନଥିଲା ।' ମୋ ତୁଣ୍ଡରୁ କଥା ସରିଛି କି ନାହିଁ ମା'ଙ୍କ ମୁଖମଣ୍ଡଳ ଅତୀବ କଠୋର ହୋଇ ଉଠିଲା ଏବଂ ଗୁରୁଗମ୍ଭୀର କଣ୍ଠରେ ସେ କହି ଉଠିଲେ, 'ଗୁରୁତର ନୁହେଁ ? କହିବାକୁ ଗଲେ ଏହା ପ୍ରାୟ ଅବିଶ୍ୱାସ୍ୟ ଯେ ତୁମେ ସମସ୍ତେ ଶ୍ରୀଅରବିନ୍ଦଙ୍କ ସମ୍ବନ୍ଧେ ଏମିତି କଥାବାର୍ତ୍ତା କରିପାର ! ଛପାଇବାକୁ ଦେଇଥିବା ତାଙ୍କର ଲିଖିତ ବିବୃତ୍ତିକୁ ତୁମେମାନେ କ'ଣ ପଢ଼ି ନାହଁ ?' –

ମୁଁ କହିଲି, 'ହଁ ମା, ମୁଁ ପଢ଼ିଛି । କିନ୍ତୁ ବ୍ରିଟିଶ କ'ଣ ଭାରତ ପ୍ରତି କୌଣସି ଅନିଷ୍ଟ କରି ନାହିଁ ?' – ମା କହିଲେ, 'ସେମାନେ ଯେ ଏପରି କିଛି କରି ନାହାଁନ୍ତି, ଏ ସମ୍ବନ୍ଧେ ଆମେ କେବେ ବି କିଛି କହିଛୁ କି ? ଅଧିକନ୍ତୁ ଆମେ ଏକଥା ବି କହି ନାହୁଁ ଯେ ଭବିଷ୍ୟତରେ ସେମାନେ ଭାରତ ପ୍ରତି ଆଉ ଏମିତି କରିବେ ନାହିଁ । କିନ୍ତୁ ଆଜି ଏହି ବିଶେଷ ପରିସ୍ଥିତିରେ, ସେ ସମ୍ବନ୍ଧେ କୌଣସି ପ୍ରଶ୍ନ ଉଠୁ ନାହିଁ; ତୁମେ ଏତିକି ବୁଝିପାରୁନ ? ତୁମେ ଯେତେବେଳେ ଦେଖିଲ ଯେ ତୁମ ପଡ଼ୋଶୀର ଘରେ ନିଆଁ ଲାଗି ଯାଇଛି ତଥାପି ତୁମେ ଅଣ୍ଟା ଭିଡ଼ି ତତ୍‌କ୍ଷଣାତ୍ ନିଆଁଟି ଲିଭାଇ ଦେବା ଲାଗି ଦୌଡ଼ିଗଲ ନାହିଁ, କାରଣ ସେ ଇତିପୂର୍ବରୁ ତୁମର ଅନିଷ୍ଟ କରିଛି । ତେବେ ତୁମେ ତୁମ ନିଜ ଘରଟିରେ ନିଆଁ ଲାଗିଯିବା ସକାଶେ ଅନୁକୂଳ ପରିସ୍ଥିତି ବା ବିପଦର ଆଶଙ୍କାକୁ ଡାକି ଆଣିଲ କି ନାହିଁ ? ତୁମେ ତୁମ ପରିବାରର ଜୀବନ ବିନାଶର କାରଣ ହେଲ କି ନାହିଁ ? ତୁମେ ବର୍ତ୍ତମାନ ପରିସ୍ଥିତିରେ ଭଗବତ୍ ଶକ୍ତିରାଜି ଓ ଆସୁରିକ ଶକ୍ତିରାଜିର ସକ୍ରିୟତା ମଧ୍ୟରେ ପାର୍ଥକ୍ୟ ଲକ୍ଷ୍ୟ କରି ପାରୁଛ କି ନାହିଁ ?' – ମୁଁ କହିଲି, 'ହଁ ମା, ମୁଁ ଲକ୍ଷ୍ୟ କରି ପାରୁଛି; କିନ୍ତୁ ଆପଣ ଏବଂ ଶ୍ରୀଅରବିନ୍ଦ ଉଭୟ ଚର୍ଚ୍ଚିଲଙ୍କୁ ଆପଣଙ୍କର ପ୍ରତ୍ୟକ୍ଷ ମାଧ୍ୟମ ରୂପେ ନିର୍ବାଚନ କରିଥିବା ଘଟଣାଟି ମୋତେ ପ୍ରକୃତରେ ବିଭ୍ରାନ୍ତ ଓ ବିଚଳିତ କରି ପକାଇଛି;* ଯିଏକି ଆଜି ତା' ନିଜ ଦେଶର ସ୍ଥିତିକୁ ସୁରକ୍ଷିତ ରଖିବା ସକାଶେ ଭାରତର ସାହାଯ୍ୟ ଲୋଡୁଛି; ଏବଂ ତଥାପି ସେହି ସମ୍ଭ୍ରାନ୍ତ ସରକାର ଭାରତରେ ଅଦ୍ୟାବଧି ରହିଥିବା ତା'ର ଶାସନତନ୍ତ୍ରକୁ ପରିସମାପ୍ତି କରିବାର କୌଣସି ଅଭିପ୍ରାୟ ବି ରଖି ନାହିଁ !' – ମା କହିଲେ, 'ଏସବୁ କଥା ତୁମେ ଭଗବାନଙ୍କ ଉପରେ ଛାଡ଼ିଦିଅ । ଦେଖ, ଚର୍ଚ୍ଚିଲ ହେଉଛି ଜଣେ ମଣିଷ ମାତ୍ର, ସେ ନିଜର ସ୍ୱଭାବ ବା ଚରିତ୍ରରେ କୌଣସି ରୂପାନ୍ତର ଘଟାଇବା ସକାଶେ ଆସ୍ପୃହା ରଖିଥିବା ଜଣେ ଯୋଗୀ ପୁରୁଷ ନୁହେଁ । ଆଜି, ଏହି ପରିସ୍ଥିତିରେ ସେ ସମଗ୍ର ମାନବଜାତିର 'ଆତ୍ମା' ସ୍ୱରୂପ ହୋଇ ଉଠିଛି, ଯିଏକି ଆସୁରିକ ଶକ୍ତିରାଜି ବିରୋଧରେ ପ୍ରାଣପଣେ ଲଢ଼ୁଛି । ସେ ପ୍ରତ୍ୟକ୍ଷ ଭାବରେ ଭଗବାନଙ୍କ ଦ୍ୱାରା ପରିଚାଳିତ ହୋଇ ଚାଲିଛି ଏବଂ ତା'ର ଅନ୍ତରାତ୍ମା ଚମତ୍କାର ଭାବରେ ଭଗବତ୍ ଶକ୍ତିର ପ୍ରଭାବର ବଶବର୍ତ୍ତୀ ହୋଇ କ୍ରିୟାରତ ରହିଛି । ବର୍ତ୍ତମାନ ଆମର ଏକମାତ୍ର କର୍ତ୍ତବ୍ୟ ହେବା ଉଚିତ 'ମିତ୍ରଶକ୍ତି'ଙ୍କୁ ସାହାଯ୍ୟ କରି ଚୂଡ଼ାନ୍ତ ବିଜୟ ହାସଲ ନିମିତ୍ତ ଏକାଗ୍ର ରହିବା । କିନ୍ତୁ ତା' ବୋଲି ଆମର ଏକାଗ୍ରତାରେ କୌଣସି ପ୍ରକାର ଶିଥିଳତା ରହିବା ଏବଂ ଆସୁରିକ ଶକ୍ତିରାଜି ପ୍ରତି ବିନ୍ଦୁମାତ୍ର ଉନ୍ମୁକ୍ତ ରହିବା କସ୍ମିନ୍‌କାଳେ ଉଚିତ ନୁହେଁ । ଯୁଦ୍ଧରେ ଚୂଡ଼ାନ୍ତ ବିଜୟ ଲାଭ ହେବା ପରେ ଯଦି ଚର୍ଚ୍ଚିଲର ଅନ୍ତରାତ୍ମା ତା'ର ଚେତନାର ସମ୍ମୁଖ ଭାଗରେ ତଥାପି ରହେ ଏବଂ ସେ ଭଗବତ୍ ଶକ୍ତି ଦ୍ୱାରା ପରିଚାଳିତ ହେବାକୁ କ୍ରମାଗତ ପ୍ରଚେଷ୍ଟା ଜାରୀ ରଖେ, ତେବେ ବିବର୍ତ୍ତନଧାରାର କ୍ରମୋନ୍ନତିର ପଥରେ ସେ ଦ୍ରୁତଗତିରେ ଅଗ୍ରସର ହେବ । କିନ୍ତୁ ପୃଥିବୀରେ ସଚରାଚର ଏପରି ଘଟି ନଥାଏ । ସଙ୍କଟକାଳର ଅବସାନ ପରେ ବ୍ୟକ୍ତିର ମନୁଷ୍ୟସୁଲଭ ମାନସିକ ଓ ପ୍ରାଣିକ ଚେତନା ସମ୍ମୁଖକୁ ଆସିଯାଏ ଏବଂ ତାକୁ ପରିଚାଳିତ କରିଥାଏ । ସେ ସାଧାରଣ ମାନବୀୟ ଚେତନାର ନିମ୍ନ ସ୍ଥିତିକୁ ଖସିପଡ଼େ, ଯଦିଓ ଏକେବାରେ ନିମ୍ନ ସ୍ଥିତିକୁ ନୁହେଁ ।''

('Twelve Years with Sri Aurobindo'; pp. 122-23)

ଉପରୋକ୍ତ ସମାନ ପରିପ୍ରେକ୍ଷୀରେ ଶ୍ରୀଅରବିନ୍ଦ 'କଥୋପକଥନ'ରେ ଏହି ମର୍ମରେ ଉଲ୍ଲେଖ କରିଥିଲେ ଯେ, ''ମୁଁ ମୋର ସମଗ୍ର ଜୀବନରେ ବ୍ରିଟିଶ ସାମ୍ରାଜ୍ୟର ପତନ ଘଟିବାର ଇଚ୍ଛା ପୋଷଣ କରି ଆସିଛି । କିନ୍ତୁ ବର୍ତ୍ତମାନ ଯେଉଁ ଧାରାରେ କାର୍ଯ୍ୟ ଚାଲିଛି, ସେଇଟି ସମସ୍ତ ପ୍ରତ୍ୟାଶାର ପରିସର ବହିର୍ଭୂତ ଏବଂ ବ୍ରିଟିଶର ବିଜୟ ହେବା ପାଇଁ ମୋତେ ମଙ୍ଗଳକାମନା ରଖିବାରେ ପ୍ରବୃତ୍ତ କରାଇଛି । ଏବଂ ମୁଁ ଯଦି ଇଂଲଣ୍ଡର ବିଜୟ ଘଟୁ ବୋଲି ଚାହୁଁଛି, ଏହା ତା'ର ନିଜସ୍ୱ ସାମ୍ରାଜ୍ୟର ବିଜୟ ନୁହେଁ; କିନ୍ତୁ ହିଟ୍‌ଲରର କରାୟତ୍ତରେ ସମଗ୍ର

* ''ରେଡ଼ିଓରୁ ପ୍ରତିଦିନ ଯୁଦ୍ଧ-ଖବର ଶ୍ରୀମାଶ୍ରୀଅରବିନ୍ଦ ଅତ୍ୟନ୍ତ ମନୋଯୋଗ ପୂର୍ବକ ଅବଗତ ହୋଇ ତଦନୁସାରେ ତାଙ୍କ କର୍ମର ଧାରା ନିର୍ଧାର୍ଯ୍ୟ କରୁଥିଲେ । ଏହି ସମୟରେ ଚର୍ଚ୍ଚିଲଙ୍କୁ ଥରେ ନିମୋନିଆ ହୋଇଥିଲା । ଶ୍ରୀଅରବିନ୍ଦ ସତର୍କତା ଅବଲମ୍ବନ ପୂର୍ବକ ପ୍ରତିଦିନ ଚର୍ଚ୍ଚିଲଙ୍କର ସ୍ୱାସ୍ଥ୍ୟ ସମ୍ବନ୍ଧେ ସରକାରୀ ସ୍ତରରୁ ଘୋଷିତ ସଂକ୍ଷିପ୍ତ ବିବରଣୀ (health bulletins)ସବୁ ଶ୍ରବଣ କରୁଥିଲେ । ଏବଂ ଆମର ବିଶ୍ୱାସ, ଏପରିକି ଶ୍ରୀଅରବିନ୍ଦ ତାଙ୍କର ଦିବ୍ୟ ଶକ୍ତି ପ୍ରୟୋଗ କରି ତାଙ୍କୁ ସୁସ୍ଥ ହୋଇ ଉଠିବାରେ ସାହାଯ୍ୟ କରିଥିଲେ ।''
('Twelve Years with Sri Aurobindo'; p. 119) – ନୀରଦବରଣ

ପୃଥିବୀ ରହିଲେ ଅଧିକ ଖରାପ ହେବ । ... 'ଅସୁର' (Lord of Falsehood')ଟି ଅନ୍ୟାନ୍ୟ ସମସ୍ୟା ଅପେକ୍ଷା ଆମ (ଅର୍ଥାତ୍ ଶ୍ରୀମାଶ୍ରୀଅରବିନ୍ଦଙ୍କ) ସମ୍ବନ୍ଧେ ଅଧିକ ଚିନ୍ତିତ ରହିଛି । ସେ ନୂଆ ନୂଆ ପରିସ୍ଥିତିସବୁ ଉଦ୍ଭାବନ କରିବାରେ ଲାଗିଛି ଯଦ୍ଦ୍ୱାରା ଆମେ ବାଧାବିପତ୍ତିରେ ପଡୁ ।''

(Georges Van Vrekhem : 'The Mother'; p. 323)

ଆଶ୍ରମର ପରିସ୍ଥିତିକୁ ସମ୍ଭାଳି ନେବା ପରେ ଶ୍ରୀମାଶ୍ରୀଅରବିନ୍ଦଙ୍କର ପରବର୍ତ୍ତୀ ଜରୁରୀ କାର୍ଯ୍ୟ ହେଲା 'ଭାରତ ଉଦ୍ଧାର' ଉପରେ ଏକାଗ୍ର ହେବା । ନିମ୍ନୋକ୍ତ 'କଥୋପକଥନ'ଟି 'ଯୁଦ୍ଧ ପାଣ୍ଠି'କୁ ଶ୍ରୀଅରବିନ୍ଦଙ୍କର ଅର୍ଥଦାନର ପରବର୍ତ୍ତୀ ସମୟର ଘଟଣା । (୧୩ ଅକ୍ଟୋବର, ୧୯୪୦)

ଶିଷ୍ୟ : ଭାରତର ସମସ୍ୟାଟି ହେଉଛି ବ୍ରିଟିଶ ଏପର୍ଯ୍ୟନ୍ତ ତା' ସହିତ କୌଣସି ପ୍ରତିଶ୍ରୁତି ରଖି ନାହିଁ । ତେଣୁ କୌଣସି ଭାରତୀୟଙ୍କର ବ୍ରିଟିଶ ଉପରେ ଆସ୍ଥା ନାହିଁ ।

ଶ୍ରୀଅରବିନ୍ଦ : ଯଦି ସେମାନେ ଭାରତକୁ 'ସ୍ୱାୟତ୍ତ ଶାସନ' ('Dominion Status') ଦେଇ ଦିଅନ୍ତି, ତେବେ ଭାରତ ଯେ ସେମାନଙ୍କୁ ସାହାଯ୍ୟ କରିବ – ଏ ସମ୍ବନ୍ଧରେ ସେମାନେ ସନ୍ଦିହାନ । ନଚେତ୍ ସେମାନେ ଭାରତକୁ ଏହା ଦେଇ ସାରିଥା'ନ୍ତେ ।

ଶିଷ୍ୟ : ମୋର ମନେହୁଏ ନାହିଁ ଯେ ଭାରତ ସାହାଯ୍ୟ କରିବାକୁ ଅସମ୍ମତ ହେବ ।

ଶ୍ରୀଅରବିନ୍ଦ : ଅସମ୍ମତ ହେବ ନାହିଁ ? ଭାରତର ବାମପନ୍ଥୀ ରାଜନୈତିକ ଦଳ (Left Wing) ? କମ୍ୟୁନିଷ୍ଟମାନେ ? ଉଦାହରଣସ୍ୱରୂପ ବୋଷ (ସୁଭାଷ ଚନ୍ଦ୍ର ବୋଷ)ଙ୍କ ଦଳ ? ଏହା ସତ୍ୟ ନୁହେଁ ଯେ ସେମାନେ ଭାରତକୁ କିଛି ବି ଦେଇ ନାହାନ୍ତି । ବ୍ରିଟିଶଜାତିର ସହଜାତ ପ୍ରବୃତ୍ତି ହେଉଛି କର୍ମକ୍ଷେତ୍ରର ଅବସ୍ଥା ଦେଖି ପର୍ଯ୍ୟାୟ ପରେ ପର୍ଯ୍ୟାୟ ଅଗ୍ରଗତି କରିବା । ଯେତେବେଳେ ସେମାନଙ୍କର ସ୍ୱାର୍ଥଯୁକ୍ତ ସମସ୍ୟାରେ କ୍ଷତିଗ୍ରସ୍ତ ହେବାର ଆଶଙ୍କା ଉପୁଜେ ସେତେବେଳେ ସେମାନେ ଏକ ଆପୋଷ ସମାଧାନ ନିମିତ୍ତ ଆଗଭର ହୋଇଥା'ନ୍ତି । ସେମାନେ ଭାରତକୁ ପ୍ରାଦେଶିକ ସ୍ୱାୟତ୍ତ ଶାସନ (Provincial Autonomy)ର ପ୍ରସ୍ତାବ ଦେଇଥିଲେ ଏବଂ ଏହି ଚୁକ୍ତିରେ ସେମାନେ କୌଣସ ବୈଧାନିକ ନିଷେଧାଧିକାର (veto power) ପ୍ରୟୋଗ ନ କରିବାର ସର୍ତ୍ତ ରଖିଥିଲେ । କଂଗ୍ରେସହିଁ ଏହି ପ୍ରସ୍ତାବକୁ ଅଗ୍ରାହ୍ୟ କରି ସବୁକିଛି ଭଣ୍ଡୁର କରିଦେଲା । ଯଦି ସେମାନେ ଏହାକୁ ନାମଞ୍ଜୁର କରି ବ୍ରିଟିଶ ଶାସନର କେନ୍ଦ୍ରରେ ଚାପ ଦେଇଥା'ନ୍ତେ, ତେବେ ଇତିପୂର୍ବରୁ କଂଗ୍ରେସ ଯାହା ଚାହିଁ ଆସିଥିଲା ତାହା ଏତେବେଳକୁ ପ୍ରାପ୍ତ ହୋଇ ସାରିଥା'ନ୍ତା । ମୁଁ ଦୁଇଟି କାରଣରୁ ବ୍ରିଟିଶ ସପକ୍ଷରେ ସାହାଯ୍ୟ କରୁଛି – ଭାରତର ନିଜସ୍ୱ ସୁବିଧା ନିମିତ୍ତ ଏବଂ ଅନ୍ୟଟି ସମଗ୍ର ମାନବଜାତି ନିମିତ୍ତ; କିନ୍ତୁ ଏହି ଦୁଇଟି କାରଣ ହେଉଛି ବାହ୍ୟିକ, କାରଣ ଏତତ୍ ବ୍ୟତୀତ ଆଧାତ୍ମିକ କାରଣମାନ ମଧ୍ୟ ରହିଛି । ...

('Twelve Years with Sri Aurobindo'; pp. 124 - 25)

୧୯୪୦ ବେଳକୁ ଭାରତର ରାଜନୈତିକ (କଂଗ୍ରେସ) ଦଳରେ ବିଭାଜନ ହୋଇ ସାରିଥିଲା । ମହାତ୍ମାଗାନ୍ଧିଙ୍କ ଦଳ, ଅହିଂସାପନ୍ଥୀ ଏବଂ ସୁଭାଷ ଚନ୍ଦ୍ର ବୋଷଙ୍କ ଦଳ (ଯୁଦ୍ଧପନ୍ଥୀ) – ଅର୍ଥାତ୍ ପୂର୍ବରୁ ଥିବା 'ମଡ଼ରେଟ୍' ଏବଂ ଶ୍ରୀଅରବିନ୍ଦଙ୍କର 'ଡ଼େମୋକ୍ରାଟିକ୍ ନେସନାଲିଷ୍ଟ ପାର୍ଟି' । କିନ୍ତୁ ଦେଶରେ 'ତୁରନ୍ତ ପ୍ରାଦେଶିକ ଜାତୀୟ ସରକାର' ଗଠନ କରିବାର ଅନୁକୂଳ ସମ୍ଭାବନା ନଦେଖି ସୁଭାଷ ଚନ୍ଦ୍ର ୧୬ ଜାନୁଆରୀ, ୧୯୪୧ ମସିହାରେ ଆଶ୍ଚର୍ଯ୍ୟଜନକ ଭାବରେ ଭାରତରୁ ଅନ୍ତର୍ଦ୍ଧାନ ହୋଇ ଯାଇଥିଲେ । ୧୯୪୨ ମସିହାର ପ୍ରାରମ୍ଭରୁ ସେ ଜର୍ମାନର ବର୍ଲିନ୍ ରେଡ଼ିଓ ଷ୍ଟେସନରୁ ଭାରତୀୟଙ୍କ ସକାଶେ ନିୟମିତ ପ୍ରବଳ ଦେଶାତ୍ମବୋଧକ ଭାଷଣମାନ ଦେଇ ବିଦେଶରେ ଥିବା ଭାରତୀୟ ଯୁଦ୍ଧ-ବନ୍ଦୀମାନଙ୍କର ତଥା ଦେଶପ୍ରେମୀମାନଙ୍କର ଅତ୍ୟନ୍ତ ପ୍ରିୟଭାଜନ ହୋଇ ଉଠିଥିଲେ । ତାଙ୍କର ମୁଖ୍ୟ ଉଦ୍ଦେଶ୍ୟ ଥିଲା – ବିଦେଶରେ ରହି ଭାରତୀୟ ସ୍ୱାଧୀନତା ସଂଗ୍ରାମରେ ପରିପୂରକ ସାମରିକ ସାହାଯ୍ୟ କରିବା ।

ଗାନ୍ଧିଙ୍କର 'ଅହିଂସାନୀତି' ଥିଲା ହିଟ୍‌ଲରର (ନାଜିଜିମ୍‌ର) ହୃଦୟକୁ ସହାନୁଭୂତି ଓ ସୌହାର୍ଦ୍ଦ୍ୟପୂର୍ଣ୍ଣ ବ୍ୟବହାର ପୂର୍ବକ ଦ୍ରବୀଭୂତ କରାଇବା । ଏହି ପରିପ୍ରେକ୍ଷୀରେ ଶ୍ରୀଅରବିନ୍ଦ ମନ୍ତବ୍ୟ ଦେଇଥିଲେ ଯେ ହିଟ୍‌ଲରର ହୃଦୟ ଦ୍ରବୀଭୂତ ହୋଇପାରିବ କେବଳ ଗୋଟିଏ ଉପାୟରେ – ତା' ଉପରେ ବୋମା ବର୍ଷଣ କରି ତାକୁ ସମ୍ପୂର୍ଣ୍ଣ ରୂପେ ଅସ୍ତିତ୍ୱହୀନ କରିବା ଦ୍ୱାରା । ୨୮ ଅକ୍ଟୋବର, ୧୯୪୦ର 'କଥୋପକଥନ'ରେ ପୁନଶ୍ଚ ଅହିଂସା ସମ୍ବନ୍ଧେ କହିବାକୁ ଯାଇ ଶ୍ରୀଅରବିନ୍ଦ ମନ୍ତବ୍ୟ ଦେଇଥିଲେ : ''ଗାନ୍ଧି ପୋଲାଣ୍ଡରେ 'ଅହିଂସା' ପ୍ରବର୍ତ୍ତନ କରି ବିଫଳ ହୋଇଥିଲେ । ପୋଲାଣ୍ଡ ଦେଶବାସୀ (ଖୁବ୍ ସମ୍ଭବତଃ ଢିହୁମାନେ) 'ନାଜିଜ୍' ବିରୋଧରେ 'ଅହିଂସା ନୀତି' ଅବଲମ୍ବନ କରି ସେମାନଙ୍କର ଅନ୍ତିମ ପରିଣତି କ'ଣ ହୋଇଥିଲା ଜାଣ ?

ଜଣେ ପୋଲାଣ୍ଡ ଭଦ୍ରମହିଳା ଯିଏକି ଆମର ରବୀନ୍ଦ୍ର (ଅନ୍ତେବାସୀ)ର ବନ୍ଧୁ, ଗାନ୍ଧିଙ୍କୁ ଲିଖିତ ଏକ ପତ୍ରରେ ଉଲ୍ଲେଖ କରିଥିଲେ ଅହିଂସା ପନ୍ଥା ଅବଲମ୍ବନ କରିଥିବା ବ୍ୟକ୍ତିଗଣଙ୍କ ଉପରେ ଜର୍ମାନୀ ସୈନ୍ୟବାହିନୀର ଅମାନୁଷିକ ନିର୍ଦୟ ଉତ୍ପୀଡ଼ନର ତିନୋଟି କି ଚାରୋଟି ଉଦାହରଣ । ତନ୍ମଧ୍ୟରୁ ପ୍ରଥମଟି ହେଉଛି ପ୍ରାୟ ତିନି ଶହ ସ୍କୁଲ ଛାତ୍ର ହିଟ୍ଲରଙ୍କୁ ସାଲ୍ୟୁଟ୍ ଦେବାକୁ ନିର୍ବିକାର ରହିବାରୁ ସେହି ଛାତ୍ରଗଣଙ୍କୁ ସେମାନଙ୍କ ମାତାପିତାଙ୍କ ସମକ୍ଷରେ ଧାଡ଼ିରେ ଦଣ୍ଡାୟମାନ କରି ସମସ୍ତଙ୍କୁ ଗୁଳି କରି ମାରି ଦିଆ ଯାଇଥିଲା । ...

''ନାଜିଜିମ୍ ଉଦ୍ଦେଶ୍ୟରେ ଅହିଂସା ଆଚରଣରେ ଏହି ଧରଣର ପରିଣାମ ହୋଇଥାଏ । ମୁଁ ଆଶା କରୁଛି ଗାନ୍ଧି ଭାରତରେ ସମାନ ପରିସ୍ଥିତି ନ ଉପୁଜାଇବାକୁ ଚାହୁଁଥିବେ । ହୁଏତ ସେ କହିବେ ଯେ ପୋଲାଣ୍ଡବାସୀଙ୍କ ହୃଦୟରେ ଜର୍ମାନମାନଙ୍କ ପ୍ରତି ସ୍ନେହଶ୍ରଦ୍ଧା ନଥିଲା । ...''

(ତତ୍ରୈବ : ପୃ. ୧୩୮)

(କ୍ରମଶଃ)

ସଂକଳନ ଓ ଭାଷାନ୍ତର : ଗୋପାଳଚନ୍ଦ୍ର ମାହାନା

❑❑❑


## ନିଖିଳ ଉତ୍କଳ ଶ୍ରୀଅରବିନ୍ଦ ପାଠଚକ୍ର ସମ୍ମିଳନୀ
## (ଡିସେମ୍ବର ୯, ୧୦, ୧୧ - ୨୦୨୫)

ଓଡ଼ିଶାର ରାଜଧାନୀ ଭୁବନେଶ୍ୱରଠାରେ ଶ୍ରୀଅରବିନ୍ଦ ସଂସ୍କୃତି ସଂସଦ ଆନୁକୂଲ୍ୟରେ ଖଣ୍ଡଗିରିସ୍ଥିତ ମାତୃବିହାର ପରିସରରେ ଦ୍ୱାତ୍ରିଂଶତ୍ତମ ନିଖିଳ ଉତ୍କଳ ଶ୍ରୀଅରବିନ୍ଦ ପାଠଚକ୍ର ସମ୍ମିଳନୀ; ମହାଯୋଗୀ ଶ୍ରୀଅରବିନ୍ଦଙ୍କ ମହାସମାଧି ଦିବସ ୨୦୨୫ ଡିସେମ୍ବର ୯ ତାରିଖଠାରୁ ଆରମ୍ଭ କରି ୧୧ ତାରିଖ ପର୍ଯ୍ୟନ୍ତ ତିନିଦିନ ବ୍ୟାପୀ ଅନୁଷ୍ଠିତ ହେବ । ଓଡ଼ିଶାର ବିଶିଷ୍ଟ ବକ୍ତାବୃନ୍ଦ ଏହି ସମ୍ମିଳନୀରେ ଉଦ୍‌ବୋଧନ ଦେବାକୁ ସଦୟ ସ୍ୱୀକୃତି ପ୍ରଦାନ କରିଛନ୍ତି । ଏହି ସମ୍ମିଳନୀ ୯ ତାରିଖ ଅପରାହ୍ଣ ୫ଟା ସମୟରେ ଉଦ୍‌ଘାଟିତ ହୋଇ ୧୧ ତାରିଖ ରାତ୍ରୀ ଘଣ୍ଟା ୮.୩୦ ସୁଦ୍ଧା ଶେଷ ହେବ । ଏଥିରେ ଯୋଗଦେବା ନିମନ୍ତେ ପ୍ରତିନିଧି ଦେୟ ୫୦ଟଙ୍କା ମାତ୍ର ଧାର୍ଯ୍ୟ କରାଯାଇଛି । ଶ୍ରୀଅରବିନ୍ଦ ପାଠଚକ୍ର, ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ତଥା ଆପଣଙ୍କର ନିକଟସ୍ଥ ପାଠଚକ୍ରର ସମସ୍ତ ମାତୃପ୍ରେମୀ ଭାଇଭଉଣୀଙ୍କୁ ଏଥିରେ ଯୋଗଦେବା ନିମନ୍ତେ ବିନମ୍ର ଅନୁରୋଧ କରୁଛୁ ।

ଆପଣମାନଙ୍କ ପାଠଚକ୍ରରୁ ଆସୁଥିବା ପ୍ରତିନିଧିମାନଙ୍କ ନାମ ତାଲିକା ଉପରୋକ୍ତ ଠିକଣାରେ ଯଥାଶୀଘ୍ର ଜଣାଇବାକୁ ଅନୁରୋଧ । ଏହି ସମ୍ମିଳନୀ ସମ୍ପର୍କରେ ଅଧିକ ଜାଣିବାକୁ ଇଚ୍ଛା କଲେ ଉପରୋକ୍ତ ଠିକଣାରେ କିଂବା ନିମ୍ନରେ ପ୍ରଦତ୍ତ ମୋବାଇଲ ନମ୍ବର ସହ ଯୋଗାଯୋଗ କରିପାରନ୍ତି ।

ବିନୀତ

ଡ. ପ୍ରଫୁଲ୍ଲ କୁମାର ମିଶ୍ର

ସଭାପତି, ଶ୍ରୀଅରବିନ୍ଦ ସଂସ୍କୃତି ସଂସଦ

**Sri Aurobindo Sanskruti Sansad**

Matruvihar, Khandagiri, Bhubaneswar, Odisha - 751 030

Mobile : 8763124022, 9238560707, 9473213155, Email : principalsaiie@gmail.com

# ସିଦ୍ଧାନ୍ତ-ସମୀକ୍ଷା

## ରାମକୃଷ୍ଣ ଦାସ

ମନୁଷ୍ୟର ଲକ୍ଷ୍ୟ ଦୁଃଖ ଅମିଶ୍ରିତ ପରମାନନ୍ଦ, ପରମ ଶାନ୍ତି, ପରମ ସୁଖ, ଦ୍ୱନ୍ଦ୍ୱବିହୀନ ରୋଗ, ଜରା, ମୃତ୍ୟୁରୁ ମୁକ୍ତ ଦିବ୍ୟ ଶରୀର । ସେ ସଚ୍ଚିଦାନନ୍ଦ ସ୍ୱରୂପ, ଅଂଶ, ପ୍ରତିଭୂ ଅଥବା ସ୍ୱୟଂ ସଚ୍ଚିଦାନନ୍ଦ । ବ୍ରହ୍ମ ନିଜ ସଙ୍କଳ୍ପରେ 'ଏକୋଽହଂ ବହୁଶ୍ୟାମି' ନିଜ ମାୟା ଆଶ୍ରୟରେ ନିଜ ସ୍ୱରୂପକୁ ଗୋପନ କରି ଏକେବାରେ ଜଡ଼ ମଧ୍ୟରେ ନିମଜ୍ଜନ କରି ଯାଇଥିଲେ — ଏକକୁ ବହୁ ମଧ୍ୟରେ ପ୍ରକାଶ କରିବା ସକାଶେ । କ୍ରମବିକାଶର ଗତିଧାରା ଅନୁସାରେ ଜଡ଼ରୁ ତରୁତୃଣ, ଲତାଗୁଳ୍ମ, ପଶୁପକ୍ଷୀ ମଧ୍ୟଦେଇ ମନୁଷ୍ୟ ସ୍ତରରେ ଉପନୀତ ହୋଇଅଛନ୍ତି । ଏହି ମନୁଷ୍ୟ ସ୍ତରରେ ବନ୍ଦ ନହୋଇ ମନ ଊର୍ଦ୍ଧ୍ୱରେ ଅତିମାନସ, ମାନବତ୍ୱ ପରେ ଦେବ-ମାନବତ୍ୱକୁ ପ୍ରାପ୍ତ ହେବେ ଏବଂ ବହୁ ମଧ୍ୟରେ ଏକତ୍ୱ; ଅର୍ଥାତ୍ ମନୁଷ୍ୟକୁ ମନ, ପ୍ରାଣ, ଶରୀରରେ ନିଜକୁ ପୂର୍ଣ୍ଣ ପ୍ରକାଶ କରିବେ । ଏହା ମନୁଷ୍ୟର ଲକ୍ଷ୍ୟ । ଏହି ଲକ୍ଷ୍ୟ ପ୍ରାପ୍ତ କରିବା ସକାଶେ ମନୁଷ୍ୟ ଏହି ସଂସାରକୁ ଆସିଛି ।

ଆତ୍ମା, ମନ, ପ୍ରାଣ, ଶରୀର — ଏହି ଚାରିତତ୍ତ୍ୱ ଏକତ୍ର ହେବାରେହିଁ ମନୁଷ୍ୟ ଶରୀର । ଏହି ସମସ୍ତ ତତ୍ତ୍ୱ ଏକହିଁ ସଚ୍ଚିଦାନନ୍ଦ ପରମବ୍ରହ୍ମଙ୍କର ସ୍ୱରୂପ । କେବଳ ଆତ୍ମା ତାହାର ସ୍ୱ-ସ୍ୱରୂପରେ ସ୍ଥିତ; ଈଶ୍ୱର ସଙ୍କଳ୍ପରେ ମନ, ପ୍ରାଣ, ଶରୀର ବିକୃତ ତଥା ମାୟାମୋହଗ୍ରସ୍ତ । ଆତ୍ମାର ଅଖଣ୍ଡ ଅବିକୃତ ଜ୍ଞାନ ଥିବା ସତ୍ତ୍ୱେ ସେ ମନ, ପ୍ରାଣ, ଶରୀରର ଆଶ୍ରିତ । ତା'ର ସଙ୍କଳ୍ପ ମନ, ପ୍ରାଣ, ଶରୀର ମଧ୍ୟଦେଇ ପ୍ରକାଶିତ ହୁଏ । ଶରୀର, ମନ, ପ୍ରାଣ ବିକୃତ ଥିବାରୁ ଆତ୍ମାର ଅବିକୃତ ସଙ୍କଳ୍ପ ମନ, ପ୍ରାଣ, ଶରୀରର ସଂସ୍ପର୍ଶରେ ବିକୃତ ହୋଇଯାଏ । ଆତ୍ମାର ଅବିକୃତ ପରମାନନ୍ଦ ପ୍ରାପ୍ତି ଜ୍ଞାନଯୁକ୍ତ ଲକ୍ଷ୍ୟକୁ, ମନ-ପ୍ରାଣ-ଶରୀର ମୋହ ଅଜ୍ଞାନଗ୍ରସ୍ତ ହୋଇ ସ୍ତ୍ରୀ, ପୁତ୍ର, ଧନ, ମାନ, ଯଶଃରେ ଖୋଜେ ଏବଂ ପରିଣାମରେ ଦୁଃଖଦ୍ୱନ୍ଦ୍ୱ ଭୋଗ କରେ । କିନ୍ତୁ ଅଜ୍ଞାତରୂପେ ସାଂସାରିକ ଦୁଃଖକଷ୍ଟ, ଦ୍ୱନ୍ଦ୍ୱ, ଜନ୍ମ-ମରଣ ପୀଡ଼ା ମଧ୍ୟଦେଇ ଭୟସଙ୍କୁଳ ବିପଦ୍‌ପୂର୍ଣ୍ଣ କଣ୍ଟକାକୀର୍ଣ୍ଣ ପଥବିହୀନ ଦୁର୍ଗମ ଜଙ୍ଗଲ ମାର୍ଗରେ ଲକ୍ଷ୍ୟ ଆଡ଼କୁ ଗତି କରିଥାଏ । ମନୁଷ୍ୟର ଅଜ୍ଞାନ ଭ୍ରମ ଦୂର କରି ଦୁଃଖକଷ୍ଟ ଲାଘବ କରି ତାକୁ ସିଧା ମାର୍ଗରେ ପରିଚାଳିତ କରିବାକୁ ଭଗବାନ୍ ସ୍ୱୟଂ ଅବତାର ହୋଇ ଏହି ପୃଥିବୀକୁ ଆସନ୍ତି ଅଥବା ଭଗବାନଙ୍କ ବିଭୂତି ମହାପୁରୁଷମାନେ ମନୁଷ୍ୟ ଶରୀର ଧାରଣ କରି ସ୍ୱୟଂ ମାର୍ଗ ଆଚରଣ କରି ମନୁଷ୍ୟ ସମ୍ମୁଖରେ ନିଜର ଆଦର୍ଶ ରଖିଦିଅନ୍ତି, ଯାହାକୁ ଅନୁସରଣ କରି ସେ ନିଜର ଲକ୍ଷ୍ୟ ଦିଗରେ ଅଗ୍ରସର ହୋଇପାରେ । ସେହି ମହାପୁରୁଷମାନଙ୍କୁ ଆଚାର୍ଯ୍ୟ କୁହାଯାଏ, ଯେଉଁମାନେ ବେଦ ଉପନିଷଦ୍‌ରେ ନିହିତ ଥିବା ସତ୍ୟ ମାର୍ଗ ବିଶେଷ ରୂପେ କାର୍ଯ୍ୟକାରୀ କରାନ୍ତି, ଯାହାଦ୍ୱାରା ମନୁଷ୍ୟଜାତି ଗୋଟିଏ ନୂତନ ଆଲୋକ ପାଇପାରେ । ସେମାନେ ହେଉଛନ୍ତି ବୁଦ୍ଧ, ଖ୍ରୀଷ୍ଟ, ମହମ୍ମଦ, ମହାବୀର, ଆଚାର୍ଯ୍ୟ ଶଙ୍କର, ରାମାନୁଜ, ରାମାନନ୍ଦ, ନିମ୍ବାର୍କ, ମାଧବ, ବିଷ୍ଣୁସ୍ୱାମୀ ଓଗେର ମହାପୁରୁଷ । ମନୁଷ୍ୟଜାତିର କ୍ରମବିକାଶର ମାର୍ଗରେ ସମୟୋପଯୋଗୀ ଶିକ୍ଷା ଦେବା ପାଇଁ ଏହି ମହାପୁରୁଷମାନେ ଯେଉଁ ପ୍ରଣାଳୀ ଆବିଷ୍କାର କରନ୍ତି ତା'ର ନାମ ଦର୍ଶନ ସିଦ୍ଧାନ୍ତ; ମନୁଷ୍ୟ ଯେଉଁଥିରେ ସଚେତ ହୁଏ, ନିଜର ଯଥାର୍ଥ ଲକ୍ଷ୍ୟ ପ୍ରାପ୍ତିର ଉପାୟ ଜାଣେ ଏବଂ ଅଜ୍ଞାନ ମୋହ ଆସକ୍ତିକୁ ଦୂର କରି ସତ୍ୟ ମାର୍ଗରେ ଗତି କରେ । ଯଥାର୍ଥରେ ଆଚାର୍ଯ୍ୟମାନେ ମନୁଷ୍ୟଜାତିର ପଥପ୍ରଦର୍ଶକ ।

ଏହିସବୁ ଅଧ୍ୟାତ୍ମ-ସିଦ୍ଧାନ୍ତ ପ୍ରତିଷ୍ଠାତା ଆଚାର୍ଯ୍ୟମାନେ ମହାପୁରୁଷ; ଭଗବାନଙ୍କ ବିଭୂତି, ଅଜ୍ଞାନର ବହୁ ଊର୍ଦ୍ଧ୍ୱରେ । ସେମାନେ ଜ୍ଞାନରେ ବାସ କରନ୍ତି । ସେମାନଙ୍କ ଜ୍ଞାନ-ଜ୍ୟୋତିଃର କିରଣ-ଛଟାରେ କୋଟି କୋଟି ନରନାରୀ ପ୍ରକାଶିତ ହୋଇ ଜ୍ଞାନ ଲାଭ କରି ଦୁଃଖଦ୍ୱନ୍ଦ୍ୱପୂର୍ଣ୍ଣ ସଂସାରରୁ ମୁକ୍ତ ହୁଅନ୍ତି । ଆଚାର୍ଯ୍ୟମାନେ ମନୁଷ୍ୟଜାତିର ବିକାଶୋପଯୋଗୀ ଭିନ୍ନ ଭିନ୍ନ ସମୟରେ ଭିନ୍ନ ଭିନ୍ନ ଶିକ୍ଷା ଦିଅନ୍ତି; ଏପରିକି ଏକ ସିଦ୍ଧାନ୍ତର ବିପରୀତ ଅନ୍ୟ ସିଦ୍ଧାନ୍ତ ହୁଏ, ଏକ ସିଦ୍ଧାନ୍ତ ଅନ୍ୟକୁ ଖଣ୍ଡନ କରେ । ବୁଦ୍ଧଦେବ ବେଦ ତଥା କର୍ମକାଣ୍ଡ ଖଣ୍ଡନ କଲେ । ଶଙ୍କର ବୌଦ୍ଧ ସିଦ୍ଧାନ୍ତକୁ ଖଣ୍ଡନ କରି ନିଜ ସିଦ୍ଧାନ୍ତ ପ୍ରତିଷ୍ଠା କଲେ । ରାମାନୁଜ ଶଙ୍କରଙ୍କ ଅଦ୍ୱୈତ ସିଦ୍ଧାନ୍ତକୁ ଖଣ୍ଡନ କରି ବିଶିଷ୍ଟାଦ୍ୱୈତ ସିଦ୍ଧାନ୍ତ ସ୍ଥାପନ କଲେ । ପୁରାତନ ଯୋଗର ସମସ୍ତ ଆଚାର୍ଯ୍ୟ ଏକ ଅନ୍ୟର ସିଦ୍ଧାନ୍ତ ଖଣ୍ଡନ କରିବାରୁ ଏକ ଅନ୍ୟର ବିରୋଧୀ ପ୍ରତୀତ ହେବା ସତ୍ତ୍ୱେ ସେମାନେ ପ୍ରକୃତରେ ଏକ

ଅନ୍ୟର ବିରୋଧୀ ନୁହନ୍ତି । ବିରୋଧ, ହିଂସା, ସ୍ୱାର୍ଥ ମନଃ ସ୍ତରର ଅଜ୍ଞାନ ଚେତନାର ବସ୍ତୁ । ଆଚାର୍ଯ୍ୟମାନେ ସର୍ବଦା ନିବାସ କରନ୍ତି ମନର ବହୁ ଊର୍ଦ୍ଧ୍ୱ ସତ୍ୟ-ଚେତନାରେ । ସେଠାରେ ମୋହ ଅଜ୍ଞାନ ନଥାଏ । ସେମାନେ ଯଦ୍ୟପି ମନୁଷ୍ୟ ସଦୃଶ ବାହ୍ୟ ବ୍ୟବହାର କରନ୍ତି ତଥାପି ସେମାନଙ୍କ ଚେତନା ସାଧାରଣ ମନୁଷ୍ୟ ଚେତନା ଠାରୁ ପୃଥକ୍ ଦିବ୍ୟ ଚେତନା । ମନୁଷ୍ୟ ସ୍ୱୟଂ ସାଧାରଣ ଚେତନାରେ ରହିଥିବାରୁ ଆଚାର୍ଯ୍ୟମାନଙ୍କ କର୍ମ ନିଜ ସଦୃଶ ଦେଖି ସେଥିରେ ନିଜର ମୋହ, ଅଜ୍ଞାନ ଆରୋପ କରେ । ଯଥାର୍ଥରେ ଆଚାର୍ଯ୍ୟମାନଙ୍କ ମଧ୍ୟରେ ହିଂସା, ଦ୍ୱେଷ, ଈର୍ଷ୍ୟା, ବିରୋଧ, ସ୍ୱାର୍ଥ ନ ଥାଏ । ତେବେ ସେମାନେ ଅନ୍ୟର ସିଦ୍ଧାନ୍ତ ଖଣ୍ଡନ କରିବେ କାହିଁକି ?

ମନୁଷ୍ୟର ଅବସ୍ଥା ଅନୁସାରେ ଯେଉଁ ସମୟରେ ଯେଉଁ ଶିକ୍ଷାର ଆବଶ୍ୟକ ହୁଏ, ଭଗବାନଙ୍କ ସଙ୍କଳ୍ପରେ ଆଚାର୍ଯ୍ୟମାନେ ସଂସାରକୁ ଆସି ସେହି ଶିକ୍ଷା ଦିଅନ୍ତି । ସମୟ ବ୍ୟତୀତ ହେବା ସଙ୍ଗେ ସଙ୍ଗେ ମନୁଷ୍ୟର ବିକାଶ ଅଗ୍ରସର ହେଉଥାଏ । ଭୂତ କାଳରେ ଯେଉଁ ଶିକ୍ଷା ପ୍ରାପ୍ତ ଥାଏ ତାହା ଭବିଷ୍ୟତରେ ଉପଯୋଗୀ ହୁଏ ନାହିଁ । ସେଥି-ସକାଶେ ନୂତନ ଶିକ୍ଷା ଆବଶ୍ୟକ ହୁଏ । ଅନ୍ୟ ଆଚାର୍ଯ୍ୟ ନୂତନ ପ୍ରଣାଳୀର ଶିକ୍ଷା (ସିଦ୍ଧାନ୍ତ) ସ୍ଥାପନ କରିବାରେ ପୂର୍ବ ସିଦ୍ଧାନ୍ତ ଆଲୋଚନା କରିବାକୁ ହୁଏ ଏବଂ ତାହା ସ୍ୱତଃ ଖଣ୍ଡିତ ହୁଏ । ଏହା ପରଚର୍ଚ୍ଚା ନୁହେଁ, ଏଥିରେ ଅସହିଷ୍ଣୁତା ନଥାଏ, ଏହା ଦ୍ୱେଷ, ଈର୍ଷା, ସ୍ୱାର୍ଥରୁ ସର୍ବଥା ମୁକ୍ତ । ଆଚାର୍ଯ୍ୟମାନେ ଯାହା ସିଦ୍ଧାନ୍ତ କରନ୍ତି ତାହାର ଭାଷା ସର୍ବସାଧାରଣସୁଲଭ ନଥାଏ । ସେମାନଙ୍କ ଅନୁଗାମୀମାନେ ଆଚାର୍ଯ୍ୟମାନଙ୍କ ସିଦ୍ଧାନ୍ତକୁ ସରଳ ବୋଧଗମ୍ୟ ଭାଷାରେ ବ୍ୟକ୍ତିଙ୍କ ସମ୍ମୁଖରେ ରଖନ୍ତି ।

ଅନ୍ୟ କାରଣ ହେଲା : ମନୁଷ୍ୟ ଅଭ୍ୟାସଗତ ସଂସ୍କାରର କ୍ରୀତଦାସ । ସେ ଯାହା ଯାହା କରି ଆସୁଥାଏ ସେହି ଅଭ୍ୟାସ ସୀମା ପାଚେରିକୁ ଦୃଢ଼ କରି ତାହାରି ମଧ୍ୟରେ ନିଜକୁ ସୁରକ୍ଷିତ ରଖିଥାଏ । କୌଣସି ନୂତନ ସତ୍ୟର ପ୍ରବେଶ ପାଇଁ ନିଷେଧ ଆଜ୍ଞା ଜାରି କରିଦିଏ । ମନୁଷ୍ୟ ଯେଉଁ ଅବସ୍ଥାରେ ଥାଏ ସେଥିରୁ ବାହାରିବାକୁ କେବେ ବି ଚାହେଁ ନାହିଁ । ଅଧ୍ୟାତ୍ମ-ସାଧକ ଯେପରି ତା'ର ପୂର୍ବ ଅଭ୍ୟାସ, ରୀତିନୀତି, ଗୁରୁବାଦ, ସମ୍ପ୍ରଦାୟ-ବାଦରେ ଆସକ୍ତ, ସାଧାରଣ ମନୁଷ୍ୟ ସେହିପରି ପରିବାର, ସମ୍ପତ୍ତି, ମାନ, ପ୍ରତିଷ୍ଠାରେ ଆସକ୍ତ । ସାଧାରଣ ମନୁଷ୍ୟ ଅଜ୍ଞାନରୁ ମୁକ୍ତ ହେବା ସହଜ, କିନ୍ତୁ କେତେକ ଅଧ୍ୟାତ୍ମ-ସାଧକମାନଙ୍କ ପକ୍ଷେ ଦୁରୂହ । କାରଣ ଅନ୍ୟାୟ କାର୍ଯ୍ୟ ତ୍ୟାଜ୍ୟ ବୋଲି ସାଧାରଣ ବ୍ୟକ୍ତି ଜାଣେ । ନିଜେ ଅନ୍ଧକାରରେ ଅଛି ବୋଲି ଅନୁଭବ କରେ ଏବଂ ସୁଯୋଗ ପାଇଲେ ତ୍ୟାଗ କରିପାରେ । କିନ୍ତୁ କେତେକ ଅଧ୍ୟାତ୍ମ-ସାଧକ ଆଂଶିକ ପ୍ରକାଶରେ ଥାଆନ୍ତି, ନିଜ ସୀମିତତାକୁ ବୁଝି ନପାରି ତାକୁ ପୋଷଣ କରୁ ଥାଆନ୍ତି । ଏପରିକି ନିଜ ବିକାଶକୁ ବନ୍ଦ କରି ଜନ୍ମ-ଜନ୍ମାନ୍ତର ଧରି ସେହି ସୀମା ମଧ୍ୟରେ ଘୂର୍ଣ୍ଣାୟମାନ ହେଉଥା'ନ୍ତି । ଏହି କାରଣରୁ ଆଚାର୍ଯ୍ୟମାନେ ପୂର୍ବ ସିଦ୍ଧାନ୍ତ ଆଲୋଚନା କରନ୍ତି ଏବଂ ଖଣ୍ଡନ କରନ୍ତି, ଯଦ୍ଦ୍ୱାରା ସାଧକ ସଚେତ ହୋଇ ନିଜ ଅନ୍ତରାତ୍ମାର ପ୍ରେରଣା ବୁଝିପାରେ ଏବଂ ବିକାଶ ମାର୍ଗରେ ଅଗ୍ରସର ହୋଇପାରେ ।

ଆଚାର୍ଯ୍ୟମାନେ ସମୟୋପଯୋଗୀ ସିଦ୍ଧାନ୍ତ ସ୍ଥାପନ କରିବା ପରେ ପୂର୍ବବର୍ତ୍ତୀ ସିଦ୍ଧାନ୍ତ ଏକେବାରେ ବିଲୁପ୍ତ ହୁଏ ନାହିଁ । କାରଣ କ୍ରମବିକାଶ ପ୍ରତ୍ୟେକ ବ୍ୟକ୍ତିର ସମାନ ଭାବରେ ଚାଲେ ନାହିଁ । ପୂର୍ବକାଳର ଚେତନାଯୁକ୍ତ ବ୍ୟକ୍ତି ସେହି ସମୟରେ ଥାଆନ୍ତି । ଅନ୍ୟ ଭାଷାରେ କହିଲେ ପ୍ରତ୍ୟେକ ମନୁଷ୍ୟ ତା'ର ନିଜ ସ୍ୱଭାବ ଅନୁସାରେ ଭିନ୍ନ ଭିନ୍ନ ମାର୍ଗରେ ଗତି କରେ । ମନୁଷ୍ୟର ସ୍ୱଭାବ ଭିନ୍ନ, ଅବସ୍ଥା ଭିନ୍ନ ଭିନ୍ନ ଥିବାରୁ ସେମାନଙ୍କ ଅନ୍ତରାତ୍ମାର ବିକାଶ ପାଇଁ ସାଧନା ମାର୍ଗ ବାଛି ନେବା ସକାଶେ ସେମାନଙ୍କ ପୂର୍ଣ୍ଣ ସ୍ୱତନ୍ତ୍ରତା ରହିବା ଆବଶ୍ୟକ । ତାଙ୍କୁ ସମ୍ପ୍ରଦାୟ ତଥା ଗୁରୁବାଦରେ ବାନ୍ଧିଦେବା ଦ୍ୱାରା ତା'ର ବିକାଶ ମାର୍ଗ ରୁଦ୍ଧ ହୋଇଯାଏ । ମନୁଷ୍ୟ ବିକାଶଶୀଳ, ତା'ର ବିକାଶ ଅସୀମ । ସେ ଅନନ୍ତ ପଥର ଯାତ୍ରୀ । ବର୍ତ୍ତମାନ ତା'ର ବିକାଶ ଅଜ୍ଞାନରୁ, ଦୁଃଖରୁ, ଜ୍ଞାନ, ପରମାନନ୍ଦ ଆଡ଼କୁ ଗତି କରୁଛି । ଭବିଷ୍ୟତରେ ଜ୍ଞାନରୁ ଅସୀମ ଜ୍ଞାନ, ଆନନ୍ଦରୁ ପରମାନନ୍ଦ ଆଡ଼କୁ ଗତି କରି ଚାଲିଥିବ । ଗୁରୁବାଦ ତଥା ସମ୍ପ୍ରଦାୟ ସିଦ୍ଧାନ୍ତ ତା'ର ମାର୍ଗର ସହାୟ ମାତ୍ର, ତା'ର ଜୀବନର ପରମ ଲକ୍ଷ୍ୟ ନୁହେଁ ।

ମନୁଷ୍ୟର ମନ, ପ୍ରାଣ, ଶରୀର ଆସିଛି ସଚ୍ଚିଦାନନ୍ଦ ତତ୍ତ୍ୱରୁ । ଯେପର୍ଯ୍ୟନ୍ତ ସେହି ସଚ୍ଚିଦାନନ୍ଦ ତତ୍ତ୍ୱରେ ମନୁଷ୍ୟର ମନ-ପ୍ରାଣ-ଶରୀର ରୂପାନ୍ତରିତ ନ ହୋଇଛି ସେପର୍ଯ୍ୟନ୍ତ ସେ ବିକାଶ ମାର୍ଗରେ ଗତି କରିଚାଲିଥିବ । ତାହାର ଏହି ଏକହିଁ ଲକ୍ଷ୍ୟ । ସେହି କାରଣରୁ ମନୁଷ୍ୟ ସ୍ୱତଃ ସ୍ୱାଭାବିକ ଭାବେ ଅଜ୍ଞାତ ରୂପେ ନୀରୋଗ, ଜରାମୃତ୍ୟୁରୁ ମୁକ୍ତ ଚିରଯୌବନ ଶରୀର, ଦୁଃଖ ଅମିଶ୍ରିତ ଅଖଣ୍ଡ ପରମାନନ୍ଦ ଚାହେଁ । ଏହା

ଯଦି ମନୁଷ୍ୟକୁ ପ୍ରାପ୍ତ ନହୁଅନ୍ତା ସେ କେବେ ବି ଆଶା କରି ପାରନ୍ତା ନାହିଁ । ଯେଉଁ ବସ୍ତୁର ଅସ୍ତିତ୍ୱ ନ ଥାଏ, ସତ୍ୟତା ନଥାଏ, ତାହା ମନୁଷ୍ୟର କଳ୍ପନାରେ କେବେ ବି ଆସେ ନାହିଁ ।

ମନୁଷ୍ୟର ବିକାଶ ମାର୍ଗରେ ଆଚାର୍ଯ୍ୟମାନେ ଆସି ତାକୁ ନିର୍ବାଣ, ମୁକ୍ତି, ଭକ୍ତିର ଶିକ୍ଷା ପୃଥକ୍ ପୃଥକ୍ ସମୟରେ ଦେଇଥିଲେ । ବର୍ତ୍ତମାନ ଏହିସବୁ ସିଦ୍ଧି ଏକସଙ୍ଗେ ପ୍ରାପ୍ତ ହେବାର ସମୟ ଆସିଛି । ତା'ର ମନ, ପ୍ରାଣ, ଶରୀର ରୂପାନ୍ତରିତ ହେବ; ସେ ରୋଗ, ଜରା, ମୃତ୍ୟୁ ଅଧୀନରୁ ମୁକ୍ତ ହୋଇ ଦିବ୍ୟ ଚିନ୍ମୟ ଶରୀର ପ୍ରାପ୍ତ କରିବ; ସେ ଏକସଙ୍ଗେ ନିର୍ଗୁଣ, ସଗୁଣ ଉଭୟର ଧର୍ତ୍ତା ସଚ୍ଚିଦାନନ୍ଦ ତତ୍ତ୍ୱକୁ ରୂପାନ୍ତରିତ ମନ, ପ୍ରାଣ, ଶରୀରରେ ପ୍ରକାଶ କରିବ ଏବଂ ଭକ୍ତି, ଜ୍ଞାନକୁ ଏକସଙ୍ଗେ ଉପଲବ୍ଧ କରିବ । ଏହାର ପରିଣାମରେ ସଂସାରରୁ ଦୁଃଖ, ଦ୍ୱନ୍ଦ୍ୱ, ବୈର, ବିରୋଧ, ହିଂସା, ଦ୍ୱେଷ ଦୂର ହେବ । ଏହି ସଂସାର ସ୍ୱର୍ଗରେ ପରିଣତ ହେବ । ପୌରାଣିକ ଭାଷାରେ କଳି ପରେ ସତ୍ୟଯୁଗ ଆସିବ ।

ଏହା ହେବ ଅତିମାନସ ଶକ୍ତି ଦ୍ୱାରା । ପୂର୍ବେ ଭିନ୍ନ ଭିନ୍ନ ସମୟରେ ମନୁଷ୍ୟଜାତିର ବିକାଶ ମାର୍ଗରେ ସାହାଯ୍ୟ କରିବା ସକାଶେ ଆଚାର୍ଯ୍ୟମାନେ ଯେପରି ଏହି ପୃଥିବୀକୁ ଆସିଥିଲେ ଠିକ୍ ସେହିପରି ଏହି କାର୍ଯ୍ୟ କରିବା ସକାଶେ ଭଗବାନଙ୍କ ସଙ୍କଳ୍ପ ଅନୁସାରେ ଶ୍ରୀମା ଶ୍ରୀଅରବିନ୍ଦ ଏହି ପୃଥିବୀକୁ ଆସି ଅତିମାନସ ଶକ୍ତିକୁ ଏହି ପୃଥିବୀ ଉପରେ ଅବତରଣ କରାଇ ରୂପାନ୍ତର କାର୍ଯ୍ୟ କରାଉ ଅଛନ୍ତି । କେତେକ ବ୍ୟକ୍ତିଙ୍କର ମନ, ପ୍ରାଣ ସହିତ ସ୍ଥୂଳ ଶରୀର ରୂପାନ୍ତରିତ ହେବାକୁ ଆରମ୍ଭ କଲେ ପ୍ରଥମରେ ବ୍ୟକ୍ତି ରୋଗରୁ ମୁକ୍ତ ହେବ ଏବଂ ନିୟମିତ ସମୟରେ ଜରା ଦେଖାଦେବ ନାହିଁ । ଶରୀର ପୂର୍ଣ୍ଣ ରୂପାନ୍ତରିତ ହେଲେ ସେ ପୂର୍ଣ୍ଣ ରୂପେ ଜରା ତଥା ମୃତ୍ୟୁ ଅଧୀନରୁ ମୁକ୍ତ ହେବ । ଭକ୍ତିଯୋଗ ଦ୍ୱାରା ପରାଭକ୍ତି ପ୍ରାପ୍ତିରେ ବ୍ୟକ୍ତି ଯେଉଁ ପରମାନନ୍ଦ ଉଚ୍ଚତର ସ୍ତରରେ ଉପଲବ୍ଧ କରୁଥିଲା; ଅଦ୍ୱୈତ ସିଦ୍ଧାନ୍ତ ଅନୁସାରେ ଆତ୍ମା ପରମାତ୍ମା ସହିତ ଲୀନ ହେବାରେ ଯେଉଁ ଅନିର୍ବଚନୀୟ ଆନନ୍ଦ ସତ୍ୟସତ୍ତା ଉପଲବ୍ଧ କରୁଥିଲା; ଏହି ଉଭୟ ଅଭିବ୍ୟକ୍ତି ରୂପାନ୍ତରିତ ଶରୀର, ରୂପାନ୍ତରିତ ପ୍ରାଣ ଓ ରୂପାନ୍ତରିତ ମନରେ ଉପଲବ୍ଧ ହେବ । ଅର୍ଥାତ୍, ଶରୀର ସ୍ୱୟଂ ସଚେତ ହୋଇ ଭଗବାନଙ୍କ ସାକାର ରୂପ, ନିରାକାର ରୂପ, ଜ୍ଞାନ, ଭକ୍ତି ଏକସଙ୍ଗେ ଉପଲବ୍ଧ କରିପାରିବ । ଯେଉଁ ସଚ୍ଚିଦାନନ୍ଦ-ବ୍ରହ୍ମ ଜ୍ଞାନ ସ୍ୱରୂପ, ପରମାନନ୍ଦ ସ୍ୱରୂପ, ଶକ୍ତି ସ୍ୱରୂପ, ସେ ଏହି ସ୍ଥୂଳ ଶରୀରରେ ପ୍ରକାଶ ହେବେ । ଏହାହିଁ ମନୁଷ୍ୟର ଲକ୍ଷ୍ୟ । ଏଥିସକାଶେ ଭଗବାନ୍ ବହୁରୂପେ ପ୍ରକଟ ହୋଇଅଛନ୍ତି ନିଜକୁ ପ୍ରକାଶ କରିବା ସକାଶେ । ଭଗବାନଙ୍କର ସ୍ଥୂଳ ଶରୀରରେ ପୂର୍ଣ୍ଣ ପ୍ରକାଶ ହେଲେ ସଂସାରରୁ ପୂର୍ଣ୍ଣରୂପେ ଅନ୍ୟାୟ, ଅତ୍ୟାଚାର ଦୂର ହୋଇଯିବ ।

ପୂର୍ବେ ଯୋଗ-ସିଦ୍ଧି ଦ୍ୱାରା ବ୍ୟକ୍ତିଗତ ରୂପେ ବହୁତ କମ୍ ଯୋଗୀ ଶରୀର ଉପରେ କେତେକ ପରିମାଣରେ ଅଧିକାର ପ୍ରାପ୍ତ କରିଥିଲେ । ରୋଗରୁ କେତେକ ପରିମାଣରେ ମୁକ୍ତ ଥିଲେ, ମୃତ୍ୟୁର ନିୟମିତ ସମୟ ଅତିକ୍ରମ କରି ଆୟୁ ବୃଦ୍ଧି କରିଥିଲେ । ସଂକଳ୍ପ ମାତ୍ରେ ଅନ୍ୟ ସ୍ଥାନରେ ପହଞ୍ଚି ପାରୁଥିଲେ । କିନ୍ତୁ ସେମାନଙ୍କ ସ୍ଥୂଳ ଶରୀର ରୂପାନ୍ତରିତ ହୋଇ ନଥିଲା । କେବଳ ଅରୂପାନ୍ତରିତ ପଞ୍ଚତତ୍ତ୍ୱ ଉପରେ ସେମାନଙ୍କର ଅଧିକାର ପ୍ରାପ୍ତ ଥିଲା । ସେମାନଙ୍କର ସଂକଳ୍ପ ଦ୍ୱାରା ତତ୍ତ୍ୱସବୁ ପୃଥକ୍ ଏବଂ ଏକତ୍ର ହୋଇ ପାରୁଥିଲା । ସେମାନଙ୍କ ସ୍ଥୂଳ ଶରୀରରେ ଭଗବାନଙ୍କର ପ୍ରକାଶ ହୋଇ ନଥିଲା । କାରଣ ମନ, ପ୍ରାଣ, ଶରୀର ତତ୍ତ୍ୱ ବିଶ୍ୱ-ମନ, ବିଶ୍ୱ-ପ୍ରାଣ, ବିଶ୍ୱ-ଜଡ଼-ତତ୍ତ୍ୱ ସଙ୍ଗେ ଏକ । ଏକ ବ୍ୟକ୍ତିର ଜଡ଼-ଶରୀର-ତତ୍ତ୍ୱ ରୂପାନ୍ତରିତ ହେଲେ ବିଶ୍ୱ-ଜଡ଼-ତତ୍ତ୍ୱ ରୂପାନ୍ତରିତ ହେବ । ଅନ୍ୟ ଯେ କେହି ବ୍ୟକ୍ତି ଚାହିଁବ ସେ ଅନାୟାସରେ ନିଜକୁ ରୂପାନ୍ତରିତ କରି ପାରିବ । ଜଣଙ୍କର ରୂପାନ୍ତର ହୋଇ ବନ୍ଦ ହୋଇଯିବ ନାହିଁ । ପୁରାତନ ଯୋଗୀମାନଙ୍କର ଶରୀର ରୂପାନ୍ତରିତ ହୋଇଥିଲେ ବିଶ୍ୱରୁ ଅନ୍ୟାୟ ଦୂର ହୋଇ ଥାଆନ୍ତା । କାରଣ ବିଶ୍ୱର ଜଡ଼ତତ୍ତ୍ୱ ହେଉଛି ଅବଚେତନା । ସେହି ଅବଚେତନା ସମସ୍ତ ଅଜ୍ଞାନ, ଅନ୍ଧକାରର ଉଦ୍‌ଗମ ସ୍ଥାନ । ଜଡ଼ ଚେତନାର ରୂପାନ୍ତରର ଅର୍ଥ ଅଜ୍ଞାନ ଅନ୍ଧକାରର ରୂପାନ୍ତର । ତାହା ରୂପାନ୍ତରିତ ହୋଇଥିଲେ ଆଜି ସଂସାରରେ ଗୋଟିଏ ନୂତନ ରୂପାନ୍ତରିତ ମନୁଷ୍ୟଜାତି ଆମ୍ଭେମାନେ ଦେଖୁଥା'ନ୍ତୁ । ତାହା ହୋଇ ନାହିଁ । ସଂସାରରେ ଯେତେ ଜନସଂଖ୍ୟା ତା' ମଧ୍ୟରୁ ଦୁଇ, ଚାରି ଜଣ ବ୍ୟକ୍ତି ଯୋଗ ଦ୍ୱାରା ରୋଗ, ଜରାରୁ ମୁକ୍ତ ହୋଇ ପରମାୟୁ ବଢ଼ାଇ ନେଲେ ସଂସାର-ଚେତନା ସ୍ତରରେ କୌଣସି ପରିବର୍ତ୍ତନ ହୁଏ ନାହିଁ । ତାହା ବ୍ୟକ୍ତିଗତ ସିଦ୍ଧି । ଏପରି ଯୋଗୀଙ୍କ ନାମ ପୁସ୍ତକରେ ପଢ଼ିବା, ଲୋକମୁଖରୁ ଶୁଣିବା ଛଡ଼ା ବହୁତ କମ୍ ଲୋକ ଦେଖିଥିବେ ।

ଶ୍ରୀଅରବିନ୍ଦଙ୍କ ଯୋଗରେ ଅତିମାନସ ଶକ୍ତି ଦ୍ୱାରା ଯେଉଁ ରୂପାନ୍ତର ହେବ ତାହା ଏହାଠାରୁ ସଂପୂର୍ଣ୍ଣ ପୃଥକ୍ ।

ଥରେ ବହୁତ କମ୍ ବ୍ୟକ୍ତିଙ୍କର ରୂପାନ୍ତର ହୋଇଗଲେ ତାହା ଏହି ସଂସାରରେ ପ୍ରତିଷ୍ଠିତ ହେବ; ପୁନଶ୍ଚ ଲୁପ୍ତ ହେବ ନାହିଁ, ବୃଦ୍ଧି ହେଉଥିବ । ପୁରାତନ ଯୋଗ-ସିଦ୍ଧି ପ୍ରାପ୍ତ ଶରୀର ସମ୍ବନ୍ଧରେ ପଢ଼ିବା, ଶୁଣିବା ଛଡ଼ା ଯେପରି ଦେଖିବାକୁ ମିଳୁ ନାହିଁ, ସେପରି ହେବ ନାହିଁ । ଗୋଟିଏ ଅତିମାନସ ଜାତି ଏହି ପୃଥିବୀରେ ସ୍ଥାପିତ ହେବ । ଯେପରି ପଶୁ-ଜଗତରେ ମନୁଷ୍ୟ ଜାତି ହୋଇଛି, ସେହିପରି ମନୁଷ୍ୟ ଜଗତରେ ଅତିମାନବ ଜାତି ସ୍ଥାପିତ ହେବ । ଯେଉଁ ବିକାଶ ଅନୁସାରେ ମନୁଷ୍ୟ ଜଡ଼ରୁ ବହୁ ଅବସ୍ଥା ଅତିକ୍ରମ କରି ବର୍ତ୍ତମାନ ମନୁଷ୍ୟରେ ପହଞ୍ଚି ଅଛି, ସେହି ବିକାଶ ନିୟମରେ ବ୍ୟକ୍ତି ମନୁଷ୍ୟକୁ ଅତିକ୍ରମ କରି ଅତିମାନବରେ ଅବଶ୍ୟ ପହଞ୍ଚିବ । ଏହାର ସମୟ ହୋଇଛି । ମନୁଷ୍ୟର ମନ ବିକାଶର ଶେଷ ସୀମାରେ ପହଞ୍ଚି ସାରିଲାଣି ।

ଏହି କାର୍ଯ୍ୟ କରିବା ସକାଶେ ଶ୍ରୀମା ଶ୍ରୀଅରବିନ୍ଦ ଏହି ସଂସାରକୁ ଆସିଅଛନ୍ତି । ଶ୍ରୀଅରବିନ୍ଦଙ୍କ ଯୋଗ ଏହି ବିକାଶ ମାର୍ଗରେ ସହାୟକ ମାତ୍ର । ପ୍ରତ୍ୟେକ ମନୁଷ୍ୟର ଏହା ଅନିବାର୍ଯ୍ୟ ଲକ୍ଷ୍ୟ । ମନୁଷ୍ୟର ଏହି ବିକାଶ ମାର୍ଗରେ ପୁରାତନ ଯୋଗର ଯେଉଁ ଆଚାର୍ଯ୍ୟମାନେ ଆସି ଭିନ୍ନ ଭିନ୍ନ ଶିକ୍ଷା ପ୍ରଣାଳୀରେ ସାହାଯ୍ୟ କରିଥିଲେ ସେମାନଙ୍କ ମଧ୍ୟରେ ବିରୋଧ ଭାବ ନଥିଲା । କିନ୍ତୁ ସେତେବେଳେ ମନୁଷ୍ୟର ମନ-ସ୍ତର ମଧ୍ୟରେ ଭିନ୍ନ ଭିନ୍ନ ଚେତନାସ୍ତର ବିକାଶରେ ସେମାନେ ସାହାଯ୍ୟ କରିଥିବାରୁ ତାହା ବିରୋଧୀ ପ୍ରତୀତ ହେଉଥିଲା । ବର୍ତ୍ତମାନ ବିକାଶ ଏକେବାରେ ମନରୁ ଭିନ୍ନ ଅତିମାନସ ଚେତନାର ଗୋଟିଏ ନୂତନ ସ୍ତରରେ; ସେଠାରେ ସର୍ବସମନ୍ୱୟ । ସମସ୍ତ ସାମ୍ପ୍ରଦାୟିକ, ଧାର୍ମିକ, ଗୁରୁବାଦର ବ୍ୟକ୍ତି ଏହି ଲକ୍ଷ୍ୟ ଗ୍ରହଣ କରିବାରେ ସେମାନଙ୍କ ପୁରାତନ ସାଧନା, ସିଦ୍ଧାନ୍ତ, ଗୁରୁନିଷ୍ଠା କିଛି ବି ତ୍ୟାଗ କରିବାକୁ ହୁଏ ନାହିଁ । ବରଂ ଶରୀର ତ୍ୟାଗ କରିବା ପରେ ଯେଉଁ ଲକ୍ଷ୍ୟ ପ୍ରାପ୍ତି କରିବା ଉଦ୍ଦେଶ୍ୟ ଥାଏ ତାହା ଏହି ରୂପାନ୍ତରିତ ଶରୀରରେ ପ୍ରାପ୍ତ ହୁଏ ।

ଯେପରି ଅଦ୍ୱୈତ ସିଦ୍ଧାନ୍ତର ଲକ୍ଷ୍ୟ ନିର୍ବିଶେଷ ସତ୍ତାରେ ଆତ୍ମ-ଚେତନା ଏକ ହୋଇଯିବା । ତାହା ଅନିର୍ବଚନୀୟ ଆନନ୍ଦ । ଆନନ୍ଦ ଅନିର୍ବଚନୀୟର ଅର୍ଥ ଏହା ସେଠାରେହିଁ ଅନୁଭୂତ ହୁଏ । ସେ ସ୍ତରରେ ଅନୁଭବ ହେବା ସତ୍ତ୍ୱେ ଦ୍ୱୈତତା ନଥାଏ । କିନ୍ତୁ ମନ ସ୍ତରର ଭୌତିକ ଶବ୍ଦ ଦ୍ୱାରା ତାହା ପ୍ରକାଶ ହୋଇପାରେ ନାହିଁ । କାରଣ ମନଃସ୍ତର ଓ ସଚ୍ଚିଦାନନ୍ଦ ମଧ୍ୟରେ କୌଣସି ସେତୁ ନଥାଏ, ଏହାଠାରୁ ତାହା ଏକେବାରେ ବିଜାତୀୟ; ସେଥିପାଇଁ ସେହି ଅନୁଭୂତିରୁ ଭୌତିକ ଚେତନା ବଞ୍ଚିତ ରହେ । ଶ୍ରୀଅରବିନ୍ଦଙ୍କ ଯୋଗରେ ଆତ୍ମା ପରମାତ୍ମା ସଙ୍ଗେ ମିଳିତ ଯେଉଁ ସ୍ତରରେ ହୁଏ ସେହି ସ୍ତରର ଚେତନା ଏହି ମନ, ପ୍ରାଣ, ଶରୀର ସ୍ତରକୁ ଆଣି ଏସବୁକୁ ସେହି ଚେତନାରେ ରୂପାନ୍ତରିତ କରି ଦିଆହୁଏ । ସେହି ସକାଶେ ରୂପାନ୍ତରିତ ମନ-ପ୍ରାଣ-ଶରୀରରେ ସେହି ଅନିର୍ବଚନୀୟ ଆନନ୍ଦ ଅନୁଭୂତ ହେବା ସତ୍ତ୍ୱେ ଅଦ୍ୱୈତତା ଥାଏ । ଏକହିଁ ସଙ୍ଗେ ଏକତ୍ୱ ତଥା ପୃଥକତ୍ୱ ଥାଏ । ଏହା ହୁଏ ମନଃସ୍ତରର ଚେତନା ଅତିମାନସ ଚେତନାରେ ରୂପାନ୍ତରିତ ହେଲେ । ସେହି ଏକହିଁ ସଙ୍ଗେ ସଂସାରରୁ ଅନ୍ଧକାର ଶକ୍ତି ଅପସାରିତ ହୁଏ ଏବଂ ସଂସାର ସ୍ୱର୍ଗରେ ପରିଣତ ହୁଏ । ଶ୍ରୀଅରବିନ୍ଦଙ୍କ ଯୋଗରେ ଶରୀର ରୂପାନ୍ତରିତ ହେବା, ସଂସାର ସ୍ୱର୍ଗରେ ପରିଣତ ହେବା — ଏହା ଏକେବାରେ ନୂତନ ହେବା ସତ୍ତ୍ୱେ କୌଣସି ପୁରାତନ ଯୋଗ-ଲକ୍ଷ୍ୟର ବିରୁଦ୍ଧ ନୁହେଁ, ବରଂ ପରିପୂରକ ତଥା ଯୁକ୍ତିଯୁକ୍ତ ।

ଶରୀର, ସଂସାର ତ୍ୟାଗ କରି କୈବଲ୍ୟ, ମୁକ୍ତି, ଭଗବତ୍ ପ୍ରାପ୍ତିର ଯେଉଁ ସିଦ୍ଧାନ୍ତ, ତାହା ମନୁଷ୍ୟର ମନ-ପ୍ରାଣ-ଶରୀରର ରୂପାନ୍ତର ଲକ୍ଷ୍ୟର ମଧ୍ୟବର୍ତ୍ତୀ ଅବସ୍ଥା । ଏହା ମନୁଷ୍ୟର ଶେଷ ଲକ୍ଷ୍ୟ ହେବାରେ ଆପତ୍ତିଜନକ ବିରୋଧ ଉପସ୍ଥିତ ହୁଏ । ବ୍ୟକ୍ତିକୁ ଯଦି ମୁକ୍ତିକୁ ଫେରି ଯିବାକୁ ହୁଏ, ତେବେ 'ସେଠାରୁ ଆସିବାର ଉଦ୍ଦେଶ୍ୟ କ'ଣ ?' ଏହାର ଉତ୍ତର ଯଦି ଦିଆହୁଏ — 'ଜୀବ ମାୟାରେ ମୋହଗ୍ରସ୍ତ ହୋଇ ସଂସାରକୁ ଚାଲିଆସିଲା', ତେବେ 'ମାୟା ଆସିଲା କେଉଁଠୁ ? ସଂସାର ହେଲା କିପରି ? ବ୍ରହ୍ମ ଶାଶ୍ୱତ ସତ୍ୟ, ଏକ; ବହୁ ହେଲା କିପରି ?' ଏହାର ଉତ୍ତର ନାହିଁ, ଏକେବାରେ ଉତ୍ତର ନାହିଁ । ଏହାର ଉତ୍ତର ଉପନିଷଦ୍‌ରେ ଅଛି : ''ଏକୋଽହଂ ବହୁଶ୍ୟାମି ।'' ବ୍ରହ୍ମ ନିଜ ସଂକଳ୍ପରେ ବହୁ ହେଲେ । ବ୍ରହ୍ମ ପରମ ସତ୍ୟ, ତାଙ୍କର ସମସ୍ତ ସଂକଳ୍ପ ବସ୍ତୁ ମଧ୍ୟ ପରମ ସତ୍ୟ ହେବା ସ୍ୱାଭାବିକ । ଏହି ସିଦ୍ଧାନ୍ତରେ କୌଣସି ସିଦ୍ଧାନ୍ତର ବିରୋଧ ନାହିଁ । ଏଥିରେ ପୂର୍ଣ୍ଣ ସମନ୍ୱୟ । ଏହି ଉପନିଷଦ୍ ବାକ୍ୟର କ୍ରିୟାତ୍ମକ ରୂପ ଶ୍ରୀଅରବିନ୍ଦଙ୍କ ଯୋଗ । ଏହି କାରଣରୁ ଏଥିରେ କୌଣସି ସାମ୍ପ୍ରଦାୟିକ ମତବାଦ ନାହିଁ । ଶ୍ରୀଅରବିନ୍ଦଙ୍କ ଯୋଗରେ ସମସ୍ତ ସିଦ୍ଧାନ୍ତ ସତ୍ୟ ଏବଂ ତାହାର ଯଥାର୍ଥ ସ୍ଥାନ ଅଛି ଏବଂ ସମସ୍ତ ମତବାଦକୁ ଆଲିଙ୍ଗନ କରି ଏକ କରି ଦେଇଅଛି । ଏହାର ସ୍ଥୂଳ ପ୍ରତୀକ ଶ୍ରୀଅରବିନ୍ଦ ଆଶ୍ରମ । ଏଠାରେ ବୌଦ୍ଧ, ଜୈନ, ଶଙ୍କରପନ୍ଥୀ, ଅଦ୍ୱୈତବାଦୀ ସନ୍ନ୍ୟାସୀ, ଚାରି ସଂପ୍ରଦାୟର ବୈଷ୍ଣବ, ଆର୍ଯ୍ୟ ସମାଜ, ହିନ୍ଦୁ,

ମୁସଲମାନ, ଖ୍ରୀଷ୍ଟିଆନ, ଆମେରିକାବାସୀ, ଇଂରେଜ, ଜର୍ମାନ୍, ଚୀନ ପ୍ରଭୃତି ସମସ୍ତ ଜାତି, ସମସ୍ତ ଧର୍ମ ଓ ସଂପ୍ରଦାୟର ବ୍ୟକ୍ତି ଏକତ୍ର ରହି ସାଧନା କରୁଅଛନ୍ତି । ଏଠାରେ ଗୁରୁବାଦର ପ୍ରଶ୍ନ ନାହିଁ । କାହାରିକୁ ଏଠାରେ ଦୀକ୍ଷା ଦିଆଯାଏ ନାହିଁ । ଶ୍ରୀମା ସାଧକମାନଙ୍କୁ ସେମାନଙ୍କ ସାଧନାରେ ସାହାଯ୍ୟ କରନ୍ତି । ସାଧକମାନେ ନିଜ ଆନ୍ତରିକତାରେ ସ୍ୱତଃସ୍ଫୂର୍ତ୍ତ ଭାବେ ଶ୍ରୀମା'ଙ୍କ ପ୍ରତି ଭିନ୍ନ ଭିନ୍ନ ଭାବ ରଖନ୍ତି ଏବଂ ନିଜ ନିଜର ଗ୍ରହଣଶୀଳତା ଅନୁସାରେ ତାଙ୍କ ସାହାଯ୍ୟ ପାଆନ୍ତି ।

ଶ୍ରୀଅରବିନ୍ଦ ସ୍ୱୟଂ କହିଛନ୍ତି : —

"And it shall also be a sign of the teacher of the integral Yoga that he does not arrogate to himself Guruhood in a humanly vain and self-exalting spirit. His work, if he has one, is a trust from above, he himself a channel, a vessel or a representative. He is a man helping his brothers, a child leading children, a Light kindling other lights, an awakened Soul awakening souls, at highest a Power or Presence of the Divine calling to him other powers of the Divine."

(The Synthesis of Yoga, pp. 67-68)

ଅର୍ଥାତ୍, ''ପୂର୍ଣ୍ଣଯୋଗର ଶିକ୍ଷକଙ୍କର ଆହୁରି ଗୋଟିଏ ଲକ୍ଷଣ ଏହାହିଁ ହେବ ଯେ ସେ ମାନବସୁଲଭ ଅହଂକାର ଓ ଆତ୍ମ ପ୍ରଶସ୍ତିର ଭାବ ନେଇ ଗୁରୁଙ୍କର ଆସନ ଗ୍ରହଣ କରିବେ ନାହିଁ । ତାଙ୍କର ଯାହାକିଛି କରଣୀୟ କାର୍ଯ୍ୟ, ତାହା ହେଲା ଊର୍ଦ୍ଧ୍ୱରୁ ନ୍ୟସ୍ତ କାର୍ଯ୍ୟଭାର; ସେହି କାର୍ଯ୍ୟଭାରର ସେ ହେଲେ ପ୍ରଣାଳୀ ବା ଆଧାର ବା ପ୍ରତୀକ । ସେ ମାନବ, ସେ ନିଜର ମାନବ ଭ୍ରାତାମାନଙ୍କୁ ସାହାଯ୍ୟ କରୁଅଛନ୍ତି, ସେ ଶିଶୁ ଯେ ଅନ୍ୟ ଶିଶୁମାନଙ୍କୁ ପଥ ଦେଖାଇ ନେଇ ଯାଉଅଛନ୍ତି, ସେ ପ୍ରଦୀପ ଯେ ଅନ୍ୟ ପ୍ରଦୀପସମୂହକୁ ପ୍ରଦୀପ୍ତ କରୁଅଛନ୍ତି, ସେ ଜାଗ୍ରତ୍ ଆତ୍ମା ଯେ ଅପର ଆତ୍ମାଚୟଙ୍କୁ ଜାଗ୍ରତ୍ କରାଉ ଅଛନ୍ତି, ଅଥବା ସବୁଠାରୁ ବେଶୀ କହିବାକୁ ହେଲେ, ସେ ଭାଗବତ ଶକ୍ତିର ବା ଭାଗବତ ସାନ୍ନିଧ୍ୟର ପ୍ରତୀକ, ଯେ ଅନ୍ୟାନ୍ୟ ଦିବ୍ୟ ଶକ୍ତିରାଜିକୁ ନିଜ ଆଡ଼କୁ ଡାକୁ ଅଛନ୍ତି ।''

ଶ୍ରୀଅରବିନ୍ଦଙ୍କ ଯୋଗରେ ସମସ୍ତ ପୁରାତନ ଯୋଗ ସାଧକମାନଙ୍କର ସମନ୍ୱୟ ହେବାର ଅନ୍ୟ ଦିଗ ହେଲା — ସେମାନଙ୍କୁ ପ୍ରଥମ ସାଧନା ଏବଂ ଲକ୍ଷ୍ୟ ବର୍ଜନ କରି ଅନ୍ୟ ନୂତନ ସାଧନା ପ୍ରଣାଳୀ ଏବଂ ଲକ୍ଷ୍ୟ ଗ୍ରହଣ କରିବାକୁ ହୁଏ ନାହିଁ । ଏହି ଯୋଗର ଲକ୍ଷ୍ୟ ସିଦ୍ଧି ପୂର୍ବରୁ ଯେପରି ଅଦ୍ୱୈତ ସିଦ୍ଧି, ଭଗବତ୍ ସିଦ୍ଧି ପ୍ରାପ୍ତ ହୁଏ, ସେହିପରି ପୁରାତନ ଯୋଗର ସାଧନା ପ୍ରଣାଳୀ ସମର୍ପଣ, ତ୍ୟାଗ, ଅଭୀପ୍ସା, କୁଣ୍ଡଳିନୀ ଶକ୍ତିର ଜାଗୃତି, ଊର୍ଦ୍ଧ୍ୱର ଭାଗବତୀ ଶକ୍ତିର ଅବତରଣ ପଦ୍ଧତି ମଧ୍ୟ ସମାବିଷ୍ଟ ଥାଏ । ଏହି କ୍ରିୟା ମଧ୍ୟରେ ନୂତନତ୍ୱ କେବଳ ରୂପାନ୍ତରକାରୀ ଅତିମାନସ ଶକ୍ତି । ଯଥାର୍ଥରେ ଭାଗବତୀ ଶକ୍ତିଠାରୁ ଅତିମାନସ ଶକ୍ତି ପୃଥକ୍ ନୁହେଁ, ତା'ର ଅନ୍ୟ ରୂପ । ତାହାର ପ୍ରକାଶ ହୋଇ ନଥିଲା । ପୁରାତନ ଯୋଗ ସାଧନା ତଥା ସିଦ୍ଧି ସମସ୍ତ ଶ୍ରୀଅରବିନ୍ଦଙ୍କ ଯୋଗରେ ସମାବିଷ୍ଟ ଥିବାରୁ ଏହା ସମସ୍ତ ଯୋଗକୁ ଆଲିଙ୍ଗନ କରି ପୂର୍ଣ୍ଣରୂପ ଦିଏ । ଶ୍ରୀଅରବିନ୍ଦଙ୍କ ଯୋଗରେ ସଂକୀର୍ଣ୍ଣତା, ସୀମିତତାର ସ୍ଥାନ ଏକେବାରେ ନାହିଁ । ଶ୍ରୀଅରବିନ୍ଦଙ୍କ ଯୋଗ ସମଗ୍ର ମାନବଜାତି ସକାଶେ ।

(*ଶ୍ରୀ ରାମକୃଷ୍ଣ ଦାସଙ୍କ ରଚନା ସଂଗ୍ରହ*,
ପ୍ରଥମ ଖଣ୍ଡ, ପୃଷ୍ଠା : *୬୪୬-୬୫୦*)

❑❑❑

ହେ ମୋର ପ୍ରଭୁ, ପ୍ରତିଦିନ, ପ୍ରତ୍ୟେକ ପରିସ୍ଥିତିରେ ମୋ ହୃଦୟର ସମ୍ପୂର୍ଣ୍ଣ ଆନ୍ତରିକତା ସହ ମୁଁ ଯେପରି ବାରଂବାର କହିପାରେ, ''ମୋର ଇଚ୍ଛା ନୁହେଁ, ତୁମରି ଇଚ୍ଛାହିଁ ପୂର୍ଣ୍ଣ ହେଉ ।''

— ଶ୍ରୀମା

# ମା' ଆପଣ ଏମିତି କହିଛନ୍ତି ...

## (୫)

## ହୁତା ହିନ୍ଦୋଚା

[ଶ୍ରୀମା ଶ୍ରୀଅରବିନ୍ଦଙ୍କ ପ୍ରତି ପୂର୍ଣ୍ଣ ସମର୍ପିତା ହୁତା ହିନ୍ଦୋଚାଙ୍କ ଦ୍ୱାରା ଇଂରାଜୀ ଭାଷାରେ ଲିଖିତ "Mother You said so ..." ପୁସ୍ତକର ଓଡ଼ିଆ ଭାଷାରେ ଅନୁବାଦ : ''ମା' ଆପଣ ଏମିତି କହିଛନ୍ତି ...''। ୧୯୫୫ ମସିହାରୁ ୧୯୭୩ ମସିହା ପର୍ଯ୍ୟନ୍ତ ମା' ବିଭିନ୍ନ ସମୟରେ ହୁତାଙ୍କୁ ଯେଉଁ କଥାସବୁ କହିଥିଲେ ସେସବୁ ଉକ୍ତ ପୁସ୍ତକରେ ସନ୍ନିବେଶିତ ହୋଇଛି। ଶ୍ରୀମା ସ୍ୱହସ୍ତରେ ହୁତାଙ୍କ ପାଣ୍ଡୁଲିପି ସଂଶୋଧନ କରିଥିଲେ ଏବଂ ପୁସ୍ତକର ନାମକରଣ କରିଥିଲେ "Mother You said so ..."

ପରମା ଦିବ୍ୟଜନନୀ ଶ୍ରୀମା'ଙ୍କ କୃପାରୁ ଧାରାବାହିକ ଭାବେ ଏହାର ଅନୁବାଦ 'ନବପ୍ରକାଶ' ମାସିକ ପତ୍ରିକାରେ ପ୍ରକାଶ କରିବାର ଏକ ପ୍ରୟାସ କରାଯାଉଛି। – ସମ୍ପାଦନା]

୧୫.୯.୫୬

ସୁପ୍ରଭାତ
ମୋର ପ୍ରିୟ ସନ୍ତାନ
ମୋ ସ୍ନେହର ହୁତାକୁ
ଗତକାଲି ସଂଶୋଧନ କରିଥିବା ବହିଟି ତୁମ ପାଖକୁ ପଠାଉଛି। ଏହା ଭଲ ହୋଇଛି।
ମୋର ପ୍ରେମ ଓ ଆଶୀର୍ବାଦ ସହ।

ଶ୍ରୀମା

ତୁମେ ଯଦି ସ୍ୱପ୍ନଟିଏ ଦେଖ ଏବଂ ତୁମର ଚେତନା ଯଦି ଉଚ୍ଚତର ଚେତନା ସହିତ ଯୋଡ଼ି ହୋଇ ରହିଥାଏ, ସମଗ୍ର ସ୍ୱପ୍ନଟିକୁ ତୁମେ ପୂର୍ଣ୍ଣ ଶୃଙ୍ଖଳାର ସହିତ ଦେଖି ପାରିବ। ତେବେ ଏହାକୁ ଗୋଟିଏ ସ୍ୱପ୍ନ କୁହାଯାଇ ପାରିବ ନାହିଁ, କୁହାଯିବ ଗୋଟିଏ ଅଭିଜ୍ଞତା।

ଯଦି ତୁମେ ବିଚଳିତ ମନରେ ସ୍ୱପ୍ନ ଦେଖ, ତେବେ ସ୍ୱପ୍ନଟି ଶୃଙ୍ଖଳିତ ନଥାଏ, ଏବଂ ତୁମେ ଦେଖ କିଛି ବିଭ୍ରାନ୍ତିକର ଦୃଶ୍ୟ।

ସତ୍ତାର ଗୋଟିଏ ଅଂଶ କୌଣସି ସ୍ତରକୁ ଯାଇ ବସ୍ତୁଗୁଡ଼ିକୁ ଦେଖେ। ଏପରି ଅନେକ ଲୋକ ଅଛନ୍ତି ଯେଉଁମାନେ ଏ ପ୍ରକାରର ଅଭିଜ୍ଞତାକୁ ମନେ ପକାଇବାକୁ ଚେଷ୍ଟା କରନ୍ତି, ମାତ୍ର ମନେ ପକାଇ ପାରନ୍ତି ନାହିଁ।

ଲୋକେ ପ୍ରତ୍ୟେକ ବିଷୟକୁ 'ସ୍ୱପ୍ନ' ନାମ ଦିଅନ୍ତି, କାରଣ ଜଣେ ଶୋଇବା ଅବସ୍ଥାରେ ଏହାକୁ ଦେଖିଥାଏ। ମାତ୍ର ବାସ୍ତବରେ ଏହା ସ୍ୱପ୍ନ ନୁହେଁ, ଏକ ପ୍ରକୃତ ଅଭିଜ୍ଞତା।

ତୁମର ଚେତନା ସମୟ ସମୟରେ ଉଚ୍ଚତର ଚେତନା ସହିତ ଯୁକ୍ତ ହୋଇ ରହିଥାଏ ଏବଂ ସେଥିପାଇଁ ଆଶ୍ଚର୍ଯ୍ୟଜନକ ଅଭିଜ୍ଞତା ସବୁ ତୁମେ ସ୍ୱପ୍ନରେ ପାଇଥାଅ ଏବଂ ଏପରି ଅଭିଜ୍ଞତା ଲାଭ କରିବା ସତରେ ଭଲ। ୧୯.୯.୫୬

୧୯.୯.୫୬

ମୁଁ ତୁମର ବହିଟିକୁ ଏହି ମାତ୍ର ଶେଷ କରିଛି – **ଏହା ଖୁବ୍ ଭଲ ହୋଇଛି**। ମୁଁ ଏହାକୁ ପଠାଇ ଦେଉଛି।

ପ୍ରେମ ସହ

ଶ୍ରୀମା

ତୁମେ କେତେକ ଦୁର୍ବଳତାକୁ ଗ୍ରହଣ କରି ନେଇଛ, କାରଣ ତୁମର ବାହ୍ୟ ସତ୍ତାଟି ଖୁବ୍ ଦୁର୍ବଳ – ତୁମର ସାହସ ନାହିଁ, ବିଶ୍ୱାସ ନାହିଁ ଏବଂ ତୁମେ ଥରୁଛ। ଏସବୁ ମଣିଷ ଭିତରେ ଥାଏ।

ସମସ୍ତ ଅସୁବିଧା ଓ ପ୍ରତିବନ୍ଧକକୁ ତୁମକୁ ଜୟ କରିବାକୁ ହେବ। ବାସ୍ତବରେ ତୁମର ପ୍ରକୃତ ସତ୍ତା ମଧ୍ୟରେ ଏକ ବୀରୋଚିତ ଶକ୍ତି, ସାହସ ଓ ପୂର୍ଣ୍ଣ ବିଶ୍ୱାସ ଏବଂ ଅନ୍ୟାନ୍ୟ ବହୁ ଭଲଗୁଣ ରହିଛି। ପୃଥିବୀପୃଷ୍ଠରେ ତୁମର ପ୍ରକୃତ ସତ୍ତାକୁ ଅଭିବ୍ୟକ୍ତ କରିବାକୁ ହେବ। ପୃଥିବୀପୃଷ୍ଠରେ ଈଶ୍ୱରଙ୍କ ପାଇଁ କିଛି କାର୍ଯ୍ୟ କରିବାକୁ ପଡ଼ିବ। ଏହାହିଁ ପୃଥିବୀରେ ତୁମ ଜୀବନର ଲକ୍ଷ୍ୟ।

ଅବଶ୍ୟ ମଣିଷ ପ୍ରକୃତିରେ ଅନେକ ଦୁର୍ବଳତା, ପ୍ରତିବନ୍ଧକ ଏବଂ ଅପବିତ୍ରତା ରହିଛି। ଏହି ସକଳ ନିମ୍ନ ପ୍ରକୃତି

ବିରୋଧରେ ତୁମକୁ ସଂଗ୍ରାମ କରିବାକୁ ପଡ଼ିବ ଏବଂ ସମସ୍ତ କଠୋର ପରୀକ୍ଷା ମଧ୍ୟରୁ ବିଜୟୀ ହୋଇ ବାହାରି ଆସିବାକୁ ହେବ । ତା'ପରେ ସବୁ ଅସୁବିଧା ଧୀରେ ଧୀରେ ଶୀର୍ଣ୍ଣ ଛାୟା ସଦୃଶ ମିଳାଇଯିବ ।

୨୧.୯.୫୬

୨୩.୯.୫୬

ସୁପ୍ରଭାତ
ମୋର ପ୍ରିୟ ଶିଶୁ
ମୋ ପ୍ରିୟ ଆଦରର ହୁତାକୁ
ମୁଁ ତୁମର ବହି ପଠାଇ ଦେଉଛି; ଏହା ଭଲ ହୋଇଛି ।
ମୋର ପ୍ରେମ ଓ ଆଶୀର୍ବାଦ ଏବଂ କରୁଣାର ନିରନ୍ତର
ଉପସ୍ଥିତି କେବେ ତୁମକୁ ଛାଡ଼ି ଯିବ ନାହିଁ ।

ଶ୍ରୀମା

ଯଦି ତୁମେ ଅନୁଭବ କର ଯେ ତୁମର ହୃଦୟ ଖୁବ୍ କଠୋର ଓ ଶ୍ୱାସରୋଧକ, ତୁମେ ନିଶ୍ଚିତ ଭାବେ ଏଇଆ କର : ଏହାକୁ ଭଗବାନଙ୍କ ଆଡ଼କୁ ଖୋଲି ଧରିବାକୁ ଚେଷ୍ଟାକର, ଯଦ୍ଦ୍ୱାରା ଭଗବାନ୍ ତାଙ୍କର ଶକ୍ତି ଓ ଉପସ୍ଥିତିକୁ ଏହା ଭିତରେ ସ୍ଥାପନ କରିପାରିବେ । ତା'ପରେ ଅବଶ୍ୟ ତୁମେ ନିଃସଙ୍ଗତା ଓ ଅସୁଖୀ ଅନୁଭବ କରିବ ନାହିଁ ।

ଗୋଟିଏ ଫୁଲ ଯେପରି ନିଜକୁ ସୂର୍ଯ୍ୟଙ୍କ ଆଡ଼କୁ ଖୋଲି ଧରେ, ତୁମର ହୃଦୟ ମଧ୍ୟ ସେହିପରି ଭଗବାନଙ୍କ ଆଡ଼କୁ ଉନ୍ମୁଖ କରି ରଖିବା ଆବଶ୍ୟକ । ଦୈହିକ ଭାବରେ ଜଣେ ହୃଦୟକୁ ଖୋଲି ଦେଇ ପାରିବ ନାହିଁ । ମାତ୍ର ଜଣେ ଏହିପରି କଳ୍ପନା କରି ପାରିବ – ଫୁଲକୁ ଉଦାହରଣ ଭାବେ ନେଇ ।

୨୪.୯.୫୬

୨୯.୯.୫୬

ସୁପ୍ରଭାତ
ମୋ ପ୍ରିୟ ଶିଶୁ
ମୋ ଆଦରର ହୁତାକୁ
ସଂଶୋଧିତ ହୋଇଥିବା ତୁମର ବହିଟି ମୁଁ ପଠାଉଛି,
ଏହା ଦୃଷ୍ଟି ଆକର୍ଷକ ହୋଇଛି ।
ମୋ କରୁଣା ସହିତ ପ୍ରେମ, ଆର୍ଶୀବାଦ ଓ ଉପସ୍ଥିତି
ନିରନ୍ତର ତୁମ ସହିତ ରହିଛି ।

ଶ୍ରୀମା

ଅତ୍ୟଧିକ କୋଳାହଳ ମଧ୍ୟରେ ବି ତୁମେ ତୁମ ପ୍ରକୃତ ସତ୍ତା ଭିତରକୁ ଯାଇ ସେଠାରେ ବିଶ୍ରାମ ନେଇପାର । ତୁମର ସତ୍ତା ଭିତରକୁ କିପରି ପ୍ରବେଶ କରିବ ତାହା ଶିକ୍ଷା କରିବା ଉଚିତ । ତୁମର ସକଳ ଚିନ୍ତାକୁ ବର୍ଜନ କର, ସକଳ ବାହ୍ୟ ବସ୍ତୁ ଠାରୁ ମୁକ୍ତ ହୁଅ ଏବଂ ତୁମ ଚତୁର୍ଦିଗରେ ଏକ ଦିବ୍ୟ ବାତାବରଣ ସୃଷ୍ଟି କର । ତା'ହେଲେ ସ୍ୱାଭାବିକ ଭାବେ ତୁମେ କୋଳାହଳ ଏବଂ ବିଶୃଙ୍ଖଳାରୁ ସୁରକ୍ଷିତ ହୋଇ ରହି ପାରିବ ।

ମୁଁ ମୋର **ଅନ୍ତରାତ୍ମା** ମଧ୍ୟକୁ ପ୍ରବେଶ କରି ବିଶ୍ରାମ ନେଉଛି – କ'ଣସବୁ କୋଳାହଳ ଚାଲୁଛି ସେଥିରେ କିଛି ଯାଏ ଆସେ ନାହିଁ । ଜଣେ ରହସ୍ୟବାଦୀ – ମୋର ଶିକ୍ଷକ ମାକ୍ସ ତେଓଁ ମୋତେ କହିଥିଲେ ଯେ କୌଣସି ଯୁଦ୍ଧଭୂମି, ଯେଉଁଠାରେ ଗୋଳା ବାରୁଦ ଫୁଟୁଛି, ସେଠାରେ ମଧ୍ୟ ଜଣେ ଧ୍ୟାନସ୍ଥ ରହିପାରେ ।

ନିଃସନ୍ଦେହରେ ଏଠାରେ ପ୍ରତ୍ୟେକଙ୍କ ଚାରିପାଖରେ ମୋର ଶକ୍ତିକୁ ନିବେଶ କରିଛି । ଫଳରେ ପ୍ରତ୍ୟେକେ ସୁରକ୍ଷିତ ରହିପାରିବେ ଏବଂ ଜଣେ ସହଜ ଓ ସୁନ୍ଦର ଭାବରେ ଧ୍ୟାନ କରିପାରିବ ଏବଂ ସେମାନେ ସର୍ବଦା ସୁରକ୍ଷିତ ରହି ପାରିବେ ।

ହଁ, ଏହା ଅଭ୍ୟାସ ଆବଶ୍ୟକ କରେ । ଥରେ, ଦୁଇଥର, ଦଶଥର ତୁମେ ଚେଷ୍ଟା କର ଏବଂ ଶିକ୍ଷା କର କିପରି ନିଜର ପ୍ରକୃତ ସତ୍ତା ମଧ୍ୟକୁ ପ୍ରବେଶ କରି ପାରିବ । କିଛି ଦିନ ପରେ ତୁମେ ପ୍ରବୀଣ ହୋଇ ଯାଇପାରିବ ।

୨୦.୧୦.୫୬

ଅନ୍ଧକାର ମଧ୍ୟରୁ ବାହାରି ଆସିବା ପାଇଁ ତୁମ ପ୍ରଚେଷ୍ଟା
ପ୍ରତି ଅନୁକୂଳ ମତ ରଖି ଏକ ଉତ୍ତମ ସଫଳତା ନିମିତ୍ତ
ପ୍ରଶଂସା ପୂର୍ବକ ତୁମ ବହିକୁ ଫେରାଇ ଦେଉଛି ।

ଶ୍ରୀମା

ଏହି ପୃଥିବୀରେ ବିପଦ ରହିଛି । ସେମାନେ ଲୋକଙ୍କୁ ହତ୍ୟା କରୁଛନ୍ତି, ବୋମା ବିସ୍ଫୋରଣ କରୁଛନ୍ତି ଏବଂ ପୋତଗୁଡ଼ିକୁ ବୁଡ଼ାଇ ଦେଉଛନ୍ତି । ଘଟଣାଗୁଡ଼ିକୁ ବ୍ୟବସ୍ଥିତ କରିବା ପାଇଁ ଦୁଇଦିନ ଧରି ମୁଁ ବ୍ୟସ୍ତ ରହିଛି । ପୃଥିବୀରେ ଭଗବାନଙ୍କର ବିଜୟ ମୁଁ ଚାହେଁ – ଏହି ବିଶ୍ୱରେ ଶାନ୍ତି ଓ ସଂହତି ମୁଁ ଚାହେଁ ।

ଆଜି ଓ ଆସନ୍ତା କାଲି ମଧ୍ୟରେ ଏହି ରାତ୍ରି ହେଉଛି କାଳୀଙ୍କର ଦିନ । ମୁଁ କାଳୀଙ୍କୁ କହିଲି, ପୃଥିବୀକୁ ଅତିମାନସ ଆଲୋକ ଆଡ଼କୁ ଖୋଲି ଧରାଯାଉ, ଏବଂ ହିଂସା, ଯନ୍ତ୍ରଣା ଓ ଧ୍ୱଂସ ବିନା ଏହି ଜ୍ୟୋତିଃ ଦ୍ୱାରା ଏହା ରୂପାନ୍ତରିତ ହେଉ ।

ଏହି ପୃଥିବୀ ଉପରେ ସତ୍ୟର ବିଜୟ ମୁଁ ଚାହେଁ ।
**ଆମେ ନିଶ୍ଚୟ ବିଜୟଲାଭ କରିବୁ ।**

୧.୧୧.୫୬

ଯେତେ ଦିନ ପର୍ଯ୍ୟନ୍ତ ଆମ ସତ୍ତାର ନିର୍ଦ୍ଦିଷ୍ଟ କିଛି ଅଂଶ ପ୍ରତିକୂଳ ଶକ୍ତିଗୁଡ଼ିକର ଉତ୍ତର ଦେଉଥିବ, ସେହି ଶକ୍ତିଗୁଡ଼ିକ ବାରଂବାର ଆସିବ ଏବଂ ସମଗ୍ର ସତ୍ତାକୁ ତା'ର ଲକ୍ଷ୍ୟ ଠାରୁ ଦୂରକୁ ଟାଣି ନେଇଯିବ । ତା'ପରେ ସ୍ୱାଭାବିକ ଭାବେ ଜୀବନଟି ଅଦରକାରୀ ଏବଂ ଦୁଃଖପୂର୍ଣ୍ଣ ହୋଇ ଉଠିବ ।

ଭଗବାନଙ୍କୁ ପାଇବା ହେଉଛି ଆମର ପ୍ରକୃତ ଲକ୍ଷ୍ୟ । ଗୋଟିଏ ପଥର ଭଳି ବ୍ୟର୍ଥ ଜୀବନ ଅନାବଶ୍ୟକ, ଯାହା ଲକ୍ଷ ଲକ୍ଷ ବର୍ଷ ନେବ ମଣିଷର ବର୍ତ୍ତମାନ ଅବସ୍ଥାରେ ପହଞ୍ଚିବାକୁ । ଭଗବାନଙ୍କୁ ପାଇବା ଆଦୌ ଏକ ସହଜ କାର୍ଯ୍ୟ ନୁହେଁ ।

ଭଗବାନ୍ ଏଠାକୁ ଆସିଛନ୍ତି ମାନବଜାତିକୁ ମୁକ୍ତ କରିବା ପାଇଁ ଏବଂ ସେମାନଙ୍କୁ ପରମ ଲକ୍ଷ୍ୟ ଆଡ଼କୁ ଆଗେଇ ନେବା ପାଇଁ । ୨୧.୧୧.୫୬

ମୁଁ କେବଳ ଦୁଇ ଘଣ୍ଟା ପାଇଁ ବିଶ୍ରାମ ନିଏ, ତା'ପରେ ମୁଁ ମୋର ଶରୀରରୁ ବାହାରି ଯାଏ ଏବଂ ପ୍ରତ୍ୟେକଙ୍କ ପାଖକୁ ଏବଂ ପ୍ରତ୍ୟେକ ସ୍ଥାନକୁ ଯାଏ ।

ଖଣ୍ଡିଏ ବସ୍ତ୍ର ଭଳି ତୁମ ଶରୀରକୁ ହାଲୁକା କରିବା ପାଇଁ ଅଭ୍ୟାସ କରିବା ଉଚିତ ଏବଂ କିଛି ଭାବିବା ଉଚିତ ନୁହେଁ : ତା'ପରେ ତୁମେ ଖୁବ୍ ସହଜରେ ଶୋଇ ପାରିବ ।

ଅନେକ ଲୋକ ଯେଉଁମାନେ ଶୋଇ ପାରୁ ନାହାନ୍ତି, ସେମାନଙ୍କୁ ମୁଁ ଧ୍ୟାନ କରିବା ପାଇଁ କହିଛି । ଶୋଇବା ସମ୍ପର୍କରେ ସେମାନେ ସବୁବେଳେ ଭାବିବା ଉଚିତ ନୁହେଁ ।

୨୩.୧୧.୫୬

କେତେକ ସତ୍ତା ଭଗବାନଙ୍କୁ ଚାହାନ୍ତି ନାହିଁ, ତେଣୁ ସେମାନେ ସର୍ବଦା ଭଗବାନଙ୍କ ବିରୋଧରେ ବିଦ୍ରୋହ କରନ୍ତି । ସେମାନେ ସୁଯୋଗ ଖୋଜୁଥା'ନ୍ତି ଏବଂ କୌଣସି ଛୋଟ ଛୋଟ ଘଟଣା ମାଧ୍ୟମରେ ଶରୀରରେ ପ୍ରବେଶ କରନ୍ତି । ମାତ୍ର ହୃଦୟ — ଆତ୍ମା ଜ୍ୟୋତିର୍ମୟ ଅଟେ, ସେଠାରେ ଆଲୋକିତ ଚେତନାଟିଏ ଅଛି ଏବଂ ସେ ସର୍ବଦା ଭଗବାନଙ୍କୁ ଚାହୁଁଛି, ଯେତେବେଳେ କି ନିମ୍ନ ସତ୍ତାଗୁଡ଼ିକ ଅସ୍ୱଚ୍ଛ, ଅନ୍ଧକାରମୟ ଏବଂ ଦୋଷ-ଦୁର୍ବଳତାରେ ପରିପୂର୍ଣ୍ଣ ହୋଇ ରହିଛନ୍ତି । ସେମାନେ ନିମ୍ନରୁ ଉଠିଆସନ୍ତି ଏବଂ ମେଘ ସୂର୍ଯ୍ୟଙ୍କୁ ଡାଙ୍କିବା ଭଳି ପ୍ରକୃତ ସତ୍ତାଟିକୁ ଆବୃତ କରି ଦିଅନ୍ତି । ମାତ୍ର ସୂର୍ଯ୍ୟ ସବୁବେଳେ ଅଛନ୍ତି । ଏହା ଏହି ଭଳି ଘଟିଥାଏ ଏବଂ ଜଣେ ଦୁଃଖ ଅନୁଭବ କରେ ଏବଂ ସବୁ ପ୍ରକାର ସମସ୍ୟା ଭିତରେ ରହିଥାଏ । କିନ୍ତୁ ହଠାତ୍ ତାହାକୁ ଦୂରୀଭୂତ କିଂବା ବନ୍ଦ କରି ହେବ ନାହିଁ, କାରଣ ସେହି ପ୍ରକୃତି ସାର୍ବଜନୀନ, ସବୁଆଡ଼େ ରହିଛି ।

ବାସ୍ତବରେ ପ୍ରକୃତ ସତ୍ତା ବିପକ୍ଷରେ ସେମାନଙ୍କର କିଛି ଶକ୍ତି ବା ଅଧିକାର ନଥାଏ, ଯେତେବେଳେ ପ୍ରକୃତ ସତ୍ତା ଭଗବାନଙ୍କ ସହିତ ପୂର୍ଣ୍ଣ ସଂଯୁକ୍ତ ହୋଇଯାଏ ଏବଂ ସକଳ ନିମ୍ନବସ୍ତୁ ଉପରେ ବିଜୟ ହାସଲ କରେ ।

ଶ୍ରୀଅରବିନ୍ଦ କହିଛନ୍ତି :

''ସେହିମାନେହିଁ ସୁରକ୍ଷିତ ଯେଉଁମାନେ
ନିଜ ହୃଦୟ ମଧ୍ୟରେ ଭଗବାନଙ୍କୁ ଧାରଣ କରିଛନ୍ତି ।''

ଜଣେ ବର୍ତ୍ତମାନ ମୁହୂର୍ତ୍ତ ସମ୍ପର୍କରେ ଚିନ୍ତା କରିବା ଉଚିତ । ଜଣେ ଯଦି ଭବିଷ୍ୟତ୍ ପାଇଁ ଯୋଜନା କରେ, ଏବଂ ଭବିଷ୍ୟତ୍ ସମ୍ପର୍କରେ ଚିନ୍ତା କରେ ତେବେ ଏହା ସମ୍ପୂର୍ଣ୍ଣ ଅର୍ଥହୀନ । ଜଣେ ତା'ର ଜ୍ଞାନ ଦ୍ୱାରା ବର୍ତ୍ତମାନ ସମ୍ପର୍କରେ ଚିନ୍ତା କରେ, ମାତ୍ର ଭବିଷ୍ୟତ୍ ବିଷୟରେ କିଛି ଜାଣି ନଥାଏ । ଏପରିକି ଖୁବ୍ ବୁଦ୍ଧିମାନ୍ ଲୋକ ଭବିଷ୍ୟତ୍ କଥା କିଛି ଜାଣି ପାରେ ନାହିଁ, ସେ ଯେଉଁ ପ୍ରକାର ଯୋଜନା କରୁନା କାହିଁକି ।

ହଁ, ବହୁ କଷ୍ଟକର ବିଷୟମାନ ରହିଛି, ମାତ୍ର ମଣିଷମାନେ ସବୁକିଛି କରି ପାରିବେ । ଏପରି କି ପ୍ରାଣୀମାନେ ମଧ୍ୟ କରି ପାରନ୍ତେ, ମାତ୍ର ସେମାନଙ୍କର ଚିନ୍ତଶୀଳ ମନଟିଏ ନାହିଁ ।

ବର୍ତ୍ତମାନ, ସମସ୍ତ କଷ୍ଟକର ବିଷୟକୁ ଜଣେ ହୃଦୟଙ୍ଗମ କରିବା ପାଇଁ ଚେଷ୍ଟା କରିବା ଉଚିତ । ଦୃଢ଼ ଏବଂ ଅବିରାମ ଉଦ୍ୟମ ବ୍ୟତୀତ କିଛି କରାଯାଇ ପାରିବ ନାହିଁ । ଅସୁବିଧାଗୁଡ଼ିକ ସହିତ ସଂଗ୍ରାମ କରିବାରେ କୌତୂହଳ ରହିଛି, ମାତ୍ର ଆରାମପୂର୍ଣ୍ଣ ପରିସ୍ଥିତି ସହ ନୁହେଁ । ଏହି ପୃଥିବୀ ହେଉଛି ଏକ ପ୍ରୟାସର କ୍ଷେତ୍ର । ଲକ୍ଷ୍ୟରେ ପହଞ୍ଚିବା ପାଇଁ ଜଣେ ନିରନ୍ତର ଉଦ୍ୟମ କରିବା ଉଚିତ । ପ୍ରତ୍ୟେକଙ୍କ ପାଇଁ ଭଗବତ୍ କରୁଣା ଓ ସାହାଯ୍ୟ ରହିଛି, ମାତ୍ର ଜଣେ ତାକୁ ଯଥାର୍ଥ ଭାବେ ପ୍ରୟୋଗ କରିବା ଉଚିତ । ଲୋକେ କିଛି କରିପାରିବେ ନାହିଁ — କେବଳ ଭଗବତ୍ କରୁଣା ଓ ସାହାଯ୍ୟ ସବୁ କଥା କରୁଛନ୍ତି, କିନ୍ତୁ ଲୋକମାନେ ଆସୁରିକ ଶକ୍ତିମାନଙ୍କ ଠାରୁ ଆସୁଥିବା କୌଣସି ମିଥ୍ୟା ପ୍ରସ୍ତାବକୁ ଶୁଣିବା ଉଚିତ ନୁହେଁ ।

ଜଣକର ନିଜସ୍ୱ ପୃଥକ୍ ସତ୍ତା ରହିଛି ଏବଂ ଜଣେ ଯଥାର୍ଥ ମନୋଭାବ ଏବଂ ପ୍ରକୃତ ଚେତନା ସହିତ ଆଗକୁ

ବଢ଼ିପାରେ । କେବଳ ବର୍ତ୍ତମାନ ମୁହୂର୍ତ୍ତ ବିଷୟରେ ଚିନ୍ତା କର ଏବଂ ତୁମର ଲକ୍ଷ୍ୟ ଦିଗରେ ଅଗ୍ରସର ହୁଅ ।

କର୍ମ ଭିତରେ ଜଣେ ସଚେତନ ହୁଏ ଏବଂ ଏକାଗ୍ରତା ସହ ଧ୍ୟାନ ମଧ୍ୟ କରିପାରେ । କାର୍ଯ୍ୟ କରୁଥିବା ସମୟରେ ଜଣେ ନିରନ୍ତର ଭଗବାନଙ୍କୁ ସ୍ମରଣ କରିବା ଉଚିତ ଏବଂ କେବଳ ଭଗବାନଙ୍କୁ ଚାହିଁବା ଉଚିତ ।

୩୦.୧୨.୫୬

ସୁପ୍ରଭାତ
ମୋର ପ୍ରିୟ ଛୋଟ ଶିଶୁ
ମୋ ଆଦରର ହୁତାକୁ
ମୁଁ ତୁମର ବହିଟି ଫେରାଇ ଦେଉଛି ଏବଂ ବହି ଶେଷରେ କେନ୍ଦ୍ରୀୟ ଏବଂ ପ୍ରୟୋଜନୀୟ ଶିକ୍ଷା ବିଷୟରେ ମୁଁ ଯାହା କହିଥିଲି ତାହାର ସାରାଂଶ ଲେଖି ଦେଇଛି ।

ମୋର ପ୍ରେମ, ଆଶୀର୍ବାଦ ଓ ପରମଙ୍କ ଉପସ୍ଥିତି, କରୁଣା ସର୍ବଦା ତୁମ ସହିତ ରହିଛି ।

ଶ୍ରୀମା

ଦିବ୍ୟ ଜୀବନର ଅଗ୍ରଗତି କୌଣସି ବାହ୍ୟ କର୍ମ ବା ପରିବେଶ ଉପରେ ନିର୍ଭର କରେ ନାହିଁ । ଯଦି ତୁମେ ପ୍ରକୃତ ଚେତନା ଓ ଯଥାର୍ଥ ମନୋଭାବ ସହ ରହିଛ ତେବେ ସର୍ବୋଚ୍ଚ କାର୍ଯ୍ୟ ଠାରୁ ଅତି ସାଧାରଣ କାର୍ଯ୍ୟ ପର୍ଯ୍ୟନ୍ତ ଯାହା ବି କରନା କାହିଁକି ତୁମେ ଦିବ୍ୟ ଜୀବନ ପଥରେ ଅଗ୍ରସର କରିପାରିବ ।

ଶ୍ରୀମା

(କ୍ରମଶଃ)

ଅନୁବାଦକ : ଇନ୍ଦୁମାଧବ ମହାନ୍ତି

❑❑❑

## ଶୀତକାଳୀନ ସୁହୃତ୍ ଶ୍ରମ ଶିବିର - ୨୦୨୫

୮୨ତମ ଶୀତକାଳୀନ ସୁହୃତ୍ ଶ୍ରମ ଶିବିର ଚଳିତ ବର୍ଷ ଡିସେମ୍ବର ମାସ ୨୨.୧୨.୨୦୨୫ ତାରିଖ ଠାରୁ ୩୧.୧୨.୨୦୨୫ ତାରିଖ ପର୍ଯ୍ୟନ୍ତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା ଓ ଗବେଷଣା ଅନୁଷ୍ଠାନ, ରୁଚିଦା, ଜିଲ୍ଲା ବରଗଡ଼ଠାରେ ଅନୁଷ୍ଠିତ ହେବାକୁ ଯାଉଛି । ଇଚ୍ଛୁକ ଶିବିରାର୍ଥୀମାନଙ୍କୁ ୨୧.୧୨.୨୦୨୫ ସନ୍ଧ୍ୟା ସୁଦ୍ଧା ଶିବିରରେ ପହଞ୍ଚିବାକୁ ଅନୁରୋଧ । ଏହି ଶିବିରରେ ପରମ ପ୍ରଭୁ ଶ୍ରୀଅରବିନ୍ଦଙ୍କ ରଚିତ **'ଦିବ୍ୟ ଜୀବନ'** ଗ୍ରନ୍ଥର (**'The Life Divine'**, Book - 2, Part - 1, Chapter - 6, "Reality and the Cosmic Illusion", para - 24) ବିଷୟଟି ଅଧ୍ୟୟନ ସହିତ ଆଲୋଚନା କରାଯିବ । ଏହି ଶିବିର ପାଇଁ ଶିବିରାର୍ଥୀ ଦେୟ ଟ ୧୦୦/-ଙ୍କା (ଏକ ଶତ ଟଙ୍କା) ରଖାଯାଇଅଛି ।

### ଏହି ଶିବିରକୁ ଆସିବା ପାଇଁ ଗମନାଗମନ ସୂଚନା :

ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ଟ୍ରେନ୍‌ରେ ଆସୁଥିବା ଭାଇ ଓ ଅପାମାନେ ବରଗଡ଼ ଷ୍ଟେସନରେ ଓହ୍ଲାଇ ପ୍ରାଇଭେଟ୍ ବସଷ୍ଟାଣ୍ଡ (ବରଗଡ଼)କୁ ଆସି ବସ୍ ଯୋଗେ ରୁଚିଦାରେ ପହଞ୍ଚି ପାରିବେ । ବରଗଡ଼ରୁ ରୁଚିଦା ପ୍ରାୟ ୪୫ କି.ମି. ଏବଂ ପ୍ରାୟ ପ୍ରତି ଦୁଇ ଘଣ୍ଟାରେ ବସ୍ ଅଛି । ସକାଳ ପାଞ୍ଚଟାରୁ ବସ୍ ଯିବା ଆସିବା ଆରମ୍ଭ ହୁଏ । ବରଗଡ଼ରୁ ଭଟ୍‌ଲି, ଅମ୍ଭାଭୋନା, ଭୁକ୍ତା, ରୁଚିଦା ଦେଇ ଛତିଶଗଡ଼ (ସରିଆ, ସାରଙ୍ଗଗଡ଼, ବିଳାସପୁର)କୁ ଯାଏ ।

ଶିବିର ସମ୍ପର୍କରେ ଅଧିକ କିଛି ଜାଣିବାକୁ ଚାହୁଁଥିଲେ ନିମ୍ନଲିଖିତ ମୋବାଇଲରେ **ଯୋଗାଯୋଗ** କରିପାରନ୍ତି ।
ସଞ୍ଜୟ ଭାଇ – ୭୦୨୪୦୧୯୬୧୬; ନାରାୟଣ ଭାଇ – ୯୫୫୬୭୪୭୮୭୮;
ସୁଶାନ୍ତ ଭାଇ – ୯୯୩୭୧୨୧୮୪୧; ବେବୀ ଅପା – ୯୯୩୭୬୧୭୪୩୧

# ଆଗାମୀ ଯୁଗ

## ପ୍ରପତ୍ତି

ଅବ୍ୟବସ୍ଥା, ବିଶୃଙ୍ଖଳା ଓ ଘୋର ଅସ୍ଥିରତା ମଧ୍ୟଦେଇ ବର୍ତ୍ତମାନ ମାନବସମାଜ ଗତି କରୁଛି । ଏକ ସର୍ବଗ୍ରାସୀ ବିକ୍ଷୋଭ ଓ ଉତ୍ତେଜନାରେ ମନୁଷ୍ୟ ବ୍ୟତିବ୍ୟସ୍ତ ହୋଇପଡ଼ିଛି । ପରିବର୍ତ୍ତନ, ଏକ ଆମୂଳ ପରିବର୍ତ୍ତନ ଯେ ନିଶ୍ଚିତ ଘଟଣା ଏ ସମ୍ବନ୍ଧରେ ଆଉ ଦ୍ୱିଧା ନାହିଁ । ଏହି ପରିବର୍ତ୍ତନର ଆହ୍ୱାନ ଏତେ ତୀବ୍ର ଏବଂ ଏପରି କଠୋର ଯେ ମନୁଷ୍ୟ ଏହାର ଉତ୍ତର ନଦେଇ ସ୍ଥିର ହୋଇ ରହିପାରିବ ନାହିଁ ।

ପୁରାତନ ରୀତି-ନୀତି, ଆଚାର-ବିଚାରସବୁ ଭାଙ୍ଗି ଧ୍ୱସ୍ତ-ବିଧ୍ୱସ୍ତ ହୋଇଯିବ । ଏପରିକି ପୁରାତନ ସମାଜ, ଧର୍ମ, ଶାସ୍ତ୍ର, ପୁରାଣ ମଧ୍ୟ ଅକାମୀ ହୋଇପଡ଼ିବ ଏବଂ ଦେବଦେବୀମାନଙ୍କ ଯୁଗର ଅବସାନ ଘଟିବ ।

ଏପରି ପରିବର୍ତ୍ତନର ବେଳକୁ ଶ୍ରୀଅରବିନ୍ଦ 'ଦେବ ମୁହୂର୍ତ୍ତ' ଆଖ୍ୟାତ କରିଛନ୍ତି । ଏହି ମୁହୂର୍ତ୍ତ ସମ୍ବନ୍ଧରେ ସେ କହିବାକୁ ଯାଇ ଲେଖିଛନ୍ତି :

''ଏପରି ମୁହୂର୍ତ୍ତ ଦେଖାଦିଏ ଯେତେବେଳେ ମନୁଷ୍ୟ ମଧ୍ୟରେ ଚିନ୍ମୟଦେବ ଆସି ବିଚରଣ କରନ୍ତି ଏବଂ ଭଗବାନଙ୍କ ନିଃଶ୍ୱାସର ସୁରଭି ଆତ୍ମମାନଙ୍କ ଜୀବନ-ସାଗର ଉପରେ ବିଛୁଡ଼ି ପଡ଼େ, ପୁନଶ୍ଚ ଏପରି ମୁହୂର୍ତ୍ତ ଆସେ ଯେତେବେଳେ ସେହି ବସ୍ତୁ ଫେରିଯାଏ ଏବଂ ମନୁଷ୍ୟ ନିଜ ଅହଂକାରର ସାମର୍ଥ୍ୟ ବା ଦୁର୍ବଳତାରେ କାର୍ଯ୍ୟ ସମ୍ପନ୍ନ କରିବାକୁ ପଡ଼ିରହେ । ପ୍ରଥମଟି ହେଉଛି ସେହିସବୁ ସମୟ ଯେତେବେଳେ ସାମାନ୍ୟ ମାତ୍ର ଚେଷ୍ଟା ଆଣିଦିଏ ବିପୁଳ ଫଳ ଏବଂ ଭାଗ୍ୟକୁ ଓଲଟପାଲଟ କରିଦିଏ; ଆଉ ଦ୍ୱିତୀୟଟି ହେଉଛି ସେହିସବୁ ସମୟ ଯେତେବେଳେ ସାମାନ୍ୟ ଫଳ ନିମିତ୍ତ ବୃହତ୍ ପ୍ରୟାସ କରିବାକୁ ହୁଏ । ଅବଶ୍ୟ ଏହା ସତ୍ୟ ଯେ ଶେଷଟି ପ୍ରଥମଟି ପାଇଁ କ୍ଷେତ୍ର ପ୍ରସ୍ତୁତ କରେ; ଏହା ଯେପରି ଏକ ଯଜ୍ଞାଗ୍ନିର କ୍ଷୀଣ ଧୂମଶିଖା ପରି ଉଠିଯାଏ ସ୍ୱର୍ଗ ଆଡ଼କୁ, ଡାକି ଆଣେ ଭଗବାନଙ୍କର କରୁଣା-ସମ୍ଭାର ।

''ହତଭାଗ୍ୟ ସେହି ମାନବ ଅଥବା ସେହି ଦେଶ, ଯେତେବେଳେ ଶୁଭ ମୁହୂର୍ତ୍ତ ଆସେ ସେତେବେଳେ ସେ ଶୋଇ ରହିଥାଏ ବା ସୁଯୋଗ ଗ୍ରହଣ କରିବା ପାଇଁ ପ୍ରସ୍ତୁତ ନଥାଏ, କାରଣ ଏହି ମୁହୂର୍ତ୍ତକୁ ସ୍ୱାଗତ ଜଣାଇବା ନିମିତ୍ତ ପ୍ରଦୀପ ସଜା ହୋଇ ନଥାଏ ଓ ଆହ୍ୱାନ ନିମିତ୍ତ କର୍ଣ୍ଣ ମଧ୍ୟ ରହିଥାଏ ଅବରୁଦ୍ଧ । କିନ୍ତୁ ତତୋଽଧିକ ହତଭାଗ୍ୟ ସେହିମାନେ, ଯେଉଁମାନେ ସମର୍ଥ ଏବଂ ପ୍ରସ୍ତୁତ, କିନ୍ତୁ ତଥାପି ଶକ୍ତିର ଅପଚୟ କରନ୍ତି; ସେମାନଙ୍କ କ୍ଷତି ଅପୂରଣୀୟ ବା ଏକ ମହତୀ ବିନଷ୍ଟି ।''

ବର୍ତ୍ତମାନ ପୃଥିବୀ ଏହିପରି ଏକ 'ଦେବ-ମୁହୂର୍ତ୍ତ' ମଧ୍ୟ ଦେଇ ଗତି କରୁଛି, ଏକଥା ଶ୍ରୀମା ତାଙ୍କର ତା ୧.୪.୭୧ରିଖ ବାଣୀରେ ସ୍ପଷ୍ଟ କରିଛନ୍ତି ।

''ଆମ୍ଭେମାନେ ଏହିପରି ଏକ 'ଦେବ-ମୁହୂର୍ତ୍ତ'ରେ ଆସି ପହଞ୍ଚିଛୁ, ଯେତେବେଳେ ପୁରାତନ ଭିତ୍ତିସକଳ ଦୋହଲି ଯାଇଛି ଏବଂ ଗୋଟିଏ ବିରାଟ ବିଶୃଙ୍ଖଳା ଦେଖା ଦେଇଛି; କିନ୍ତୁ ଏହା ଏକ ଅପୂର୍ବ ସୁଯୋଗ ସେହିମାନଙ୍କ ନିମିତ୍ତ ଯେଉଁମାନେ ଆଗକୁ ଲମ୍ଫ ଦେବାକୁ ଚାହାଁନ୍ତି ଆଉ ଅଗ୍ରଗତିର ସମ୍ଭାବନା ମଧ୍ୟ ବର୍ତ୍ତମାନ ଅନନ୍ୟ ସାଧାରଣ ।

''ତୁମେ କ'ଣ ସେମାନଙ୍କ ମଧ୍ୟରୁ ଜଣେ ନୁହଁ, ଯେ ଏହି ମୁହୂର୍ତ୍ତର ସୁଯୋଗ ଗ୍ରହଣ କରିବ ?''

ଏକଥା ସତ୍ୟ ଯେ ଆଗାମୀ କାଳ ଯେପରି ଭୟଙ୍କର ସେପରି ଅପ୍ରତ୍ୟାଶିତ । ଯେଉଁମାନେ ଅକୁଣ୍ଠ ଚିତ୍ତରେ, ବିନା ଦ୍ୱିଧାରେ ଏକ ସତ୍ୟ ଓ ଆଲୋକ ଦ୍ୱାରା ଅନୁପ୍ରେରିତ ହୋଇ ବିଶାଳ ସମୁଦ୍ର ଗର୍ଭରେ ଲମ୍ଫ ପ୍ରଦାନ ତୁଲ୍ୟ ଆଗାମୀ ଯୁଗ ମଧ୍ୟରେ ଲମ୍ଫ ପ୍ରଦାନ କରିବେ; ସେମାନେ ସେହି ମହାନ୍ ସ୍ୱର୍ଣ୍ଣମୟ ଦିବ୍ୟଯୁଗର ଅଧିକାରୀ ହେବେ । ଆଗାମୀ ଯୁଗ ହେବ ମାନସୋତ୍ତର ଅତିମାନସ ଯୁଗ ଏବଂ ଏହି ଯୁଗରେ ମନୁଷ୍ୟର ଚେତନା ଏକ ନୂତନ ପାବଚ୍ଛକୁ ଉଠିଯିବ, ମନୁଷ୍ୟର ପ୍ରକୃତି ଏବଂ ଜୀବନଧାରା ସମ୍ପୂର୍ଣ୍ଣ ପରିବର୍ତ୍ତିତ ହେବ ଏବଂ ସେ ଦିବ୍ୟମାନବ ହୋଇଉଠିବ । ଏଥିପାଇଁ କ୍ରମଶଃ ପୃଥିବୀ ପ୍ରସ୍ତୁତ ହୋଇ ଉଠୁଛି । ଉଚ୍ଚତର ସତ୍ୟ ଓ ଆଲୋକ ନିଜକୁ ଧୀରେ ଧୀରେ ପ୍ରତିଷ୍ଠା କରିବାକୁ ଚେଷ୍ଟା କରୁଛି । ସତ୍ୟ ଓ ଆଲୋକର ଚାପରେ ବର୍ତ୍ତମାନ ପୃଥିବୀ ଅତିଷ୍ଠ ଓ ଅସ୍ଥିର

ହୋଇ ଉଠିଛି । ଅସ୍ଥିରତାର କାରଣ ଅସତ୍ୟ ଓ ମିଥ୍ୟାର ପ୍ରାବଲ୍ୟ ନୁହେଁ ବରଂ ସତ୍ୟ ଓ ଆଲୋକର ପ୍ରାବଲ୍ୟ । ଦୁଇଟି ପରସ୍ପର ବିରୋଧୀ ଶକ୍ତି ମଧ୍ୟରେ ପ୍ରବଳ ସଙ୍ଘର୍ଷ ଓ ସଂଗ୍ରାମ ଚାଲିଛି । ଆଲୋକ ଓ ସତ୍ୟର ଯେ ବିଜୟ ସୁନିଶ୍ଚିତ ଏବଂ ଜଡ଼ ଓ ଆସୁରିକ ଶକ୍ତିର ଯେ ରୂପାନ୍ତର ନିଶ୍ଚିତ – ଏହା ନିଃସନ୍ଦେହ ।

('ଶ୍ରୀ ପ୍ରପତ୍ତିଙ୍କ ରଚନା ସଂଗ୍ରହ', ପ୍ରଥମ ଖଣ୍ଡ, ପୃ. ୧୦୯ - ୧୧୦) ❑

# ତୁମେ ଆଲୋକର ଦୀପ୍ତଶିଖା

## ଦୀପ୍ତି ମିଶ୍ର

ଆଲୋକର ଦୀପ୍ତଶିଖା ଅଟ ତୁମେ
ମୁଁ ଅଟେ ଅନ୍ଧାରୀ ଗୁହା,
ଆଶାର ଅମାପ ଅନ୍ୱେଷଣ ତୁମେ
ମୁଁ ଅଟେ ଅଶାନ୍ତ ନାଆ ।

ନାଆ ଟଳମଳ ସାଗର ଅଥଳ
କୂଳ କାହିଁ ଦିଶେ ନାହିଁ,
ପ୍ରତିକୂଳ ପାଗ କରୁଛି ଅଥୟ
ପଥ ଜାଣି ନ ପାରଇ ।

ପାଟି ଖୋଲେ ନାହିଁ ତୁମରି ନାମକୁ
ଉଚ୍ଚାରିବା ପାଇଁ କ୍ଷଣେ,
ପରମ କାରଣ ତୁମେହିଁ ତ ମାଆ
ଖୋଜୁଛି ଅଜ୍ଞାନ ପଣେ ।

ପାଇ ତୁମ ସ୍ପର୍ଶ ଶିହରିତ ହୁଏ
ପବନର ଦିଗ ବାରି ...
ମତୁଆଲା ହୁଏ ତୁମରି ସ୍ୱପ୍ନରେ
ସୁଗନ୍ଧିତ ଫୁଲ ପରି ।

ମୋର ଚଲାପଥ ଅଙ୍କାବଙ୍କା ସିନା
ତୁମେ ଅଛ ପାଶେ ପାଶେ,
ବକ୍ର ହୁଏ ସିଧା, କଣ୍ଟା ହୁଏ ଫୁଲ
ତୁମରି ମଧୁ ପରଶେ ।

ଅନ୍ତହୀନ ଏଇ ଅଭିଯାନ ମୋର
କେଉଁଠି ଅବା ସରିବ,
ଏ ବିଷମ ଯାତ୍ରା ନୀରବେ ସତେ କି
ଆକାଶକୁ ଛୁଇଁ ଯିବ ?

ତୁମ ସୁରଭିତ ପଣତ ବେଢ଼େଇ
ମୋତେ ରଖ ତୁମ କୋଳେ,
ଯେତେ ଝଡ଼ ଝଞ୍ଜା ଆସିଲେ ବି ଆସୁ
ଫେରି ଯିବେ ଅବହେଳେ ।

ପ୍ରେମମୟୀ ତୁମ ପ୍ରେମର ପ୍ଲାବନେ
ଧୋଇ ଦିଅ ମୋ କଳଙ୍କ,
ପୂର୍ଣ୍ଣ ହେଉ ଲକ୍ଷ୍ୟ ଅଭିଳାଷ ଯେତେ
ଦୂର ହେଉ ପାପ ପଙ୍କ । ❑



# ଧ୍ୟାନ ଓ ପ୍ରାର୍ଥନା – ଏକ ଆତ୍ମଲିପିର ଗୀତିକଥା

## (୧୦୩)

ମହେନ୍ଦ୍ରନାଥ ସ୍ୱାଇଁ

**ସ୍ୱପ୍ନ ଦର୍ଶନ :**

ଯାତ୍ରୀବାହୀ ଜାହାଜ ''କାଗାମାରୁ'' ରାତ୍ରି ପରେ ରାତ୍ରି, ଦିନ ପରେ ଦିନ ଅତିକ୍ରମ କରି ଆଗକୁ ବଢ଼ି ଚାଲିଛି ନୀଳ ସାଗର ବକ୍ଷରେ । ମାତ୍ର ନୂତନ ସୂର୍ଯ୍ୟୋଦୟ ସମ୍ବନ୍ଧରେ ଯାତ୍ରୀମାନେ ସଚେତନ ନୁହଁନ୍ତି, ସେମାନେ ଚିରାଚରିତ ଢଙ୍ଗରେ ଖାଦ୍ୟ-ପେୟ ସହ ଆମୋଦ-ପ୍ରମୋଦରେ ମାତି ରହିଛନ୍ତି – ଏହାହିଁ ସେମାନଙ୍କର ଜୀବନ । ସମୁଦ୍ର ବକ୍ଷରେ ବିପଦସଂକୁଳ ଯାତ୍ରାକୁ ସୁରକ୍ଷା ପ୍ରଦାନ କରୁଥିବା ଦିବ୍ୟ ଶକ୍ତି ସମ୍ବନ୍ଧରେ ସେମାନେ ସଚେତନ ନୁହଁନ୍ତି । ସେମାନଙ୍କ ପକ୍ଷରେ ସମୟ କଟାଇବା ଦୁର୍ବିଷହ ହୋଇପଡୁଛି, ସମୟକୁ ଅତିକ୍ରମି ଯିବା ପାଇଁ ଏତାଦୃଶ ମୂଲ୍ୟହୀନ କାର୍ଯ୍ୟରେ ଅତିବାହିତ କରି ଦେଉଛନ୍ତି । କିନ୍ତୁ ଦିବ୍ୟଜନନୀ ଯେ କି ପ୍ରଶାନ୍ତିର ମୂର୍ତ୍ତିମନ୍ତ ପ୍ରତୀକ, ଯାହାଙ୍କୁ କୌଣସି ପ୍ରକାର ଅଶାନ୍ତି, ବିରକ୍ତିଭାବ (disgust) ବା ନିରୁତ୍ସାହ ସ୍ପର୍ଶ କରିପାରୁ ନାହିଁ । ସେ ଏହି ସକଳ ଘଟଣା ଭିତରେ ଲୁକ୍କାୟିତ ରହିଥିବା ଭଗବତ୍ ଶକ୍ତିକୁ ଖୋଜି ଚାଲିଛନ୍ତି । ସେଥିପାଇଁ ଶ୍ରୀମା ମାର୍ଚ୍ଚ ୧୨, ୧୯୧୪ ପ୍ରାର୍ଥନାରେ ଲେଖୁଛନ୍ତି :

''O LORD, my one aspiration is to know Thee and serve Thee better every day. What do outer circumstances matter? They seem to me each day more vain and illusory, and I take less and less interest in what is going to happen to us in the outer life; but more and more am I intensely interested in the one thing which seems important to me: to know Thee better in order to serve Thee better. All outer events must converge upon this goal and this goal alone; and for that all depends upon the attitude we have towards them. To seek Thee constantly in all things, to want to manifest Thee ever better in every circumstance, in this attitude lies supreme Peace, perfect serenity, true contentment. In it life blossoms, widens, expands so magnificently in such majestic waves that no storm can any longer disturb it.

O Lord, Thou art our safeguard, our only happiness, Thou art our resplendent light, our pure love, our hope and our strength. Thou art our life, the reality of our being!

In a reverent and joyful adoration I bow to Thee.'' (MCW, Vol. 1, p. 96)

''ହେ ପ୍ରଭୁ, ମୋର ଏକମାତ୍ର ଅଭୀପ୍ସା ହେଉଛି ତୁମକୁ ଜାଣିବା ଏବଂ ପ୍ରତିଦିନ ଅଧିକ ଭଲ ଭାବରେ ତୁମର ସେବା କରିବା । ବାହ୍ୟ ପରିବେଶ ଯାହା ହେଉନା କାହିଁକି ସେଥିରେ କ'ଣ ଯାଏ ଆସେ ? ବାହ୍ୟ ଘଟଣାବଳୀ ପ୍ରତ୍ୟହ ଅଧିକରୁ ଅଧିକ ନିଷ୍ଫଳ ଏବଂ ମାୟାଛନ୍ନ ବୋଲି ମୋର ମନେ ହେଉଛି, ବାହ୍ୟ ଜୀବନରେ ଆମ ପ୍ରତି ଯାହା ଘଟିବାକୁ ଯାଉଛି ସେଥିରେ ମୁଁ ଯେତେ କମ୍ ହୋଇପାରେ ସେତେ କମ୍ ଆଗ୍ରହ ଦେଖାଉଛି; କିନ୍ତୁ ଗୋଟିଏ ଜିନିଷ ଉପରେ ମୋର ଅଧିକରୁ ଅଧିକ ଆଗ୍ରହ ରହିଛି ଯାହା ମୋ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ମନେହୁଏ : ତାହାହେଲା ତୁମକୁ ଅଧିକରୁ ଅଧିକ ଭଲ ଭାବରେ ଜାଣିବା ଏବଂ ସେବା କରିବା । ସକଳ ବାହ୍ୟ ଘଟଣାବଳୀ ଏହି ଲକ୍ଷ୍ୟ ଉପରେ ଆଧାରିତ ହେବା ନିଶ୍ଚିତ ଏବଂ ଏହାହିଁ ଏକମାତ୍ର ଲକ୍ଷ୍ୟ; ତାହା ନିର୍ଭର କରେ ସେସବୁ ଉପରେ ଥିବା ଆମର ମନୋଭାବ ଉପରେ । ପ୍ରତ୍ୟେକ ଜିନିଷ ଭିତରେ ନିରବଚ୍ଛିନ୍ନ ଭାବରେ ତୁମକୁ ଖୋଜିବା, ପ୍ରତ୍ୟେକ ପରିବେଶ ଭିତରେ ଅଧିକରୁ ଅଧିକ ଭଲ ଭାବରେ ତୁମକୁ ପ୍ରକାଶିତ କରାଇବାକୁ ଇଚ୍ଛା କରିବା, ଏହି ମନୋଭାବ ଭିତରେ ସର୍ବୋତ୍ତମ ପ୍ରଶାନ୍ତି, ସଂପୂର୍ଣ୍ଣ ନିଶ୍ଚଳତା, ବାସ୍ତବ ସନ୍ତୋଷଭାବ ନିହିତ ଅଛି । ଏହାରି

ଭିତରେ ଜୀବନ ଫୁଲଟିଏ ପରି ଫୁଟି ଉଠୁଛି, ଖୋଲିଯାଉଛି, ବିସ୍ତାରିତ ହୋଇଯାଉଛି; ଏହା ଏତେ ଚମତ୍କାର ଭାବରେ ବିସ୍ତାରିତ ହୋଇଯାଇଛି ଯେ ଏହି ମହିମାନ୍ୱିତ ଉତ୍ତାଳ ତରଙ୍ଗମାନଙ୍କ ଭିତରେ ଯେକୌଣସି ଝଡ଼-ଝଞ୍ଜା ତାକୁ ବିଚଳିତ କରିପାରେ ନାହିଁ ।

''ହେ ପ୍ରଭୁ, ତୁମେହିଁ ଆମ୍ଭମାନଙ୍କର ସୁରକ୍ଷା କବଚ, ଆମର ଏକମାତ୍ର ଆନନ୍ଦ, ଆମର ଜ୍ୟୋତିଷ୍ମାନ୍ ଆଲୋକ, ବିଶୁଦ୍ଧ ପ୍ରେମ, ଆଶା ଓ ଆକାଂକ୍ଷା ଏବଂ ଆମର ଶକ୍ତି । ତୁମେହିଁ ଆମର ଜୀବନ, ଆମ ସତ୍ତାର ପ୍ରକୃତ ବାସ୍ତବ ସତ୍ୟ !

''ଏକ ଭକ୍ତିମୟ ଓ ଆନନ୍ଦପୂର୍ଣ୍ଣ ଆରାଧନା ଭିତରେ ମୁଁ ତୁମ ସମ୍ମୁଖରେ ନତମସ୍ତକ ହୋଇ ପ୍ରଣାମ କରୁଛି ।''

ପ୍ରଭୁ ଶ୍ରୀଅରବିନ୍ଦଙ୍କ ପୂର୍ଣ୍ଣଯୋଗରେ ଜୀବନର ଚୈତ୍ୟିକରଣ ହେଉଛି ଏକ ଅତ୍ୟାବଶ୍ୟକୀୟ ପାବଚ୍ଛ – ତାହା ହେଉଛି ଆମ ସମ୍ମୁଖରେ ଘଟୁଥିବା ପ୍ରତ୍ୟେକ ଘଟଣାକୁ ଭଲ ଭାବରେ ନିରୀକ୍ଷଣ କରିବା ଏବଂ ସେମାନଙ୍କ ଅଭ୍ୟନ୍ତରରେ ଥିବା ଲୁକ୍କାୟିତ ଆଧ୍ୟାତ୍ମିକ ଗୁରୁତ୍ୱକୁ ଅନୁଭବ କରିବା, ବାହାରକୁ ଆଣିବା, ବାହାରକୁ ଦେଖାଯାଉଥିବା ଚେହେରାର ଊର୍ଦ୍ଧ୍ୱକୁ ଉଠିଯିବା ଏବଂ ପ୍ରତ୍ୟେକ ଜିନିଷ ଓ ଘଟଣାମାନଙ୍କର ବାସ୍ତବ ସତ୍ୟକୁ ସ୍ପର୍ଶ କରିବା । ଦିବ୍ୟ ଜୀନନୀ ଶ୍ରୀମା ପ୍ରଭୁ ଶ୍ରୀଅରବିନ୍ଦଙ୍କୁ ସାକ୍ଷାତ୍ କରିବାର ଅଠର ଦିନ ପୂର୍ବରୁ ଏହି ଭାବକୁ ପ୍ରକୃତ ରୂପଦେବା ନିମନ୍ତେ ଉକ୍ତ ପ୍ରାର୍ଥନାରେ ଅଭୀପ୍ସା କରିଛନ୍ତି । ଆମ୍ଭମାନଙ୍କ ପାଇଁ ଉକ୍ତ ପ୍ରାର୍ଥନାଟି ପାଠ କରିବା ଏବଂ ତା'ର ଅନ୍ତଃସ୍ରୋତକୁ ଅନୁଭବ କରିବା ହେଉଛି ସାଧନା । ଚୈତ୍ୟସତ୍ତାର ଚତୁଃପାର୍ଶ୍ୱରେ ଆମ ଜୀବନର ସକଳ ଗତିବୃତ୍ତିକୁ ଏକତ୍ରିତ କରିବା ନିମନ୍ତେ ଏହାହିଁ ଏକମାତ୍ର ଉପାୟ । ଏହାକୁ ଅଭ୍ୟାସ କରିବାର ଉପାୟ ହେଲା ଦୁଇଟି; ପ୍ରଥମଟି ପ୍ରଭୁଙ୍କୁ ଭଲ ଭାବରେ ଜାଣିବା ଓ ଦ୍ୱିତୀୟଟି ହେଲା ତାଙ୍କର ସେବାରେ ନିଜକୁ ନିୟୋଜିତ କରିବା – ଏହାହିଁ ପ୍ରକୃତ ଭକ୍ତର ମନୋଭାବ । ଏହା କୃଚ୍ଛ୍ର ସାଧନା ନୁହେଁ ଅଥବା ବୈରାଗ ମଧ୍ୟ ନୁହେଁ, 'not stoic attitude' । ଯଦି ଜଣେ ସାଧକ-ଭକ୍ତ ନିଜ ସମ୍ମୁଖରେ ଘଟୁଥିବା ପ୍ରତ୍ୟେକ ଘଟଣା, ଦୁର୍ଘଟଣା ଭିତରେ ପ୍ରଭୁଙ୍କୁ ଖୋଜୁଥାଏ, ପ୍ରଭୁଙ୍କୁ ଦର୍ଶନ କରିପାରେ, ତେବେ ସେ ଯେଉଁ ମନୋଭାବ ପୋଷଣ କରେ ତନ୍ମଧ୍ୟରୁ ତା'କୁ ସର୍ବୋତ୍ତମ ପ୍ରଶାନ୍ତି, ସମ୍ପୂର୍ଣ୍ଣ ନିଶ୍ଚଳତା ଏବଂ ଆତ୍ମ-ସନ୍ତୋଷ ପ୍ରାପ୍ତ ହୁଏ, ତାହାହିଁ ସାଧନାର ଫଳ – ଏହି ନିଶ୍ଚିତ ସୂତ୍ରଟିକୁ ଦିବ୍ୟ ଜନନୀ ଆମକୁ ଜଣାଇ ଦେଉଛନ୍ତି ଆଲୋଚ୍ୟ ପ୍ରାର୍ଥନାଟିରେ ।

ପ୍ରାର୍ଥନାଟିର ଶେଷ ଅନୁଚ୍ଛେଦରେ ମା' କହୁଛନ୍ତି, ''ହେ ପ୍ରଭୁ, ତୁମେ ସକଳ ବିରୋଧୀ ଶକ୍ତିମାନଙ୍କ କବଳରୁ ଆମକୁ ରକ୍ଷା କର, ତୁମର ଜ୍ୟୋତିଃ ଅତ୍ୟନ୍ତ ଚମତ୍କାର, ଦେଦୀପ୍ୟମାନ, ଚକ୍ଷୁ ଝଲସି ଯାଏ ତା'ର ସଂଦର୍ଶନରେ ।''

ଦିବ୍ୟ ଜନନୀ ସ୍ୱୟଂ ବ୍ରହ୍ମ-ପ୍ରଜ୍ଞା, ସେ ଆମକୁ ପ୍ରକୃତ ସତ୍ୟ ଉପରେ ପ୍ରତିଷ୍ଠିତ ଏକ ଦିବ୍ୟ ଜୀବନ କିପରି ବଞ୍ଚିବାକୁ ହେବ ତା'ର ଏକ ଦିବ୍ୟ ସୂତ୍ର ପ୍ରଦାନ କରିଛନ୍ତି । ଉକ୍ତ ପ୍ରାର୍ଥନାରେ ଜ୍ଞାନଯୋଗ ଆଚରଣ କରିବାକୁ ଇଚ୍ଛା କରୁଥିବା ସାଧକ ଏକ ସିଧା ରାସ୍ତାରେ ଯାଇ ଜ୍ଞାନୀମାନଙ୍କର ସଭାରେ ବସିବାକୁ ଚେଷ୍ଟା କରୁଥାଏ, ସେଥିପାଇଁ ତାଙ୍କୁ ଧୈର୍ଯ୍ୟ, ସହନଶୀଳତା ଏବଂ ଅନ୍ୟକୁ ଭଲ ପାଇବା ଶିକ୍ଷା କରିବାକୁ ହୋଇଥାଏ । ଯଦି ତାଙ୍କର ନିଜ ସନ୍ତାନ-ସନ୍ତତି ତାଙ୍କୁ ବିରକ୍ତ କରନ୍ତି, ଅମାନିଆ ହୁଅନ୍ତି, ଜ୍ଞାନଯୋଗୀ ସେସବୁକୁ ପ୍ରଭୁଙ୍କର ଏହା ଗୋଟିଏ ଗୋଟିଏ ପରୀକ୍ଷା ବୋଲି ଧରି ନେବେ । ପ୍ରଭୁ ପିଲାମାନଙ୍କ ମାଧ୍ୟମରେ ତାଙ୍କୁ ବିରକ୍ତ କରୁଛନ୍ତି, ପରୀକ୍ଷା ନେଉଛନ୍ତି । ଏହା ଯଦି ଜ୍ଞାନଯୋଗୀଟିଏ ଜାଣିପାରିଲା, ତାହାହେଲେ ତାଙ୍କର ଅନୁଭୂତି ବଢ଼ିବ, ସମସ୍ତଙ୍କ କଥା ଶୁଣିବାକୁ ଆବଶ୍ୟକୀୟ ଧୈର୍ଯ୍ୟ ପ୍ରାପ୍ତ ହେଲେ ଯାଇ ସାଧନା ଠିକ୍ ବାଟରେ ଚାଲିବ । ସବୁ କଥାରେ ଯୁକ୍ତି କଲେ, ପ୍ରତିକ୍ରିୟା ପ୍ରକାଶ କଲେ, ଯୋଗପଥ ସୁଗମ ନହୋଇ ଦୁର୍ଗମ ହୋଇଯିବାର ସମ୍ଭାବନା ଥାଏ ।

ଆମେ ଚକ୍ଷୁ ଉନ୍ମୀଳନ କଲେ ଯାହାସବୁ ଦେଖୁ ସେସବୁ ହେଲେ ସମସ୍ତ ପଦାର୍ଥ ବା ଜୀବସତ୍ତା; ଆମେ ଯେଉଁଠି ଦଣ୍ଡାୟମାନ ହୋଇଛେ ତା'ର ଚତୁଃପାର୍ଶ୍ୱସ୍ଥ ସ୍ଥାନ, ବୃକ୍ଷଲତା, ଫୁଲଫଳ, ପବନ, ପକ୍ଷୀ ଓ ସେମାନଙ୍କର ସୁନ୍ଦର କଳରବ, କାକଳୀ ଇତ୍ୟାଦି ଦ୍ୱାରା ପରିପୂର୍ଣ୍ଣ ହୋଇ ରହିଥିବା ବ୍ୟବସ୍ଥାଟି ହେଉଛି ପରିବେଶ । ପ୍ରାକୃତିକ ପରିବେଶ ଅତ୍ୟନ୍ତ ସୁନ୍ଦର, ମନୋମୁଗ୍ଧକର, ହୃଦୟସ୍ପର୍ଶୀ ଏବଂ ପ୍ରେରଣା ପ୍ରଦାନକାରୀ ଉତ୍ସ ଭାବରେ ସର୍ବଦା ଅନୁଭୂତ ହୋଇଥାଏ । ଆମକୁ ଏହି ପୃଥିବୀରେ ତିଷ୍ଠି ରହିବା ତଥା ଚଳପ୍ରଚଳ ହେବା ନିମନ୍ତେ ଭଗବାନ୍ ଆମ ଚେତନା ଭିତରେ ତିନୋଟି ଯନ୍ତ୍ର ଖଞ୍ଜି ଦେଇଛନ୍ତି । ପ୍ରଥମଟି ହେଲା ଇନ୍ଦ୍ରିୟସକଳ (Senses), ଦ୍ୱିତୀୟଟି ହେଉଛି ହେତୁବୋଧ (Reason) ବା ଯୁକ୍ତିବୁଦ୍ଧି ଏବଂ ତୃତୀୟଟି ହେଲା ପ୍ରେରଣା (Inspiration) । ପ୍ରେରଣାର

ଅବସ୍ଥିତି ଯୁକ୍ତିବୁଦ୍ଧି ଏବଂ ଇନ୍ଦ୍ରିୟସକଳଙ୍କ ଊର୍ଦ୍ଧ୍ୱରେ । ବେଳେବେଳେ ଇନ୍ଦ୍ରିୟବୋଧକୁ ଯୁକ୍ତିବୁଦ୍ଧି ଅତିକ୍ରମ କରିଯାଏ, ଠିକ୍ ସେହିପରି ପ୍ରେରଣା ମଧ୍ୟ ଯୁକ୍ତିବୁଦ୍ଧିକୁ ଅତିକ୍ରମ କରିଥାଏ । ପ୍ରକୃତ ପ୍ରେରଣା ଆସିଥାଏ ଚୈତ୍ୟପୁରୁଷଙ୍କୁ ଆଶ୍ରୟ କରି । ପ୍ରଭୁ ଶ୍ରୀଅରବିନ୍ଦ ''Thoughts and Aphorisms'' ପୁସ୍ତକର ଜ୍ଞାନ ପର୍ଯ୍ୟାୟର ଦ୍ୱିତୀୟ ସୂକ୍ତରେ ଏହା ଉଲ୍ଲେଖ କରି କହୁଛନ୍ତି ଯେ – ''Inspiration is a slender river of brightness leaping from a vast and eternal knowledge; it exceeds reason more perfectly than reason exceeds the knowledge of the senses.''

(MCW, Vol. 10, p. 3)

''ପ୍ରେରଣା ହେଉଛି ଏକ ଉଜ୍ଜ୍ୱଳ ଆଲୋକ ସ୍ରୋତର କ୍ଷୀଣଧାରା ନଦୀଟିଏ ପରି ଯାହା ଏକ ବିଶାଳ ଚିରନ୍ତନ ଜ୍ଞାନର ଉତ୍ସରୁ ଉଛୁଳି ଲମ୍ଫପ୍ରଦାନ-ପୂର୍ବକ ନିମ୍ନକୁ ପ୍ରବାହିତ ହୋଇ ଆସୁଥାଏ; ସେ ଯୁକ୍ତି-ବୁଦ୍ଧିକୁ ସମ୍ପୂର୍ଣ୍ଣରୂପେ ଅତିକ୍ରମ କରିଥାଏ; ଇନ୍ଦ୍ରିୟଲବ୍ଧ ଜ୍ଞାନକୁ ଯୁକ୍ତି-ବୁଦ୍ଧି ଯେତିକି ବଳିଯାଇଥାଏ ତାହାଠାରୁ ଅଧିକ ଭଲ ଭାବରେ ।''

ଏହି ଶକ୍ତିଶାଳୀ ପ୍ରେରଣାର ଉଜ୍ଜ୍ୱଳ ସ୍ରୋତ ହେଉଛନ୍ତି ସ୍ୱୟଂ ଦିବ୍ୟ ଜନନୀ ଶ୍ରୀମା । ତାଙ୍କୁ ବା ତାଙ୍କର ପ୍ରତିକୃତିକୁ ଦର୍ଶନ କଲେ ବ୍ୟକ୍ତି ଭିତରେ ଏକ ଉଷ୍ମ ତଥା ଆଲୋକର ସ୍ରୋତ ଆପାଦମସ୍ତକ ପ୍ରବାହିତ ହୋଇଯାଏ ଏବଂ ପରବର୍ତ୍ତୀ କାଳରେ ସେହି ବ୍ୟକ୍ତିର ଆନ୍ତର ତଥା ବାହ୍ୟ ପ୍ରକୃତିରେ, କଥାବାର୍ତ୍ତା, ଚାଲିଚଳନ, ଖାଦ୍ୟପେୟରେ ମଧ୍ୟ ପରିବର୍ତ୍ତନ ଲକ୍ଷ୍ୟ କରାଯାଏ । ବେଳେବେଳେ ମନେହୁଏ ସେ ପ୍ରତ୍ୟେକ ଜିନିଷ ଭିତରେ ନିରବଚ୍ଛିନ୍ନ ଭାବରେ ପ୍ରଭୁ ଶ୍ରୀଅରବିନ୍ଦ ଓ ମା'ଙ୍କୁ ଖୋଜୁଛି ''... To seek Thee constantly in all things, ...'' (MCW, Vol. 1, p. 96) ଏହି କୃପା ପ୍ରାପ୍ତ ହୋଇଥାଏ ଦିବ୍ୟ ଜନନୀଙ୍କର inspiration ବା ପ୍ରେରଣାର ପ୍ରବାହରୁ । ନିମ୍ନୋକ୍ତ ଘଟଣାଟିକୁ ଆଲୋଚନା କଲେ ମା'ଙ୍କର କରୁଣାର ପ୍ରବାହ କିପରି ବ୍ୟକ୍ତି ଉପରେ କାର୍ଯ୍ୟ କରେ ତାହା ସ୍ପଷ୍ଟ ପ୍ରତୀୟମାନ ହେବ ।

'ଟି' ନାମ୍ନୀ ଜନୈକା ଇଉରୋପୀୟ ଭଦ୍ରମହିଳା ଅକ୍ଟୋବର ମାସରେ ପଣ୍ଡିଚେରୀ ଅଭିମୁଖେ ଯାତ୍ରା ଆରମ୍ଭ କଲେ ଫ୍ଲୋରେନ୍ସ୍ ସହରରୁ । ଫ୍ଲୋରେନ୍ସ୍ ହେଉଛି ଇଟାଲିର ଟସ୍କାନ୍ ଅଞ୍ଚଳର ରାଜଧାନୀ । ଏହା ଆର୍ନୋ (Arno) ନଦୀ କୂଳରେ ଅବସ୍ଥିତ । ନଭେମ୍ବର ମାସରେ ଏହି 'ଆର୍ନୋ' ନଦୀରେ ଆସିଲା ପ୍ରଳୟଙ୍କରୀ ବନ୍ୟା । ସହରର ଅନେକ ଅମୂଲ୍ୟ ସମ୍ପଦ, ଚିତ୍ରକଳା, ମ୍ୟୁଜିୟମ, ଚର୍ଚ୍ଚ ଭାଙ୍ଗିରୁଜି ଛାରଖାର ହୋଇଗଲା ।

'ଟି' ପଣ୍ଡିଚେରୀରେ ପହଞ୍ଚିବା ଦିନହିଁ ଦିବ୍ୟ ଜନନୀ ଶ୍ରୀମା'ଙ୍କୁ ଦର୍ଶନ କରିବା ନିମନ୍ତେ ଅନୁମତି ପ୍ରାପ୍ତ ହେଲେ । ସେ ଯେତେବେଳେ ମା'ଙ୍କ ପ୍ରକୋଷ୍ଠ ବାହାରେ ଅପେକ୍ଷା କରିଥିଲେ, ଠିକ୍ ସେହି ସମୟରେ 'ନାତା' ନାମ୍ନୀ ଆଶ୍ରମର ଜନୈକା ଅନ୍ତେବାସିନୀ ସାଧିକା ଫ୍ଲୋରେନ୍ସ୍ ବନ୍ୟାରେ କ୍ଷୟକ୍ଷତି ହୋଇଥିବା କେତେକ ଫଟୋ ମା'ଙ୍କ ପାଖରେ ନିବେଦନ କଲେ । 'ଟି' ପ୍ରଥମ ଥର ଦର୍ଶନ କରିବାର ସୁଯୋଗ ପାଇ କକ୍ଷରେ ପ୍ରବେଶ କରିବା ସଙ୍ଗେ ସଙ୍ଗେ ମା' ତାଙ୍କୁ ବକ୍ଷରେ ଜଡ଼ାଇ ଧରି ଦିବ୍ୟ ପ୍ରେମର ଶକ୍ତି ଓ ଉଷ୍ମତା ପ୍ରଦାନ କଲେ, ତାଙ୍କ ହାତକୁ ନିଜ ହାତ ଭିତରେ ଧରିଲେ ଏବଂ ହାତ ଭିତରେ ପ୍ରଚୁର ଶକ୍ତି ଭରି ଦେଲେ । ମା' କହିଲେ, ''It is a symbol that you are here at this time (of the flood). I have been to Florence. It is a pity that all these master pieces have been spoiled and so many have been destroyed. But more beautiful things will be done.''

ଅର୍ଥାତ୍, ''ଏହା ଏକ ପ୍ରତୀକାତ୍ମକ ସୂଚନା ଯେ ତୁମେ ବର୍ତ୍ତମାନ ବନ୍ୟା ସମୟରେ ଏଠାରେ ଉପସ୍ଥିତ ଅଛ । ମୁଁ ଫ୍ଲୋରେନ୍ସ୍‌କୁ ଯାଇଛି । ଏହା ଅତ୍ୟନ୍ତ ଦୁଃଖର କଥା ଯେ ସେଠାରେ ଥିବା ସମସ୍ତ ଶ୍ରେଷ୍ଠ କଳାକୃତି ନଷ୍ଟ ହୋଇ ଯାଇଛି ଏବଂ ଅନେକ ଧ୍ୱଂସ ପାଇଯାଇଛି । କିନ୍ତୁ ତାହା ଠାରୁ ଅଧିକ ସୁନ୍ଦର ଜିନିଷ ସେଠାରେ ଗଢ଼ାହେବ ।''

ମା' ଏହା କହି 'ଟି'ଙ୍କୁ ଗୋଟିଏ ଗୋଲାପ ଫୁଲ ଦେଲେ । 'ଟି'ଙ୍କ ଚକ୍ଷୁଦ୍ୱୟରୁ ଆନନ୍ଦର ଲୋତକାଶ୍ରୁ ଝରଝର ହୋଇ ବୋହି ଆସୁଥିଲା ।

ବର୍ଷକ ପର୍ଯ୍ୟନ୍ତ ମା'ଙ୍କ ଦର୍ଶନ ତଥା ଆଶୀର୍ବାଦର ପ୍ରଭାବ 'ଟି'ଙ୍କ ଉପରେ ନିରବଚ୍ଛିନ୍ନ ଭାବରେ ଲାଗି ରହିଥିଲା । ସେ ଯେତେବେଳେ ଦର୍ଶନ କରିବାକୁ ଇଚ୍ଛା କରି ନିବେଦନ କରନ୍ତି ମା' ତାଙ୍କୁ ସଙ୍ଗେ ସଙ୍ଗେ ଅନୁମତି ପ୍ରଦାନ କରନ୍ତି ଓ ଚିଠିର ଉତ୍ତର ମଧ୍ୟ ଦିଅନ୍ତି ।

ଦିବ୍ୟ ଜନନୀ 'ଟି'ଙ୍କଠାରେ ଏକ ଦିବ୍ୟ ପ୍ରତୀକାତ୍ମକ

ଜଗତର ସୂକ୍ଷ୍ମ-ଦୃଷ୍ଟି ''dream vision'' ଉନ୍ମୋଚିତ କରିଦେଲେ । ତତ୍‌ପରେ ସେ ଅଧିକାଂଶ ସମୟରେ ମା'ଙ୍କୁ ସ୍ୱପ୍ନରେ ଦର୍ଶନ କରନ୍ତି । ଏକଦା ମା' ତାଙ୍କୁ ସ୍ୱପ୍ନରେ କହିଲେ, 'ଟି' ତୁମେ ମୋ ସହିତ ଏକ ବିଶିଷ୍ଟ ସ୍ଥାନ ଦେଖିବାକୁ ଯିବ କି ?'' 'ଟି' କହିଲେ, ''ହଁ ମା', ମୁଁ ଯିବାକୁ ଇଚ୍ଛା କରୁଛି ।'' ଯାତ୍ରା ନିମନ୍ତେ କିପରି ପ୍ରସ୍ତୁତ ହେବାକୁ ପଡ଼ିବ ମା' ତାଙ୍କୁ ବୁଝାଇ ଦେଲେ । ଥରେ ସ୍ୱପ୍ନ ଦେଖିଲେ ଯେ ସେ ତାଙ୍କ ବେଲ୍‌ଟ ଖୋଲି ପାରୁ ନାହାନ୍ତି, ଠିକ୍ ସେହି ସମୟରେ ମା' ଆସି ଉପସ୍ଥିତ ହେଲେ ଏବଂ ହସି ହସି ବେଲ୍‌ଟଟିକୁ ଖୋଲିଦେଲେ । ଆଉ ଥରେ ସ୍ୱପ୍ନରେ ମା' ତାଙ୍କୁ ଏକ ଲାଲ-ପଦ୍ମଗୁଚ୍ଛ ପ୍ରଦାନ କରୁଥିବାର ଦେଖିଲେ । ପୁନଶ୍ଚ 'ଟି' ଦେଖିଲେ ଦିବ୍ୟ ଜନନୀ ଶ୍ରୀମା ଏବଂ ପ୍ରଭୁ ଶ୍ରୀଅରବିନ୍ଦଙ୍କ ମଝିରେ ସେ ଠିଆ ହୋଇଛନ୍ତି ଓ ଉଭୟେ ତାଙ୍କର ଗୋଟିଏ ଗୋଟିଏ ହାତକୁ ଧରିଛନ୍ତି । ଅନ୍ୟ ଏକ ସ୍ୱପ୍ନରେ 'ଟି' ଦେଖିଲେ ପ୍ରଭୁ ଶ୍ରୀଅରବିନ୍ଦ ଏକ ନୌକା(ଛୋଟ ଜାହାଜ)କୁ ଆହୁଲା ମାରି ଚଳାଉଛନ୍ତି । ଅଳ୍ପ କେତେ ଜଣ ଲୋକ ସେହି ନୌକାରେ ବସିଛନ୍ତି; ସେମାନେ ସମସ୍ତେ ଧଳା ପୋଷାକ ପିନ୍ଧିଛନ୍ତି । ଠିକ୍ ସେହି ସମୟରେ ସମୁଦ୍ର ଅଶାନ୍ତ ହୋଇଉଠିଲା; ପ୍ରଭୁ ଶ୍ରୀଅରବିନ୍ଦ ନୌକାଟିକୁ ଏକ ନିରାପଦ ସ୍ଥାନକୁ ନେଇଗଲେ ଏବଂ ସମୁଦ୍ର ଶାନ୍ତ ହୋଇଗଲା ପରେ ପ୍ରଭୁ ପୁନଶ୍ଚ ନୌକାଟିରେ ସମସ୍ତଙ୍କୁ ବସାଇ ଯାତ୍ରା ଆରମ୍ଭ କରିଦେଲେ । 'ଟି' କହନ୍ତି, ''କୋଡ଼ିଏ ବର୍ଷ ପରେ ମଧ୍ୟ ଏହିସବୁ ଦୃଶ୍ୟ ମୋ ସ୍ମୃତିପଟରେ ତାଜା ହୋଇ ରହିଛି ।''

ଥରେ 'ଟି' ତାଙ୍କର ଅନ୍ୟ ଏକ ସ୍ୱପ୍ନ-ଅନୁଭୂତି କଥା କହନ୍ତି । ''ମୁଁ ମା'ଙ୍କ ପାଖକୁ ଗଲି, ମୋର ଉଦ୍ଦେଶ୍ୟ ଆଜି ମା'ଙ୍କୁ ଅନେକ ପ୍ରଶ୍ନ ପଚାରିବି । କିନ୍ତୁ ମା'ଙ୍କ ପାଖକୁ ଯିବା ମାତ୍ରକେ ମା' ତାଙ୍କର ଅଭୟ ବାହୁଦ୍ୱୟକୁ ପ୍ରସାରିତ କରି ମୋତେ କୋଳାଗ୍ରତ କଲେ । ତତ୍‌କ୍ଷଣାତ୍ ମୋ ଭିତରେ ଥିବା ସମସ୍ତ ପ୍ରଶ୍ନ ସେମାନଙ୍କର ଗୁରୁତ୍ୱ ହରାଇଲେ । ମା' ପ୍ରଶ୍ନ କଲେ, ''ତୁମେ କ'ଣ ଜାଣିବାକୁ ଇଚ୍ଛା କରୁଛ ?'' 'ଟି' ଉତ୍ତର ଦେଲେ 'କିଛି ନୁହେଁ', ମା', ମୋର କିଛି ଜାଣିବାକୁ ନାହିଁ ।''

'ଟି' ଆଶ୍ରମ ଜୀବନ ସହିତ ଓତପ୍ରୋତ ଭାବରେ ଜଡ଼ିତ ହୋଇଗଲେ । ଥରେ ତାଙ୍କ ମା' ଇଟାଲିରୁ ଚିଠିରେ ଲେଖିଲେ ଯେ ତାଙ୍କ ପିତାଙ୍କର ବାର୍ଷିକ ମୃତ୍ୟୁ-ଦିବସ ପାଳନ ଅବସରରେ ମା'ଙ୍କୁ ପ୍ରାର୍ଥନା ନିବେଦନ କରିବା ପାଇଁ । ସେ ମା'ଙ୍କୁ ଲେଖିଲେ, ''ମୃତବ୍ୟକ୍ତିଙ୍କ ପାଇଁ ପ୍ରାର୍ଥନା କ'ଣ ସେ ବ୍ୟକ୍ତିର ମଙ୍ଗଳ କରେ ?'' ମା'ଙ୍କ ଉତ୍ତର, "Prayer is always good. But the important thing is the relation one had with the dead person."

ନଭେମ୍ବର ୧୮, ୧୯୭୩ ସକାଳୁ ସକାଳୁ 'ଟି'ଙ୍କର ଜନୈକ ବନ୍ଧୁ ତାଙ୍କୁ ଖବର ଦେଲେ ଯେ ଶ୍ରୀମା ଆଉ ନାହାନ୍ତି । ସେ ଦୁଃଖରେ ଭାଙ୍ଗି ପଡ଼ିଲେ ଏବଂ ସାଙ୍ଗେ ସାଙ୍ଗେ ଆଶ୍ରମକୁ ଦୌଡ଼ିଲେ । ଦିନେ ଦୁଇ ଦିନ ପାଇଁ ତାଙ୍କ ଉପରେ ଦୁଃଖର ପାହାଡ଼ ଲଦି ହୋଇ ପଡ଼ିଲା, କିନ୍ତୁ ତା'ପରେ ସେ ଏକ ବିଶାଳ ଆନନ୍ଦର ସ୍ରୋତ ଭିତରେ ବୁଡିଗଲେ; ଏହି ଅବସ୍ଥା ତାଙ୍କ ଭିତରେ ପ୍ରାୟ ମାସକ ପର୍ଯ୍ୟନ୍ତ ରହିଲା । ସେ ଦେଖୁଥିଲେ ଲୋକମାନେ କାନ୍ଦୁଛନ୍ତି, କିନ୍ତୁ ବୁଝିପାରିଲେ ନାହିଁ ଯେ ସେମାନେ କାହିଁକି କାନ୍ଦୁଛନ୍ତି । ତା'ପରେ ଦିନେ ସେ ତାଙ୍କର 'ନିର୍ବୋଧ ବାହ୍ୟ ମନ'ରେ ଭାବିଲେ ଏତେ ଆନନ୍ଦ ଭିତରେ ମୁଁ ସବୁଦିନେ ରହିପାରିବି ନାହିଁ । ତତ୍‌କ୍ଷଣାତ୍ ଦିବ୍ୟାନନ୍ଦମୟ ଧ୍ୟାନସ୍ଥ ଅବସ୍ଥା ତାଙ୍କଠାରୁ ଅନ୍ତର୍ଦ୍ଧାନ ହୋଇଗଲା ।

'ଟି' ତାଙ୍କ ବୃଦ୍ଧା, ରୋଗଗ୍ରସ୍ତା ମା'ଙ୍କୁ ଦେଖାଶୁଣା କରିବା ନିମନ୍ତେ ୧୯୮୦ ମସିହାରେ ଇଟାଲି ଚାଲିଗଲେ । କିନ୍ତୁ ସେ ପ୍ରତିବର୍ଷ ଆଶ୍ରମକୁ ଆସନ୍ତି ଏବଂ ତାଙ୍କ ସାଙ୍ଗ ସାଥିମାନଙ୍କୁ କହନ୍ତି, ''ମୁଁ ଶେଷ ନିଃଶ୍ୱାସ ତ୍ୟାଗ କରିବା ପାଇଁ ଏଠାକୁ ନିଶ୍ଚୟ ଆସିବି ।''

(''How they came to Sri Aurobindo and The Mother'', Vol. II
ପୁସ୍ତକର ପୃଷ୍ଠା. ୧୬୭ - ୧୬୯)

(କ୍ରମଶଃ)

❑❑❑


**ତଥ୍ୟ ନିର୍ଦ୍ଦେଶିକା**

(୧) Prayers and Meditations – The Mother

(୨) How they came to Sri Aurobindo and The Mother – Vol. II by Shyam Kumari

# କାରା-ଜୀବନୀ

## (୮)

## ଉଲ୍ଲାସକର ଦତ୍ତ

*(ପୂର୍ବ ପ୍ରକାଶିତ ଉତ୍ତାରୁ ...)*

ମୋଟାମୋଟି ଭାବରେ ବୁଝିବାକୁ ଗଲେ ଆମର ଜାଗତିକ ଆବର୍ତ୍ତନ-ବିବର୍ତ୍ତନ ମୂଳରେ ଦୁଇଟି ଶକ୍ତି କାର୍ଯ୍ୟ କରୁଥିବାର ଦେଖିବାକୁ ମିଳେ – ଗୋଟିଏ କେନ୍ଦ୍ରାନୁଗ ଏବଂ ଅପରଟି କେନ୍ଦ୍ରାତିଗ । କେନ୍ଦ୍ରାନୁଗ ଶକ୍ତି ବଳରେ ପାର୍ଥିବ ବସ୍ତୁଗୁଡ଼ିକ ପୃଥିବୀର କେନ୍ଦ୍ର ଆଡ଼କୁ ଆକୃଷ୍ଟ ହୁଏ ଏବଂ କେନ୍ଦ୍ରାତିଗ ଶକ୍ତି ବଳରେ ବିପରୀତ ଦିଗରେ ଧାବମାନ ହେବାର ପ୍ରୟାସ କରେ । ଏହି ଉଭୟ ଶକ୍ତିର ସାମ୍ୟ ଅବସ୍ଥାରେ ବସ୍ତୁସମୂହ କୌଣସି ଏକ ଦିଗକୁ ବିକ୍ଷିପ୍ତ ନ ହୋଇ ସ୍ୱସ୍ଥାନରେ ଅବସ୍ଥାନ କରିବାକୁ ସମର୍ଥ ହୁଅନ୍ତି । ସାଧାରଣ ଜଡ଼ବସ୍ତୁ ସମ୍ବନ୍ଧରେ ଏଇ ବିଧିହିଁ ଯଥେଷ୍ଟ ହେଲେ ବି ଇଚ୍ଛାଶକ୍ତି ସମ୍ପନ୍ନ ଜୀବ ସମ୍ପୂର୍ଣ୍ଣ ରୂପେ ଏଇ ପୂର୍ବୋକ୍ତ ଦୁଇ ଶକ୍ତିର ଅଧୀନ ବୋଲି ଦେଖାଯାଏ ନାହିଁ । ଜୀବ ଏହି ଦୁଇ ଶକ୍ତିର ମଧ୍ୟବର୍ତ୍ତୀ ରୂପେ ଅବସ୍ଥାନପୂର୍ବକ ନିଜର ଇଚ୍ଛା ଅନୁସାରେ ଏକ ତୃତୀୟ ଶକ୍ତିର ପ୍ରୟୋଗ ଦ୍ୱାରା ଯଥେଚ୍ଛା ବିଚରଣ କରିବାକୁ ସକ୍ଷମ ହୁଏ । ତେବେ ଏଇ ଇଚ୍ଛାଶକ୍ତିକୁ ଯଦି ଆମେ ମାଧ୍ୟାକର୍ଷଣ, ମହାକର୍ଷଣ ପରି ଅଥବା କେନ୍ଦ୍ରାନୁଗ, କେନ୍ଦ୍ରାତିଗ ଶକ୍ତି ପରି ପାର୍ଥିବ ଏବଂ ଅପାର୍ଥିବ, ଏଇ ଦୁଇ ଭାଗରେ ବିଭକ୍ତ କରି ବୁଝିବାର ଚେଷ୍ଟା କରୁଁ ତା'ହେଲେ ବୋଧହୁଏ ଆମର ଲୌକିକ ଓ ଅତିଲୌକିକର ପ୍ରକ୍ରିୟା କିଛିଟା ପରିସ୍ଫୁଟ ହୋଇଯିବ ।

ମୁଁ ପୂର୍ବେ ଉଲ୍ଲେଖ କରିଛି ଯେ ଆମମାନଙ୍କର ପାର୍ଥିବଲୋକରେ ଜନ୍ମଗ୍ରହଣ କରିବାର ଏକମାତ୍ର ପଥ ମାତୃଗର୍ଭବାସ, ଅର୍ଥାତ୍ – ପାର୍ଥିବ ଜଡ଼ ପ୍ରକୃତି ସହ ଏପରି ଘନିଷ୍ଠ ସମ୍ପର୍କ ଯଦ୍ୱାରା ଆମେ ସମ୍ପୂର୍ଣ୍ଣରୂପେ ପାର୍ଥିବ ଗୁଣସମ୍ପନ୍ନ ହୋଇଯାଉ । ଫଳରେ ଆମ ନିଜ ଇଚ୍ଛାଶକ୍ତିର ଅପାର୍ଥିବ ଓ ବ୍ୟାପକତର ସ୍ୱରୂପ ଭିତରୁ ଏହା ବିଚ୍ଛିନ୍ନ ହୋଇ ପାର୍ଥିବ ଶରୀରର ଅଧୀନରେ ନିଜର ଆପେକ୍ଷିକ ସ୍ୱାଧୀନତା ରକ୍ଷା କରେ ମାତ୍ର, କିନ୍ତୁ ନିଜକୁ ସମ୍ପୂର୍ଣ୍ଣ ସ୍ୱାଧୀନ ବୋଲି ଅନୁଭବ କରିପାରେ ନାହିଁ । ଅପରପକ୍ଷରେ ଅପାର୍ଥିବ ଅବା ଅତିଲୌକିକ ଯେଉଁ ଇଚ୍ଛା କଥା ଉଲ୍ଲେଖ କଲି ତାହା ପାର୍ଥିବ ସମ୍ପର୍କରେ ଜଡ଼ଗୁଣ ନିର୍ମୁକ୍ତ ବୋଲି ପାର୍ଥିବରୁ ଅଶେଷ ଗୁଣରେ ଅଧିକ ମୁକ୍ତ ଓ ସ୍ୱାଧୀନ । ତେବେ ଗୋଟିଏ ଦିଗରେ ଯେପରି ସ୍ୱାଧୀନ, ଅନ୍ୟ ଦିଗରେ ଏହା ପାର୍ଥିବ ବ୍ୟାପାରରେ ପାର୍ଥିବ ଅପେକ୍ଷା କ୍ଷଣସ୍ଥାୟୀ; କାରଣ ପାର୍ଥିବର ଯେଉଁ ଜଡ଼ତା (inertia) ରହିଛି ଏଠାରେ ତା'ର ଅଭାବ । ଫଳରେ ଯେତେବେଳେ ଏହି ସମସ୍ତ ଆବିର୍ଭାବ ଲକ୍ଷ୍ୟ କରାଯାଇଛି ସେତେବେଳେ ଦେଖାଯାଇଛି ଯେ ଏହା କେବଳ ମାତ୍ର ଅଳ୍ପକ୍ଷଣ ପାଇଁ ପାର୍ଥିବ ଆକାରରେ ଅବସ୍ଥାନ କରିବାକୁ ସମର୍ଥ ହୋଇଛି ଏବଂ ପରକ୍ଷଣରେ ଶୂନ୍ୟରେ ମିଳାଇ ଯାଇଛି ।

ଏପରି ସ୍ଥଳେ ଗୋଟିଏ ବିଷୟରେ ଆଲୋଚନା କରିବି ଯଦ୍ୱାରା ପାର୍ଥିବ ଏବଂ ଅପାର୍ଥିବ ଏଇ ଦୁଇ ଇଚ୍ଛା ଶକ୍ତିର ପ୍ରକୃତିଗତ ବିଭେଦ କିଛିଟା ଆମର ଧାରଣାର ବିଷୟ ହେବ ବୋଲି ଆଶା କରାଯାଏ । ଏଠାରେ ବିଷୟଟି ହେଉଛି ଉଭୟର ଗତି ଶକ୍ତି । ଖଣ୍ଡିଏ ଇଟାକୁ ଯଦି ଖଣ୍ଡେ ସୂତା ବା ରଜ୍ଜୁର ଏକ ପ୍ରାନ୍ତରେ ବାନ୍ଧି ଅପର ପ୍ରାନ୍ତ ଧରି ଘୂରା ଯାଏ, ତା'ହେଲେ ହସ୍ତସ୍ଥିତ ପ୍ରାନ୍ତ ଭାଗ ଯେଉଁ ସମୟରେ ନିଜର ଚାରିପଟେ ଘୂରି ଆସିବ, ଇଟା ଖଣ୍ଡକ ବି ଠିକ୍ ସେଇ ସମୟରେ ଥରେ ଘୂରି ଆସିବ ଏଥିରେ ସନ୍ଦେହ ନାହିଁ; କିନ୍ତୁ ସମୟ ଏକ ହେଲେ ବି ଗତିର କେତେ ପ୍ରଭେଦ ! ହାତରେ ଥିବା ପ୍ରାନ୍ତ ଭାଗଟି ନିଜର ଚାରିପଟେ ଥରେ ଘୂରି ହୁଏତ ଦୁଇ ଇଞ୍ଚ ବା ଚାରି ଇଞ୍ଚ ସ୍ଥାନ ଅତିକ୍ରମ କଲା, କିନ୍ତୁ ସେଇ ସମୟ ମଧ୍ୟରେ ବନ୍ଧା ହୋଇ ରହିଥିବାର ଇଟାର ପ୍ରାନ୍ତ ହୁଏତ ଦଶ ଗଜ ଅବା କୋଡ଼ିଏ ଗଜ ସ୍ଥାନ ଅତିକ୍ରମ କରି ଆସିଛି । ଏଇ ଉଦାହରଣ ସହିତ ତୁଳନା କଲେ ଦେଖି ପାରିବା ଆମମାନଙ୍କର ପୃଥିବୀର ଗତି ସମ୍ବନ୍ଧରେ ବି ଏଇ ଏକ ନିୟମ ପ୍ରଯୁଜ୍ୟ । ଆମର ପୃଥିବୀ ମଧ୍ୟ ଦୈନିକ ଥରେ ନିଜ ଚାରିପଟେ ଘୂରୁଛି ଏବଂ ଏହି ଗତି ଅନୁସରଣ କରି ଯଦି ଆମେ ପୃଥିବୀର କେନ୍ଦ୍ର ଆଡ଼କୁ ଅଗ୍ରସର ହେବା ତା'ହେଲେ ଦେଖି ପାରିବା, ଗତିର ବେଗ କ୍ରମଶଃ ହ୍ରାସ ପାଉଛି; ପୁଣି ଆମେ ଯଦି କେନ୍ଦ୍ର ଛାଡ଼ି ବର୍ହିଦିଗ ଆଡ଼କୁ ଅଗ୍ରସର ହେବା

ତା'ହେଲେ ଆମମାନଙ୍କର ଠିକ୍ ଏହାର ବିପରୀତ ଅନୁଭୂତି ହେବ, ଅର୍ଥାତ୍ – ଆମର ଗତିର ବେଗ କ୍ରମଶଃ ବୃଦ୍ଧି ପାଇବ । ଏଇ ସ୍ୱତଃସିଦ୍ଧ ସିଦ୍ଧାନ୍ତକୁ ଗ୍ରହଣ କଲେ ଆମର ବାସଭୂମି ପୃଥିବୀର ଉପର ଭାଗରୁ ପୃଥିବୀର ମାଧ୍ୟାକର୍ଷଣ ସୀମା ଅତିକ୍ରାନ୍ତ ହେବା ପର୍ଯ୍ୟନ୍ତ ଯେତେହିଁ ବହିର୍ଦ୍ଦିଗକୁ ଅଗ୍ରସର ହେଉଥିବ, ସେତେହିଁ ଗତିର ବେଗ ଉତ୍ତରୋତ୍ତର ବୃଦ୍ଧି ପାଇବ, ସନ୍ଦେହ ନାହିଁ । ଅବଶ୍ୟ ଏଇ ଗତି ଯେ ସତକୁ ସତ ଆମର ଅନୁଭୂତିଗମ୍ୟ ତାହା କହୁ ନାହିଁ; କାରଣ ପୃଥିବୀର ସବୁଯାକ ଗତି ଆମ ମଧ୍ୟରେ ରହିଅଛି, ସୁତରାଂ ଏସବୁ ପ୍ରତ୍ୟକ୍ଷ ଅନୁଭୂତିଗମ୍ୟ ହୁଏନା, ଅପାର୍ଥିବ ଜ୍ୟୋତିଷ୍କମଣ୍ଡଳୀ ତୁଳନାରେ ଅନୁମାନ କରିନେଉ କେବଳ । ଯେପରି ଗୋଟିଏ ଚଳମାନ ରେଳଗାଡ଼ିର ଆରୋହୀବର୍ଗ ରେଳଗାଡ଼ି ସମ୍ପର୍କରେ କୌଣସି ବି ଗତି ଅନୁଭବ କରନ୍ତି ନାହିଁ, କିନ୍ତୁ ବାହାରର ନିଶ୍ଚଳ ଭୂମି ଏବଂ ବୃକ୍ଷଲତାଦି ଆଡ଼କୁ ଚାହିଁଲେ ଏଇ ଗତି ଅନୁଭବ କରି ହୁଏ । ଏ ସ୍ଥାନରେ ବି ଠିକ୍ ତଦ୍ରୂପ । ତେବେ ଏଇ ଗତି ଅନୁଭୂତ ନ ହେଲେ ବି ଗତିବେଗ ଯେ ଆରୋହୀ ଦେହରେ ସଞ୍ଚାରିତ ହୋଇ ଯାଉଛି ଏହା ବୋଧହୁଏ କାହାକୁ କହିବାକୁ ହୁଏ ନାହିଁ ଏବଂ ପାର୍ଥିବ ଗତି ସମ୍ପର୍କରେ ଯଦିଓ ଅନୁଭୂତ ହୁଏ ନାହିଁ, କେନ୍ଦ୍ରାନୁଗରୁ କେନ୍ଦ୍ରାତିଗ ଅବସ୍ଥାରେ ସଞ୍ଚାରିତ ଗତିର ବେଗ ବହୁଳ ପରିମାଣରେ ବର୍ଦ୍ଧିତ ହୋଇ ଯାଉଛି, ଏହା ବି ସତ୍ୟ ।

ବର୍ତ୍ତମାନ ଦେଖାଯାଉ, ଆମର ଇଚ୍ଛା ଶକ୍ତି ଉପରେ ଏଇ ଗତିର ତାରତମ୍ୟର କୌଣସି ପ୍ରଭାବ ଅଛି କି ନାହିଁ । ଇତି ପୂର୍ବରୁ ମୁଁ ଇଚ୍ଛାଶକ୍ତିକୁ ପାର୍ଥିବ ଏବଂ ଅପାର୍ଥିବ ଏଇ ଦୁଇ ଭାଗରେ ବିଭକ୍ତ କରି ବୁଝିବାର ଚେଷ୍ଟା କରିଛି ଏବଂ ଏହା ବି ଦେଖିଛି ଯେ ପାର୍ଥିବ, ଅର୍ଥାତ୍ – ଜୀବ ଜଡ଼ଗୁଣ ସଂସ୍ପର୍ଶରେ ଥିବା ଯୋଗୁଁ ଅଧିକ ସ୍ଥିତିଶୀଳ ଏବଂ ଅପାର୍ଥିବ, ଅର୍ଥାତ୍ – ଈଶ୍ୱର ଗତି ଗୁଣ ସଂସ୍ପର୍ଶରେ ଅଧିକ ଗତିଶୀଳ; ତେବେ ଉଭୟହିଁ ଏକ ପୂର୍ଣ୍ଣ ସତ୍ତାର ଦୁଇ ଦିଗ ମାତ୍ର, ପରସ୍ପର ସାପେକ୍ଷ । ଅପାର୍ଥିବ ଇଚ୍ଛାଶକ୍ତିକୁ ଆପଣାଇବାକୁ ହେଲେ ସଞ୍ଚାରିତ ଗତିବେଗର ଆଧିକ୍ୟ ଯୋଗୁଁ ଦେଶ ଏବଂ କାଳର ବ୍ୟବଧାନକୁ ପାର୍ଥିବର ତୁଳନାରେ ଏକେବାରେ ଅନାୟାସରେ ଇଚ୍ଛାମାତ୍ରେହିଁ ସଂକ୍ଷିପ୍ତ କରି ଦେଇପାରେ, କିନ୍ତୁ ପାର୍ଥିବର ସେଇ ଶକ୍ତି ନାହିଁ ଅବା ଏହା ଥିଲେ ବି ତା'ର ପ୍ରୟୋଗ ବହୁ ଆୟାସସାଧ୍ୟ, ଅର୍ଥାତ୍ – ବର୍ତ୍ତମାନ ବୈଜ୍ଞାନିକ ଜଗତ୍ ନିଜ ଉଦ୍ଭାବନୀ ଶକ୍ତି ବଳରେ ବୈଜ୍ଞାନିକ ଯାନବାହନ ଇତ୍ୟାଦି ଦ୍ୱାରା ଦେଶକାଳର ବ୍ୟବଧାନକୁ କେତେକ ପରିମାଣରେ ସଂକ୍ଷିପ୍ତ କରିବାକୁ ସମର୍ଥ ହୋଇଛନ୍ତି, ଏଥିରେ ସନ୍ଦେହ ନାହିଁ; କିନ୍ତୁ ତାହା ହେଲେ ବି ଏଇ ସମସ୍ତ ଆବିଷ୍କାର ବହୁ ଆୟାସ ଏବଂ ପ୍ରୟାସର ଫଳ । ଅପର ପକ୍ଷରେ ଅପାର୍ଥିବ ଅଥବା ଐଶ୍ୱରିକ ଗୁଣସମ୍ପନ୍ନ ଇଚ୍ଛାଶକ୍ତି ଯେଉଁପରି ଦେଶକାଳର ବ୍ୟବଧାନକୁ ସଂକ୍ଷିପ୍ତ କରିଛନ୍ତି ଏହା ସେମାନଙ୍କର ସ୍ୱାଭାବିକଲବ୍ଧ ଗୁଣ, କୌଣସି ବିଶେଷ ପ୍ରଚେଷ୍ଟାର ଫଳ ନୁହେଁ । ବର୍ତ୍ତମାନ ବୋଧହୁଏ ଏହି ସମସ୍ତ ଐଶ୍ୱରୀୟ ଆବିର୍ଭାବ-ତିରୋଭାବ ସମ୍ବନ୍ଧରେ ମୋର ଧାରଣା କିଛିଟା ପରିସ୍ଫୁଟ ହୋଇ ଆସିଛି । ଏଠାରେ ଜୀବ ଏବଂ ଈଶ୍ୱର – ଏଇ ଉଭୟର ସ୍ୱରୂପ ସମ୍ବନ୍ଧରେ ଆଉ କିଛି କହିବା କ'ଣ ଆବଶ୍ୟକ । ମୂଳତଃ ଜୀବ ଏବଂ ଈଶ୍ୱର ଉଭୟହିଁ ଏକ, କୌଣସି ବିଭେଦ ନାହିଁ ।

''ଏକମିଦମଗ୍ର ଆସୀତ୍'', କିନ୍ତୁ ସୃଷ୍ଟି ବୈଚିତ୍ର୍ୟ ଭିତରେ ଉଭୟର ବିଭେଦ ରହିଛି ଏବଂ ଏହି ବିଭେଦ ଫଳରେ ପ୍ରତ୍ୟେକ ଜୀବ ଯେପରି ଅପରାପର ଜୀବ ହୋଇ ସମଷ୍ଟି ଧର୍ମରେ ଏକ ହେଲେ ମଧ୍ୟ ବ୍ୟଷ୍ଟି ଧର୍ମାନୁଯାୟୀ ନିଜ ନିଜର ବୈଶିଷ୍ଟ୍ୟ ରକ୍ଷା କରି ଚାଲିଛନ୍ତି, ଈଶ୍ୱର ମଧ୍ୟ ଠିକ୍ ସେହି ଭଳି ସମଷ୍ଟି ରୂପେ ଏକ ଅଦ୍ୱିତୀୟ ସ୍ୱରୂପ ହେଲେ ବି ବିଭିନ୍ନ ଜୀବ ସ୍ୱରୂପ ପରି ବିଭିନ୍ନ ଆକୃତି-ପ୍ରକୃତିରେ ବିଚିତ୍ର ରୂପେ ପ୍ରତୀୟମାନ ହେବେ ଏଥିରେ ଆଶ୍ଚର୍ଯ୍ୟ ହେବାର କ'ଣ ଅଛି । ପ୍ରତ୍ୟେକ ଜୀବସ୍ୱରୂପର ନିଜସ୍ୱ ବିଶିଷ୍ଟତା ଅନୁଯାୟୀ ଜଣେ ଜଣେ ଈଶ୍ୱରଙ୍କ ସ୍ୱରୂପ ଭାବେ ରହିଛନ୍ତି ବୋଲି ଏହିପରି ଅନୁମାନ କରି ନେବାକୁ ବୋଧହୁଏ କାହାରି ବି ଆପତ୍ତି ହେବ ନାହିଁ । ଏଠାରେ ଆମମାନଙ୍କର ବସ୍ତୁ-ବିଜ୍ଞାନରୁ ଗୋଟିଏ ବିଷୟ ଆଲୋଚନା କଲେ ବୋଧହୁଏ ଯଥେଷ୍ଟ ହେବ । ବସ୍ତୁ-ବିଜ୍ଞାନ କହେ ପ୍ରତ୍ୟେକ କ୍ରିୟାର ସମସମ୍ପର୍କିତ ଏବଂ ତୁଲ୍ୟ ପ୍ରତିକ୍ରିୟା ଅଛି । ଏଇ ସ୍ୱତଃସିଦ୍ଧ ଅବଲମ୍ବନରେ ମୁଁ ଦେଖାଇବାକୁ ଚେଷ୍ଟା କରିବି ଯେ, ପ୍ରତ୍ୟେକ କ୍ରିୟାର ତୁଲ୍ୟ ସମ୍ପର୍କରେ ପ୍ରତିକ୍ରିୟା ବି ଠିକ୍ ତଦନୁରୂପ ଏବଂ ତୁଲ୍ୟାକୃତି; ଯେପରି ଆଲୋକ ଏବଂ ଛାୟା । କୌଣସି ବସ୍ତୁ ଉପରେ ସୂର୍ଯ୍ୟାଲୋକ ପ୍ରତିଫଳିତ ହେଲେ ବସ୍ତୁଟିର ଯେଉଁ ଚିତ୍ର ଆମମାନଙ୍କର ଦୃଷ୍ଟିଗୋଚର ହୁଏ, ସୂର୍ଯ୍ୟାଲୋକର ଅଭାବଜନିତ ଛାୟାଚିତ୍ରଟି ବି ଠିକ୍ ତାହାରିହିଁ ଅନୁରୂପ । ଭାସ୍କର୍ଯ୍ୟ ବିଦ୍ୟାରେ ଯେପରି ଗୋଟିଏ ଚିତ୍ର ଅଙ୍କନ କରିବାକୁ ହେଲେ ଚିତ୍ରଣ ଭୂମିଠାରୁ ତାହାକୁ ଉତ୍ତୋଳିତ କରି ଚିତ୍ରଟି ପରିସ୍ଫୁଟ କରାଯାଇପାରେ, ପୁଣି ଏଇ ଭୂମି ଖୋଦନ

କରି ଠିକ୍ ଏଇ ଚିତ୍ରଟି ସ୍ପଷ୍ଟ ଆକାରରେ ଅଙ୍କା ଯାଇପାରେ । ଗୋଟିଏ ଭାବାତ୍ମକ ଚିତ୍ର ଏବଂ ଅପରଟି ଅଭାବାତ୍ମକ ଚିତ୍ର । କିନ୍ତୁ ଉଭୟହିଁ ଗୋଟିଏ ଆଦର୍ଶର ଚିତ୍ର । ଆମର ପାର୍ଥିବ ରାଜ୍ୟର ଯାବତୀୟ ଅନୁଭୂତିସକଳକୁ ଯଦି ଭାବାତ୍ମକ ସଂଜ୍ଞା ଦାନ କରାଯାଏ ତାହେଲେ ତତୁଲ୍ୟ ଭାବରେ ଅପାର୍ଥିବ ରାଜ୍ୟର ଅନୁଭୂତିସବୁକୁ ଅଭାବାତ୍ମକ ସଂଜ୍ଞା ଦିଆଯାଇପାରେ । ଏହିପରି ଠିକ୍ ଏକହିଁ ଆଦର୍ଶ ଅବଲମ୍ବନରେ ପାର୍ଥିବ ଏବଂ ଅପାର୍ଥିବ, ଭାବାତ୍ମକ ଏବଂ ଅଭାବାତ୍ମକ ଦୁଇଟି ରାଜ୍ୟ ସ୍ୱୀକାର କରି ନେବାର ପକ୍ଷରେ କୌଣସି ବାଧା ସୃଷ୍ଟି ହେବ ନାହିଁ । ତେବେ ସାଧାରଣତଃ ଜଣେ ବ୍ୟକ୍ତି ପକ୍ଷରେ ସେଇ ଏକ ସମୟରେ ଉଭୟ ରାଜ୍ୟର ଅନୁଭୂତି ସମ୍ଭବପର ହୁଏ ନାହିଁ, କେବଳ ମାତ୍ର ଯେଉଁମାନେ ଉଭୟ ରାଜ୍ୟର ମଧ୍ୟବର୍ତ୍ତୀ ରୂପରେ ଦଣ୍ଡାୟମାନ ହୁଅନ୍ତି, ସେଇମାନଙ୍କୁହିଁ ପ୍ରତ୍ୟକ୍ଷ ଦୃଷ୍ଟି ଗୋଚର ହୋଇଥାଏ । ପୁଣି ଦୁଇ ବିପରୀତ ଶକ୍ତି ଇନ୍ଦ୍ରିୟସକଳକୁ ଅନୁମାନ କରି ପାରିଲେ ବୋଧହୁଏ କଥାଟା ଆହୁରି ପରିଷ୍କାର ରୂପେ ବୁଝାଯିବ । ଦିବାଲୋକରେ ଆମର ଚକ୍ଷୁ ଯେଉଁ ସମସ୍ତ ବସ୍ତୁ ଦେଖିପାରେ, ପେଚକର ଚକ୍ଷୁ ତାହା ଦେଖି ପାରେନା; ପୁଣି ରାତ୍ରିର ଅନ୍ଧକାରରେ ଏଇ ସମସ୍ତ ବସ୍ତୁ ପେଚକର ଚକ୍ଷୁ ଯେପରି ଦେଖିପାରେ ଆମେ ତାହା ପାରୁନା, ଅଥଚ ଉଭୟହିଁ କେବଳମାତ୍ର ଅବସ୍ଥା ଭେଦରେ ଏକହିଁ ବସ୍ତୁକୁ ତୁଲ୍ୟ ରୂପରେ ଦେଖୁଛନ୍ତି । ଏ ସ୍ଥଳରେ କେବଳ ଚାକ୍ଷୁସ ଇନ୍ଦ୍ରିୟର ତାରତମ୍ୟାନୁଯାୟୀ ଅଥବା ବୈପରୀତ୍ୟାନୁଯାୟୀ ଅନୁଭବ ଶକ୍ତିର ତାରତମ୍ୟ ଅଥବା ବୈପରୀତ୍ୟର ଆଲୋଚନା କରା ହେଲା । ଠିକ୍ ଏହିପରି ଅପରାପର ଇନ୍ଦ୍ରିୟସମୂହ ସମ୍ବନ୍ଧେ ଗୁଣ-ବୈପରୀତ୍ୟ ଅନୁମାନ କରି ନିଆଯାଇପାରେ । ଏବଂ ଏଇ ଗୁଣ-ବୈପରୀତ୍ୟ ଫଳରେ ଏକହିଁ ବସ୍ତୁ ଅଥବା ଏକହିଁ ଜଗତ୍ ଇହଲୌକିକ ଏବଂ ପାରଲୌକିକ ଭେଦରେ ଦୃଶ୍ୟ ଅଥବା ଅଦୃଶ୍ୟ, ଗୋଚର ଅବା ଅଗୋଚର, ପ୍ରତ୍ୟକ୍ଷ ଅଥବା ପରୋକ୍ଷ ରୂପେ ଗୃହୀତ ହୋଇପାରେ । ...

(କ୍ରମଶଃ)

ଅନୁବାଦ : ଶୁଭ୍ରା ଦାସ

❑❑❑

**At last a pimple / acne treatment that *REALLY* works *!!***

People from more than 16 countries have said that Tarika Pimple Remover has worked for their stubborn pimples and acne.

**Now eliminate your stubborn pimples / acne completely and safely. Results visible in 10 days!!**

*Tarika Ayurvedic Pimple Remover has been tested by doctors in Gopabandhu Ayurved Mahavidyalaya, Puri who have found the product to be extremely effective and very safe. The clinical trial report can be seen on www.ayurlabsindia.com.*

tarika

**Ayurvedic Pimple / Acne Remover**

100% Herbal - Chemical Free

No side effects

*Exported to over 16 countries*

Available in Bhubaneswar *(wholesale/retail)*:

**Adarsh Food Processing Industry**

Flat no. 309. Madhaba Nilayam Complex, Near Rabi Talkies, Lewis Road,

Mfr: Ayurlabs India, Pondicherry-1, Phone: 9442249355 / 0413-2224935, Email: sales@ayurlabsindia.com

# ଦେବତାର ମୃତ୍ୟୁ (୧)

## ଶ୍ରୀଅରବିନ୍ଦ

**ପୃଥିବୀର ସ୍ୱର**

ଉଠ ଏବେ, ପାଦେ ଦଳି ଲିଭାଇ ଦିଅ ସେ ଅଗ୍ନି !
ଦେବତାର ଭସ୍ମ ବିଞ୍ଛିଦିଅ ନକ୍ଷତ୍ର ମଣ୍ଡଳେ !
ଭୁଲିଯାଅ ଆଶା ଓ ଆକାଙ୍କ୍ଷା ।
ଆସ ରଙ୍ଗ ଦିଅ କାରାଗାରେ, ନିଜ ଶୃଙ୍ଖଳକୁ କରିଦିଅ ଦୃଢ଼ ।
ଓଃ, ବର୍ତ୍ତମାନ ସେ ମୃତ, ଯେ ମହିମା ପୃଥିବୀ ଓ କାଳ
ଉପରେ ହୋଇଥିଲା ଭାର
ଯୁଗଧାରାର ବେଦନା ଓ ଯନ୍ତ୍ରଣାରୁ ମୁକ୍ତ
ସୁବର୍ଣ୍ଣ-ଛାୟା ପରି ସେ ଅବଲୁପ୍ତ;
ସେ ମହିମା, ସେ ଦୁର୍ଭାର, ସେ ଆବେଗ, ସେହି ସୂର୍ଯ୍ୟାଲୋକ
କରିଛି ତ୍ୟାଗ ଆମ ଦିନର ସୀମାନ୍ତ;
ଆମେ ପୁଣି ପିନ୍ଧିବୁ ମୃତ୍ୟୁର ଧୂସର ପୋଷାକ
ପୁଣି ସଞ୍ଚୟ କରିବୁ ତା'ର ଦାସତ୍ୱର ଦକ୍ଷିଣା ।
ତାଙ୍କ ସମୁଜ୍ଜ୍ୱଳ ଜ୍ୟୋତିଃ ସମ୍ମୁଖରୁ ଯାହା ପଛଘୁଞ୍ଚା ଦେଇଥିଲା,
ଆଲୋକ, ସୌନ୍ଦର୍ଯ୍ୟ ଓ ଅଜେୟ ମାଧୁର୍ଯ୍ୟ ଠାରୁ
ଯେ ଲଜ୍ଜାରେ ପଳାୟନ କରିଥିଲା
ତାହା ପୁଣି ଫେରି ଆସିଛି, ଏଇ ତମିସ୍ରା, କ୍ଷୁଦ୍ରତା ଏବଂ ଜୀବନ ଜ୍ୱରର
ନିଷ୍ଠୁର କରୁଣ ଅପୂର୍ଣ୍ଣତାକୁ ସଗର୍ବେ ଘୋଷଣା କରି ।

*

**ଦେବତାର ମୃତ୍ୟୁ (୨)ର ଶେଷାଂଶ ...**



ଯାହା କିଛି ମିଥ୍ୟା, କୁଟିଳ, ତୁଚ୍ଛ ନିଜ ପ୍ରକୃତିକୁ ଯଥେଚ୍ଛା ଅନୁକରଣ
କରିବା ପାଇଁ ସେମାନେ ଆଜି ମୁକ୍ତ ।
ବନ୍ଦ କରିଦିଅ କାଳର ସେ ସମୁଜ୍ଜ୍ୱଳ ପୃଷ୍ଠା !
ଫେରାଇ ଦିଅ ଜୀବନକୁ ତା'ର ପୂର୍ବତନ ଶାସ୍ତ୍ର ।
ପୁନଃ ପ୍ରତିଷ୍ଠାକର ତା'ର ନିର୍ବୋଧ ସ୍ୱାଚ୍ଛନ୍ଦ୍ୟ
ତା'ର ଅବନତ ମଳିନତା ।

[ଶ୍ରୀଅରବିନ୍ଦଙ୍କ ରଚିତ **"The Death of a God [1] & [2]"**
କବିତାର ଭାଷାନ୍ତର]

ଅନୁବାଦ : ଜ୍ୟୋତ୍ସ୍ନା ମହାନ୍ତି ❑

# ନୂତନ ଶିକ୍ଷାର ଆହ୍ୱାନ

## (୨୬)

## ଗୟାଧର ଦାଶ

*(ପୂର୍ବ ପ୍ରକାଶିତ ଉତ୍ତାରୁ ...)*

(୧୩) ପୂର୍ଣ୍ଣାଙ୍ଗ ଶିକ୍ଷାର ଆହ୍ୱାନ ହେଉଛି ବଦଳିଯିବାର ସମ୍ମତି, ନୂତନ କିଛି ହେବାର ସମ୍ମତି ଏବଂ ଏହି ସମ୍ମତି ସହ ଉପରର କରୁଣା ମଧ୍ୟ ଓହ୍ଲାଇ ଆସେ । ନୂତନ ଶିକ୍ଷା ଏହି ସମ୍ମତି ମାଗେ । ଏହା ଏପରି ଏକ ସମ୍ମତି ଯେଉଁଥିରେ କପଟ କି ଛଳନା ରହିବ ନାହିଁ, ଦେବା-ନେବାର ହିସାବ ମଧ୍ୟ ରହିବ ନାହିଁ । ଏହା ଗୋଟାପଣେ ଶ୍ରଦ୍ଧା ଓ ବିଶ୍ୱାସର ସମ୍ମତି, ଆତ୍ମ-ନିବେଦନ ଓ ଆତ୍ମୋତ୍ସର୍ଗର ସମ୍ମତି, ନୂତନ ପ୍ରତି ସମ୍ମତି, ଭବିଷ୍ୟତ୍ ପ୍ରତି ସମ୍ମତି । ପ୍ରତିଯୋଗିତାରେ ନୂତନତ୍ୱ ଜନ୍ମ ନିଏ ନାହିଁ, ଅନେକ ଭୌତିକ ସୁବିଧା ଯୋଗାଇ ଦେଲେ ନୂତନତ୍ୱ ଜନ୍ମ ନିଏ ନାହିଁ । ଗଛପତ୍ର, ଗାଡ଼ିଘୋଡ଼ା, ଘରବାଡ଼ି, ଆସବାବପତ୍ର, ରାସ୍ତାଘାଟ ଯେତେ ଚକଚକିଆ ହେଲେ ମଧ୍ୟ ଆମେ ଯେଉଁ ତିମିରକୁ ସେଇ ତିମିରରେହିଁ ରହିବା । ନୂତନତ୍ୱ ସେଇଠି ଜନ୍ମ ନିଏ ଯେଉଁଠି ଶ୍ରଦ୍ଧା, ଆତ୍ମୀୟତା, ନିର୍ଭୟତା, ସ୍ୱାଧୀନତା, ବିଶ୍ୱସ୍ତତା, ପାରସ୍ପରିକତା, ଆନନ୍ଦ ଓ ସ୍ୱାଚ୍ଛନ୍ଦ୍ୟ ଆଦିର ପୁଷ୍ପଟି ଫୁଟିଉଠେ, ସତ୍ୟ ପ୍ରତି ଅନୁରାଗ ବୃଦ୍ଧିପାଏ ଏବଂ ଶିକ୍ଷା, ଶିକ୍ଷାର୍ଥୀ ଓ ଶିକ୍ଷକ ଗୋଟିଏ ଛନ୍ଦରେ ଛନ୍ଦାୟିତ ହୁଅନ୍ତି । ପୂର୍ଣ୍ଣାଙ୍ଗ ଶିକ୍ଷା ଏସବୁକୁ କୋଳାଗ୍ରତ କରେ । ତେଣୁ ପୂର୍ଣ୍ଣାଙ୍ଗ ଶିକ୍ଷା ନିତ୍ୟନୂତନ ଶିକ୍ଷା ଅଟେ ।

(୧୪) ପୂର୍ଣ୍ଣାଙ୍ଗ ଶିକ୍ଷା ଆଦର୍ଶ ଓ ବାସ୍ତବକୁ ଭାଗ ଭାଗ କରି ଦେଖେ ନାହିଁ । ଆଦର୍ଶର କଥା କହି ବାସ୍ତବ ଜୀବନରେ ତା'ର ବିପରୀତ ଆଚରଣ କରିବା ପୂର୍ଣ୍ଣାଙ୍ଗ ଶିକ୍ଷାର ନୀତି ନୁହେଁ । ପୁରୁଣାକୁ ଧରି ନୂଆ ନାମଜପ କରିବାରେ କୌଣସି ବିକାଶ ହୁଏ ନାହିଁ । ପୂର୍ଣ୍ଣାଙ୍ଗ ଶିକ୍ଷା କୌଣସି କୃତ୍ରିମତାକୁ ପ୍ରଶ୍ରୟ ଦିଏନା । ଶିଶୁର ଶ୍ରଦ୍ଧା, ଆଗ୍ରହ, ସ୍ୱାତନ୍ତ୍ର୍ୟ, ସ୍ୱାଚ୍ଛନ୍ଦ୍ୟ, ନିର୍ଭୟତା, ପ୍ରଫୁଲ୍ଲତା ବା ଆନନ୍ଦକୁ ପ୍ରାଧାନ୍ୟ ଦିଏ, ପ୍ରେମ ଓ ସୌହାର୍ଦ୍ଦ୍ୟର ବାତାବରଣ ଯୋଗାଇ ଦେଇ ଶିଶୁ ହସ୍ତରେ ନିଜର ବିକାଶ ଦାୟିତ୍ୱକୁ ଅର୍ପଣ କରେ ଯଦ୍ୱାରା ଶିଶୁଟି ସ୍ୱାଭାବିକ ଭାବେ ଆତ୍ମ-ସଚେତନତା ପଥରେ ଆଗେଇବାର ସାମର୍ଥ୍ୟ ଓ କୌଶଳକୁ ନିଜ ଭିତରୁ ଲାଭ କରିଥାଏ । ଆତ୍ମାକୁ ଆଗୁସାର କରିବା, ସତ୍ୟାନୁସନ୍ଧାନ ପଥରେ ଆଗେଇବାର ସକଳ ପ୍ରେରଣା ଲାଭ କରିବାର ଅନୁଭବଟିକୁ ପୂର୍ଣ୍ଣାଙ୍ଗ ଶିକ୍ଷା ଜାଗ୍ରତ୍ କରେ । ଏହା ହେଉଛି ନୂତନ ଶିକ୍ଷାର ଆହ୍ୱାନ ।

(୧୫) ପୂର୍ଣ୍ଣାଙ୍ଗ ଶିକ୍ଷାରେ ଶିଶୁର ମନସ୍ତତ୍ତ୍ୱକୁ ଗଭୀର ଭାବେ ବୁଝିବା, ସ୍ୱଧର୍ମକୁ ଜାଣିବା ତଥା ଶିଶୁଟିର ମୌଳିକ ଆବଶ୍ୟକତା, ଶାରୀରିକ, ପ୍ରାଣିକ, ମାନସିକ ଓ ଚୈତ୍ୟ ଆବଶ୍ୟକତା ସହ ସୌନ୍ଦର୍ଯ୍ୟ ଓ ଆବେଗଗତ ଆବଶ୍ୟକତା ଆଦିର ପୂରଣ ଉପରେ ପ୍ରାଧାନ୍ୟ ଦେଇଥାଏ । ପ୍ରେମର ସୁରକ୍ଷା ବା ଆଧାତ୍ମିକ ନିରାପତ୍ତା ଶିଶୁ ପାଇଁ ଶ୍ରେଷ୍ଠ ରକ୍ଷାକବଚ । ଚୈତ୍ୟିକ ଓ ଆଧାତ୍ମିକ ବିକାଶ ଦିଗରେ ଏହାହିଁ ତା'ର ମୌଳିକ ଆବଶ୍ୟକତା । ଏହିସବୁ ଆବଶ୍ୟକତାକୁ ଜାଣି ସେସବୁକୁ ପୂରଣ କରିବା ପୂର୍ଣ୍ଣାଙ୍ଗ ଶିକ୍ଷାର ଏକ ବଳିଷ୍ଠ ପଦକ୍ଷେପ । ଏହିସବୁ ଆବଶ୍ୟକତାକୁ ପୂରଣ କରିବା ନୂତନ ଶିକ୍ଷାର ଆହ୍ୱାନ ଅଟେ । ତେଣୁ ଯେଉଁ ଶିକ୍ଷା ସତ୍ୟକୁ ଉଦ୍‌ଘାଟନ କରିବାରେ ନିରନ୍ତର ଆମ ଭିତରେ ବ୍ୟାକୁଳତା ଜନ୍ମାଏ, ତାହାହିଁ ଅସଲ ଶିକ୍ଷା । କେବଳ ଆଦର୍ଶ ନାଗରିକ ବା ଆଦର୍ଶ ମଣିଷଟିଏ ହେବା ପୂର୍ଣ୍ଣାଙ୍ଗ ଶିକ୍ଷାର ଲକ୍ଷ୍ୟ ନୁହେଁ । ପୂର୍ଣ୍ଣାଙ୍ଗ ଶିକ୍ଷା ଏକ ଜୀବନ୍ତ ଶିକ୍ଷା ହୋଇଥିବାରୁ ବ୍ୟକ୍ତିର ସ୍ୱତନ୍ତ୍ରତା, ନୂତନତା, ବିଶେଷତ୍ୱ ଓ ସାର୍ବଜନିକ କ୍ଷେତ୍ରରେ ଦେଶ ବା ଜାତି ଏବଂ ବିଶ୍ୱାୟତନ ମାନବସମାଜ ପ୍ରତି ଦୃଷ୍ଟି ରଖେ । ଏହା ହେଉଛି ନୂତନ ଶିକ୍ଷାର ଆହ୍ୱାନ ।

(୧୬) ନୂତନ ଶିକ୍ଷା ଆମର ଦୁଇଟିଯାକ ସମାନ୍ତର ପ୍ରବୃତ୍ତିକୁ ପ୍ରୋତ୍ସାହନ ଦେଇଥାଏ । ଗୋଟିଏ ପ୍ରବୃତ୍ତି ହେଲା ଯାହାକିଛି ଆମ ମନରେ ବିସ୍ମୟ ଆଣିଦିଏ, ଯାହାକିଛି ଅନୁପଲଭ୍ୟ, ଅପହଞ୍ଚ ବୋଲି ମନେହୁଏ, ଯାହାକିଛି ଆମକୁ ଦିବ୍ୟତାର ଏକ ଅନୁଭୂତି ଦ୍ୱାରା ପୂର୍ଣ୍ଣ କରିଦିଏ, ସେସବୁ ଲାଗି ଏକ ତୃଷ୍ଣା । ଏଥି ସହିତ ଆମେ ଯେତେବେଳେ ଆମର ବାସ୍ତବ ପୃଥିବୀଟି ବା ଜୀବନ ଉପରେ ଦୃଷ୍ଟିପାତ କରୁଥିବା ସେତେବେଳେ ଆମେ ସୁନିଶ୍ଚିତ ଭାବେ ପ୍ରକୃତ ଏବଂ ଯଥାର୍ଥ

ଦୃଷ୍ଟି ଉପରେ ସର୍ବଦା ଗୁରୁତ୍ୱ ଦେବା, ଯାବତୀୟ କପୋଳକଳ୍ପନାର ନିରାକରଣ, ସତତ ନିୟନ୍ତ୍ରଣ ଏବଂ ଟିକିନିଖି ଯାବତୀୟ ବିଷୟକୁ ଯଥାର୍ଥ ଭାବରେ ଜାଣିବା ଲାଗି ଏକ ଅତ୍ୟନ୍ତ ସତର୍କ ଓ ସଚେତନ ଆଗ୍ରହ ଉପରେ ଗୁରୁତ୍ୱ ଦେବା । ଏହି ଦୁଇଟିଯାକ ପ୍ରବୃତ୍ତି ସର୍ବଦା ସମାନ୍ତର ଭାବରେ ଗତି କରିବା ଉପରେ ପୂର୍ଣ୍ଣାଙ୍ଗ ଶିକ୍ଷା ପ୍ରୋତ୍ସାହନ ଦେଇଥାଏ ।

(୧୭) ପୂର୍ଣ୍ଣାଙ୍ଗ ଶିକ୍ଷା ହେଉଛି ଏକ ଜୀବନଚର୍ଯ୍ୟା ବା way of life । ଏହି ଜୀବନଚର୍ଯ୍ୟାରେ ଶିକ୍ଷାର ମୂଳମନ୍ତ୍ର ଓ ଶିକ୍ଷକ ମଧ୍ୟ ଆମ ଭିତରେ ଅଛନ୍ତି । ବାହାର ମନ୍ଦିରଟିକୁ ଯେତେ ଚକମକିଆ କଲେ ମଧ୍ୟ ଭଗବାନ୍ ମିଳନ୍ତି ନାହିଁ କି ଅସଲ ଶିକ୍ଷା ମିଳେ ନାହିଁ । ଅଧିକ ପଇସା ଖର୍ଚ୍ଚ କରି ମଧ୍ୟ ଉତ୍ତମ ଶିକ୍ଷାକୁ କିଣା ଯାଇପାରେନା । ଅସଲ ଆଶ୍ରୟ ବାହ୍ୟବସ୍ତୁ, ବ୍ୟକ୍ତି, ଧନସମ୍ପତ୍ତି, ପଦବୀ, କ୍ଷମତା ବା ସରକାର ନୁହନ୍ତି । ପୂର୍ଣ୍ଣାଙ୍ଗ ଶିକ୍ଷାର ଅସଲ ଆଶ୍ରୟ ହେଉଛନ୍ତି ମାତୃଶକ୍ତି ବା ମା' । ଶିଶୁ ଯଦି ଏହି ଆଶ୍ରୟର ସ୍ପର୍ଶ ଲାଭ କରେ ତେବେ ସେ ନିର୍ଭୟରେ ଆଗକୁ ମାଡ଼ିଚାଲେ ଏବଂ ସକଳ ବିଦ୍ୟା ଉନ୍ମୋଚିତ ହୋଇଯାଏ । ଏହା ହେଉଛି ଅସଲ ଶିକ୍ଷାର ଆହ୍ୱାନ ।

(୧୮) ଯେଉଁ ସଂସ୍କାର ଅନ୍ତରରୁ ପ୍ରେରିତ ହୋଇ ଆସେ ତାହାକୁ ପାଥେୟ କରି ବାଟ ଚାଲିଲେ ମଣିଷ-ପ୍ରକୃତିର ପରିବର୍ତ୍ତନ ହୁଏ ଏବଂ ସେ କ୍ରମଶଃ ଶୁଦ୍ଧ ହୋଇ ଦେବତାରେ ପରିଣତ ହୁଏ; କିନ୍ତୁ ବାହ୍ୟ ସଂସ୍କାରଗୁଡ଼ିକୁ ପ୍ରାଧାନ୍ୟ ଦେଇ ବାଟ ଚାଲିଲେ ମଣିଷର ବିକାଶ ହୋଇପାରେନା । ପୂର୍ଣ୍ଣାଙ୍ଗ ଶିକ୍ଷା ବାହ୍ୟ ନୁହେଁ, ଆନ୍ତର ବିକାଶ ଉପରେ ପ୍ରାଧାନ୍ୟ ଦିଏ ଏବଂ ବାହ୍ୟ ଓ ଆନ୍ତର ମଧ୍ୟରେ ସମନ୍ୱୟ ପ୍ରତିଷ୍ଠା ଆତ୍ମାର ବିଧାନ ଅନୁସାରେ କରିଥାଏ । ସୁତରାଂ ଆତ୍ମାର ବିଧାନକୁ ଅନୁସରଣ କରିବା ନୂତନ ଶିକ୍ଷାର ଆହ୍ୱାନ ଅଟେ ।

(୧୯) ଆମେରିକାର ଜଣେ ଶିକ୍ଷାବିତ୍ ଶିକ୍ଷାର ତିନୋଟି ମୁଖ୍ୟ ବିଷୟ ଉପରେ କହିଥିଲେ :

(କ) ଶିକ୍ଷା ସକଳ ନାଗରିକମାନଙ୍କୁ ସଚ୍ଚୋଟ ଓ ସାଧୁ ଉପାୟରେ ଜୀବିକାର୍ଜନ କରିବାର ଉପାୟ ବତାଇ ଦେବ ।

(ଖ) ଶିକ୍ଷା ବଂଶଧରମାନଙ୍କୁ ଜାତୀୟ ସଂସ୍କୃତିର ଐତିହ୍ୟ ସହିତ ପରିଚିତ କରାଇବ ।

(ଗ) ଶିକ୍ଷା ଜୀବନ ଓ ଜଗତକୁ ଶ୍ରଦ୍ଧା କରିବାର ବାଟ ଫିଟାଇଦେବ । ଏହି ତିନୋଟି ମଧ୍ୟ ନୂତନ ଶିକ୍ଷାର ଆହ୍ୱାନ ଅଟେ ।

(୨୦) ଭାରତ ହେଉଛି ବହୁ ଭାଷା, ବହୁ ଧର୍ମ, ବହୁ ସଂସ୍କୃତିର ଦେଶ । ଏଠାରେ ବିଭିନ୍ନତା ମଧ୍ୟରେ ଐକ୍ୟ ପ୍ରତିଷ୍ଠା କରିବାକୁ ହେଲେ ଐକ୍ୟର ମୂଳମନ୍ତ୍ର ଜାଣିବା ଦରକାର । ଏକରୂପ ଶିକ୍ଷାନୀତି, ବାହ୍ୟ ଉପଚାର ଓ ବିଦେଶୀ ସଭ୍ୟତା, ଆଚରଣ ଓ ନୀତିକୁ ପ୍ରଚଳନ କଲେ ଭାରତବର୍ଷରେ ତାହା କଦାପି ତିଷ୍ଠି ପାରିବ ନାହିଁ । ଏକତାକୁ ଏକ ବାସ୍ତବ ଜୀବନର ସତ୍ୟରେ ପରିଣତ କରିବାକୁ ହେବ । ଶ୍ରୀମା କହିଛନ୍ତି – ''ଯେତେବେଳେ ଭାରତବର୍ଷ ଏକ ହୋଇଯିବ, ସେତେବେଳେ ସ୍ୱତଃସ୍ଫୂର୍ତ୍ତ ଭାବରେ ତାହାର ଏପରି ଗୋଟିଏ ଭାଷା ରହିଥିବ, ଯାହାକୁ ସମସ୍ତେ ବୁଝି ପାରିବେ । ପିଲାମାନେ ମାତୃଭାଷାରେ ଶିକ୍ଷା ପାଇଲେ ଭଲ ହେବ । ମାତ୍ର ଯେଉଁମାନେ ଶିକ୍ଷାର ଉଚ୍ଚତର ସ୍ତରକୁ ଯିବା ପାଇଁ ଇଚ୍ଛା କରିବେ, ଇଂରାଜୀ ସେମାନଙ୍କ ଲାଗି ଅପରିହାର୍ଯ୍ୟ ଯାହା ଅନ୍ତର୍ଜାତୀୟ ଭାଷା ରୂପେ ରହିବ । ପୁନଶ୍ଚ ଶ୍ରୀମା କହିଛନ୍ତି – କୌଣସି ହିନ୍ଦୀଭାଷୀ ଅଞ୍ଚଳରେ ଯେଉଁମାନଙ୍କର ଘର, ହିନ୍ଦୀ କେବଳ ସେମାନଙ୍କ ପାଇଁ ଭଲ । ସଂସ୍କୃତ ଭାରତୀୟମାନଙ୍କ ପାଇଁ ଭଲ ଏବଂ ଶ୍ରୀମା'ଙ୍କ ଭାଷାରେ – ''ସଂସ୍କୃତହିଁ ଭାରତର ଜାତୀୟ ଭାଷା ହେବା ଉଚିତ ।''

(ମାତୃରଚନାବଳି - ୧୨, ପୃ. ୩୩୧)

ଭାରତବର୍ଷରେ ନାନା ଧର୍ମ ଏବଂ ପ୍ରଦେଶମାନଙ୍କରେ ଭିନ୍ନ ସ୍ୱଭାବ, ସଂସ୍କୃତି, ପ୍ରବୃତ୍ତି ରହିଥିଲେ ବି ସେଗୁଡ଼ିକୁ କୌଣସି କୃତ୍ରିମ ଉପାୟରେ ଏକାଠି କରି ବାନ୍ଧି ହେବ ନାହିଁ । କେବଳ ଭାରତବର୍ଷର ଆତ୍ମାହିଁ ଭାରତକୁ ଐକ୍ୟବଦ୍ଧ କରିପାରିବ । ଭାରତବର୍ଷ ଆଲୋକ ଓ ଆଧ୍ୟାତ୍ମିକ ଜ୍ଞାନର ଦେଶ ହୋଇଥିବାରୁ ଜଡ଼ ବା ବସ୍ତୁବାଦ ଉପରେ ଆତ୍ମା ବା ଆଧ୍ୟାତ୍ମିକତାର ଆଧିପତ୍ୟ ବିସ୍ତାର କରି ଭାରତ ତା'ର ସକଳ ସମସ୍ୟାକୁ ସମାଧାନ କରିପାରିବ । ଏଥିପାଇଁ ଶିକ୍ଷାକ୍ଷେତ୍ରରେ ଚୈତ୍ୟଶିକ୍ଷାକୁ ଗୁରୁତ୍ୱ ଦେଲେ ଭାରତ ତା'ର ଆତ୍ମାକୁ ଫେରିପାଇବ ଏବଂ ତାହାକୁ ଅଭିବ୍ୟକ୍ତ କରି ବିଜ୍ଞାନ ଓ ଆଧ୍ୟାତ୍ମିକତା ମଧ୍ୟରେ ସମନ୍ୱୟ ପ୍ରତିଷ୍ଠା କରିବାକୁ ସମର୍ଥ ହୋଇପାରିବ । ଏହାହିଁ ନୂତନ ଶିକ୍ଷାର ଆହ୍ୱାନ ।

(କ୍ରମଶଃ) ❑

# ଦଶକର୍ମଧାରା

## (୧୧)

## ପ୍ରସାଦ ତ୍ରିପାଠୀ

[**ପୂର୍ବାଭାଷ :** ଦଶକର୍ମଧାରା ସମ୍ପର୍କରେ ଏହି ନିବନ୍ଧଗୁଡ଼ିକ ଲେଖିବାର ଅନେକ ଆଗରୁ ଓଡ଼ିଶାରେ ଦଶକର୍ମଧାରା ପ୍ରବର୍ତ୍ତିତ ହୋଇ ସାରିଥିଲା । ହଠାତ୍ ଦିନେ ମାମୁ (ଶ୍ରୀ ଗଦାଧର ମିଶ୍ର) ଡାକି କରି କହିଲେ, ''ଆମେ ଓଡ଼ିଶାରେ ଶ୍ରୀଅରବିନ୍ଦ ପାଠଚକ୍ର କମିଟି ତରଫରୁ **ଦଶକର୍ମଧାରା** ପ୍ରଚଳନ କରିବା । ଆମ ସମାଜରେ ବିଭିନ୍ନ କାର୍ଯ୍ୟ କରୁଥିବା ବ୍ୟକ୍ତିମାନଙ୍କୁ ସଙ୍ଗଠିତ କରି ବିଭିନ୍ନ କାର୍ଯ୍ୟଧାରା ମାଧମରେ ଓଡ଼ିଶାରେ ଶ୍ରୀମାଶ୍ରୀଅରବିନ୍ଦଙ୍କ କାର୍ଯ୍ୟକୁ ଅଧିକ ତ୍ୱରାନ୍ୱିତ କରିବାକୁ ଚେଷ୍ଟା କରିବା । ସେଥିପାଇଁ ପାଠଚକ୍ର, ମହିଳା ପାଠଚକ୍ର, ଶିକ୍ଷାରେ ଗବେଷଣା, ଡାକ୍ତର, ଇଞ୍ଜିନିୟର, ସାହିତ୍ୟ, କଳା, ବ୍ୟବସାୟ, ଆଇନ, କୃଷି ଏବଂ ଆଲୋକସେନା – ଏହିପରି ଭାବରେ ଦଶଟି ବିଭାଗକୁ ନେଇ ସେମାନଙ୍କୁ ସଙ୍ଗଠିତ କରିବା । ମୁଁ ପଚାରିଲି, ''ମାମୁ, ଏହି ଦଶଟିରୁ କ'ଣ ଆଉ ଅଧିକ ହୋଇ ପାରିବ ନାହିଁ ?'' ମାମୁ କହିଲେ, ''ଏବେ ଏତିକି କରିବା, ପରେ ପୁଣି ଦରକାର ପଡ଼ିଲେ ଅନ୍ୟ କର୍ମଧାରା ସବୁ ଆରମ୍ଭ କରିବା ।'' ତା'ପରେ ମୋତେ ୨୦୦୬ ମସିହାରେ କହିଲେ, ''ଏଇ ଦଶକର୍ମଧାରାଗୁଡ଼ିକ ସମ୍ପର୍କରେ ତୁ ଗୋଟିଏ ଗୋଟିଏ ନିବନ୍ଧ ଲେଖ ଏବଂ ସେଗୁଡ଼ିକ ସବୁ ମାତୃଭବନ ପତ୍ରରେ ନିୟମିତ ଭାବରେ ପ୍ରକାଶ ପାଇବ । ପ୍ରତ୍ୟେକ ମାସରେ ଗୋଟିଏ କର୍ମଧାରା ।'' ମୁଁ ୨୦୦୬ ଅଗଷ୍ଟ ମାସରୁ ଏହା ଲେଖିବାକୁ ଆରମ୍ଭ କଲି । ପ୍ରଥମ ଦୁଇଟି ନିବନ୍ଧ ଉପକ୍ରମ, ତା' ପରବର୍ତ୍ତୀ ପ୍ରତି ସଂଖ୍ୟାରେ ଗୋଟିଏ ଗୋଟିଏ କର୍ମଧାରା ସମ୍ପର୍କରେ ଆଲୋଚନା । ମାତ୍ର ଜାଣିବା କଥା ଯେ, ମୁଁ ଏସବୁ ଲେଖିଲା ବେଳେ ଯେଉଁଠାରେ ବି ମାମୁଙ୍କ ନାମ ଉଲ୍ଲେଖ କରିଥିଲି, ମାମୁ ସବୁ କାଟି ଦେଇଛନ୍ତି । ସବୁଗୁଡ଼ିକର ସୂତ୍ରଧର ସିଏ ଥିଲେ । ପରବର୍ତ୍ତୀ ସମୟରେ ସେ ଆମ ଭିତରୁ ଜଣକୁ କହିଲେ, ''ଦଶକର୍ମଧାରା ବିଷୟଟି ସିଧା ଉର୍ଦ୍ଧ୍ୱରୁ ଆସିଲା । ମୁଁ ଆଦୌ ଭାବି ନାହିଁ ।'' ବାସ୍ତବରେ ଏବେ ସବୁ ଅତି ପ୍ରାଞ୍ଜଳ ଭାବରେ ବୁଝି ହେଉଛି । ମାତ୍ର ସେତେବେଳେ ହୁଏତ ଏତେ ସହଜରେ ବୁଝି ହେଉ ନଥିଲା ।

ଏହି ନିବନ୍ଧଗୁଡ଼ିକ ୨୦୦୬ ମସିହାରେ ଲେଖା ହୋଇଛି । ଏହା ମଧ୍ୟରେ ପ୍ରତି କର୍ମଧାରାରେ କିଛି କିଛି ପୁରାତନ କାର୍ଯ୍ୟ ସହିତ କର୍ମଧାରାରେ ଆଉ କିଛି ନୂତନ କାର୍ଯ୍ୟକ୍ରମ ମଧ୍ୟ ଆଗେଇ ଗଲାଣି । ପ୍ରତ୍ୟେକ ନିବନ୍ଧରେ ପୁରାତନ ଲେଖା ସହିତ ବର୍ତ୍ତମାନର ଅଗ୍ରଗତି ସମ୍ବନ୍ଧରେ କିଛି ସୂଚନା ଦେବା ପାଇଁ ଚେଷ୍ଟା କରିବି । – ଲେଖକ]

### ଶ୍ରୀଅରବିନ୍ଦ ପାଠଚକ୍ର ଏବଂ ମହିଳା ପାଠଚକ୍ର

ଦଶକର୍ମଧାରା ମଧ୍ୟରେ ଏଇ କର୍ମଧାରାଟି ପ୍ରଥମେ ଆରମ୍ଭ ହୋଇଛି ଏବଂ ବସ୍ତୁତଃ ବାକି ସବୁକିଛି ଏହାଠାରୁହିଁ ଆରମ୍ଭ ହୋଇଛନ୍ତି । ୧୯୬୦ ମସିହାରୁ ଓଡ଼ିଶାରେ ଏହି ପାଠଚକ୍ର ଆନ୍ଦୋଳନ ଆରମ୍ଭ ହୋଇସାରିଛି । ଦଶକର୍ମଧାରାଟି ମାତ୍ର ଚାରି, ପାଞ୍ଚ ବର୍ଷ ହେଲା ଆରମ୍ଭ ହୋଇଛି । ତେବେ ଯାହାହେଉ ଏହାକୁ ଏକ ସ୍ୱତନ୍ତ୍ର ଧାରାଭାବେ ଯେତେବେଳେ ଗ୍ରହଣ କରାଗଲା ସେତେବେଳେ ଏହାର କାର୍ଯ୍ୟପ୍ରଣାଳୀ ମଧ୍ୟ ଆଲୋଚିତ ହେବା ଉଚିତ । ଯେଉଁମାନେ ପାଠଚକ୍ର କିଂବା ମହିଳା ପାଠଚକ୍ରର ରାଜ୍ୟସ୍ତରୀୟ, ଜିଲ୍ଲାସ୍ତରୀୟ, ବ୍ଲକ୍‌ସ୍ତରୀୟ ଇତ୍ୟାଦିର କନ୍‌ଭେନର୍ ହେବେ ସେମାନଙ୍କର ବାସ୍ତବିକ କେଉଁ ପ୍ରକାର ଭୂମିକା ରହିବା ଦରକାର ?

ଏକଥା ଆମେ ଜାଣୁ ଅନ୍ୟ ନ'ଟି ଯାକ କର୍ମଧାରା ପାଠଚକ୍ରରୁ ସୃଷ୍ଟି । ତେଣୁ ଭବିଷ୍ୟତରେ ଆଉ ଯେତେ ଯେତେ କର୍ମଧାରା ଆରମ୍ଭ ହେବ ସବୁ ମଧ୍ୟ ମୂଳ ପାଠଚକ୍ରରୁହିଁ ଆରମ୍ଭ ହେବ; ତେଣୁ ପାଠଚକ୍ରର ଦାୟିତ୍ୱ ସବୁବେଳେ ରହିବ । ନିଜ ନିଜ ଅଞ୍ଚଳରେ ଶ୍ରୀମା ଶ୍ରୀଅରବିନ୍ଦଙ୍କ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଏବଂ ବୃଦ୍ଧି କରିବା ପାଠଚକ୍ରର ଦାୟିତ୍ୱ । ପାଠଚକ୍ରରୁ ପାଠଚକ୍ରହିଁ ସୃଷ୍ଟି ହେବ । ତେଣୁ ଯେଉଁମାନେ କୌଣସି ଗୋଟିଏ ପାଠଚକ୍ରର ସଭ୍ୟ-ସଭ୍ୟା ହେବେ ସେମାନେ ପୁଣି ନିଜ ନିଜ ଘରେ ପାଠଚକ୍ର କରିବେ । ସେଠାରେ ପୁଣି

ଯେଉଁ ସଭ୍ୟ-ସଭ୍ୟା ନୂଆ କରି ଯୋଗ ଦେବେ ସେମାନେ ପରେ ପୁଣି ନିଜ ଘରେ ପାଠଚକ୍ର ଆରମ୍ଭ କରିବେ । ଏମିତି ଧୀରେ ଧୀରେ ଓଡ଼ିଶାର ସାଧାରଣ ଜନସାଧାରଣଙ୍କ ମଧ୍ୟରେ ଶ୍ରୀମା ଶ୍ରୀଅରବିନ୍ଦଙ୍କ ସମ୍ପର୍କରେ ସଚେତନତା ସୃଷ୍ଟି ହୋଇପାରିବ ।

ପାଠଚକ୍ର ପ୍ରଥମେ କିପରି ଆରମ୍ଭ ହେବ ସେ ସମ୍ପର୍କରେ ବିସ୍ତୃତ ଆଲୋଚନାର ଅବକାଶ ନାହିଁ । ସଂକ୍ଷେପରେ କହିଲେ ଏତିକି ହେବ ଯେ କେତେଜଣ ଉତ୍ସାହୀ, ଅଭୀପ୍ସୁ ବ୍ୟକ୍ତି ସପ୍ତାହର କୌଣସି ନିର୍ଦ୍ଦିଷ୍ଟ ସମୟରେ ଏକାଠି ବସିବେ । ଶ୍ରୀମା ଶ୍ରୀଅରବିନ୍ଦଙ୍କ ଫଟୋକୁ ଫୁଲ, ଧୂପରେ ସଜାଇ ରଖିବେ । ପ୍ରଥମେ ମା'ଙ୍କ ମ୍ୟୁଜିକ୍ ସହିତ ହେଉ କିଂବା କେବଳ ନୀରବତାର ସହିତ ହେଉ କିଛି ସମୟ ସମବେତ ଧ୍ୟାନ କରିବେ । ତା'ପରେ କେତୋଟି ପୁସ୍ତକ ଯଥା : ମା, ଧ୍ୟାନ ଓ ପ୍ରାର୍ଥନା, ଦୁର୍ଗାସ୍ତୋତ୍ର, ଶ୍ୱେତ ଗୋଲାପ, ରୂପାନ୍ତର ଯୋଗରେ ନାମଜପ, ସାବିତ୍ରୀ ଇତ୍ୟାଦି ପୁସ୍ତକରୁ ଅଳ୍ପ କିଛି ଅଧ୍ୟୟନ କରିବେ । ଏ ସମସ୍ତ ପୁସ୍ତକ ଏକ ସମୟରେ ନପଢ଼ି ଏଥିରୁ ଅଳ୍ପ କେତୋଟି ପୁସ୍ତକରୁ ଗୋଟିଏ କରି ପରିଚ୍ଛେଦ ପଢ଼ି ସେ ସମୟରେ ଧ୍ୟାନସ୍ଥ ରହିବେ । ତା'ପରେ କୌଣସି ଗୋଟିଏ ନିର୍ଦ୍ଦିଷ୍ଟ ପୁସ୍ତକରୁ କିଛି କିଛି ପଢ଼ି ସେ ସମ୍ପର୍କରେ ଆଲୋଚନା କରିବେ । ଅପେକ୍ଷାକୃତ ଅଧିକ ଜାଣିଥିବା ବ୍ୟକ୍ତିମାନେ ମୁଖ୍ୟତଃ ଆଲୋଚନାରେ ଅଂଶ ଗ୍ରହଣ କରିବେ । ପ୍ରଥମରୁ ଯଦି ଆଦୌ କିଛି ଜାଣି ନଥା'ନ୍ତି ତେବେ ବାବାଜି ମହାରାଜଙ୍କର 'ଶ୍ରୀଅରବିନ୍ଦ ଲୋକ ସାହିତ୍ୟ'ରୁ ଗୋଟିଏ କରି ବହି ଆରମ୍ଭ କରି ପ୍ରତ୍ୟେକ ସପ୍ତାହରେ କିଛି କିଛି ଆଲୋଚନା କରିବେ । ସେ ବହିଟି ସରିଗଲେ ତା'ପରେ ପୁଣି ଆଉ ଗୋଟିଏ ବହି ମଧ୍ୟ ଆରମ୍ଭ କରିବେ । କିଛି ଧାରଣା ଆସିଗଲା ପରେ ଶ୍ରୀମା ଶ୍ରୀଅରବିନ୍ଦଙ୍କ ମୂଳ ରଚନାବଳିକୁ ପଢ଼ିବା ଆରମ୍ଭ କରିବେ । ପ୍ରଥମରୁ ବେଶୀ ବେଶୀ ନପଢ଼ି ଅଳ୍ପ ଅଳ୍ପ କରି ପଢ଼ି ତା' ଉପରେ ଏକାଗ୍ର ହେବେ, ଯେତିକି ବୁଝି ହେବ ସେତିକି ବୁଝିବେ । କଷ୍ଟ ଲାଗୁଛି ବୋଲି ଆଦୌ ବ୍ୟସ୍ତ ହେବେନି କିଂବା ବହିକୁ ଶୀଘ୍ର ସାରିଦେବା ପାଇଁ ବ୍ୟାକୁଳ ହେବେନି । ପୂର୍ଣ୍ଣ ଆନ୍ତରିକତାର ସହିତ ଏହି କାର୍ଯ୍ୟକ୍ରମ କଲେ ବୁଝିବା ଆଦୌ କଷ୍ଟକର ହେବ ନାହିଁ । ମାତ୍ର ଏସବୁ କାର୍ଯ୍ୟକ୍ରମ କରିବା ପୂର୍ବରୁ ପ୍ରଥମେ ମ୍ୟାନେଜର, ନବଜ୍ୟୋତି କାର୍ଯ୍ୟାଳୟ, ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀକୁ ପତ୍ର ଲେଖି ଆପଣ ଯେଉଁ ଦିନ ଏବଂ ଯେଉଁ ସମୟରେ ପାଠଚକ୍ର ଆରମ୍ଭ କରିବାକୁ ଚାହୁଁଛନ୍ତି ତାହା ଜଣାଇବେ ଏବଂ ସେଥିପାଇଁ ମା'ଙ୍କ ନିକଟକୁ କିଛି ପ୍ରଣାମୀ ସହିତ ପ୍ରାର୍ଥନା ଜଣାଇବେ । ନବଜ୍ୟୋତି କାର୍ଯ୍ୟାଳୟ ତରଫରୁ ଏହି ପ୍ରାର୍ଥନା ଏବଂ ପ୍ରଣାମୀ ମା'ଙ୍କ ନିକଟକୁ ତା'ଙ୍କ କୋଠରିକୁ ପଠାଯାଏ ଏବଂ ପଠାଉଥିବା ବ୍ୟକ୍ତିଙ୍କ ନିକଟକୁ ଯେଉଁ ଉଦ୍ଦେଶ୍ୟରେ ପ୍ରାର୍ଥନା ପଠାଇଥା'ନ୍ତି ସେଥିପାଇଁ ଆଶୀର୍ବାଦ ପୁଷ୍ପ ପଠାଯାଏ । ମା'ଙ୍କ ଆଶୀର୍ବାଦ ପାଇବାରେ ଡେରି ହେଲେ ସେଥିପାଇଁ ବ୍ୟସ୍ତ ନହୋଇ ଯେଉଁ ତାରିଖ, ବାର, ସମୟ ନିର୍ଦ୍ଧାରିତ କରି ମା'ଙ୍କ ନିକଟକୁ ପ୍ରାର୍ଥନା ପଠାଇଥିବେ ସେହି ନିର୍ଦ୍ଧାରିତ ତାରିଖ, ବାର ଏବଂ ସମୟରେ ନିଶ୍ଚୟ ପାଠଚକ୍ର ଆରମ୍ଭ କରିବେ । ପାଠଚକ୍ର ଏକ ଦେବକର୍ମ । ଏହାକୁ ଆଦୌ ଗୁରୁତ୍ୱହୀନ ଭାବରେ କରିବେ ନାହିଁ । ମା'ଙ୍କୁ ଲେଖିଦେବା ମାନେ ଏକ ସଙ୍କଳ୍ପ କରାଗଲା । ତେଣୁ ଏକଦମ ନିର୍ଦ୍ଦିଷ୍ଟ ସମୟରେ ପ୍ରତ୍ୟେକ ସପ୍ତାହରେ ନିଶ୍ଚୟ ପାଠଚକ୍ର କରିବେ । ହୁଏତ କେହି କେହି ସେହି ସମୟରେ ଆସି ପାରନ୍ତି ବା ନଆସି ପାରନ୍ତି, ମାତ୍ର ସେଥିପାଇଁ ଆଦୌ ବ୍ୟସ୍ତ ହେବେ ନାହିଁ । ଅନ୍ତତଃ ଜଣେ ହେଲେ ମଧ୍ୟ ନିର୍ଦ୍ଦିଷ୍ଟ ବାର ଏବଂ ସମୟରେ ନିଶ୍ଚୟ ପାଠଚକ୍ର କରିବେ । ଯେଉଁମାନେ ପରେ ଯୋଗଦେବା କଥା, ସେମାନେ ଅବଶ୍ୟ ଯୋଗଦେବେ । ସେମାନଙ୍କୁ ଖବର ଦେବା, ଆଗ୍ରହ ସୃଷ୍ଟି କରାଇବା ପାଇଁ ଚେଷ୍ଟା କରିବା ଇତ୍ୟାଦି ସବୁ ଚାଲିଥିବ, ମାତ୍ର ତଥାପି କେହି ନଆସିଲେ ମଧ୍ୟ ନିଜେ ବସି ପାଠଚକ୍ର କରିବାକୁ ହେବ; କାରଣ ପାଠଚକ୍ର ସମୟରେ ଶ୍ରୀମା ଶ୍ରୀଅରବିନ୍ଦ ପାଠଚକ୍ରରେ ଉପସ୍ଥିତ ଥାଆନ୍ତି । ସେମାନଙ୍କ ସହିତ ଜଣେ ମଧ୍ୟ ପାଠଚକ୍ର କରିପାରିବେ, ଆଉ ଏକା ବୋଲି ଧାରଣା ମଧ୍ୟ ରହିବ ନାହିଁ ।

ପାଠଚକ୍ର ଆନ୍ଦୋଳନ ପଣ୍ଡିଚେରୀ ଶ୍ରୀଅରବିନ୍ଦ ଆଶ୍ରମ ବାହାରେ ତଥା ଓଡ଼ିଶାରେ ଯେପରି ଚାଲିଛି ସେପରି ଆଉ କୌଣସି ସ୍ଥାନରେ ଚାଲି ନାହିଁ, କାରଣ ସେଥିପାଇଁ ଅନ୍ୟମାନଙ୍କର ଅନୁରୂପ ଆଗ୍ରହ ନାହିଁ । ମାତ୍ର ଓଡ଼ିଶାରେ ଏପରି ଚାଲିବା ପାଇଁ ପୂଜ୍ୟ ବାବାଜି ମହାରାଜ ଏବଂ ପୂଜ୍ୟ ପ୍ରପତ୍ତି ମହାଶୟ ମା'ଙ୍କଠାରୁ ଲିଖିତ ଅନୁମତି, ଆଶୀର୍ବାଦ ଆଣିବା ପରେ ଆଉ ଏ ସମ୍ବନ୍ଧରେ ସନ୍ଦେହର ଅବକାଶ ନଥିଲା । ତେଣୁ ଶ୍ରୀଅରବିନ୍ଦ ପାଠଚକ୍ର ତଥା ମହିଳା ପାଠଚକ୍ରକୁ ଯେତେ ନିଷ୍ଠାପର ଭାବରେ କରାଯାଇପାରେ ତାହା ଦେଖିବାକୁ ହେବ ।

ପାଠଚକ୍ର କିଂବା ମହିଳା ପାଠଚକ୍ର ଆରମ୍ଭ ହେବା ପରେ ତା'ର ବିଶେଷ ଅଧିବେଶନ ସବୁକୁ ମଧ୍ୟ ଉପଯୁକ୍ତ

ମର୍ଯ୍ୟାଦା ସହକାରେ କରିବାକୁ ହେବ । ପ୍ରତ୍ୟେକ ଦର୍ଶନ ଦିବସ, ବାର୍ଷିକୋତ୍ସବ ପ୍ରଭୃତି ମଧ୍ୟ ପାଳନ କରିବାକୁ ହେବ । ସମ୍ଭବତଃ କୌଣସି ବିଶିଷ୍ଟ ଅତିଥିଙ୍କୁ ନିମନ୍ତ୍ରଣ କରିପାରିଲେ ଭଲ ।

ଯେଉଁମାନେ ଶ୍ରୀଅରବିନ୍ଦ ପାଠଚକ୍ର ଏବଂ ମହିଳା ପାଠଚକ୍ରର ଆବାହକ ହେବେ ସେମାନେ ନିଜ ନିଜ ଅଞ୍ଚଳର ସମସ୍ତ ପାଠଚକ୍ରର ତାଲିକା, ସେମାନଙ୍କର ପରିଚାଳକ, ପରିଚାଳିକାଙ୍କ ନାମ, ଠିକଣା, ଟେଲିଫୋନ୍ ନମ୍ବର, ବାର୍ଷିକୋତ୍ସବର ତାରିଖ ଇତ୍ୟାଦି ସବୁକିଛି ନିଜ ପାଖରେ ରଖିବେ । ଯେତେ ଅଧିକ ପାଠଚକ୍ର ଖୋଲିବ ସେସବୁକୁ ପୁଣି ତାଲିକାଭୁକ୍ତ କରାଇବେ । ଜିଲ୍ଲାର ବାର୍ଷିକ ସାଙ୍ଗଠନିକ ଉତ୍ସବରେ ପ୍ରତ୍ୟେକ ପାଠଚକ୍ରର କର୍ମୀମାନଙ୍କୁ ଯୋଗଦେବାକୁ ମଧ୍ୟ ବ୍ୟବସ୍ଥା କରାଇବେ ।

ସାଧାରଣତଃ ଦେଖାଯାଏ ଯେଉଁ ପାଠଚକ୍ର ଗୋଟିଏ ପରବର୍ତ୍ତୀ କାର୍ଯ୍ୟକ୍ରମ ଆରମ୍ଭ କରେ, ଅର୍ଥାତ୍ ଶିକ୍ଷାକେନ୍ଦ୍ର କିଂବା ପବିତ୍ର ଦେହାଂଶ କେନ୍ଦ୍ର କିଂବା ସାଧନାଳୟ ଆରମ୍ଭ କରେ ସେତେବେଳ ମୂଳ ପାଠଚକ୍ରଠାରୁ ଦୃଷ୍ଟି କମିଯାଏ । ପାଠଚକ୍ର ପରିଚାଳନାର ନିଷ୍ଠା ଊଣା ହୋଇଯାଏ । ଯେଉଁ ନୂତନ କାର୍ଯ୍ୟକ୍ରମଟିକୁ ହାତକୁ ନିଆ ଯାଇଥାଏ ସେଥିରେ ଅଧିକ କାର୍ଯ୍ୟକ୍ରମ କରୁ କରୁ ମୂଳ ପାଠଚକ୍ର ଦୁର୍ବଳ ହୋଇଯାଏ । ତେଣୁ ସେସମୟରେ ଅତ୍ୟନ୍ତ ସତର୍କ ରହିବାକୁ ହେବ । କୌଣସିମତେ ମୂଳ ପାଠଚକ୍ରକୁ ଦୁର୍ବଳ ହେବାକୁ ଦିଆଯିବ ନାହିଁ ।

ଦେଖିବାକୁ ଗଲେ ଓଡ଼ିଶାରେ ଯେତେ ଯେତେ କାର୍ଯ୍ୟକ୍ରମ ହେଉଛି ସେସବୁ ପଛରେ ନିଶ୍ଚୟ ଗୋଟିଏ ଶ୍ରୀଅରବିନ୍ଦ ପାଠଚକ୍ର ଚାଲିଛି । ତେଣୁ ପ୍ରତ୍ୟେକ କାର୍ଯ୍ୟକ୍ରମର ମଧ୍ୟ ସ୍ୱତନ୍ତ୍ର ପାଠଚକ୍ର କରାଯିବ । ଅର୍ଥାତ୍, ଲିଗାଲ ୟୁନିଟ୍‌ର ସ୍ୱତନ୍ତ୍ର ପାଠଚକ୍ର, ଏଗ୍ରିକଲ୍‌ଚର ୟୁନିଟ୍, କଳାକେନ୍ଦ୍ର, ଇଞ୍ଜିନିୟର, ଡାକ୍ତର ଇତ୍ୟାଦି ସମସ୍ତେ ନିଜ ନିଜର ସ୍ୱତନ୍ତ୍ର ପାଠଚକ୍ର କରିବେ । ପାଠଚକ୍ର ନିଷ୍ଠାପର ଭାବରେ କଲେହିଁ ଅନ୍ୟସବୁ କାର୍ଯ୍ୟ କରିହେବ ।

ଯଦିଓ ଏହା ପ୍ରାୟ ସବୁ ସ୍ଥାନରେ କରାଯାଉଛି ତଥାପି ଏହାକୁ ଅଧିକ ନିଷ୍ଠାପର ଭାବରେ କରିବାକୁ ହେବ । ପରବର୍ତ୍ତୀ ସମୟରେ ଶ୍ରୀଅରବିନ୍ଦ ପାଠଚକ୍ର, ମହିଳା ପାଠଚକ୍ର ପ୍ରଭୃତିର ରାଜ୍ୟ ସ୍ତରୀୟ ସମ୍ମିଳନୀ ଚାଲିଅଛି । ପ୍ରତ୍ୟେକ ବର୍ଷ ଏପ୍ରିଲ ୪, ୫, ୬ ଓ ୭ ତାରିଖରେ ରାଜ୍ୟ ସ୍ତରୀୟ ଶ୍ରୀଅରବିନ୍ଦ ପାଠଚକ୍ର ସମ୍ମିଳନୀ କଟକ ମାତୃଭବନଠାରେ, ରାଜ୍ୟ ସ୍ତରୀୟ ଶ୍ରୀଅରବିନ୍ଦ ମହିଳା ପାଠଚକ୍ର ସମ୍ମିଳନୀ ଜାନୁଆରୀ ୨୪, ୨୫ ଓ ୨୬ ତାରିଖରେ ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ଅନୁଷ୍ଠିତ ହେଉଅଛି । ତା' ବ୍ୟତୀତ ପ୍ରତ୍ୟେକ ଡିସେମ୍ବର ୯, ୧୦ ଏବଂ ୧୧ ତାରିଖ, ତିନି ଦିନ ଧରି ଖଣ୍ଡଗିରି ଏବଂ ଜଗତସିଂହପୁର ଠାରେ ରାଜ୍ୟ ସ୍ତରୀୟ ପାଠଚକ୍ର ସମ୍ମିଳନୀ ଅନୁଷ୍ଠିତ ହେଉଅଛି ।

ଏତତ୍ ବ୍ୟତୀତ ରାଷ୍ଟ୍ରସ୍ତରୀୟ ଶ୍ରୀଅରବିନ୍ଦ ମହିଳା ପାଠଚକ୍ର ସମ୍ମିଳନୀ ମଧ୍ୟ କଟକର ଇନ୍‌ଡ଼ୋର ଷ୍ଟାଡ଼ିୟମ୍, କଲିକତାର ଶ୍ରୀଅରବିନ୍ଦ ଭବନ, ଭିଲାଇରେ ଏବଂ ଉତ୍ତରପ୍ରଦେଶର ଅଯୋଧ୍ୟାଠାରେ ଦୁଇ ଦିନ ପାଇଁ ଅନୁଷ୍ଠିତ ହୋଇଅଛି ।

ଆସନ୍ତା ରାଜ୍ୟ ସ୍ତରୀୟ ଶ୍ରୀଅରବିନ୍ଦ ମହିଳା ପାଠଚକ୍ର ସମ୍ମିଳନୀ ଜାନୁଆରୀ ୨୪, ୨୫ ଏବଂ ୨୬ ତାରିଖ ଜଗତ୍‌ସିଂହପୁର ଠାରେ ଏବଂ ସର୍ବଭାରତୀୟ ମହିଳା ସମ୍ମିଳନୀ ଗୁଜୁରାଟର ବରୋଦା ଠାରେ ହେବା ପାଇଁ ସିଦ୍ଧାନ୍ତ ନିଆ ଯାଇଛି ।

ଏହାଛଡ଼ା ରାଜ୍ୟ ସ୍ତରୀୟ ବାଳିକା ସମ୍ମିଳନୀ ମଧ୍ୟ ପ୍ରତ୍ୟେକ ବର୍ଷ ନଭେମ୍ବର ପ୍ରଥମ ଶନିବାର ଏବଂ ରବିବାର ହେଉଅଛି । ଏହିସବୁ ସମ୍ମିଳନୀ ଆସ୍ତେ ଆସ୍ତେ ବ୍ୟାପକ ହେବାରେ ଲାଗିଅଛି । ❑

You are rich only by the money that you give to the Divine Cause.
*(30 January 1959)* *– The Mother*

ଯେଉଁ ସମ୍ପତ୍ତି ଦିବ୍ୟ ପରମସତ୍ତାଙ୍କ ଲାଗି ଅର୍ପିତ ହୁଏ, ତାହାହିଁ ଯଥାର୍ଥ ସମ୍ପତ୍ତି ।

— ଶ୍ରୀମା

# ମନୁଷ୍ୟଜାତିର ରଥଯାତ୍ରା

## ଆର୍ତ୍ତତ୍ରାଣ ମିଶ୍ର

ଅନେକେ ଦେଖୁଥିବେ ପୁରୀର ଘୋଷଯାତ୍ରାକୁ ଅନୁକରଣ କରି ଆମ ଦେଶ ତଥା ବିଦେଶରେ ମଧ୍ୟ ରଥଯାତ୍ରା ଅତି ଉତ୍ସାହର ସହିତ ପାଳିତ ହେଉଛି । ଦେବତାଙ୍କୁ ରଥରେ ବସାଇ ହଜାର ହଜାର ଲୋକ ରଥ ଟାଣୁଛନ୍ତି । ଟିକିଏ ଗଭୀରଭାବେ ଚିନ୍ତା କଲେ ମନେ ହେବ ଏହା ପଛରେ ଏକ ଆଧ୍ୟାତ୍ମିକ ରହସ୍ୟ ରହିଛି । ଏହା ହେଉଛି ଜୀବାତ୍ମାର ସଂସାରରେ ଜଗତ୍ ରୂପକ ପଥରେ ଯାତ୍ରା । ଏହା କଠୋପନିଷଦ୍‌ରେ ଅତି ସୁନ୍ଦର ଭାବରେ ବର୍ଣ୍ଣିତ ହୋଇଛି –

''ଆତ୍ମାନଂ ରଥିନଂ ବିଦ୍ଧି ଶରୀରଂ ରଥମେବ ତୁ ।
ବୁଦ୍ଧିଂ ତୁ ସାରଥିଂ ବିଦ୍ଧି ମନଃ ପ୍ରଗ୍ରହମେବ ଚ ।
ଇନ୍ଦ୍ରିୟାଣି ହୟାନାହୁର୍ବିଷୟାନ୍ ତେଷୁ ଗୋଚରାନ୍ ।
ଆତ୍ମେନ୍ଦ୍ରିୟମନୋଯୁକ୍ତଂ ଭୋକ୍ତେତ୍ୟାହୁର୍ମନୀଷିଣଃ ।''

ଶରୀର ରୂପକ ରଥରେ ବସିଛନ୍ତି ଆତ୍ମା, ଅର୍ଥାତ୍ ଚୈତ୍ୟପୁରୁଷ । ସେହି ରଥର ସାରଥି ବୁଦ୍ଧି, ଯିଏ ମନ ରୂପକ ଲଗାମକୁ ହାତରେ ଧରି ବସିଛନ୍ତି । ରଥକୁ ଟାଣୁଛନ୍ତି ଇନ୍ଦ୍ରିୟ ରୂପକ ଅଶ୍ୱମାନେ । ବିଷୟ ରୂପକ ପଥରେ ସେମାନେ ଗତି କରୁଛନ୍ତି । ଆତ୍ମା ଇନ୍ଦ୍ରିୟ ଓ ମନ ସହିତ ଯୁକ୍ତ ହୋଇ ଏହି ଯାତ୍ରାର ଆନନ୍ଦ ଉପଭୋଗ କରୁଛନ୍ତି ।

କିନ୍ତୁ ଯାତ୍ରାର ପଥ ଅତି ଭୀଷଣ, ଦୁର୍ଗମ, ତାକୁ ଏହିପରି ଭାବରେ ବର୍ଣ୍ଣନା କରାଯାଇଛି –

''କ୍ଷୁରସ୍ୟ ଧାରା ନିଶିତା ଦୁରତ୍ୟୟା
ଦୁର୍ଗଂ ପଥବତ୍ କବୟୋ ବଦନ୍ତି ।''

ମୁନିଋଷିମାନେ କହନ୍ତି, ସେ ପଥ କ୍ଷୁରର ଧାର ପରି ଅତି ତୀକ୍ଷ୍ଣ । ପଥ ଅତ୍ୟନ୍ତ ଦୁର୍ଗମ, କଷ୍ଟସାଧ୍ୟ । ସମଗ୍ର ମାନବଜାତି ସେହି ଦୁର୍ଗମ ପଥର ଯାତ୍ରୀ । କାରଣ ବିବର୍ତ୍ତନ ପଥରେ ସମଗ୍ର ପୃଥିବୀର ପ୍ରକୃତି ଅତିମାନସ ସତ୍ୟଚେତନା ଦିଗକୁ ଗତି କରୁଛନ୍ତି ।

"Ever since consciousness was born on earth,
Life is the same in insect, ape and man,
Its stuff unchanged, its way the common route."

(Savitri, p. 164)

କଳ୍ପନା କରାଯାଉ ରଥର ସାରଥି ଟିକିଏ ଘୁମେଇ ପଡ଼ିଛନ୍ତି କିଂବା କିଛି ମାଦକ ଦ୍ରବ୍ୟ ଯୋଗୁଁ ବୁଦ୍ଧି ଭ୍ରମିତ ହୋଇ ଯାଇଛି । ହାତରୁ ଲଗାମ ହୁଗୁଳା ହୋଇ ଯାଇଛି । ଅଶ୍ୱମାନେ ଦେଖୁଛନ୍ତି ନଦୀର ଆର ପାରିରେ ସୁନ୍ଦର ଖାଦ୍ୟଦ୍ରବ୍ୟମାନ ଅଛି । ସେମାନେ ଟାଣି ନେଲେ ରଥକୁ ନଦୀ ମଧ୍ୟକୁ । ରଥ ହେଲା ଚୂର୍ଣ୍ଣ ବିଚୂର୍ଣ୍ଣ । ଯଦିଓ ରଥୀ ଅମର, ତାଙ୍କର ଯାତ୍ରା ହେଲା ବ୍ୟାହତ । ତାଙ୍କୁ ପୁଣି ଗୋଟିଏ ରଥ ପ୍ରସ୍ତୁତ କରି ଯାତ୍ରା କରିବାକୁ ହେବ । ଏପରି ଅନେକ ଘଟଣା ଦୁର୍ଘଟଣାର ଦୁର୍ଗମ ପଥ ମଧ୍ୟରେ ଗତି କରି ରଥୀଙ୍କୁ ଆନନ୍ଦ-ରସ ସଞ୍ଚୟ କରିବାକୁ ହେବ ।

ତେଣୁ ଏଥିରୁ ନିଶ୍ଚୟ ଅନୁମାନ କରାଯାଇପାରେ ଯେ ମନୁଷ୍ୟ ସଂସାର-ଯାତ୍ରାର ଆନନ୍ଦ ସହିତ କେତେ ସବୁ କଷ୍ଟ ମଧ୍ୟ ଭୋଗ କରୁ ନଥିବ ! ଆଖି ବୁଲାନ୍ତୁ ଖବର କାଗଜ, ଟି.ଭି. ପର୍ଦ୍ଦାକୁ । କେତେ ଦୁଃଖଦାୟକ ଘଟଣାମାନ ଘଟି ଯାଉଛି । ଦୋଷୀମାନଙ୍କୁ ଧରା ଯାଉଛି, ଆଇନର ଛାଟ ଲାଗୁଛି । ବିଚାର ହେବ, ଦୋଷୀକୁ ଦଣ୍ଡ ଦିଆଯିବ । କିନ୍ତୁ ସେହି ସହଯାତ୍ରୀ ପ୍ରତି ଚିନ୍ତା ଉଦ୍ରେକ ହେଉଛି : 'କାହିଁକି ଏପରି ସେ କଲା ।' ସକ୍ରେଟିସ୍‌ଙ୍କର ସେହି ବିଖ୍ୟାତ ଉକ୍ତିଟି ମନକୁ ଆସୁଛି – "no one willingly (i.e. knowingly) does wrong." କେହି ଜାଣିଶୁଣି ଭୁଲ୍ କରେ ନାହିଁ । ଶ୍ରୀମା, ଶ୍ରୀଅରବିନ୍ଦଙ୍କ ରଚନା ଅଧ୍ୟୟନ କରି ଆମେ ଜାଣୁଛୁ କିପରି ଅପଶକ୍ତିମାନେ ମଣିଷ ଉପରେ ସବାର ହୁଅନ୍ତି ।

"In a mist of secrecy wrapping
the world-scene
The little deities of Time's nether act
Who work remote from Heaven's
controlling eye."

(Savitri, P. 151)

ସେସବୁଥିରେ ଆମେମାନେ କ'ଣ ଭାଗୀଦାର ନୋହୁଁ ! ସେହି ଅପଶକ୍ତି ଆମ ଉପରେ ମଧ୍ୟ ସବାର ହୋଇ ପାରିଥା'ନ୍ତା । ଯେଉଁ ମନ ଆମ ପ୍ରାଣ ଓ ଶରୀରର ନେତା ସେ ତ ଏବେ ମଧ୍ୟ ସତ୍ୟ ଚେତନା ଠାରୁ ଦୂରରେ ଅଛି –

ଆଗକୁ ଯିବାକୁ ସଂଘର୍ଷ ଚାଲିଛି । ଏଠାରେ ଶ୍ରୀମା'ଙ୍କର ଗୋଟିଏ ଉକ୍ତି ଉଲ୍ଲେଖଯୋଗ୍ୟ –

"Do not try to appear virtuous. See how much you are united, one with everything that is anti-divine.

"Do not try to be among the pure. Accept to be with those who are in darkness and give it all with total love."

(CWM, Vol. 10, P. 121)

ଏହି ଅନ୍ଧକାର ଯାତ୍ରା ଅଚିରେ ଦୂର ହେବ । ଶ୍ରୀଅରବିନ୍ଦଙ୍କ ରଚିତ 'ସାବିତ୍ରୀ' କାବ୍ୟର କାଳଜୟୀ ଉକ୍ତି :

"When darkness deepens strangling the earth's breast
And man's corporeal mind is the only lamp,
As a thief's in the night shall be the covert tread
Of one who steps unseen into his house.
... A stealth of God compel the heart to bliss
And earth grow unexpectedly divine."

(Savitri, p. 55)

ଯେତେବେଳେ ଅତିମାନବ (Superman)ଙ୍କର ଆବିର୍ଭାବ ହେବ ସେତେବେଳେ କଠୋପନିଷଦ୍‌ର ଏହି ଉକ୍ତି ଫଳବତୀ ହେବ ।

''ବିଜ୍ଞାନସାରଥିର୍ଯସ୍ତୁ ମନଃ ପ୍ରଗ୍ରହବାନ୍ ନରଃ ।
ସୋଽଧ୍ୱନଃ ପାରମାପ୍ନୋତି ତଦ୍‌ବିଷ୍ଣୋଃ ପରମଂ ପଦମ୍ ।''

ଏହାର ମର୍ମାର୍ଥ, ଯେତେବେଳେ ମନୁଷ୍ୟ ତା'ର ମନକୁ ବିଜ୍ଞାନଯୁକ୍ତ କରି ତା' ହାତକୁ ଲଗାମ ଧରାଇ ଦେବ ସେତେବେଳେ ସେ ବିଷ୍ଣୁଙ୍କର ଶ୍ରେଷ୍ଠ ପଦ ଲାଭ କରିବ । ❑

## ଶ୍ରୀଅରବିନ୍ଦଙ୍କ କଥାରେ...

ତୁମ କାମଟି କଥା ଭାବ – ଯେତେବେଳେ ତାହା କରା ଯାଉଥାଏ, ତାହାର ପୂର୍ବରୁ ନୁହେଁ କି ପରେ ନୁହେଁ ।

କାମଟି ଶେଷ ହୋଇଗଲା ପରେ ତୁମ ମନ ପୁଣି ଥରେ ତାହା ଉପରକୁ ଫେରି ଯିବାକୁ ଛାଡ଼ି ଦିଅ ନାହିଁ । ଏହା ଅତୀତର ଅନ୍ତର୍ଗତ ଏବଂ ତାହାକୁ ନେଇ ପୁନର୍ବ୍ୟସ୍ତତା କେବଳ ଶକ୍ତିର ଅପଚୟ ମାତ୍ର ।

ଆଗକୁ କରିବାକୁ ଥିବା ଭବିଷ୍ୟତର କୌଣସି କାମ କଥା ଭାବି ମନକୁ ତହିଁରେ ଅଯଥା ପରିଶ୍ରାନ୍ତ କର ନାହିଁ । ଯେଉଁ ଦିବ୍ୟଶକ୍ତି ତୁମ ଭିତରେ କ୍ରିୟା କରୁଛି, ଉପଯୁକ୍ତ ସମୟ ଆସିଲେ ତାହା ସେହି କାମଟି କଥା ବୁଝିବ ।

ମନର ଏହି ଦୁଇଟି ଅଭ୍ୟାସ ଏକ ଅତୀତ ପ୍ରକ୍ରିୟାର ଅନ୍ତର୍ଗତ, ଯାହାକୁ ଦୂର କରିବା ପାଇଁ ଏକ ରୂପାନ୍ତରକାରୀ ଦିବ୍ୟଶକ୍ତି ଚାପ ଦେଉଛି ଏବଂ ଦୈହିକ ମନ ସେହି ପୂର୍ବାଭ୍ୟାସରେ ଲାଗି ରହିବା ହେଉଛି ତୁମ ଶ୍ରାନ୍ତି ଓ କ୍ଲାନ୍ତିର କାରଣ । ତୁମେ ଯଦି ଏହା ମନେରଖିବ ଯେ ଯେତେବେଳେ ମନର କ୍ରିୟା ଆବଶ୍ୟକ ହେବ ସେତେବେଳେ କେବଳ ତାହାକୁ କାମ କରିବା ପାଇଁ ଛାଡ଼ି ଦେବ, ତା'ହେଲେ ତୁମର ଚାପ ଓ ଶ୍ରାନ୍ତି ଊଣା ହୋଇଯିବ ଓ ଶେଷରେ ଅନ୍ତର୍ହିତ ହୋଇଯିବ । ଅବଶ୍ୟ ଅତିମାନସର କ୍ରିୟା ଦୈହିକ ମନକୁ ଅଧିକାର କରି ତାହା ଭିତରେ ଦିବ୍ୟ ଆଲୋକର ସ୍ୱତଃସ୍ଫୂର୍ତ୍ତ କାମ ଆଣିଦେବା ପୂର୍ବରୁ ଏହା ଏକ ମଧ୍ୟବର୍ତ୍ତିକାଳୀନ ଗତିବୃତ୍ତି ।

(୧୨-୮-୧୯୨୭)

କାହାଣୀ :

# ଗରୁଡ଼ଙ୍କର କରୁଣା ଓ କର୍ମ

## ମନୋଜ ଦାସ

ଭାରତର କିଂବଦନ୍ତୀ ସାହିତ୍ୟରେ ଏପରି କେତେକ କାହାଣୀ ରହିଛି, ଯାହାର ଅସଲ ତାତ୍ପର୍ଯ୍ୟ ପ୍ରତି ଆମେ ସଜାଗ ନରହିଲେ ତା'ର ଭୁଲ୍ ଅର୍ଥ କରି ବସିବା । ନିମ୍ନୋକ୍ତ କାହାଣୀ ଭାଗ୍ୟବାଦ-ମୂଳକ ନୁହେଁ । କ'ଣ କରିବା ଉଚିତ ବା ଅନୁଚିତ, ସେଥିରେ ଦ୍ୱନ୍ଦ୍ୱ ଦେଖା ଦେଲେ ଜଣେ ସଚ୍ଚା ଭକ୍ତ କ'ଣ କରିବ, ସେହି ସୂକ୍ଷ୍ମ ଦିଗ୍‌ଦର୍ଶନ ଦେଉଛି ଏ କାହାଣୀ । ମହାକାଳର ଏକ ମହତ୍ ଉଚ୍ଚସ୍ତରରେ ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ୍ ଏକ । ସମ୍ପୂର୍ଣ୍ଣ ଭଗବତ୍-ନିବେଦିତ କର୍ମକୁ ରହସ୍ୟମୟ ଭାବରେ, ବଳେ ବଳେ ବିଧିନିର୍ଦ୍ଦିଷ୍ଟ ଯୋଜନାର ଅନ୍ତର୍ଭୁକ୍ତ କରି ନିଏ ମହାକାଳ ।

ହିମାଳୟର ଦୃଶ୍ୟମାନ କୈଳାସର ଅନ୍ତରାଳରେ ରହିଛି ଅଦୃଶ୍ୟ କୈଳାସ, ମହାଦେବଙ୍କର ନିବାସ । ଦିନେ ମହାଦେବଙ୍କୁ ଭେଟିବାକୁ ଗଲେ ବିଷ୍ଣୁ । ତାଙ୍କ ବାହନ ଗରୁଡ଼ କୈଳାସପୁରୀ ସମ୍ମୁଖସ୍ଥ ସୁନ୍ଦର ତୋରଣ ଭଳି ଦୁଇ ପାହାଡ଼ ସମ୍ମୁଖରେ ଅପେକ୍ଷା କଲେ ।

ସେ ମନୋରମ ପରିବେଶରେ ଗରୁଡ଼ଙ୍କ ଚିତ୍ତ ଆନନ୍ଦରେ ଭରିଗଲା – ପୁଣି ସ୍ରଷ୍ଟାଙ୍କ ପ୍ରତି କୃତଜ୍ଞତାରେ । ସେତିକିବେଳେ ସେ ତୋରଣରୂପୀ ପାହାଡ଼ ଶୀର୍ଷରେ ଆସି ବସିଥିବା ଗୋଟିଏ ଛୋଟ ପକ୍ଷୀ ଉପରେ ତାଙ୍କ ଆଖି ପଡ଼ନ୍ତେ ସେ ଆହୁରି ପୁଲକ ଅନୁଭବ କଲେ । ''ଯେଉଁ ବିଧାତା ଏ ବିଶାଳ ହିମାଳୟ ନିର୍ମାଣ କରିଛି, ସେ ପୁଣି କେତେ ଧ୍ୟାନ, କେତେ କଳା ପ୍ରୟୋଗ କରି ନିର୍ମାଣ କରିଛି ଏ ରଙ୍ଗିନ ପକ୍ଷୀ ଗୋଟିକ !'' – ସେ ନିଜକୁ ନିଜେ କହିଲେ ।

ସେତିକିବେଳେ ସେଠାରେ ପହଞ୍ଚିଲେ ଯମରାଜ । ସେ ଅବଶ୍ୟ ଗରୁଡ଼ଙ୍କୁ ଦେଖି ପାରିଲେ ନାହିଁ, କିନ୍ତୁ ତୋରଣ ଭିତର ଦେଇ ମହାଦେବଙ୍କ ନିଳୟ ଆଡ଼େ ଯାଉଁ ଯାଉଁ ପକ୍ଷୀଟି ଉପରେ ତାଙ୍କ ଆଖି ପଡ଼ିଲା । ମୁହୂର୍ତ୍ତକ ପାଇଁ ସେ ଭ୍ରୂକୁଞ୍ଚନ କଲେ ଓ ରହିଗଲେ । ତା'ପରେ କିନ୍ତୁ ନିଜ ବାଟରେ ଚାଲିଗଲେ ।

ଗରୁଡ଼ ଏହା ଲକ୍ଷ୍ୟ କରି ଏହି ସିଦ୍ଧାନ୍ତରେ ପହଞ୍ଚିଲେ, ପକ୍ଷୀଟିର ଶେଷ ସମୟ ସମାଗତ । ନହେଲେ ଯମଦେବ ତାକୁ ଲକ୍ଷ୍ୟ କରିବାର କାରଣ ନାହିଁ । ସମ୍ଭବତଃ ମହାଦେବଙ୍କ ସହ ସାକ୍ଷାତ୍ ଅନ୍ତେ ଫେରିବା ବାଟରେ ସେ ତା'ର ଜୀବନ ଟିକକ ନେଇ ଚାଲିଯିବେ ।

ହାୟ ! ଏଡ଼େ ସୁନ୍ଦର ଟିକି ପକ୍ଷୀଟିକୁ ରକ୍ଷା କରାଯାଇପାରିବ ନାହିଁ ? ଗରୁଡ଼ ବ୍ୟାକୁଳ ହେଲେ । ପୁଣି ନିଜକୁ ବୁଝାଇଲେ, ସେ ବ୍ୟାପାରରେ ତାଙ୍କର ମୁଣ୍ଡ ଖେଳାଇବା ଅନୁଚିତ । କିନ୍ତୁ କରୁଣାର ପ୍ରାବଲ୍ୟ ସେ ଶେଷ ପର୍ଯ୍ୟନ୍ତ ରୋକି ପାରିଲେ ନାହିଁ । ପକ୍ଷୀଟିକୁ ବଞ୍ଚାଇ ରଖିବାର ନିଷ୍ପତ୍ତି ନେଲେ ।

କିନ୍ତୁ ସେ ନିଷ୍ପତ୍ତି ନେବା ସଙ୍ଗେ ସଙ୍ଗେ କରଯୋଡ଼ କରି ପ୍ରାର୍ଥନା କଲେ, ''ହେ ପରମ ବିଧାତା ! ମୋର ପ୍ରେରଣା ଭୁଲ୍ କିଂବା ଠିକ୍ ଜାଣେନା । କିନ୍ତୁ ଆପାତତଃ ଏହା ଅପ୍ରତିରୋଧ । ତୁମକୁ ସମର୍ପଣ କରି କର୍ମଟି କରୁଛି । ମୋ କର୍ମ ଯେପରି ବିଧିର ବିଧାନର ବିରୋଧ ନକରୁ !''

ତା'ପରେ ପକ୍ଷୀଟିକୁ ଧରି ସେ ଉଡ଼ିଗଲେ ଦଣ୍ଡକାରଣ୍ୟ । ସେଠାରେ ତମସା ନଦୀ କୂଳରେ ଜଣେ ଋଷିଙ୍କର ଆଶ୍ରମ । ଆଶ୍ରମ ଆଗରେ ଏକ ସବୁଜ ବୁଦା । ପକ୍ଷୀଟିକୁ ସେଠାରେ ଥୋଇ ସେ ବାହୁଡ଼ି ଆସିଲେ ପୂର୍ବ ସ୍ଥାନକୁ । ସେ ଦିବ୍ୟ ବିହଙ୍ଗ, – ଏ ସମୁଦାୟ କର୍ମ ଆଖି ପଲକରେ ସେ ନିର୍ବାହ କଲେ ।

ଏକ ମୁହୂର୍ତ୍ତ ଉତ୍ତାରୁ ପ୍ରତ୍ୟାବର୍ତ୍ତନ କଲେ ଯମରାଜ । ଏଥର ଗରୁଡ଼ ତାଙ୍କ ଆଗକୁ ଯାଇ ତାଙ୍କୁ ଅଭିବାଦନ ଜଣାଇଲେ ଓ ପଚାରିଲେ, ''ଆଜ୍ଞା, ଆପଣ ଭିତରକୁ ଗଲା ବେଳେ ଏଠାରେ ଥିଲା ପକ୍ଷୀଟିଏ । ତାକୁ ଅନାଇ ଆପଣ ସାମାନ୍ୟ ଚିନ୍ତିତ ଦେଖା ଯାଇଥିଲେ କାହିଁକି ?'' – ଉତ୍ତର ଦେଲେ ଯମରାଜ, ''ମନେ ପଡ଼ିଲା । କଥା ହେଲା, ମାତ୍ର ମୁହୂର୍ତ୍ତକ ପରେ ସୁଦୂର ଦଣ୍ଡକାରଣ୍ୟରେ, ତମସାନଦୀ ତୀରବର୍ତ୍ତୀ ଗୋଟିଏ ବୁଦାରେ ତାକୁ ଅଜଗରଟିଏ ଭକ୍ଷଣ କରିବା ତା'ର ଭବିତବ୍ୟ । କାରଣ ପକ୍ଷୀଜନ୍ମରୁ ଉତ୍ତୀର୍ଣ୍ଣ ହୋଇ ସେ ଋଷିଙ୍କ କୁଡ଼ିଆରେ ଗୋ-ଶାବକ ରୂପେ ଜନ୍ମ ନେବା କଥା । ଏଡ଼େ ତୁରନ୍ତ ଏ ପକ୍ଷୀ ସେତେ ଦୂର ଯିବ କେମିତି ? ଅବଶ୍ୟ ଏ ପ୍ରଶ୍ନ ମନକୁ

ଆସିବା ସଙ୍ଗେ ସଙ୍ଗେ ଉତ୍ତର ବି ଆସିଲା – ମହାଜାଗତିକ ବିଧାନରେ ତା'ର ବ୍ୟବସ୍ଥା ଅବଶ୍ୟ ଥିବ । ତା'ପରେ ସେ କଥା ଭୁଲିଗଲି ।''

ପ୍ରଥମେ ହତବୁଦ୍ଧି ହେଲେ ଗରୁଡ଼ । ସେ ଖୁସୀ ହେବେ ନା ଦୁଃଖିତ ହେବେ ? କ୍ରମେ ଧୀମାନ୍ ସ୍ଥିରତା ଫେରି ଆସିଲା ତାଙ୍କ ଚିତ୍ତକୁ । ସେ ନତଜାନୁ ହୋଇ କହିଲେ, ''ହେ ଭଗବାନ୍ ! ମୁଁ ତୁମର ବାହନ । ଚିନ୍ତା ଓ କର୍ମରେ ଯେପରି ଚିରକାଳ ମୁଁ ତାହାହିଁ ରହିବି ।''

(ମନୋଜ ଦାସ ପରିବେଷିତ 'ଉପକଥା ଶତକ'ରୁ ସଂଗୃହୀତ, ପୃ. ୫୪-୫୬) ❑

---

'ଉପକଥା ଶତକ' କାହାଣୀମାଳା ପରିବେଷଣ ଅବସରରେ ମନୋଜ ଦାସ ପ୍ରତ୍ୟେକ କାହାଣୀର ତାତ୍ପର୍ଯ୍ୟ ଉପରେ କିଛି ଆଲୋକପାତ କରିଛନ୍ତି । ଉପରୋକ୍ତ କାହାଣୀ **'ଗରୁଡ଼ଙ୍କର କରୁଣା ଓ କର୍ମ !'** ସମ୍ପର୍କରେ ତାଙ୍କର ଅଭିମତ ଏହିପରି :

''କୌଣସି କୌଣସି କାହାଣୀର ମର୍ମ ଏତେ ସୂକ୍ଷ୍ମ ଯେ ଯଦି କାହାଣୀର ଅସଲ ବକ୍ତବ୍ୟ ଉପରେ କଥକ ବା ଲେଖକ ଗୁରୁତ୍ୱ ନଦେବେ, ତେବେ ତା'ର ଅର୍ଥ ଭିନ୍ନ ହୋଇ ଯାଇପାରେ । ଏ କାହାଣୀଟି ଭାଗ୍ୟବାଦର ବ୍ୟାଖ୍ୟା କରୁ ନାହିଁ, ଜଣେ ଭକ୍ତ ତା' ନିଜର ସର୍ବୋଚ୍ଚ ପ୍ରେରଣା ଅନୁସାରେ କର୍ମ କରିବା ସଙ୍ଗେ ସଙ୍ଗେ ସେ କର୍ମକୁ ଭଗବାନଙ୍କୁ ସମର୍ପଣ କଲେ ତାହା କିପରି ରହସ୍ୟମୟ ଭାବରେ ବିଧିର ବିଧାନର ଅନ୍ତର୍ଭୁକ୍ତ ହୋଇଯାଇପାରେ, ତାହାହିଁ ଏହାର ମର୍ମ ।''

(ତତ୍ରୈବ : ପୃଷ୍ଠା : ୩୨୭)


"In the sincerity of our trust lies the certitude of our victory."

*(MCW, Vol 15, page 82)* - The Mother

| | |
|---|---|
| **Collected Works of the Mother 17 Vols. (CR) (PB)** | **– Rs. 3500** |
| **The Great Adventure - A Diary for all times: (New Revised Edition)** | **– Rs. 400** |
| **Ideal Child, Ideal Parent, Ideal Teacher (3in1) Booklet** | **– Rs. 75** |
| **The Mother by Sri Aurobindo *with the Mother's comments*** **(***Sri Aurobindo's handwriting***)** | **– Rs. 50** |
| **125 Drops of Nectar – Daily Quotations by the Divine Mother and Lord Sri Aurobindo** | **– Rs. 150** |

**VAK** - ***The Spiritual Book Shop***, Pondicherry - 605 001

E-mail: vakbooks@gmail.com, Contact No. : +91 9489063512, website: www.vakbooks.in

# ଦେବପୁତ୍ର ଯୁଧିଷ୍ଠିର

## ବନମାଳୀ ଆଚାର୍ଯ୍ୟ

ମହାଭାରତର ଆଦିପର୍ବରେ ଉଲ୍ଲେଖ ଅଛି – 'ଯୁଧିଷ୍ଠିରୋ ଧର୍ମ ମୟୋ ମହାଦ୍ରୁମ'... । ଏହାର ଅର୍ଥ ମହାରାଜ ଯୁଧିଷ୍ଠିର ଏକ ବିଶାଳ ଧର୍ମବୃକ୍ଷ । ତାଙ୍କର ସ୍କନ୍ଧ ଅର୍ଜୁନ ଓ ଶାଖା ଭୀମସେନ । ନକୁଳ ଓ ସହଦେବ ସେହି ବୃକ୍ଷର ଫୁଲଫଳ । ଭଗବାନ୍ ଶ୍ରୀକୃଷ୍ଣ, ବେଦ ଓ ବ୍ରାହ୍ମଣ ସେହି ବୃକ୍ଷର ମୂଳ । ଶ୍ରୀକୃଷ୍ଣଙ୍କ ଚେତନାରେ ଓ ଆନ୍ତର ସତ୍ୟର ସ୍ପନ୍ଦନରେ ପୂର୍ଣ୍ଣତର ହୋଇ ଉଠିଥିବା ଜଣେ ସକଳ ପୁରୁଷାର୍ଥର ଅଧିକାରୀ ତଥା ମହାନ୍ ବ୍ୟକ୍ତିତ୍ୱ ଥିଲେ ଦେବପୁତ୍ର ଯୁଧିଷ୍ଠିର । ଧର୍ମରାଜ ତାଙ୍କର ଆଉ ଏକ ନାମ ଥିଲା । ମହାଭାରତ ଯୁଦ୍ଧର ଜଣେ ମୁଖ୍ୟ ଚରିତ୍ରଭାବେ ବିଦିତ ଜ୍ୟେଷ୍ଠ ପାଣ୍ଡବ ଯୁଧିଷ୍ଠିର ଜୀବନରେ ବହୁ ଦୁଃଖକଷ୍ଟର ସମ୍ମୁଖୀନ ହୋଇଥିଲେ । ତଥାପି ସେ ଧର୍ମକୁ ଛାଡ଼ି ନଥିଲେ । ଧର୍ମ-ଜୀବନ ସର୍ବୋତ୍ତମ ସତ୍ୟାତ୍ମକ ଦିଗକୁ ବୁଝାଏ, ଯେଉଁଥିରେ ଭଗବାନଙ୍କ ଆଶୀର୍ବାଦ ଥାଏ । ସେ ହସ୍ତିନାପୁରର ମହାରାଜପାଣ୍ଡୁ ଓ ତାଙ୍କ ଧର୍ମପତ୍ନୀ କୁନ୍ତୀଙ୍କର ପୁତ୍ର ଥିଲେ । ଋଷିକୁମାରଙ୍କ ଦ୍ୱାରା ଅଭିଶପ୍ତ ହେବା ପରେ ପାଣ୍ଡୁ ସନ୍ତାନକ୍ଷମ ହୋଇ ପାରିବେ ନାହିଁ ବୋଲି ଜାଣିଲେ । ତେଣୁ ସେ ବାନପ୍ରସ୍ଥ ଗ୍ରହଣ କରି ଦୁଇ ପତ୍ନୀ କୁନ୍ତୀ ଓ ମାଦ୍ରୀଙ୍କ ସହ ହିମାଳୟର ଗନ୍ଧମାର୍ଦନ ପର୍ବତକୁ ଗମନ କଲେ ଓ ତପସ୍ୟା ଆରମ୍ଭ କଲେ । ସ୍ୱାମୀଙ୍କ ଇଚ୍ଛା ସପକ୍ଷରେ କୁନ୍ତୀ ମହର୍ଷି ଦୁର୍ବାସାଙ୍କ ଠାରୁ ଲାଭ କରିଥିବା ମନ୍ତ୍ର ଶକ୍ତି ବଳରେ ଧର୍ମ ଦେବତାଙ୍କୁ ଉପାସନା କରି ଆବାହନ କଲେ । ତାଙ୍କରି କୃପାବଳରେ ଯୁଧିଷ୍ଠିରଙ୍କୁ ସନ୍ତାନଭାବେ ପ୍ରାପ୍ତ ହେଲେ । ସେହିପରି ଭାବରେ ସେ ପବନଦେବଙ୍କ କୃପାରେ ଭୀମସେନଙ୍କୁ ଓ ଇନ୍ଦ୍ରଦେବଙ୍କ କୃପାରେ ଅର୍ଜୁନଙ୍କୁ ପୁତ୍ର ଭାବରେ ଲାଭ କଲେ । ଉଦାର ହୃଦୟା କୁନ୍ତୀ ତାଙ୍କ ମନ୍ତ୍ର ଶକ୍ତି ପ୍ରଭାବରେ ଅଶ୍ୱିନୀକୁମାରଙ୍କୁ ଆବାହନ କରି ମାଦ୍ରୀଙ୍କୁ ଦୁଇଟି ଯମଜ ସନ୍ତାନ ପ୍ରଦାନ କଲେ । ସେମାନେ ଥିଲେ ନକୁଳ ଓ ସହଦେବ । ପାଣ୍ଡୁଙ୍କର ଏହି ପାଞ୍ଚ ପୁତ୍ରଙ୍କୁ ପଞ୍ଚପାଣ୍ଡବ କୁହାଗଲା ।

ସମୟ ଗଡ଼ି ଚାଲିଲା । ଋଷିକୁମାରଙ୍କ ଅଭିଶାପ ଓ ପାଣ୍ଡୁଙ୍କ କାମନାସିକ୍ତ ମୁହୂର୍ତ୍ତ ଦିନେ ତାଙ୍କର ମୃତ୍ୟୁକୁ ଡାକି ଆଣିଲା । ମାଦ୍ରୀ ସ୍ୱାମୀଙ୍କ ଚିତାରେ ଆତ୍ମବିସର୍ଜନ କଲେ । ଋଷିଗଣ କୁନ୍ତୀ ଓ ପଞ୍ଚପାଣ୍ଡବଙ୍କୁ ନେଇ ହସ୍ତିନାପୁରରେ ପହଞ୍ଚିଲେ ଏବଂ ପିତାମହ ଭୀଷ୍ମଙ୍କ ଦାୟିତ୍ୱରେ ଛାଡ଼ିଲେ । ଗୁରୁ ଦ୍ରୋଣଙ୍କ ନିକଟରେ ପାଣ୍ଡବ ଭାଇମାନେ ଶିକ୍ଷାଗ୍ରହଣ କଲେ । ନିଷ୍ଠା, ସଂଯମ, ଧର୍ମପାଳନ ଓ ଗୁରୁଭକ୍ତିରେ ସେମାନେ କୌରବମାନଙ୍କ ଠାରୁ ଆଗରେ ଥିଲେ । ଯୁଧିଷ୍ଠିର ରାଜକୁମାରମାନଙ୍କ ଭିତରେ ଶ୍ରେଷ୍ଠ ଥିଲେ । ଧୃତି, ସ୍ଥିରତା, ସହନଶୀଳତା, ଦୟାଭାବ ଓ ସରଳତା ଆଦି ଗୁଣରେ କେହି ତାଙ୍କର ସମକକ୍ଷ ନଥିଲେ । ମହାରାଜଧୃତରାଷ୍ଟ୍ର ପୁତ୍ର ମୋହରେ ଅନ୍ଧ ହୋଇ ଦୁର୍ଯ୍ୟୋଧନଙ୍କୁ ଯୁବରାଜ ଘୋଷଣା କରିବାକୁ ଚାହୁଁଥିଲେ । ମାତ୍ର ପିତାମହ ଭୀଷ୍ମ, ଗୁରୁଦ୍ରୋଣ ଓ ବିଦୁରଙ୍କ ଚାପରେ ସେ ଯୁଧିଷ୍ଠିରଙ୍କୁ ଯୁବରାଜ ଘୋଷଣା କରିବାକୁ ବାଧ ହେଲେ । ଏହା ପରେ ଶକୁନି ଓ ଦୁର୍ଯ୍ୟୋଧନ ପାଣ୍ଡବମାନଙ୍କ ବିରୋଧରେ ଷଡ଼ଯନ୍ତ୍ର ରଚନା କଲେ । ଧୃତରାଷ୍ଟ୍ରଙ୍କୁ କହି କୌଶଳକ୍ରମେ କୁନ୍ତୀ ଓ ତାଙ୍କର ପୁତ୍ରମାନଙ୍କୁ ବାରୁଣାବତକୁ ପଠାଇବାରେ ସଫଳ ହେଲେ । ଏହା ପଛରେ ଏକ ହୀନ ରାଜନୈତିକ ଚକ୍ରାନ୍ତ ଛପି ରହିଥିଲା । ଦୁର୍ଯ୍ୟୋଧନ ଓ ତା'ର ଲୋକମାନେ ପୁରୋଚନଙ୍କ ଦ୍ୱାରା ଗୁପ୍ତରେ ଏକ ଜତୁଗୃହ ନିର୍ମାଣ କରାଇଥିଲେ । ସେଥିରେ ପାଣ୍ଡବମାନଙ୍କୁ ଜୀବନ୍ତ ଭାବେ ଦଗ୍ଧ କରାଇବା ସେମାନଙ୍କର ଉଦ୍ଦେଶ୍ୟ ଥିଲା । ମାତ୍ର ମହାତ୍ମା ବିଦୁରଙ୍କ ଦୂରଦୃଷ୍ଟି ଓ ସଚେତନ ପଦକ୍ଷେପ ବଳରେ ସେମାନଙ୍କର କୌଣସି କ୍ଷତି ହେଲା ନାହିଁ । ସେମାନେ ସୁଦୂର ପ୍ରାନ୍ତକୁ ଚାଲିଯାଇ ଆତ୍ମଗୋପନ କରି ରହିଲେ । କୁନ୍ତୀ ଓ ଯୁଧିଷ୍ଠିରଙ୍କ ଆତ୍ମବଳ ଓ ଭଗବତ୍ ବିଶ୍ୱାସ ପାଣ୍ଡବମାନଙ୍କର ରକ୍ଷାକବଚ ସାଜି ଥିଲା ।

ସେ ସମୟର ଏକ ଘଟଣା । ପାଣ୍ଡବ ଭ୍ରାତୃଗଣ ମା'ଙ୍କ ସହ ଏକଚକ୍ରା ନଗରୀରେ ଜଣେ ବେଦପାଠୀ ତପୋଧନ ବ୍ରାହ୍ମଣ ପରିବାରରେ ଆତ୍ମଗୋପନ କରି ରହୁଥିଲେ । ଦିନେ ବ୍ରାହ୍ମଣଙ୍କ ଘରେ କାନ୍ଦବୋବାଳି ଶୁଭିଲା । କୁନ୍ତୀ ବୁଝି ପାରିଲେ କେହି ଜଣେ ବକାସୁରର ଭୋଜନ ହେବାକୁ ଯିବ । କୁନ୍ତୀ ଯୁଧିଷ୍ଠିରଙ୍କ ଶାନ୍ତ ସରଳ ମୁଖରେ ନିଜ ଭାବନାର ପ୍ରତିଫଳନ ଦେଖି ପାରିଲେ । ଉତ୍ସାହିତ ହୋଇ ସେ ପରିବାରବର୍ଗଙ୍କୁ ଶାନ୍ତ ହେବାକୁ

କହିଲେ । ନିଜ ପୁତ୍ର ଭୀମସେନର ବଳ ବିଷୟରେ କୁନ୍ତୀ ଭଲ ଭାବରେ ଜାଣିଥିଲେ । ଅସୁରଙ୍କୁ ଆୟତ୍ତ କରିବାର ମନ୍ତ୍ର ନିଜ ପୁତ୍ରଙ୍କୁ ଜଣା ଅଛି କହି ସେ ଭୀମସେନଙ୍କୁ ବକାସୁର ପାଖକୁ ପଠାଇଲେ । ସେଦିନ ଭୀମସେନ ବକାସୁର ନିକଟକୁ ଗଲେ ଓ ବକାସୁର-ସମସ୍ୟାର ଅନ୍ତ ଘଟାଇଲେ । କୁନ୍ତୀ ସମସ୍ତଙ୍କ ମଙ୍ଗଳ ପାଇଁ ନିଜ ପୁତ୍ରକୁ ବିପଦ ମୁହଁକୁ ପଠାଇ ଦେଇଥିଲେ । ମା'ଙ୍କ ଭଳି ଯୁଧିଷ୍ଠିର ସ୍ୱାର୍ଥର ଊର୍ଦ୍ଧ୍ୱରେ ଥିଲେ ।

ପାଣ୍ଡବମାନେ ଇନ୍ଦ୍ରପ୍ରସ୍ଥ ଓ କୌରବମାନେ ହସ୍ତିନାପୁରରେ ରହୁଥିଲେ । ଭଗବାନ୍ ଶ୍ରୀକୃଷ୍ଣଙ୍କ ସହାୟତାରେ ଯୁଧିଷ୍ଠିରଙ୍କର ରାଜସୂୟ ଯଜ୍ଞ ପୂର୍ଣ୍ଣ ହୋଇ ସାରିଥିଲା । ଯୁଧିଷ୍ଠିରଙ୍କର ସୁନାମ ଶୁଣି ଦୁର୍ଯ୍ୟୋଧନ ବିଚଳିତ ହୋଇ ପଡୁଥିଲେ । ସେ ତାଙ୍କର ପ୍ରଶଂସାକୁ ସହ୍ୟ କରି ପାରୁ ନଥିଲେ । ଶକୁନି ସହ କୁମନ୍ତ୍ରଣା କରି ସେ ଧୃତରାଷ୍ଟ୍ର ଓ ବିଦୁରଙ୍କ ଦ୍ୱାରା ଯୁଧିଷ୍ଠିରଙ୍କୁ ପଶାଖେଳ ପାଇଁ ଆମନ୍ତ୍ରଣ କଲେ । ଏହା ଏକ ଦ୍ୟୂତକ୍ରୀଡ଼ା ବା ଜୁଆଖେଳ । ତତ୍କାଳୀନ ରାଜନୀତିରେ ଏହା ଏକ ଛଳନା ଓ କପଟତାପୂର୍ଣ୍ଣ ମାଧ୍ୟମ ଥିଲା । ଯୁଧିଷ୍ଠିର କହିଲେ, ''ଦ୍ୟୂତକ୍ରୀଡ଼ାରେ ମୋର ଆଦୌ ଆଗ୍ରହ ନାହିଁ । ମାତ୍ର ମୁଁ ଜ୍ୟେଷ୍ଠପିତା ଧୃତରାଷ୍ଟ୍ରଙ୍କ କଥା ଟାଳି ପାରିବି ନାହିଁ । ପିତୃଆଜ୍ଞା ଅବମାନନା କରିବାକୁ ମୁଁ ଅକ୍ଷମ । କ୍ଷତ୍ରିୟ ସନ୍ତାନ ହିସାବରେ ଏ ପ୍ରକାର ଆହ୍ୱାନକୁ ଅସ୍ୱୀକାର କରିବାକୁ ମୁଁ ଅସମର୍ଥ ।'' ଫଳରେ କୁଚକ୍ରୀ ଶକୁନିର କପଟ ଜୁଆଖେଳରେ ଯୁଧିଷ୍ଠିର ରାଜ୍ୟ, ଧନ, ଭ୍ରାତାମାନଙ୍କ ସହ ସବୁକିଛି ହରାଇଲେ । ଭରା ରାଜସଭାରେ ଦ୍ରୌପଦୀଙ୍କର ଅସମ୍ମାନ କରାଗଲା । ଯୁଧିଷ୍ଠିର ଚାହିଁଥିଲେ ନିମିଷକରେ ପଟ୍ଟ ପରିବର୍ତ୍ତନ କରାଇ ପାରିଥା'ନ୍ତେ । ମାତ୍ର ସେ ଶାନ୍ତ ଓ ନୀରବ ରହି ଧର୍ମ ଓ ଭଗବାନଙ୍କ ହାତରେ ସବୁକିଛି ସମର୍ପଣ କରି ଦେଇଥିଲେ । ଭଗବାନ୍ ଶ୍ରୀକୃଷ୍ଣ ସୂକ୍ଷ୍ମ ଭାବରେ ଉପସ୍ଥିତ ରହି ଦ୍ରୌପଦୀ ଓ ପାଣ୍ଡବମାନଙ୍କର ମାନରକ୍ଷା କରିଥିଲେ । ପାଣ୍ଡବମାନଙ୍କୁ ବାର ବର୍ଷ ବନବାସ ଓ ଏକ ବର୍ଷ ଅଜ୍ଞାତ ବାସ କରିବାକୁ ପଡ଼ିଲା । ବହୁ ମୁନୀ, ସାଧୁ, ସନ୍ନ୍ୟାସୀ ଓ ସାଧାରଣ ନାଗରିକ ସେମାନଙ୍କ ସହିତ ବନକୁ ବାହାରିଲେ । ସେମାନେ ଦୁର୍ଯ୍ୟୋଧନଙ୍କର ଅଧୀନରେ ରହିବାକୁ ଚାହୁଁ ନଥିଲେ । ଆହୁରି ମଧ୍ୟ ସେମାନେ ଯୁଧିଷ୍ଠିରଙ୍କୁ ଛାଡ଼ି ରହି ପାରିବେ ନାହିଁ ବୋଲି ପ୍ରକାଶ କଲେ । ଅନୁଗତମାନଙ୍କର ସଂଖ୍ୟାବୃଦ୍ଧି କାରଣରୁ ଯୁଧିଷ୍ଠିର କୁଳପୁରୋହିତ ମହର୍ଷି ଧୌମ୍ୟଙ୍କ ପରାମର୍ଶ ଲୋଡ଼ିଲେ । ଧୌମ୍ୟ ଯୁଧିଷ୍ଠିରଙ୍କୁ ସୂର୍ଯ୍ୟଦେବଙ୍କ ଏକଶହ ଆଠ ନାମ ବତାଇଲେ । ରାଜା ସୂର୍ଯ୍ୟଦେବଙ୍କୁ ଉପାସନା କରି ଅକ୍ଷୟ ପାତ୍ର ପ୍ରାପ୍ତ ହେଲେ । ଏହା ଦ୍ୱାରା ସମସ୍ତ ସାଧୁ, ସନ୍ନ୍ୟାସୀ, ବ୍ରାହ୍ମଣ ଓ ଗରିବ ଲୋକଙ୍କୁ ଅନ୍ନ ଯୋଗାଇବା ସମ୍ଭବ ହେଲା ।

ଯୁଧିଷ୍ଠିରଙ୍କ ଦୟା ଓ କ୍ଷମାଗୁଣର ତୁଳନା ନଥିଲା । ସେଥିସକାଶେ ଭଗବାନ୍ ଶ୍ରୀକୃଷ୍ଣ ମଧ୍ୟ ତାଙ୍କର ଯଶଗାନ କରୁଥିଲେ । ଏକଦା ଚିତ୍ରସେନ ଗନ୍ଧର୍ବ ହାତରୁ ସେ ଦୁର୍ଯ୍ୟୋଧନଙ୍କ ପ୍ରାଣ ବଞ୍ଚାଇ ଥିଲେ । ସେହିପରି ଭାବେ ସେ ଜୟଦ୍ରଥଙ୍କୁ ଜୀବନଦାନ ଦେଇଥିଲେ । ସେତେବେଳେ ପାଣ୍ଡବମାନେ କାମ୍ୟକ ବନରେ ରହୁଥିଲେ । ସୌବୀର ରାଜା ଜୟଦ୍ରଥ ଶାଲ୍ୱ ରାଜକୁମାରୀଙ୍କ ପାଣିଗ୍ରହଣ କରିବା ଉଦ୍ଦେଶ୍ୟରେ ପାଣ୍ଡବଙ୍କ କୁଟୀର ବାଟଦେଇ ଯାଉଥିଲେ । ସେ ଦ୍ରୌପଦୀଙ୍କ ତପସ୍ୱିନୀ ବେଶ ଦେଖି ତାଙ୍କ ପ୍ରତି ଆକର୍ଷିତ ହେଲେ ଏବଂ ତାଙ୍କ କୁଟୀର ମଧ୍ୟକୁ ପ୍ରବେଶ କଲେ । ଭୀମସେନ ଓ ଅର୍ଜୁନ ତାଙ୍କୁ ବାନ୍ଧି ପକାଇ ଯୁଧିଷ୍ଠିରଙ୍କ ଆଗରେ ଠିଆ କରାଇଲେ । ତାଙ୍କୁ ପ୍ରାଣଦଣ୍ଡ ଦେବାକୁ ଦାବୀ କଲେ । ମାତ୍ର ଯୁଧିଷ୍ଠିର ତାଙ୍କୁ ସମୁଚିତ ଶିକ୍ଷା ଦେଇ ମୁକ୍ତ କରିଦେଲେ । ଦୟା ଓ କ୍ଷମା ତାଙ୍କ ବିଚାରର ଭିତ୍ତି ଥିଲା ।

ପାଣ୍ଡବମାନେ ଦ୍ୱୈତବନରେ ବାସ କରୁଥିଲେ । ତୃଷା ମେଣ୍ଟାଇବା ପାଇଁ ଯୁଧିଷ୍ଠିର ନକୁଳଙ୍କୁ ଜଳର ଅନୁସନ୍ଧାନ କରିବାକୁ କହିଲେ । ନକୁଳ ଗୋଟିଏ ପୁଷ୍କରିଣୀ ତଟରେ ପହଞ୍ଚିଲେ ଏବଂ ଜଳପାନ କରିବାକୁ ଆଗେଇ ଗଲେ । ହଠାତ୍ ଜଣେ ଯକ୍ଷର ସ୍ୱର ତାଙ୍କୁ ଶୁଭିଲା । ''ହେ ମାଦ୍ରୀନନ୍ଦନ ନକୁଳ, ଏ ପୁଷ୍କରିଣୀର ଜଳ ଉପରେ ମୋର ଅଧିକାର ରହିଛି । ମୋ ପ୍ରଶ୍ନର ଉତ୍ତର ନଦେଇ ଜଳପାନ କର ନାହିଁ, କଲେ ବିପଦରେ ପଡ଼ିବ ।'' ନକୁଳ ତାଙ୍କ କଥା ନମାନି ଜଳପାନ କଲେ ଓ ଭୂମି ଉପରେ ଟଳି ପଡ଼ିଲେ । ତାଙ୍କୁ ଖୋଜିବାକୁ ଯାଇ ସହଦେବ, ଅର୍ଜୁନ ଓ ଭୀମସେନଙ୍କର ସମଦଶା ହେଲା । ଶେଷରେ ଯୁଧିଷ୍ଠିର ସେ ସ୍ଥାନରେ ପହଞ୍ଚିଲେ ଏବଂ ସ୍ଥିର ଚିତ୍ତରେ ଯକ୍ଷଙ୍କ ସମସ୍ତ ପ୍ରଶ୍ନର ଉତ୍ତରମାନ ଦେଲେ । ଯୁଧିଷ୍ଠିର ମାତ୍ର ଜଣେ ଭାଇଙ୍କର ଜୀବନ ଫେରି ପାଇବେ ବୋଲି ଯକ୍ଷ କହିଲେ । ପ୍ରଥମେ ଯୁଧିଷ୍ଠିର ନକୁଳଙ୍କ ଜୀବନ ମାଗିଲେ । ସେ କାହିଁକି ଭୀମସେନ ବା ଅର୍ଜୁନଙ୍କ ଜୀବନ ମାଗିଲେ ନାହିଁ, ଯକ୍ଷ ଏକଥା ଜାଣିବାକୁ ଚାହିଁଲେ । ଯୁଧିଷ୍ଠିରଙ୍କର ଉତ୍ତର ଥିଲା ଜଣେ କୁନ୍ତୀନନ୍ଦନ ଓ ଜଣେ ମାଦ୍ରୀନନ୍ଦନ ବଞ୍ଚି ରହିଲେ ସବୁଠାରୁ

ନ୍ୟାୟୋଚିତ ହେବ । ଯୁଧିଷ୍ଠିରଙ୍କର ବିଚାର ଶୁଣି ଯକ୍ଷରୂପୀ ଧର୍ମଦେବ ନିଜ ରୂପ ଧାରଣ କଲେ ଏବଂ ତାଙ୍କର ସମସ୍ତ ଭାଇମାନଙ୍କୁ ଜୀବିତ କରାଇଲେ । ଯୁଧିଷ୍ଠିରଙ୍କ ଉପରେ ନିଜର ଆଶୀର୍ବାଦ ଅଜାଡ଼ି ଦେଲେ ।

ଦୁର୍ଯ୍ୟୋଧନ ଓ ଶକୁନିର କୁଟିଳ ଅନୁରୋଧରେ ଦିନେ ମହର୍ଷି ଦୁର୍ବାସା ଶିଷ୍ୟଗଣଙ୍କ ସହ ପାଣ୍ଡବ କୁଟୀରରେ ଅସମୟରେ ପହଞ୍ଚିଲେ । ଯୁଧିଷ୍ଠିର ସେମାନଙ୍କୁ ଅର୍ଭ୍ୟର୍ଥନା କଲେ ଏବଂ ଭୋଜନ କରିବାକୁ ନିମନ୍ତ୍ରଣ ଜଣାଇଲେ । ଋଷି ଓ ଶିଷ୍ୟମାନେ ସ୍ନାନ ଓ ସନ୍ଧ୍ୟା କାର୍ଯ୍ୟ ସାରିବା ପାଇଁ ନଦୀକୁ ବାହାରିଲେ । ମାତ୍ର ପାଣ୍ଡବମାନେ ଅତିଥିମାନଙ୍କୁ ଭୋଜନ ଦେବା ବିଷୟରେ ଚିନ୍ତିତ ହୋଇ ପଡ଼ିଲେ । ସେତେବେଳକୁ ଦ୍ରୌପଦୀ ଭୋଜନ କରି ସାରିଥିଲେ । ଅକ୍ଷୟପାତ୍ର ଶୂନ୍ୟ ଥିଲା । ଯୁଧିଷ୍ଠିର ଋଷିଙ୍କ କ୍ରୋଧାନଳରୁ ବର୍ତ୍ତିବା ବିଷୟ ଚିନ୍ତା କରୁଥିଲେ । ସ୍ୱାମୀଙ୍କୁ ଚିନ୍ତାଶୀଳ ଥିବାର ଦେଖି ଦ୍ରୌପଦୀ ମନେ ମନେ ଶ୍ରୀକୃଷ୍ଣଙ୍କୁ ସ୍ମରଣ କଲେ । ଅନ୍ତର୍ଯାମୀ ଶ୍ରୀକୃଷ୍ଣ ପାଣ୍ଡବଙ୍କ କୁଟୀରରେ ପହଞ୍ଚିଲେ । ସମସ୍ୟା ବିଷୟରେ ଅବଗତ ହୋଇ ସେ ଅକ୍ଷୟପାତ୍ରକୁ ନିରେଖି ଦେଖିଲେ । ପାତ୍ରର ଗୋଟିଏ ପାଖକୁ ଶାଗପତ୍ରଟିଏ ଲାଗି ରହିଥିଲା । ତାକୁ ସେ ପାଟିରେ ପକାଇ ତୃପ୍ତିରେ ହାକୁଟି ମାରିଲେ । ତା'ପରେ କହିଲେ – 'ସଚରାଚର ଆତ୍ମାସ୍ୱରୂପ ଭଗବାନ୍, ଏଥିରେ ପରମ ତୃପ୍ତି ଲାଭ କରନ୍ତୁ ।' ସତକୁ ସତ ସେ ଶାଗପତ୍ରରେ ସମଗ୍ର ବିଶ୍ୱ ପରମ ତୃପ୍ତି ଲାଭ କଲା । ଦୁର୍ବାସା ଓ ଶିଷ୍ୟଗଣ ଆକଣ୍ଠ ଭୋଜନ କରିଥିବା ଭଳି ଅନୁଭବ କଲେ । ସେମାନଙ୍କ ଭିତରେ ଲେଶମାତ୍ର ଭୋକ ବା ଶୋଷ ରହିଲା ନାହିଁ । ସେମାନେ ପାଣ୍ଡବଙ୍କ ପ୍ରତି ସନ୍ତୋଷ ପ୍ରକାଶ କରି ଦୂରକୁ ଚାଲିଗଲେ ।

ମହାଭାରତ ସମରକ୍ଷେତ୍ର । ଦୁଇ ପାର୍ଶ୍ୱରେ ଯୁଦ୍ଧ ପାଇଁ ପ୍ରସ୍ତୁତ ବାହିନୀ । ହଠାତ୍ ଯୁଧିଷ୍ଠିର ରଥ ଉପରେ ଅସ୍ତ୍ରଶସ୍ତ୍ର ରଖି ଚାଲି ଚାଲି କୌରବ ସେନା ଆଡ଼କୁ ବଢ଼ିଲେ । ତାଙ୍କୁ ଆଗକୁ ଯିବାର ଦେଖି ଅନ୍ୟ ଭାଇମାନେ ଓ ଶ୍ରୀକୃଷ୍ଣ କିଛି ବୁଝି ନପାରି ତାଙ୍କୁ ଅନୁସରଣ କଲେ । ଭାଇମାନେ ତାଙ୍କୁ ସେପରି କରିବାର କାରଣ ପଚାରିଲେ । ମାତ୍ର ସେ ନିରୁତ୍ତର ରହିଲେ । କୌରବ ଯୋଦ୍ଧାମାନେ ଏହାକୁ ଆତ୍ମସମର୍ପଣ ଭାବିନେଇ ତାସଲ୍ୟ କରିବାକୁ ଆରମ୍ଭ କଲେ । ଯୁଧିଷ୍ଠିର ସ୍ଥିର ଓ ଅବିଚଳିତ ଭାବରେ ପିତାମହ ଭୀଷ୍ମଙ୍କ ନିକଟରେ ପହଞ୍ଚିଲେ । ତାଙ୍କର ପାଦ ଛୁଇଁ ଆଶୀର୍ବାଦ ଭିକ୍ଷା କଲେ ଓ ଯୁଦ୍ଧ ପାଇଁ ଅନୁମତି ଲୋଡ଼ିଲେ । କୌରବ ବାହିନୀରେ ଥିଲେ ବି ତାଙ୍କ ହୃଦୟ ପାଣ୍ଡବଙ୍କ ସହ ରହୁ ବୋଲି ପ୍ରାର୍ଥନା କଲେ । ତା'ପରେ ପାଣ୍ଡବ ଭାଇମାନେ ଗୁରୁ ଦ୍ରୋଣାଚାର୍ଯ୍ୟ, କୃପାଚାର୍ଯ୍ୟ ଓ ଶଲ୍ୟଙ୍କ ଠାରୁ ଆଶୀର୍ବାଦ ଭିକ୍ଷା କଲେ । ଯୁଧିଷ୍ଠିରଙ୍କର ଭକ୍ତି ଓ ସମ୍ମାନବୋଧ ଅନ୍ତିମରେ ତାଙ୍କୁ ବିଜୟମଣ୍ଡିତ କରିଥିଲା । ଜଣେ ବି ପାଣ୍ଡବ ଭାଇ ମୃତ ହୋଇ ନଥିଲେ । ଅନ୍ୟ ପକ୍ଷରେ ଜଣେ ବି କୌରବ ଭାଇ ଜୀବିତ ରହିଲେ ନାହିଁ ।

ବିଜୟଧ୍ୱଜା ଉଡ଼ାଇ ପାଣ୍ଡବମାନେ ଶିବିରରେ ପହଞ୍ଚିଲେ । ଭଗବାନ୍ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ଧନୁ ଓ ତୂଣୀର ସହ ରଥରୁ ଓହ୍ଲାଇଯିବାକୁ ନୀରବ ଇଙ୍ଗିତ ଦେଲେ । ତା'ପରେ ସେ ନିଜେ ଓହ୍ଲାଇଲେ । ସେ ଓହ୍ଲାଇବା କ୍ଷଣି ଧ୍ୱଜାରେ ବସିଥିବା କପି ଆକାଶରେ ଅଦୃଶ୍ୟ ହୋଇଗଲା । ଅଶ୍ୱମାନଙ୍କ ସହ ଦିବ୍ୟ ରଥଟି ଜଳିଗଲା । ସମସ୍ତେ ଆଶ୍ଚର୍ଯ୍ୟ ହୋଇ ଶ୍ରୀକୃଷ୍ଣଙ୍କ ଆଡ଼କୁ ଚାହିଁ ରହିଲେ । ଶ୍ରୀକୃଷ୍ଣ ଯୁଧିଷ୍ଠିରଙ୍କୁ କହିଲେ – 'କର୍ଣ୍ଣ ଓ ଦ୍ରୋଣଙ୍କ ଦିବ୍ୟାସ୍ତ୍ରର ପ୍ରୟୋଗରେ ଏ ରଥ ଆଗରୁ ଜଳି ସାରିଥିଲା । କେବଳ ମୋର ସଂକଳ୍ପ ବଳରେ ଅବଶିଷ୍ଟ କାର୍ଯ୍ୟ ସରିବା ଯାଏ ଏହା ତିଷ୍ଠି ରହିଥିଲା । ଆପଣ ମୋତେ ସର୍ବଦା ଅର୍ଜୁନଙ୍କୁ ନିରାପଦରେ ରଖିବା କଥା କହିଥିଲେ । ଆପଣଙ୍କ ଭାଇମାନେ ସୁରକ୍ଷିତ ଅଛନ୍ତି ।'' ଯୁଧିଷ୍ଠିରଙ୍କ ଚକ୍ଷୁରେ କୃତଜ୍ଞତାର ଅଶ୍ରୁ । ସେ କହିଲେ, ''ବାସୁଦେବ, ଏ ବିଜୟ ତୁମର । ବେଦବ୍ୟାସ କହିଛନ୍ତି – ଯେଉଁଠି ଧର୍ମ, ସେଇଠି ଶ୍ରୀକୃଷ୍ଣ ଏବଂ ଯେଉଁଠି ଶ୍ରୀକୃଷ୍ଣ, ସେଇଠି ବିଜୟ ।''

ଦିବ୍ୟଜନନୀ ଶ୍ରୀମାଙ୍କ ଭାଷାରେ, "Truth is stronger than falsehood. There is an immortal Power that governs the world. Its decisions always prevail. Join with it and you are sure of the final victory."

(MCW, Vol. 14, p. 195)

ଅର୍ଥାତ୍, ''ସତ୍ୟ ମିଥ୍ୟା ଠାରୁ ଅଧିକ ଶକ୍ତିଶାଳୀ । ଏକ ଅବିନାଶୀ ପରମ ଶକ୍ତିହିଁ ଏହି ଜଗତର ପରିଚାଳନା କରୁଅଛି । ତାହାରି ନିଷ୍ପତ୍ତିହିଁ ସବୁବେଳେ କାଏମ୍ ହୋଇ ରହିଛି । ତୁମେ ତାହାରି ସହିତ ଆସି ଯୋଗଦିଅ, ଏବଂ ତୁମେ ଶେଷରେ ନିଶ୍ଚୟ ବିଜୟଲାଭ କରିବ ।'' ❑

# ବିପଦ ଓ ସମ୍ପଦର ସଂଜ୍ଞା

ମିଚିଗାନ ସହରରେ ଘଟିଥିବା ଏକ ମରମ ଛୁଆଁ କାହାଣୀ । ଶୀତ ଋତୁ ଆଗତ ପ୍ରାୟ । ସୂର୍ଯ୍ୟ କିରଣ ଉତ୍ତାପ ଭିତରେ ଶୀତଳତାର ସ୍ପର୍ଶ । ବେଶ୍ ଆମୋଦପ୍ରିୟ କୌତୁକିଆ ଚଢ଼େଇଟିଏ କିନ୍ତୁ ଖେଳି ବୁଲୁଥାଏ ଗହଳିଆ ବୁଦା ଓ ଛୋଟ ଜଙ୍ଗଲି ଇଲାକାରେ । ତା'ର ପସନ୍ଦ ଅନୁଯାୟୀ ପର୍ଯ୍ୟାପ୍ତ ଖାଦ୍ୟ ଓ ଖେଳିବା ପାଇଁ ସୁନ୍ଦର ପରିବେଶ ମିଳି ଯାଇଥାଏ ତାକୁ । ଅବଶ୍ୟ ଶୀତର ପ୍ରକୋପ ସହରରେ ସାମ୍ରାଜ୍ୟ ବିସ୍ତାର କରିବା ପୂର୍ବରୁ ତା'ର ଉଡ଼ି ଯିବାକୁ ଥିଲା ଦକ୍ଷିଣରେ ଥିବା ରାଜ୍ୟମାନଙ୍କ ଦିଗରେ । ମାତ୍ର ଖୁସୀର ଉଡ଼ାଣ ଓ ଆପଣା ପସନ୍ଦର ଖେଳ ଭିତରେ ସେ ସେକଥା ପାସୋରି ଯାଇଛି । ହଠାତ୍ ସଚେତନ ହୋଇ ଆକାଶରେ ଡେଣା ମେଲି ଉଡ଼ିଯିବାକୁ ପ୍ରସ୍ତୁତ ହେଲା ବେଳେ ହିମ ଶିତଳ ପବନ ତା'ର ଶତ୍ରୁ ସାଜିଲା । ଡେଣା ଦୁଇଟି ତା'ର କାଲୁଆ ହୋଇଗଲେ ଓ ଅସହାୟ ଭାବରେ ଖସି ପଡ଼ିଲା ସେ ମାଟି ଉପରେ । ଶୀତ ଯେମିତି ତା'ର ସବୁ ଖୁସୀ ଚୋରି କରିନେଲା ।

ଏମିତି ନିସ୍ତେଜ ହୋଇ ହତାଶଭରା ହୃଦୟରେ ପଡ଼ିଥିବା ଅବସ୍ଥାରେ ପାଖରେ ବୁଲୁଥିବା ଗାଈଟିଏ ତା' ଉପରେ ମଳତ୍ୟାଗ କରିଦେଲା । ସେ ଖାଲି ଗୋବରରେ ଲଟପଟ ନୁହେଁ, ପୂରା ବୁଡ଼ି ଯାଇଛି ସେଥିରେ । କିନ୍ତୁ ବିଧିର ବିଧାନ ବିଚିତ୍ର ! ଏ ଅପ୍ରତ୍ୟାଶିତ ଘଟଣାଟି ସାଜିଲା ତା' ପାଇଁ ଆଶୀର୍ବାଦ – ଗୋବରର ଉଷ୍ମତା ଧୀରେ ଧୀରେ ତା' ଭିତରକୁ ସଞ୍ଚରି ଗଲା । ସେ ପୁଣି ସ୍ୱଭାବସୁଲଭ ରୀତିରେ ଡେଣା ମେଲାଇ ଉଡ଼ିବାର ପ୍ରବଣତା ଅନୁଭବ କଲା । କିନ୍ତୁ ଗୋବର ଆଡ଼େଇ ବାହାରକୁ ବାହାରିବା ସାମର୍ଥ୍ୟ ତା'ର କାହିଁ ! ଅବଶ୍ୟ ସେହି ଅସହାୟ ଅବସ୍ଥାରେ ବି ସେ କିଚିରି ମିଚିରି ଶବ୍ଦ କରି ଡେଣା ମେଲିବାର ପ୍ରୟାସ ଜାରି ରଖିଥାଏ – ବାହାରକୁ ବାହାରି ଆସିବାକୁ ସେ ବ୍ୟଗ୍ର ।

ଅଦୂରରେ ଘୂରିବୁଲୁ ଥାଏ ଅସନ୍ତୁଷ୍ଟ ଭୂଆଁ ବିଲେଇଟିଏ । ସକାଳ ପହରୁ ତା'ର କିଛି କରିବାକୁ ନାହିଁ । ଅବଶ୍ୟ କାମ ତ ତା'ର ଦୁଇଟା – ଖାଇବା ଓ ଅଳସ ଭାଙ୍ଗି ଶୋଇ ରହିବା । ହଠାତ୍ କିଛି ଗୋଟାଏ ଶବ୍ଦର ଆକର୍ଷଣରେ ସେ ଗୋବର ଗଦା ନିକଟକୁ ଆସିଲା । କାନପାତି ଶୁଣିଲା ଛୋଟ ଚଢ଼େଇଟିର କିଚିରି ମିଚିରି ସ୍ୱର । କାଳବିଳମ୍ବ ନକରି ସେ ଧାଇଁ ଆସିଲା ସେ ଛୋଟିଆ ଗୋବର ଗଦା ପାଖକୁ । ତା'ର ଧାରୁଆ ନଖରେ ଗୋବର ଗଦାକୁ ଆଡ଼େଇ ଆବିଷ୍କାର କଲା ସେଇ କୌତୁକିଆ ଛୋଟ ଚଢ଼େଇଟିକୁ ଓ ସାମାନ୍ୟ କୁଣ୍ଠାବୋଧ ନକରି ତତ୍କ୍ଷଣାତ୍ ତାକୁ ଦିବାହାର କରି ପରମ ତୃପ୍ତିରେ ଫେରିଗଲା ତା'ର ନିର୍ବାଚିତ ବିଶ୍ରାମସ୍ଥଳୀକୁ ।

ଉପରୋକ୍ତ କାହାଣୀଟିର ଉପସଂହାରରେ ସଦ୍‌ଗୁରୁ ତାଙ୍କର ଯେଉଁ ମତାମତ ଦେଇଛନ୍ତି ତା'ର ଭାବାର୍ଥ ଏହିପରି :

ଯିଏ ତୁମ ଉପରେ ଅସ୍ୱସ୍ତିର ଗୋବର ଗଦେଇ ଦିଏ, ସିଏ ସବୁବେଳେ ତୁମର ଅମଙ୍ଗଳ ସାଧନ କରି ନଥାଏ । ଆଉ ଯିଏ ତୁମକୁ ବିପତ୍ତିର ଗୋବର ଭିତରୁ ଉଦ୍ଧାର କରିବାକୁ ସ୍ୱଇଚ୍ଛାରେ ଆଗେଇ ଆସେ, ସେ ମଧ୍ୟ ସବୁ ସମୟରେ ତୁମର ଶୁଭେଚ୍ଛୁ ମିତ୍ରଟିଏ ହୋଇ ନଥାଏ ।

ତେବେ ଏସବୁର ଊର୍ଦ୍ଧ୍ୱରେ ସବୁଠାରୁ ବେଶୀ ବିପଦ ଡାକି ଆଣିଲା ଚଢ଼େଇର ଅସହାୟ କିଚିରି ମିଚିରି ଶବ୍ଦ । ଏଥିରୁ ଅନୁଭବ କରି ହେଉଛି, ବିପଦ ବା ଅସୁବିଧା ସମୟରେ ଅଯଥା ଅଧୈର୍ଯ୍ୟ ହୋଇ ସେସମ୍ପର୍କରେ ସବୁଆଡ଼େ ବ୍ୟସ୍ତ ବିବ୍ରତ ହୋଇ ଗପି ବୁଲିବା ଅପେକ୍ଷା ଅନ୍ତର୍ମୁଖୀ ହୋଇ ତା'ର ସମାଧାନ ପାଇଁ ପଥଟିଏ ସଂଧାନ କରିବାରେ ଏକାଗ୍ର ହେବା ଅଧିକ ଶ୍ରେୟଃ ।

ନିଜ ଭିତରେ ବଞ୍ଚି ରହିବାରେ ରହିଛି ବାସ୍ତବ ସାର୍ଥକତା ।

(ଉତ୍ସ : ଇଣ୍ଟରନେଟ୍) ❑

# ପରାସ୍ତ ଅନ୍ଧାର

## ହୃଷୀକେଶ ପଣ୍ଡା

ଅନ୍ଧାର ଘଷି ହେଉଥିଲା
ପୋଷା ବିଲେଇଟେ ପରି
ଡାକୁଥିଲା ନରମ ସ୍ୱରରେ ମୋତେ
ଅନ୍ତରଙ୍ଗ ବନ୍ଧୁଟିଏ ପରି,
ଆ' ଚାଲିଆ ମୋ ସାଥିରେ
ଜାଣିଛି ତୋ'ର ଇପ୍ସିତ ପଥ
ପହଞ୍ଚାଇ ଦେବି ଠିକଣା ଜାଗାରେ
ଯେବେ ତୁ ବସିବୁ ମୋ ସହ ମିତ।

ହାତ ବଢ଼ାଇ ଦେଲି ବିଶ୍ୱାସରେ
ନେଇଗଲା ମୋତେ ସିଏ
କେଉଁ ଏକ ଅରମା ବାଟରେ,
ଯେଉଁଠି ପ୍ରତି ପଦକ୍ଷେପରେ କଣ୍ଟାର ଛାଟ
ଲହୁ ଲୁହାଣ ହେଉଥିଲା ସମଗ୍ର ଅସ୍ତିତ୍ୱ।

ବଞ୍ଚିବାର ଦଉଡ଼ରେ ଭୁଲିଗଲି
ସବୁ ପ୍ରଶ୍ନର ଉତ୍ତର
ଶିଖୁଥିବା ପଣକିଆ
ନୀତିବାଣୀ ଅନ୍ତର ଆତ୍ମାର।

ସନ୍ଦେହର ଦୋଛକିରେ
ମୁହଁ ମାଡ଼ି ପଡ଼ିଥିବା ବେଳେ



ଶୁଣାଗଲା ଅନ୍ଧାରର ଅଟ୍ଟହାସ୍ୟ
ଏଇଠି ତୋ' ଜୀବନର ଶେଷ।

ଅସହାୟ ଅନ୍ତରାତ୍ମା ବିଳପି ଉଠିଲା
ମା' ମା' ବୋଲି ଖାଲି ଚିତ୍କାର ସେ କଲା
ଅନ୍ତର୍ଭେଦୀ ବାଣୀ ଏକ ଅକସ୍ମାତ୍ ଆସି
ସବୁକିଛି ଓଲଟାଇ ଦେଲା –

ଏଇ ନେ ! ଭୟ ନ କରି ବାନ୍ଧିଦେ ଶିରସ୍ତ୍ରାଣ
ନିଜ ସଂକଳ୍ପରେ ଭିଜିଥିବା ପଟି
ମୋ ପଣତ କାନିରେ ଅଜାଡ଼ି ଦେ
ଯେତେ ସବୁ ସାଇତା କୋହ
ଉତାରି ଦେ କାଳିମାର ସମସ୍ତ ଘୋଡ଼ଣି
ବିଶ୍ୱାସ ବୀଣାରେ ତୋ'ର
ସ୍ୱର ତୋଳୁ ସୃଜନର ନୂତନ ରାଗିଣୀ।

ଅନ୍ଧାରର ବୁକୁ ଚିରି ଆସିଯିବ
ଆଲୋକର ଧାରଟିଏ ସିଧା ସମ୍ମୁଖକୁ
ନରକର ଦ୍ୱାର ଦେଇ ଯାଇଥିବା
ଚେତନାର ଊର୍ଦ୍ଧ୍ୱଗାମୀ ଗତି
ସୁରକ୍ଷା କବଚ ସାଜି ଜଗିଥିବି ମୁହିଁ
ଦେଇଅଛି ସମସ୍ତଙ୍କୁ ଏଇ ପ୍ରତିଶ୍ରୁତି। ❑

ଠିକ୍ ସେତିକିବେଳେ ଯେତେବେଳେ ସବୁକିଛି ଖରାପରୁ ଅଧିକ ଖରାପ ଦିଗକୁ ଗଲା ଭଳି ମନେହୁଏ, ସେତିକିବେଳେହିଁ ଏକ ଚୂଡ଼ାନ୍ତ ବିଶ୍ୱାସ ଆମ କର୍ମଧାରା ହେବା ଆବଶ୍ୟକ ଏବଂ ଆମେ ଜାଣି ରଖିବା ଯେ ଦିବ୍ୟ କରୁଣା ଆମକୁ କେବେ ବି ହତାଶ କରିବ ନାହିଁ।

— ଶ୍ରୀମା

ଚେତନାର ଦିଗ୍‌ବଳୟ :

# ଯୁବ ମାତାପିତାଙ୍କୁ ନିବେଦନ
# ଦୈନିକ ଶୈଶବକୁ ଫେରିଚାଲନ୍ତୁ ମୁହୂର୍ତ୍ତ କେତୋଟି ପାଇଁ

ଆମ ନିଜ ଭିତରର ଅବହେଳିତ ଶିଶୁ ସତ୍ତାକୁ ସଞ୍ଜୀବିତ କରିବା ଆସନ୍ତୁ ।

ଗତ ଶତାବ୍ଦୀର ଷଷ୍ଠ-ସପ୍ତମ ଦଶକରେ ମୁମ୍ବାଇରେ ମଉଜିଆ କଥାଟାଏ ସୁଧୀ ମହଲରେ ଚର୍ଚ୍ଚିତ ହେଉଥାଏ : ଜଣେ ଥିଲେ ଯୁବ ଶିଳ୍ପପତି । ତାଙ୍କର ଟିକି ପୁଅଟାଏ । ଭଦ୍ରଲୋକ ତାଙ୍କ ବ୍ୟବସାୟିକ ଉଦ୍‌ଯୋଗ ଏବଂ ପିତୃସୁଲଭ ଦାୟିତ୍ୱ ଭିତରେ ସଂହତି ବିଧାନ ଦିଗରେ ଥିଲେ ଏକାନ୍ତ ସତର୍କ । ଅପରାହ୍ଣ ପାଞ୍ଚଟା ପରେ ସେ ନିଶ୍ଚୟ ଆପଣା କାର୍ଯ୍ୟାଳୟରୁ ଘରକୁ ଫେରିବେ, ନିହାତି ଅଲଙ୍ଘ୍ୟ ହେତୁ କିଛି ନଥିଲେ ।

ଏବଂ ପ୍ରତ୍ୟାବର୍ତ୍ତନ ମାତ୍ରେ କପେ ଚାହା ପିଇବା ସଙ୍ଗେ ସଙ୍ଗେ ପୁଅ ସହ ଗପସପ ହେବାରେ, ଖେଳିବାରେ, ପୁଅର ଅଭିଜ୍ଞତା ଶୁଣିବାରେ ଦୁଇ ଘଣ୍ଟା ସମୟ ଦେବା ଥିଲା ତାଙ୍କର ଧର୍ମାଚରଣତୁଲ୍ୟ ଶୃଙ୍ଖଳା । ପୁଅ ମଧ୍ୟ ଆଗ୍ରହରେ ବାପାଙ୍କୁ ଅପେକ୍ଷା କରୁଥାଏ ।

''ଆଜି ସ୍କୁଲରେ କ'ଣ ଶିଖିଲୁ, କ'ଣ ନୂଆ କଥା ଶୁଣିଲୁ, କହ ।'' ଦିନେ ଆବ୍‌ଦାର କଲେ ବାପା ।

''ଆଜି ଅପା ଆମକୁ 'ରାମାୟଣ' ବୋଲି ଗୋଟାଏ ବଢ଼ିଆ ନୂଆ ଗପ କହିଲେ'' — ଉତ୍ସାହଭରେ ଉତ୍ତର ଦେଲା ପୁଅ ।

''ସତେ ? ମୋତେ ଥରେ ଶୁଣାଇ ଦେ' '' — ବାପା ଅଳି କଲେ ।

କିନ୍ତୁ ପୁଅର ମୁହଁଭାବରୁ ଧାରଣା ହେଲା, ସେ ଯେମିତି ହଠାତ୍ ଗୋଟାଏ ସଙ୍କଟରେ ପଡ଼ିଯାଇଛି । ମୁହୂର୍ତ୍ତକ ପରେ ସେ କହିଲା, ''ବାପା, ତୁମେ ବରଂ କିଛି କୁହ । ସେ ଗପ ସେମିତି କିଛି ନୁହେଁ !'' ବିସ୍ମିତ ବାପା କିନ୍ତୁ ପୁଅଠାରୁ ଶୁଣିବାକୁ ଜିଗର କରନ୍ତେ ଅଳ୍ପ ସମୟ ଚିନ୍ତା କରି ପୁଅ କହିଲା, ''ନାୟକ-ନାୟିକା ପିକ୍‌ନିକ୍ କରିବା ନିମନ୍ତେ ଯାଇଥା'ନ୍ତି ଗୋଟାଏ ବଣକୁ । ତୁମେ ଏବେ ଯେମିତି ଦାମିକା କାର୍ କିଣିଛ, ହଠାତ୍ ଖଳନାୟକ ଆସି ନାୟିକାକୁ ସେମିତି ଏକ କାର୍ ଭିତରକୁ ଘୋଷାରି ନେଇ ପଳାଇଗଲା । ନାୟକ ବିଚରା କୌଣସି ମତେ ତା' ବନ୍ଧୁମାନଙ୍କୁ ଖବର ପଠାଇଲା । ସେମାନେ ଦଳବଳ ନେଇ ଆସିଲେ । ଖଳନାୟକର ବଙ୍ଗଳା ଉପରେ ଚଢ଼ଉ କରି ସେମାନେ ନାୟିକାକୁ ମୁକ୍ତ କଲେ ।''

ସ୍ତମ୍ଭୀଭୂତ ବାପା ଆତ୍ମ-ସମ୍ବରଣ କରି ପଚାରିଲେ, ''କ'ଣ ହେଲା ! ତୁମ ଶିକ୍ଷୟିତ୍ରୀ ରାମାୟଣ ନାମରେ ଏହି ଗଳ୍ପ କହିଲେ ?''

ଟିକି ପୁଅ ହସିଦେଇ ଉତ୍ତର ଦେଲା, ''ବାପା, ଆମ ଅପା ଯାହା କହିଲେ ତାହା ଚମତ୍କାର; କିନ୍ତୁ ତୁମେ ସେ କାହାଣୀରେ ପରତେ ଯିବ ନାହିଁ, ଥଟ୍ଟାରେ ଉଡ଼େଇ ଦେବ ।''

ଅର୍ଥାତ୍, ପୁଅକୁ ରାମାୟଣର ମୋଟାମୋଟି ମୂଳ କାହାଣୀ ମୁଗ୍ଧ କରିଛି; କିନ୍ତୁ ତା'ର ଆଧୁନିକ ବସ୍ତୁବାଦୀ ବାପା ସେ କାହାଣୀ ତାରିଫ କରିବା ଭଳି ସଂବେଦନଶୀଳତା କାଳେ ହରାଇ ପକାଇଥିବ, ତେଣୁ ପୁଅ କାହଣୀକୁ ସମ୍ପାଦିତ କରି ବାପା ବୁଝିଲା ଭଳି ଭାଷାରେ କହିଛି ।

କିନ୍ତୁ ବାପା ଭିତରେ ବି ଶାଶ୍ୱତ ଶିଶୁ ଜିଇ ରହିଛି; ଜିଇ ରହିଛି ବୋଲି ସେ ସୁପୁତ୍ର-ପ୍ରଦତ୍ତ ବିବରଣୀ ଶୁଣି ଚମକି ଉଠିଛି । ତେଣେ ପୁଅ କାହାଣୀକୁ ଏଡ଼େ ଭଲପାଇଛି ଯେ ବାପା କୌଣସି ପ୍ରକାର ବିରୂପ ବା ବିଦ୍ରୁପାତ୍ମକ ମନ୍ତବ୍ୟ ଦେବା ସେ ଚାହେଁନା ।

ଅନେକେ ମନେ କରନ୍ତି, ପ୍ରାଚୀନ ପୌରାଣିକ ବା କିମ୍ବଦନ୍ତୀ-ଭିତ୍ତିକ କାହାଣୀ ଆଜିର ଶିଶୁ ସକାଶେ ନିରର୍ଥକ । ବିଜ୍ଞାନ, ବୈଷୟିକ ବିଜ୍ଞାନ, ଏହି ବିଷୟ ସମୂହ ଉପରେ ସେ ଯେତେ ଜ୍ଞାନ ଅର୍ଜନ କରିପାରିବ ସେତେ ମଙ୍ଗଳ । ଏହି ଜାତୀୟ ବିଷୟ ସମୂହକୁ କିଏ କେତେ ଦୂର ଆୟତ୍ତ କରିପାରୁଛି ତହିଁ ଉପରେ ପ୍ରତିଯୋଗିତାକୁ ପ୍ରାଧାନ୍ୟ ଦେଇ ସେହି ଆଭିମୁଖ୍ୟରେ ନିଜ ନିଜ ସନ୍ତାନମାନଙ୍କୁ ଉତ୍ସାହ ଦେବାକୁ ଯାଇ, ପୁରସ୍କାର (ପ୍ରକୃତରେ ନିଜର ଅଭିଳାଷ ପିଲାଟି ଉପରେ ଲଦିଦେବା ବାବଦରେ ଲାଞ୍ଚ) ନାମରେ ନାନାଦି ଗ୍ୟାଜେଟ୍ ଧରାଇଦେଇ ଅଭିଭାବକମାନେ ଉତ୍ତରାଧିକାରୀମାନଙ୍କର କେଡ଼େ ଭୟାବହ କ୍ଷତି କରିଚାଲିଛନ୍ତି ତା'ର କିଞ୍ଚିତ୍ ଆକଳନ କରାଯାଉ ।

'Association of Adolescent and Childcare in India' ପ୍ରକାଶିତ ଏକ ସମୀକ୍ଷା ଅନୁସାରେ ପୂର୍ବେ ଦୁଇଜଣ ପିଲାଙ୍କ ଭିତରେ ବିବାଦ ହେଲେ ସେମାନେ ପରସ୍ପର ମୁଥ ମରାମରି, ଆମ୍ପୁଡ଼ା-ରାମ୍ପୁଡ଼ା ବା ସେହି ସ୍ତରର ଆଦାନ-ପ୍ରଦାନରେ ନିଜ ନିଜ କ୍ରୋଧକୁ ସୀମାବଦ୍ଧ ରଖୁଥିଲେ । ଆଜିକାଲି ତାହା ଭୀଷଣ ହିଂସାଚାର ଏବଂ ବହୁ କ୍ଷେତ୍ରରେ ହତ୍ୟାରେ ପର୍ଯ୍ୟବସିତ ହେଉଛି । ଏହାର କାରଣ ସେମାନଙ୍କର ସ୍ୱାଭାବିକ ବିଶ୍ରାମ, ଖେଳାଧୂଳା ଇତ୍ୟାଦିରୁ ସେମାନଙ୍କୁ ଛଡ଼ାଇ ଆଣି ପ୍ରତିଯୋଗିତା ନିମନ୍ତେ ପ୍ରସ୍ତୁତ ହେବାକୁ ବାଧ କରାଯାଉଛି । ସଂକ୍ଷେପରେ ସେ ବିଶଦ ସମୀକ୍ଷାର ଏହାହିଁ ମର୍ମକଥା ।

ଆଜିର ଶିଶୁ ସକାଶେ ପୌରାଣିକ କାହାଣୀ, ପରୀ କାହାଣୀ ଇତ୍ୟାଦି ପଢ଼ିବାର ସୁଯୋଗ କ୍ରମାଗତ ଭାବରେ ସଙ୍କୁଚିତ ହୋଇ ଆସୁଛି । ଖୁବ୍ ବେଶୀ ହେଲେ ସେମାନେ ସେସବୁର ରେଖାଚିତ୍ରଭିତ୍ତିକ ଆଭାସ ମାତ୍ର ପାଉଛନ୍ତି – ଯାହାର ପ୍ରଭାବ ନଗଣ୍ୟ ।

ଏଠାରେ କଳ୍ପନା ଶକ୍ତି ଉପରେ ପ୍ରଭାବ କଥା କୁହାଯାଉଛି । ଆମ ଅବଚେତନରେ ନିହିତ ରହିଛି ସୁପ୍ରାଚୀନ ମଣିଷର କଳ୍ପନା ପ୍ରବଣତାର ଶକ୍ତି । ସେ କଳ୍ପନା-ପ୍ରସୂତ ଚିତ୍ର, ପରିସ୍ଥିତି, ଚରିତ୍ର, ଦୁଃସାହସିକ ଅଭିଯାନ ଇତ୍ୟାଦି ଆଜି ଯେତେ ଉଦ୍ଭଟ ମନେ ହେଉନା କାହିଁକି, ସେସବୁର ଉତ୍ସ ହେଲା ମାନବ କଳ୍ପନାର ପ୍ରାଗୈତିହାସିକ ଜାଗୃତି । ସେସବୁ କାହାଣୀ ପାଠ ମାଧ୍ୟମରେ ସେହି ଜାଗୃତି, ସେହି ମୌଳିକ ଶକ୍ତି ସହ ବାଳକ-ବାଳିକାମାନଙ୍କର ସଂପର୍କ ସ୍ଥାପିତ ହେବା ଫଳରେ ସେମାନଙ୍କ କଳ୍ପନା ପ୍ରବଣତା ଅନୁଭବ କରେ ଉଦ୍ଦାମ ଉଡ୍ଡୟନର ଶିହରଣ । ପୁଣି ସେସବୁ କାହାଣୀରୁ ଅଧିକାଂଶ ନିରୀହତା ଓ ଶୁଭେଚ୍ଛାମୂଳକ ପ୍ରବେଗ-ସ୍ପନ୍ଦିତ ।

ଆଜିର ବାଳକ-ବାଳିକାମାନେ ସେଭଳି ଶିହରଣରୁ ବଞ୍ଚିତ – ଯେମିତି ସେମାନେ ଆଜି ବଞ୍ଚିତ ସେମାନଙ୍କ ପାଇଁ ପ୍ରକୃତିର ଅନବଦ୍ୟ ଅବଦାନ ନାନାବିଧ କୋଳିର ସ୍ୱାଦରୁ । ଟଫି ଓ ଚକୋଲେଟ୍ କୋଳିର ବିକଳ୍ପ ହୋଇପାରେନା । କୋଳି ପ୍ରକୃତିମାତାର ନୈସର୍ଗିକ ସ୍ନେହ-ସଂଜାତ ନିମନ୍ତ୍ରଣ; ଟଫି ଓ ଚକୋଲେଟ୍ ମଣିଷର ବେପାର ସ୍ପୃହା-ଉତ୍ପାଦିତ ପ୍ରଲୋଭନ ।

ଅନେକେ ମନେ କରନ୍ତି ଗୋଟାଏ କ୍ଲାସିକ୍ ବହିର ସିନେମା ରୂପ ଦେଖିଦେବା ସେ ବହିଟି ପଢ଼ିବାଠାରୁ ଶ୍ରେୟସ୍କର । ଏ ତତ୍ତ୍ୱ ଆଧାର କରି ପ୍ରାପ୍ତବୟସ୍କମାନେ ଆତ୍ମ-ସନ୍ତୋଷ ଲାଭ କଲେ କରନ୍ତୁ; କିନ୍ତୁ ଶିଶୁ ଓ ବାଳକ-ବାଳିକାଙ୍କ ଉପରେ ତାହାର ପ୍ରୟୋଗ ନକଲେ ମଙ୍ଗଳ । ଯେକୌଣସି କ୍ଲାସିକ୍ ସିନେମା ରୂପର ନିଜସ୍ୱ ମର୍ଯ୍ୟାଦା ରହିଛି । କିନ୍ତୁ ଶିଶୁ ବା କିଶୋର ସକାଶେ ସିନେମାଟି ଦେଖିଦେବା ବହିଟି ପଢ଼ିବାର ବିକଳ୍ପ ହୋଇ ପାରେନା । ଗୋଟାଏ ବିଶିଷ୍ଟ ଉପନ୍ୟାସ ବା ନାଟକର ସିନେମା ରୂପର ପ୍ରସ୍ତୁତି ପଛରେ ଥାଏ ତା'ର ନିର୍ଦ୍ଦେଶକ, ତା'ର ଚିତ୍ରନାଟ୍ୟ ଲେଖକ, ତା'ର ଫଟୋଗ୍ରାଫର୍ ତଥା ଅଭିନେତା-ଅଭିନେତ୍ରୀମାନଙ୍କର ବୋଧଶକ୍ତି ଓ କୌଶଳର ଏକ ହାରାହାରି ଫଳ । ଗୋଟାଏ ମାମୁଲି ଗଳ୍ପକୁ ସେ ସମବେତ ପ୍ରଚେଷ୍ଟା ଅଧିକ ପ୍ରାଣବନ୍ତ କରିପାରେ; କାରଣ ମାମୁଲି ଗଳ୍ପଟିଏ ପଛରେ ସୃଜନାତ୍ମକ ପ୍ରେରଣା ନଥାଏ । କିନ୍ତୁ ଏକ ସୁସାହିତ୍ୟ, ଏକ କ୍ଲାସିକ୍ ପଢ଼ିଲା ଅବସରରେ ପାଠକର ଯୋଗାଯୋଗ, ଆଦାନ-ପ୍ରଦାନ ଘଟୁଥାଏ ସିଧାସଳଖ ଲେଖକର ପ୍ରେରଣା ସହିତ । ଜଣେ କିଶୋର ସେକ୍ସପିଅର୍‌ଙ୍କର 'The Tempest' ପଢ଼ିଲା ବେଳେ ସେଥିରେ ବର୍ଣ୍ଣିତ ଝଡ଼ ତା' ନିଜ କଳ୍ପନାକୁ ସକ୍ରିୟ କରିବ, ନିଜ କଳ୍ପନା ଯୋଗେ ପାଠକ ପ୍ରସ୍ତୁତ କରିବ ନାୟିକା ମିରାଣ୍ଡାର ଚପଳ, ଅତିଭୌତିକ ଚରିତ୍ର ଏରିଏଲ୍‌ର ବା ଅର୍ଦ୍ଧ-ଦାନବ କାଲିବାନ୍‌ର ମୁହଁ ବା ସମ୍ଭ୍ରାନ୍ତ ପ୍ରୋସ୍ପାରୋଙ୍କ ବ୍ୟକ୍ତିତ୍ୱ । ତାହା ଫଳରେ ସେ କିଶୋର ପାଠକର ସୃଜନୀ-କଳ୍ପନା ପ୍ରାଣବନ୍ତ ହୋଇଉଠିବ, ସେଭଳି କଳ୍ପନା ଯୋଗେ ତା'ର ମୌଳିକତା ବିକଶିତ ହେବ । ଗଳ୍ପଟିର ସିନେମା ରୂପ ଯେତେ ଚମତ୍କାର ହୋଇ ଥାଉନା କାହିଁକି, ତାହା ଆମ କଳ୍ପନାପ୍ରବଣତା ଉପରେ ଅନ୍ୟ କେତେଜଣଙ୍କ କଳ୍ପନା ଓ କୌଶଳର ଏକ ହାରାହାରି ସମାବେଶର ରୋପଣ ।

ବହିଟି ପଢ଼ିବା ପରେ ତରୁଣ ଜଣକ ଯଦି କହାଣୀଟିର ସିନେମା ରୂପ ଦେଖେ, ତେବେ ବରଂ ତା' ଭିତରେ ଥିବା ସମାଲୋଚନା ଶକ୍ତିର ବିକାଶ ଘଟିବ; ସେ ନିଜ ବ୍ୟକ୍ତିଗତ କଳ୍ପିତ ଦୃଶ୍ୟ ଓ ଚରିତ୍ରସବୁ ସହ ଗୋଟାଏ କୁଶଳୀ ଗୋଷ୍ଠୀ ଦ୍ୱାରା ପରିକଳ୍ପିତ ଓ ପରିବେଷିତ ଦୃଶ୍ୟ ଓ ଚରିତ୍ରସବୁର ତୁଳନା କରିପାରିବ । ଏହା ଜଣକର ଭାବନା ଶକ୍ତି ସକାଶେ ହିତକର । କିନ୍ତୁ ଏ ଲେଖକ ତା' ବକ୍ତବ୍ୟର ପୁନରାବୃତ୍ତି କରୁଛି : ଏକ ଉପନ୍ୟାସ ବା ନାଟକର ଚଳଚ୍ଚିତ୍ର ଦର୍ଶନ ବହିଟିର ନିରବ ପଠନର ବିକଳ୍ପ ହୋଇପାରେନା ।

ଏକ ନିର୍ଭରଯୋଗ୍ୟ ଗବେଷଣା ଦର୍ଶାଉଛି, ଆଜିର ବାଳକ-ବାଳିକାମାନେ ଚତୁର, କିନ୍ତୁ ସେମାନଙ୍କ ମୌଳିକ

ସୃଜନଶୀଳତା ହ୍ରାସପ୍ରାପ୍ତ । ଆଉ ଏକ ବିମର୍ଷକର ଲକ୍ଷଣ ହେଲା ସେମାନଙ୍କ ଭିତରୁ ସୂକ୍ଷ୍ମ ହାସ୍ୟରସବୋଧ ସ୍ତିମିତ ହୋଇଯାଉଛି । ପ୍ରତିଯୋଗିତାମୂଳକ ଯାନ୍ତ୍ରିକ ବାତାବରଣହିଁ ଏ ଶୋଚନୀୟ ପରିସ୍ଥିତି ସକାଶେ ଦାୟୀ । 'Sydney Morning Herald' ରେ ପ୍ରକାଶିତ ଏକ ଗବେଷଣାଲବ୍ଧ ତଥ୍ୟର କିୟଦଂଶ ଉପରେ ଦୃଷ୍ଟି ଦିଅନ୍ତୁ :

"Children addicted to using electronic devices may suffer from 'Internet-use-disorder', a newly discovered and serious mental illness. ... Psychologists argue video games and Internet addictions share the characteristics of other addicts, including emotional shut-down, lack of concentration and withdrawal symptoms if the gadgets are removed."

ଆଶା କରେ ଭାରତରେ ଏ ସମସ୍ୟା ଏ ଯାବତ୍ ଭୟାବହ ସ୍ତରକୁ ଆସି ନାହିଁ, କିନ୍ତୁ ଆଜିର ବିଶ୍ୱବ୍ୟାପ୍ତ ବାତାବରଣ ପ୍ରଭାବରେ ଆସିବାକୁ ବିଳମ୍ବ ନହୋଇପାରେ । ମାତାପିତାମାନେ ସଜାଗ ହେବା ଜରୁରୀ । ସେଦିଗରେ ଅନ୍ୟାନ୍ୟ ପନ୍ଥା ଭିତରେ ଗୋଟାଏ ପନ୍ଥାର ସାଫଲ୍ୟର ପ୍ରମାଣ ଏ ଲେଖକ ପାଇଛି । ପରାମର୍ଶଟି ଯଦି ଆପଣଙ୍କୁ ପିଲାଳିଆ ଶୁଭେ, ତେବେ ଏ ଲେଖକ ନାଚାର । ପରୀକ୍ଷା କରି ଦେଖନ୍ତୁ :

ଦୈନିକ କିଛି ସମୟ ଆପଣ ସ୍ୱୟଂ ନିଜ ଭିତରେ ଅବହେଳିତ ଶିଶୁ ଚେତନାକୁ ଜାଗରିତ କରନ୍ତୁ ଏବଂ ଆପଣଙ୍କ ଦାୟିତ୍ୱରେ ବିଧାତା ଛାଡ଼ିଥିବା ଶିଶୁ ସହ ସ୍ୱ-ନିର୍ବାଚିତ କାହାଣୀ ଓ କବିତା ଅଧ୍ୟୟନ କରନ୍ତୁ । ଆପଣଙ୍କ ଅନ୍ତର୍ନିହିତ ବିସ୍ମୃତ ଶିଶୁସତ୍ତା କିଛି ସମୟ ପାଇଁ ଆପଣଙ୍କ ଭିତରେ ସଞ୍ଜୀବିତ ହୋଇ ପାରିଲେ ଖାଲି ଆପଣଙ୍କ ଅନୁଗତ ଶିଶୁର ନୁହେଁ, ସ୍ୱୟଂ ଆପଣଙ୍କର ନିଜର ମଧ୍ୟ ପ୍ରଭୂତ ମଙ୍ଗଳ ହେବ । କେତୋଟି ମୁହୂର୍ତ୍ତ ସକାଶେ ଆପଣ ଆପଣଙ୍କର ପ୍ରାପ୍ତବୟସର ଜଞ୍ଜାଳମୟ ଧନ୍ଦାସବୁର ଦାବି ଭୁଲିଯିବାକୁ ପ୍ରୟାସ କରନ୍ତୁ । ଆପଣଙ୍କ ଶିଶୁ ସହିତ ଚାଲିଯା'ନ୍ତୁ ପଞ୍ଚତନ୍ତ୍ର ଯୁଗର ''ଗୋଦାବରୀ ତୀରବର୍ତ୍ତୀ ବିଶାଳ ଶାଲ୍ମଳି ତରୁ''ର ପରିବେଶକୁ । ହୁଏତ ଅନୁଭବ କରିବେ ଆପଣଙ୍କର ଦିବସବ୍ୟାପୀ ବ୍ୟସ୍ତ କର୍ମନିର୍ଘଣ୍ଟର ପଟଭୂମିରେ ଅନୁରଣିତ ରାଗ ହଂସଧ୍ୱନି-ସଞ୍ଚାରିତ ଭାବ ଭଳି ଜ୍ୟୋସ୍ନା-ପୁଲକିତ ନିର୍ଜନତା ଭିତରକୁ ଏକ ମନ୍ଦ୍ର ନିମନ୍ତ୍ରଣ । ସ୍ଥୂଳ କର୍ମଭାରର ବିରକ୍ତିଭାବକୁ ତାହା ପ୍ରଶମିତ କରିବ ।

**— ମନୋଜ ଦାସ** ❑

## ବିଶେଷ ସୂଚନା

ଯେଉଁମାନେ ଶ୍ରୀଅରବିନ୍ଦ ଆଶ୍ରମକୁ Online (Bank or Mobile) ମାଧ୍ୟମରେ ପ୍ରଣାମୀ ପଠାଉଛନ୍ତି, ଏବେଠାରୁ ନୂଆ Income Tax Guidelines ଅନୁସାରେ ସେମାନେ **କେବଳ** website:

**donations.sriaurobindoashram.org**

Donations to Sri Aurobindo Ashram Trust

ସହାୟତାରେ ପ୍ରଣାମୀ ଦାଖଲ କରି ପାରିବେ । ଏହା ସହଜ ଏବଂ ସରଳ ଭାବେ ଉପଲବ୍ଧ ।

ଯଦି ଆପଣ Cheque କିଂବା Draft ମାଧ୍ୟମରେ ପ୍ରଣାମୀ ଦେଉଥା'ନ୍ତି ତାହା **Sri Aurobindo Ashram Trust** ନାମରେ ହେବା ବିଧେୟ । ଏଥି ସହିତ ଆପଣଙ୍କର PAN କିଂବା Aadhar Card Number ସବୁଥିରେ ଦେବା ଜରୁରୀ ଅଟେ ।

ଏ ସମ୍ପର୍କରେ ଅଧିକ କିଛି ଜାଣିବାକୁ ଚାହୁଁଥିଲେ ନବଜ୍ୟୋତି କାର୍ଯ୍ୟାଳୟ ସହ ଫୋନ୍ (୦୪୧୩ -୨୨୩୩୬୩୩) ଯୋଗେ ଯୋଗାଯୋଗ କରିପାରନ୍ତି ।

— ନବଜ୍ୟୋତି କାର୍ଯ୍ୟାଳୟ

tarika

## AYURVEDIC HERBAL REMEDIES

### Pimple / Acne Remover
Now, get rid of your stubborn pimples
and acne completely.
**Results visible in 8 days.** *(clinically proven)*

### Night oil for face
Removes marks and scars for a fair,
radiant, youthful skin.
Offsets the early formation of wrinkles.
*See a distinct improvement in skin tone and*
*texture within 3 to 4 weeks.*

### Hair Vitaliser oil
Controls hair loss and improves hair growth
*Regular use prevents hair thinning*
*and receding hair line*

### Gum oil
Quick relief from toothache, sensitive
teeth, receding gum, bleeding gum,
mouth ulcers, weak gum.
*Sure relief from multiple oral problems.*

### agni Pain relief oil
Fast relief from arthritis, joint and back pain,
spondylitis, muscle & tissue injury,muscular atrophy.
*Gives long term relief*

***100% Natural - Chemical free***

*Exported to over 16 countries including USA,*
*Germany, Italy, Australia etc.*

Available in Bhubaneswar *(wholesale/retail)*:
**Adarsh Food Processing Industry**
Flat no. 309. Madhaba Nilayam Complex, Near Rabi Talkies,
Lewis Road, Bhubaneswar - 751014, Cell No. 9437000646

Made in India by:
**Ayurlabs India**
32 Lally Tollendal Street, Pondicherry 605001.
Phone: 9442249355 / 0413-2224935 / 2339477
Email: sales@ayurlabsindia.com
Website: www.ayurlabsindia.com